# ବେଦାନ୍ତା

Spreading Knowledge Amongst Mankind.....

ମାର୍ଚ୍ଚ – ୨୦୧୭ MARCH - 2017



# ବେଦାନ୍ତୀ

[ ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ- ପତ୍ରିକା...

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର

## ଯୋଗାଯୋଗ

Whatsapp: + 91 9594993733

ଭ୍ରାମ୍ୟଭାଷ - + 91 8828213733

**Email ids:**

**vedantimagazine@gmail.com**

**editor.vedantimagazine@gmail.com**

# ଏଣୁତେଣୁ......

ଦେଶରେ ଅନେକ ରାଜ୍ୟମାନଙ୍କରେ ଆଜିକାଲି ନିର୍ବାଚନ ଚାଲିଛି ଏବଂ ବିଗତ ବର୍ଷପରି କିଛିଦିନ ପାଇଁ ରାଜନେତାମାନେ ପହଞ୍ଚିଯାଇଛନ୍ତି ଲୋକମାନଙ୍କର ପାଖରେ । ଭୋଟରମାନେ ମଧ୍ୟ ଜାଣନ୍ତି ରାଜନେତାମାନଙ୍କର ଏ ଅଚାନକ ଦର୍ଶନ କେବଳ କିଛି ଦିନପାଇଁ ଏବଂ ପୁଣି ସେମାନଙ୍କ ସଙ୍ଗେ ଦେଖାହେବ ଆଉ ପାଞ୍ଚବର୍ଷ ପରେ । କିନ୍ତୁ ଏଥର ଭୋଟରମାନଙ୍କର ଦେଶରେ କିଛିଟା ପରିବର୍ତ୍ତନ ଆଣିବା ପାଇଁ ସଂକଳ୍ପ ନେଇଛନ୍ତି ବୋଧହୁଏ । କାରଣ ଅନେକ ସ୍ଥାନରେ ନେତାମାନଙ୍କ ପ୍ରତି ବିରୋଧାଭାବ ପ୍ରକାଶ ପାଉଛି । ଅନେକ ରାଜ୍ୟରେ ଗ୍ରାମବାସୀମାନେ ଏକଜୁଟ ହେଉଛନ୍ତି ଆଉ ସେମାନଙ୍କ ଗ୍ରାମରେ କୌଣସି ଉନ୍ନତିକର କାର୍ଯ୍ୟ ହୋଇନଥିବାରୁ, କୌଣସି ନେତାଙ୍କୁ ଭୋଟ ଦେବାପାଇଁ ମନା କରିଦେଉଛନ୍ତି । ଅନେକ ଗ୍ରାମରେ ରାଜନେତାମାନଙ୍କର ପ୍ରବେଶ କରିବା ମଧ୍ୟ ବର୍ଜିତ କରାଯାଇଛି । ଗଣତନ୍ତ୍ରରେ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଆଜି ବି ନେତାମାନଙ୍କୁ କେବଳ ନିର୍ବାଚନ ସମୟରେ ଲୋକମାନଙ୍କ ଦୁଃଖ ଓ ଦୁର୍ଦ୍ଦଶା ଦେଖାଯାଉଛି । ନେତାମାନଙ୍କର ଘୋଷିତ ଓ ଅଘୋଷିତ ସଂପତି ବଢିଚାଲିଥିବା ସମୟରେ, ସାଧାରଣ ଜନତାଙ୍କ ଦୁଃଖ ଦୁର୍ଦ୍ଦଶା ଦୂର କରିବା ପାଇଁ ଅନେକ କମ ନେତା ଆଗଭର ହେଉଛନ୍ତି । ଏହାର କାରଣ ହେଉଛି ନେତା ହେବାପାଇଁ କୌଣସି ଯୋଗ୍ୟତାର ଦରକାର ହେଉନଥିବା । ଅନେକ ସ୍ଥାନରେ ଏବେବି ନେତାହେବାପାଇଁ ବାହୁବଳୀ ହିଁ ହେଉଛି ମୂଖ୍ୟ ଯୋଗ୍ୟତା ଆଉ ଜେଲରେ ବସି ନିର୍ବାଚନ ଲଢିବା ଆଜିର ଯୁଗରେ ଏକ ସାମାନ୍ୟ ଘଟଣା ହେଇଯାଇଛି । ଆଉ ଥରେ ରାଜନୀତିରେ ପ୍ରବେଶ କଲାପରେ, ନେତାମାନେ ପରିବାରବାଦ ରାଜନୀତିକୁ ବଢାଉଛନ୍ତି ଆଉ ଗାଦି ଛାଡିବାକୁ କୁଣ୍ଠିତ ହେଉଛନ୍ତି । ଯେଉଁଦିନ ପର୍ଯ୍ୟନ୍ତ ନେତାହେବାପାଇଁ କିଛି ଯୋଗ୍ୟତାର ମାପଦଣ୍ଡ ରଖା ନଯାଇଛି, ସେପର୍ଯ୍ୟନ୍ତ ଆମ ଦେଶର ସୁସ୍ଥ ରାଜନୀତି ଏକ ସ୍ୱପ୍ନ ହୋଇ ରହିଥିବ । ଦେଶର ଏହି ସମସ୍ୟାକୁ ଦୂର କରିବା ପ୍ରତ୍ୟେକ ନାଗରିକଙ୍କର କାର୍ଯ୍ୟ ଏବଂ ଏଥିପ୍ରତି ସଚେତନତା ବଢାଇବା ପାଇଁ ଆମ ସମସ୍ତଙ୍କୁ ପ୍ରୟାସ କରିବା ଦରକାର ।

ବନ୍ଦେ ଉତ୍କଳ ଜନନୀ ।

ଅରବିନ୍ଦ ମିଶ୍ର


# ଏ ସଂଖ୍ୟାରେ....


| | | |
|---|---|---|
| ଦେବଦାସୀ | ଅନୁସୂୟା ମିଶ୍ର | ୦୬ |
| ମାୟା | ନୃସିଂହ ଚରଣ ବେହେରା | ୦୯ |
| ହିନ୍ଦୁ ଶାସ୍ତ୍ର ଓ ମାଂସାହାର | ପ୍ରତିଭା ପ୍ରିୟଦର୍ଶିନୀ | ୧୦ |
| ସ୍ୱାମି, ସ୍ତ୍ରୀଙ୍କର ଝଗଡା | ଶଶଧର ମହାପାତ୍ର | ୨୦ |
| ବୋଉ | ନଚକେତା ସାହୁ | ୨୨ |
| ସୁନା ଇଲିଶି | କମଳା ଶତପଥୀ | ୨୩ |
| ସକାଳର ସାତଦିନ | କାଳକଙ୍କର | ୪୦ |
| ଘର ଭର୍ତ୍ତି ଅବସାଦ | ସନାତନ ମହାକୁଡ | ୪୧ |
| ନରେ ବା ଗୁଞ୍ଜରେ... | ଡ. ବିଜ୍ଞାନୀ ଦାସ | ୪୨ |
| କଞ୍ଚା ମାଠିଆ | ସୁସ୍ମିତା ମହାପାତ୍ର | ୫୦ |
| ଚୂଡି | ସୁଲୋଚନା ପଟ୍ଟନାୟକ | ୫୧ |
| ବିପ୍ଳବୀ ସୁଭାଷ | ଅନାମ ଚରଣ ସାହୁ | ୫୬ |
| ଦ୍ୱିବିଧା | ଶାନ୍ତିଲତା ମିଶ୍ର | ୫୮ |
| ଶୀତ | ବରୁଣ କୁମାର ଦାସ | ୬୪ |
| ସମ୍ପର୍କ | ବିନୟ ମହାପାତ୍ର | ୬୫ |
| ଦୋଳ ପୂର୍ଣ୍ଣିମା | ହିମାଂଶୁ ଶେଖର ବାରିକ୍ | ୬୮ |
| ଅସ୍ତରାଗିଣୀ ( ଧାରାବାହିକ) | ପ୍ରଫେସର ଅନନ୍ତ ପଣ୍ଡା | ୬୯ |
| ଶିଙ୍କୁଳ ଛିଣ୍ଡାଇ | ଜିତେନ୍ଦ୍ରୀୟ ବେହେରା | ୭୨ |
| 'କ' ରେ ବାଡି 'କା' | ଆଶା ସାହୁ | ୭୩ |

| | | |
|---|---|---|
| ଶବ୍ଦ ପାଇଁ ଗୀତ | ଆଶୁତୋଷ ମେହେର | ୭୭ |
| ମାଟିର ସରଗ<br>( ଏକ ଭିନ୍ନ ସ୍ୱାଦର ଉପନ୍ୟାସ ) | କାଳକଙ୍କର | ୭୮ |
| ଝୁରେ ଏ ମନ | ଲିନା ମହାନ୍ତି | ୮୫ |
| ପୁନଶ୍ଚ ବସନ୍ତ | ସୁବ୍ରତ କୁମାର ମୁଦୁଲି | ୮୬ |
| ସମର୍ପଣ | ପ୍ରଦେଶ କୁମାର ପ୍ରଧାନ | ୮୭ |
| ବିଶ୍ୱାସ | ଦୀପକ ଷଡଙ୍ଗୀ | ୮୮ |
| ଦାସ ବୁଢା | ଇଂ. ସାରଦା ପ୍ରସାଦ ପରିଡା | ୯୦ |
| କେମିତି ସମ୍ପର୍କ ଇଏ | ପ୍ରଶାନ୍ତ କୁମାର ନାଥ | ୯୫ |
| ଆଇଜଲ, ମିଜୋର୍ମ୍<br>- ଧାର୍ବାହିକ ଭ୍ରମଣ କାହାଣୀ- | ପ୍ରିୟବ୍ରତ ପାତ୍ର | ୯୬ |
| ନିଶା | ସଚ୍ଚିଦା ନନ୍ଦ ବାରିକ | ୧୦୧ |
| ଟାକଛେଁ | ଫିରୋଜ କୁମାର ପଟେଲ | ୧୦୩ |
| ବଞ୍ଚିବାକୁ ଦିଅ | ଶୁଭମ ନାୟକ | ୧୦୪ |
| ପର୍ବପର୍ବାଣୀ | ବେଦାନ୍ତୀ ପରିବାର | ୧୦୫ |
| ଟିକଏ ହସନ୍ତୁ | ସଂଗୃହୀତ | ୧୦୬ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୧୦୭ |




# ଦେବଦାସୀ



ଅନୁସୂୟା ମିଶ୍ର

"ଦେବତା"ର "ଦାସି" ସିଏ । ଦେବତାଠାରେ ହିଁ ନିହିତ ତା ମନର ସକଳ ଅନୁରକ୍ତି । ନିଜତ୍ୱକୁ ସର୍ବତୋଭାବେ ଜଳାଞ୍ଜଳୀ ଦେଇ ଦେବତା ବା ତା ଇଷ୍ଟଙ୍କୁ ଆନନ୍ଦ ପ୍ରଦାନ ହିଁ ତା ଜୀବନର ଏକମାତ୍ର ଲକ୍ଷ୍ୟ । ନୃତ୍ୟଗୀତାଦି କଳାନୈପୁଣ୍ୟ ପ୍ରଦର୍ଶନ କରି ତା ପ୍ରଭୁଙ୍କୁ ସେ ଯେତିକି ଆନନ୍ଦ ପ୍ରଦାନ କରେ, ତା ଠାରୁ ଶତଗୁଣ ଆନନ୍ଦିତ ହୋଇଥାଆନ୍ତି ତା ପ୍ରଭୁ ନୃତ୍ୟର ଛନ୍ଦେ ଛନ୍ଦେ ପ୍ରସ୍ଫୁଟିତ, ସଙ୍ଗୀତର ତାଳେ ତାଳେ ଅନ୍ତର୍ନିହିତ ତା ମନର ସମର୍ପଣ ଭାବକୁ ଗ୍ରହଣ କରି । ସାମାଜିକ ଦୃଷ୍ଟିରେ ଧର୍ମବିଶ୍ୱାସ ଉପରେ ଆଧାରିତ ଏକ ଦାସତ୍ୱର ଶୃଙ୍ଖଳରେ ସେ ଆଜୀବନ ଜଡି ରହିଥିଲେ ମଧ୍ୟ ଭାବଜଗତରେ ସେବା ମାଧ୍ୟମରେ ସେ ବାନ୍ଧି ରଖିଥାଏ ତା ସେବ୍ୟଙ୍କୁ । ତା ଅର୍ପିତ ସେବାକୁ ପ୍ରଭୁଙ୍କର ଗ୍ରହଣଯୋଗ୍ୟ କରିବା ନିମନ୍ତେ ଯେତିକି ବ୍ୟାକୁଳତା ଭରି ରହିଥାଏ ତା ମନରେ, ସେତିକି ଉଦାରତାର ସହିତ ପ୍ରଭୁ ମଧ୍ୟ ପ୍ରାର୍ଥି ହୋଇଥାଆନ୍ତି ପ୍ରତ୍ୟହ ତା ଠାରୁ ସେବା ଗ୍ରହଣ କରିବା ପାଇଁ । ପରସ୍ପରର ଆନନ୍ଦବିଧାନ ହିଁ ଥାଏ ଏହି ସେବ୍ୟ- ସେବିକା ଭାବଗତ ସମ୍ପର୍କର ମୂଳ ଆଧାର ।

ଉପରୋକ୍ତ ମହାନ୍ ଚିନ୍ତାଧାରା ଉପରେ ହିଁ ପର୍ଯ୍ୟବେଶିତ ଜଗନ୍ନାଥ ସଂସ୍କୃତି ରେ ବହୁ ପୁରାତନ ଯୁଗରୁ ପ୍ରଚଳିତ ଏକ ପାରଂପରିକ ପ୍ରଥା – ଦେବଦାସୀ ପ୍ରଥା । ନାରୀମାନଙ୍କୁ ଶ୍ରୀମନ୍ଦିରରେ ଜଗନ୍ନାଥ ମହାପ୍ରଭୁଙ୍କର ପ୍ରତ୍ୟକ୍ଷ ସେବାର ସୁଯୋଗ ଦେବା ଉଦ୍ଦେଶ୍ୟରେ ମହାରାଜ କପିଳେନ୍ଦ୍ର ଦେବଙ୍କ ସମୟରେ ଏହି ପ୍ରଥାରେ ସୃଷ୍ଟି ହୋଇଥିଲା ବୋଲି ବିଶ୍ୱାସ କରାଯାଏ । ମହାପ୍ରଭୁ ନିଦ୍ରା ଯିବା ସମୟରେ ଦେବଦାସୀମାନେ ନୃତ୍ୟ ଓ ଗୀତ ମାଧ୍ୟମରେ ତାଙ୍କୁ ଆନନ୍ଦ ପ୍ରଦାନ କରିଥାଆନ୍ତି । ଏହି ନୃତ୍ୟକୁ ମାହାରୀ ନୃତ୍ୟ କୁହାଯାଏ । କିମ୍ବଦନ୍ତି ଅଛି ଯେ, ଏକଦା ଜଣେ ବାଳିକାର ଗୀତଗୋବିନ୍ଦ ଆବୃତ୍ତିରେ ଆକୃଷ୍ଟ ହୋଇ ଜଗନ୍ନାଥ ମହାପ୍ରଭୁ ମନ୍ଦିରରୁ ବାହାରି ତାକୁ ଅନୁସରଣ କରି ଯାଉଥିବା ସମୟରେ ବାଟରେ ଗୋଟିଏ ବୁଦାରେ ଲାଗି ତାଙ୍କ ପିନ୍ଧାଲୁଗାରୁ ଖଣ୍ଡେ ଚିରି ଯାଇଥିଲା । ପରେ ସେହି ଛିଣ୍ଡା ଅଂଶଟି ମିଳିବାରୁ ସମସ୍ତ ବୃତାନ୍ତ ଜଣା ପଡିଥିଲା । ଗୀତଗୋବିନ୍ଦ ଶୁଣିବା ପାଇଁ ମହାପ୍ରଭୁଙ୍କର ଆଗ୍ରହ ଥିବା ଜାଣି ଗଜପତି ମହାରାଜ ସେହି ବାଳିକାଟିକୁ ଖୋଜି କରି ଆଣି ମନ୍ଦିରରେ ଦେବଦାସୀ ହିସାବରେ ନିଯୁକ୍ତି ଦେଇଥିଲେ ଏବଂ ସେ ପ୍ରତ୍ୟହ ମହାପ୍ରଭୁଙ୍କୁ ଗୀତଗୋବିନ୍ଦ ଗାନକରି ଶୁଣାଉଥିଲା ।

ଏହି ପ୍ରଥାରେ ଅନ୍ତର୍ନିହିତ ଧାର୍ମିକ ବିଶ୍ୱାସ ଅନୁସାରେ ପିତାମାତା ପୂର୍ବସଂକଳ୍ପ ବା ମାନସିକ ଅନୁଯାୟୀ ତାଙ୍କର କନ୍ୟାକୁ ଜନ୍ମ ସମୟରୁ ହିଁ ଜଗନ୍ନାଥଙ୍କୁ ସମର୍ପଣ କରିଥାଆନ୍ତି । ବାଲ୍ୟକାଳରୁ କନ୍ୟାଟିର ମନରେ ଏକ ପବିତ୍ର ଚନ୍ତାଧାରାକୁ ଭରି ଦିଆଯାଇଥାଏ ଯେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ହିଁ ତା ଜୀବନ ।

ଯେଉଁଭଳି ଚଳଣିରେ ରହିଲେ ସେ ଦେବତାର ଯୋଗ୍ୟ ହୋଇପାରିବ ସେହିଭଳି ସଂଜତ ଜୀବନଶୈଳୀରେ ତାକୁ ଅଭ୍ୟସ୍ତ କରାଇବା ସଙ୍ଗେ ସଙ୍ଗେ ନୃତ୍ୟ ଗୀତ ଆଦି ମଧ ଶିକ୍ଷା ଦିଆଯାଇଥାଏ । ଗୃହଯୋଗ୍ୟା ହୋଇସାରିବା ପରେ ଯେଉଁଦିନ ମନ୍ଦିରରେ ପାରଂପରିକ "ଶାଢୀବନ୍ଧା" ରୀତି ମାଧମରେ ସେ ମହାପ୍ରଭୁଙ୍କୁ ଉତ୍ସର୍ଗୀକୃତ ହୁଏ, ସେତେବେଳକୁ ତାର ସରଳ ମାନସିକତାରେ ବିଶ୍ୱାସଟିଏ ଅଲିଭା ଗାର ହୋଇ ରହିଯାଇଥାଏ ଯେ ତା ଅବଶିଷ୍ଟ ଜୀବନର ଏକମାତ୍ର ଅବଲମ୍ବନ, ତା ଦେହ, ମନ, ପ୍ରାଣର ଏକମାତ୍ର ଅଧୀଶ୍ୱର ହେଉଛନ୍ତି ମହାପ୍ରଭୁ ଜଗନ୍ନାଥ, ଠିକ୍ ଯେମିତି ଦିନେ ମିରାବାଈ ଶ୍ରୀକୃଷ୍ଣଙ୍କ ପାଦପଦ୍ମରେ ନିଜକୁ ସମର୍ପଣ କରିଦେଇ ଗାଇଥିଲେ..... "ମେରେ ତୋ ଗିରିଧର୍ ଗୋପାଲ୍ ଦୁସରା ନା କୋଇ" । ମହାପ୍ରଭୁଙ୍କ ଦୈନନ୍ଦିନ ଦେବନୀତି ଦେବଦାସୀର ସେବାରେ ହିଁ ଶେଷ ହୋଇଥାଏ । ନୃତ୍ୟ ଓ ଗୀତ ମାଧମରେ ଦେବଦାସୀଟି ତା ଅନ୍ତରର ନୈବେଦ୍ୟ ଅର୍ପଣ କରିବା ପରେ ପ୍ରଭୁଙ୍କର ପହଡ ପଡିଥାଏ । ମହାପ୍ରଭୁଙ୍କୁ ସ୍ୱାମୀ ହିସାବରେ ଗ୍ରହଣ କରିଥିବାରୁ ଦେବଦାସୀମାନେ ଅନ୍ୟତ୍ର ବିବାହ କରନ୍ତି ନାହିଁ ଏବଂ ନବକଳେବର ସମୟରେ ହିନ୍ଦୁରୀତିରେ ବିଧବା ହୋଇଥାଆନ୍ତି । ପୋଷ୍ୟକନ୍ୟା ଗ୍ରହଣ କରି ସେମାନେ ଏହି ପ୍ରଥାକୁ ଆଗକୁ ବଢାଇ ଥାଆନ୍ତି । ମନ୍ଦିର ପ୍ରଶାସନ ତରଫରୁ ସେମାନଙ୍କୁ ନିଜସ୍ୱ ଭରଣ ପୋଷଣ ପାଇଁ ଭୂସଂପତ୍ତି ଯୋଗାଇ ଦେବା ସଙ୍ଗେ ସଙ୍ଗେ ସମସ୍ତ ପ୍ରକାର ସୁରକ୍ଷାରେ ବ୍ୟବସ୍ଥା ମଧ ଦିଆଯାଇଥାଏ ।

ଧାର୍ମିକ ବିଶ୍ୱାସକୁ ବାଦ୍ ଦେଲେ ଏହି ପ୍ରଥାର ପ୍ରଚଳନର ମୂଳରେ ଦାରିଦ୍ର୍ୟର କଷାଘାତରେ ଜର୍ଜରିତ ପିତାମାତାଙ୍କ କୋଳରେ ଯେତେବେଳେ କନ୍ୟା ସନ୍ତାନଟିଏ ଜନ୍ମ ନିଏ ଏବଂ ତାକୁ ସୁରକ୍ଷିତ ଭବିଷ୍ୟତଟିଏ ଦେବାପାଇଁ ସେମାନେ ନିଜକୁ ଅସମର୍ଥ ବୋଲି ବିବେଚନା କରନ୍ତି, ସେତେବେଳେ କେହି କେହି ମନେ ମନେ ସଂକଳ୍ପ କରି କନ୍ୟାଟିକୁ ମହାପ୍ରଭୁଙ୍କୁ ସମର୍ପଣ କରିଦିଅନ୍ତି । ସେହି କନ୍ୟାଟି ବଡହେବା ପରେ ମନ୍ଦିରକୁ ଆସି ଦେବଦାସୀର ପବିତ୍ର ଜୀବନଚର୍ଯ୍ୟା ମଧରେ ମହାପ୍ରଭୁଙ୍କ ସେବାରେ ନିଜର ସମସ୍ତ ଜୀବନ ଅତିବାହିତ କରିଦିଏ ।

ସମୟକ୍ରମେ ଏହି ପବିତ୍ର ପଥା ମଧ କଳୁଷିତ ହେବାକୁ ଲାଗିଲା । କେତେବେଳେ ମନ୍ଦିର ଅନ୍ତେବାସୀଙ୍କର ଅମାନବିକତା ଦେବତାର ନୈବେଦ୍ୟକୁ କଳଙ୍କିତ କଲା ତ କେତେବେଳେ ପରିସ୍ଥିତିର ଗ୍ରାସରେ ପଡି ପବିତ୍ରତା ସଙ୍ଗେ ଆଜୀବନ ଚୁକ୍ତିବଦ୍ଧ ହୋଇଥିବା ସରଳ ମନଟିଏ

ପ୍ରବୃତ୍ତିବଶରେ ନଜେ ହିଁ ଟପି ଗ୍ଲଲିଗଲ୍ ସଂଯମର ସମସ୍ତ ସୀମାରେଖା । ଫଳସ୍ୱରୂପ, ସାମାଜିକ ବିଶୃଙ୍ଖଳାର କାରଣ ହୋଇପଡିଥିବା ଏହି ପ୍ରଥାରୁ କ୍ରମେ କ୍ରମେ ଧାର୍ମିକ ଚନ୍ତାଧାର୍‌ର ପ୍ରଭ୍‌ବ ହ୍ରାସ ପାଇବାକୁ ଲ୍‌ଗିଲ୍ ଏବଂ ସାମାଜିକ ମାନ୍ୟତାର ଅଧୋଗତିକୁ ଦୃଷ୍ଟିରେ ର ଜନସାଧାରଣଙ୍କ ମନରେ ମଧ୍ୟ ଏହି ସେବା ପାଇଁ ଆଗ୍ରହ କମିବାକୁ ଲ୍‌ଗିଲ୍ । ସମାଜର ବିଭିନ୍ନ ସ୍ତରରୁ ଅନେକ ବିର୍‌ୋଧ ଓ ବିବାଦର ସମ୍ମୁଖୀନ ହୋଇ କାଳକ୍ରମେ ଏହା ନଜର ଅସ୍ତିତ୍ୱ ହର୍‌ାଇ ବସିଲ୍ ।

ସେବାଭ୍‌ବର ସର୍ବୋଚ୍ଚ ସ୍ତରରେ କାୟମନୋବାକ୍ୟରେ ଇଷ୍ଟ- ସମର୍ପଣର ଚରମ ନଦର୍ଶନ ହିଁ ହେଉଛି ଦେବଦାସୀ । "ସତ୍" ସ୍ୱରୂପ ଭଗବାନଙ୍କୁ ଅବଲମ୍ବନ କରି ଯାହାର ଜୀବନ ସେ ସତୀର ମାନ୍ୟତା ପାଇବା ପାଇଁ ସର୍ବତୋଭ୍‌ବରେ ଯୋଗ୍ୟା ହୋଇଥିଲେ ମଧ୍ୟ ପରିବର୍ତ୍ତନଶୀଳ ସମୟ୍‌ ସଙ୍ଗେ ତାଳ ଦେଇ ଯାଉ ଯାଉ ସାମାଜିକ ବ୍ୟଭିଗ୍ଲରର ଶିକାର ହୋଇ ଆଖ୍ୟାଟିଏ ପାଇଥିଲ୍ "ମନ୍ଦିରବେଶ୍ୟା" । ଦେବଭ୍‌ୋଗ୍ୟା ନାରୀଟିଏ ସମୟ୍‌ର ଚକତଳେ ପାଲଟିଗଲ୍ ସମାଜର ମୁଷ୍ଟିମେୟ୍‌ ବ୍ୟକ୍ତିବିଶେଷଙ୍କର ମନୋରଞ୍ଜନର ସାମଗ୍ରୀ । ଧର୍ମର ମୁଖାତଳେ କାୟ୍‌ା ବିସ୍ତାର କରିଥିବା ଏହି ଘୃଣ୍ୟ ବ୍ୟଭିଗ୍ଲରକୁ ଖୁବ୍ ଚହ୍ନି ପାରିଥିଲେ ଜଗନ୍ନାଥ ମହାପ୍ରଭୁଙ୍କର ଶେଷ ଦେବଦାସୀ ହିସାବରେ ପରିଚତା ଶଶିମଣୀ ଦେବୀ । ତେଣୁ ଏହି ପ୍ରଥାକୁ ଆଉ ଆଗକୁ ନ ବଢେଇବା ଉଦ୍ଦେଶ୍ୟରେ ସେ କୌଣସି ପୋଷ୍ୟକନ୍ୟା ଗ୍ରହଣ କରିନଥିଲେ । ଫଳରେ ୨୦୧୫ ମସିହାରେ ତାଙ୍କ ମୃତ୍ୟୁ ହିଁ ଆଙ୍କି ଦେଇଥିଲ୍ ଦିର୍ଘ ୮୦୦ ବର୍ଷରୁ ପ୍ରଚଳତ ଏକ ମହାନ୍ ପରମ୍ପର୍‌ାର ଅସ୍ତିତ୍ୱ ବିଲୁପ୍ତିର ମୋହର ।

ଶତାବ୍ଦୀ ନଗର, ୟୁନଟ୍- ୮, ଭୁବନେଶ୍ୱର



# ମାୟା



ନୃସିଂହ ଚରଣ ବେହେରା

ପରିବର୍ତ୍ତନୀୟ ଏ ସାରା ସଂସାରେ
ଯିଏ ଜନ୍ମ ହେବ ମରିବ
ମର ଶରୀରଟି ମାଟିରେ ମିଶିବ
ଆତ୍ମାହିଁ ନମରି ରହିବ
ଅମର ଏକା ସେ ହୋଇବ
ମାନବ ସେବାରେ ଲାଗିଥାଏ ଯିଏ
ତା ଜନ୍ମ ସଫଳ ହୋଇବ ।
ଅନଳର ଶକ୍ତି ନଜାଣି ପତଙ୍ଗ
ଜଳନ୍ତା ଅଗ୍ନିରେ ଜଳଇ
ବନଶୀରେ ଗୁନ୍ଥା ଜିଆଟିକୁ ଗିଳ
ମାଛ ତ ମୃତ୍ୟୁକୁ ବରଇ
ଖାଦ୍ୟର ଲୋଭ ଦେଖାଇ
ଶିକାରୀ ଶିକାର କରେ ପଶୁ ପକ୍ଷୀ
ଜାଲକୁ ଦେଇ ବିଛାଇ ।
ସାପର ପାଟିରେ ଥାଇ ବେଙ୍ଗ ଦେଖେ
କଙ୍କିଟି ଆକାଶେ ଉଡୁଛି
ପାଟିକି ମେଲାଇ ଧରିବାକୁ ଚାହେଁ
ଭାବେନା ତା ପ୍ରାଣ ଯାଉଛି
ମଣିଷତ ସବୁ ଜାଣୁଛି
ସୁଖ ସମ୍ଭୋଗକୁ ଅଳକ ଜାଣିବି
ମାୟା ମୋହେ ବୁଡି ରହୁଛି ।



ଭୋଇନଗର, ଭୁବନେଶ୍ୱର

# ହିନ୍ଦୁ ଶାସ୍ତ୍ର ଓ ମାଂସାହାର



ପ୍ରତିଭା ପ୍ରିୟଦର୍ଶିନୀ

ସାଧାରଣତଃ କିଛି ନାମକରା ପ୍ରସିଦ୍ଧ ଲୋକଙ୍କ ଭାଷ୍ୟକୁ ଉଦ୍ଧାର କରି ଅଧିକାଂଶ ବୁଦ୍ଧିଜୀବୀ କୁହନ୍ତି ମାଂସ( ଏପରିକି ଗୋମାଂସ) ଭକ୍ଷଣ ହିନ୍ଦୁ ମାନଙ୍କ ଦୈନନ୍ଦିନ ଜୀବନର ଅଂଶ ରହିଆସିଛି। କିନ୍ତୁ ପ୍ରାୟତଃ କେହି, ହିନ୍ଦୁ ଧର୍ମର ସିଦ୍ଧ ଧର୍ମପ୍ରବର୍ତ୍ତକ( prophets) ମାନଙ୍କ ଭାଷ୍ୟ ବା ବିବରଣ କୁ ଉଦ୍ଧାର କରନ୍ତି ନାହିଁ। ଯେବେକି ଈଶ୍ୱରଙ୍କ ବିଶେଷ କରୁଣାପ୍ରାପ୍ତ ସେହି ସନ୍ଥ ମାନଙ୍କ ଦ୍ୱାରା ବେଦ ଉପନିଷଦ ଏବଂ ପୁରାଣ ବିଷୟରେ ଲେଖାଯାଇଥିବା ଭାଷ୍ୟ ହିଁ ବୈଧ ଅଟେ। କିନ୍ତୁ ବିଡମ୍ବନା ଯେ ଅଧିକାଂଶ ଲୋକ ଅନ୍ୟମାନଙ୍କ ଦ୍ୱାରା କରାଯାଇଥିବା ଅନୁବାଦ ଓ ସମୀକ୍ଷା ଗ୍ରହଣ କରି ସତ୍ୟ ବୋଲି ବିଶ୍ୱାସ କରନ୍ତି, ମାତ୍ର ସିଦ୍ଧ ସନ୍ଥଙ୍କ ଉକ୍ତି କୁ ଅଣଦେଖା କରନ୍ତି। ସେହିଭଳି କିଛି ସିଦ୍ଧ ପୁରୁଷ ଯେଉଁମାନେ ଆମ ଧର୍ମଗ୍ରନ୍ଥ ଗୁଡିକର ସରଳ ଆଲୋଚନା କରିଛନ୍ତି, ସେମାନଙ୍କ ମଧ୍ୟରେ ପ୍ରମୁଖ ହେଉଛନ୍ତି:

* ଆଦି ଶଙ୍କରାଚାର୍ଯ୍ୟ ( ୭୮୯- ୮୨୧) - ଭଗବାନ ଶଙ୍କର ଙ୍କ ଅବତାର ରୂପେ ବିଦିତ। ବେଦ ଏବଂ ଉପନିଷଦ ଗୁଡିକୁ ସରଳକୃତ ଭାଷ୍ୟରେ ସାଧାରଣ ମନୁଷ୍ୟ ନିକଟରେ ପହଞ୍ଚାଇଥିଲେ। ବୈଦିକ ଧର୍ମ ଓ ଅଦ୍ୱୈତ ବେଦାନ୍ତ କୁ ତାହାର ମୂଳ ଶୁଦ୍ଧ ରୂପରେ ପୁନଃପ୍ରତିଷ୍ଠା କରିଥିଲେ।

* ଭଗବତ ପାଦ - ବେଦାନ୍ତ ର ଅଦ୍ୱୈତ ମାର୍ଗ ର ପ୍ରଣେତା ଏବଂ ଭଗବାନ ଶିବଙ୍କ ଅଂଶାବତାର ରୂପେ ଖ୍ୟାତ।

* ଶ୍ରୀମଦ ରାମାନୁଜାଚାର୍ଯ୍ୟ - ବ୍ରହ୍ମସୂତ୍ର ଉପରେ ଆଲୋଚନା କରି ଶ୍ରୀଭାଷ୍ୟ ରଚନା କରିଛନ୍ତି। ସେ ମଧ୍ୟ ବିଶିଷ୍ଟ ଅଦ୍ୱୈତ ସିଦ୍ଧାନ୍ତ ର ସଂସ୍ଥାପକ ଓ ଆଦିଶେଷଙ୍କ ଅବତାର ଭାବେ ଆଦୃତ।

* ଶ୍ରୀମଦ ମାଧବାଚାର୍ଯ୍ୟ - ବେଦାନ୍ତ ର ଦ୍ୱୈତ ମାର୍ଗ ର ପ୍ରତିଷ୍ଠାତା ଓ ବାୟୁଦେବ ଙ୍କ ଅବତାର ଭାବେ ପ୍ରସିଦ୍ଧ।

* ଶ୍ରୀମଦ ନିମ୍ବାର୍କାଚାର୍ଯ୍ୟ - ବେଦାନ୍ତର ଦ୍ୱୈତଅଦ୍ୱୈତ ମାର୍ଗ ର ପ୍ରତିଷ୍ଠାତା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ର ର ମାନବ ଅବତାରେ ଭାବେ ପ୍ରସିଦ୍ଧ।

* ଶ୍ରୀମଦ ବଲ୍ଲଭାଗ୍ରର୍ଯ୍ୟ - ବେଦାନ୍ତ ର ଶୁଦ୍ଧ ଦ୍ୱୈତ ମାର୍ଗର ସଂସ୍ଥାପକ ଓ ପ୍ରଣେତା ତଥା ଅଗ୍ନିଦେବଙ୍କ ଅବତାର ଭାବେ ମାନ୍ୟ।

ଏହି ଧର୍ମ ପ୍ରବର୍ତ୍ତକ ମାନଙ୍କୁ ଧର୍ମ ପ୍ରବର୍ତ୍ତକ ବୋଲି ଯଥାର୍ଥରେ କୁହାଯାଏ କାରଣ ସେମାନଙ୍କ ଜୀବନ ଇତିହାସ ଦେଖିଲେ ସ୍ପଷ୍ଟ ଜାଣି ହୁଏ ଯେ ଦ୍ୱନ୍ଦଗ୍ରସ୍ତ ମାନବମାତ୍ରର ଉଦ୍ଧାର ଓ ଜ୍ଞାନୋଦୟ ପାଇଁ ସ୍ୱୟଂ ଈଶ୍ୱର ସେମାନଙ୍କୁ ଅବତାରୀ ଜନ୍ମଗ୍ରହଣ କରାଇବା ପାଇଁ ବିଧି ନର୍ଦ୍ଧିଷ୍ଟ କରିଥିଲେ। ଏଭଳି ଅନେକ ଘଟଣା ଦୃଷ୍ଟିକୁ ଆସେ ଯେଉଁଠି ଭଗବାନ ପୂର୍ଣ୍ଣ ବା ଅଂଶ ଅବତାର ଧରି ପୃଥିବୀ ପୃଷ୍ଠରେ ଜନ୍ମନେଇ ନିଜ କର୍ମ ଓ ଜ୍ଞାନର ଦୃଷ୍ଟାନ୍ତ ଦେଇ ଧର୍ମକୁ ସରଳ ଓ ସହଜ ଭାବରେ ପ୍ରତିପାଦିତ କରିଛନ୍ତି। ତେଣୁ ପ୍ରଥମେ ସେମାନଙ୍କ ଦ୍ୱାରା ପ୍ରଦତ୍ତ ଭାଷ୍ୟ ବା ବିବରଣୀ ଗୁଡିକୁ ପଢିବା ଶ୍ରେୟସ୍କର।

ବେଦ, ପୁରାଣ ଉପରେ ଯେକେହି ଆଲୋଚନାମୂଳକ ସନ୍ଦର୍ଭ ଲେଖିଦେଇପାରେ, କିନ୍ତୁ ସେ ସବୁକୁ ବୈଧ ବୋଲି ଗ୍ରହଣ କରିହେବ ନାହିଁ। କାରଣ ଅନେକ ବିଜ୍ଞଲୋକ ମଧ୍ୟ ମାୟାର ପ୍ରଭାବରେ ଅତି ସାଧାରଣ ଭୁଲ କରିବସନ୍ତି। ଉଦାହରଣ ସ୍ୱରୂପ ଯେବେ "ଗୋ" ଶବ୍ଦ ସଂସ୍କୃତରେ ବ୍ୟବହାର କରାଯାଏ, ପୃଥିବୀ, ନଦୀ ଭଳି ବିଭିନ୍ନ ଅର୍ଥ ସ୍ଥଳବିଶେଷ ରେ ବୁଝାଏ। ସେହିଭଳି ଦାନ, ଅର୍ପଣ ବା ନୈବେଦ୍ୟ ଯାହାକୁ ଇଂରାଜୀ ରେ offering କୁହାଯାଏ, ତାହାର ଅର୍ଥ ନୁହେଁ ନିଆଁରେ ଫିଙ୍ଗିବା। ତେଣୁ ସନ୍ଥ ମାନଙ୍କ ବ୍ୟତିତ ଅନ୍ୟମାନଙ୍କ ଦ୍ୱାରା କରାଯାଇଥିବା ବିଶ୍ଳେଷଣ ଓ ଅନୁବାଦ କୁ ବିଶ୍ୱାସ କରିବା ସର୍ବଦା ଠିକ୍ ହୋଇନପାରେ।

କେତେକ ଅନୁବାଦକ ମୂଳ ଭାଷାର ତ୍ରୁଟିପୂର୍ଣ୍ଣ ବା ଭୁଲ ଅନୁବାଦର ଶିକାର ହୋଇଛନ୍ତି। ଆଉକିଛି କୁତ୍ସିତ ଓ ଅଭିସନ୍ଧି ମୂଳକ ଅନୁବାଦ କରି ଗୋମାଂସ ପ୍ରତି ନିଜ ରୁଚକୁ ଯଥାର୍ଥ ପ୍ରତିପାଦିତ କରିବାକୁ ଶାସ୍ତ୍ର ଉକ୍ତି କୁ ଭୁଲ ଭାବରେ ପରିବେଷଣ କରିଛନ୍ତି। "ମାଂସ" କୁ meat ବା ପଶୁମାଂସ ଭାବେ ଲେଖିଛନ୍ତି। ଯେତେବେଳେ କି ମାଂସ ଶବ୍ଦର ପ୍ରକୃତ ଅର୍ଥହେଉଛି ନରମ ଉପାଦାନ, ଶସ ବା ମଣ୍ଡ। Meat କୁ ମାଂସ ଏଥିପାଇଁ କୁହାଯାଏ ଯେ ତାହା ଜୀବ ଶରୀର ର ଭିତର ନରମ ଅଂଶ। ତେଣୁ କୌଣସି ମନ୍ତ୍ର ବା ଭାଷ୍ୟରେ ମାଂସ ଶବ୍ଦର ଉଲ୍ଲେଖ ସର୍ବଥା ମାଂସ ଭକ୍ଷଣକୁ ସମର୍ଥନ କରେ ନାହିଁ। ଏଠାରେ ସେହିଭଳି କିଛି ଭୁଲ ଅନୁବାଦ କରାଯାଇଥିବା ମନ୍ତ୍ର କୁ ତାହାର ସଠିକ ଅନୁବାଦ ସହ ତୁଳନା କରି କିଛି ତଥ୍ୟ ଉଜାଗର କରିବା ପ୍ରୟାସ କରିଛି।

ଏହା ଅତ୍ୟନ୍ତ ପରିତାପ ର ବିଷୟ ଯେ ଆମକୁ ସହାୟକ ଗ୍ରନ୍ଥ ଭାବରେ ଯାହା ମିଳୁଛି, ତାହା ବିଦେଶୀ ଅନୁବାଦକ ମାନଙ୍କ ଦ୍ୱାରା ଆମ ଶାସ୍ତ୍ର ଗୁଡିକର ଅନୁବାଦିତ ସଂସ୍କରଣ। ସେହି

ଅନୁବାଦକ ଙ୍କ ମଧ୍ଯରୁ ଅଧିକାଂଶ ସଂସ୍କୃତ ଭାଷାକୁ ସଠିକ ଭାବେ ଜାଣିନ୍ତି ନାହିଁ। ସଂସ୍କୃତ ରେ ବାକ୍ୟ କଭଳି ଗଠିତ ହୁଏ, ସେ ନେଇ ମଧ୍ଯ ଅନଭିଜ୍ଞ। ଏହା ସେମାନଙ୍କ ଚତୁରତାପୂର୍ଣ୍ଣ କାର୍ଯ୍ୟ। କନ୍ତୁ କ୍ଷୋଭହୁଏ ଯେବେ ଭାରତୀୟ ଜ୍ଞାନୀ ମାନେ ସେଗୁଡିକୁ ଠିକ( authentic) ବୋଲି ମାନ୍ୟତା ଦିଅନ୍ତି। ସେହିଭଳି କଛି ଅନୁବାଦକ ହେଉଛନ୍ତି Grifith ଓ Willson।

୧- ମିଥ୍ୟା- ଇନ୍ଦ୍ର କୁକୁର ର ପାକସ୍ଥଳ ରାନ୍ଧି ଖାଇଥିଲେ

ବ୍ୟବହୃତ ମନ୍ତ୍ର

अवर्त्या शुन आन्त्राणि पेचे न देवेषु विविदे मर्डितारम |
अपश्यं जायाम अमहीयमानाम अधा मे शयेनो मध्व आ जभार ||

[ ଋକ୍ ବେଦ ମଣ୍ଡଳ ୪ ସୂକ୍ତ ୧୮ ମନ୍ତ୍ର ୧୩]

avartyā śuna āntrāṇi pece na deveṣu vivide marḍitāram |
apaśyaṃ jāyām amahīyamānām adhā me śyeno madhv ā jabhāra ||
[Rigved book 4, hymn 18, Mantra or verae 13]

Griffth Translation: In deep distress I cooked a dog's intestines. Among the Gods I found not one to comfort.
My consort I beheld in degradation. The Falcon then brought me the pleasant Soma.

ପ୍ରକୃତ ଅର୍ଥ-

ଅବ୍ୟର୍ତ୍ତ୍ୟା- ଅର୍ଥାତ ଜନ୍ମ ମୃତ୍ୟୁ ର ଚକ୍ରରୁ ମୁକ୍ତ ହେବା

ଶୂନ- ଏହି ଶବ୍ଦଟି ରେ ହିଁ ସମସ୍ତ ଅସୁବିଧା ସୃଷ୍ଟି କରାଯାଇଛି। ଶୂନ ର ଅର୍ଥ କୁକୁର ବୋଲି କୁହାଯାଇଛି। ମାତ୍ର ଋକ୍ ବେଦ ୭.୧୦୪.୨୨ ରେ ଏକଥା ସ୍ପଷ୍ଟ ଲେଖାଯାଇଛି ଯେ ଶୂନ ଅର୍ଥ ଖୁସିହେବା। ତେବେ କୁକୁର କୁ ଶ୍ୱାନ କୁହାଯାଏ, ଶୂନ ନୁହେଁ।

ଆନ୍ତ୍ରାଣୀ- ଅର୍ଥାତ ଜ୍ଞାନର ବା ବୁଦ୍ଧିର ମାର୍ଗ

ପେଚେ- ଅର୍ଥାତ ହଜମ କରିବା ବା ପାକଳ କରିବା, ଅଭିଜ୍ଞ ହେବା। ଏହାକୁ ଅନୁବାଦରେ ରାନ୍ଧିବା ଅର୍ଥରେ ବ୍ୟବହାର କରାଯାଇଛି। ଯେମିତି ଶିକ୍ଷକ କହନ୍ତି ସମସ୍ତ ପାଠକୁ ହଜମ କରିବା ପାଇଁ। ଏଠାରେ ସେଇ ଅର୍ଥରେ ବ୍ୟବହାର କରାଯାଇଛି।

ଦେବେସୁ- ଅର୍ଥାତ ଇନ୍ଦ୍ରିୟ

ମର୍ଡିତାରମ- ଅର୍ଥାତ ଯାହା ସୁଖ ପ୍ରଦାନ କରେ

ନା ବିବିଦେ- ଅର୍ଥାତ ମିଳନାହିଁ

ଜାୟାମ- ଅର୍ଥାତ ପ୍ରକୃତି ବା ପରିବେଶ ( nature)

ଅମହୀୟମାନମ- ଅର୍ଥାତ ସମାନ ନୁହେଁ

ଅପଶ୍ୟଂ- ଅର୍ଥାତ ଦେଖିବା
ଶୟନୋ- ଅର୍ଥାତ ଜ୍ଞାନ ବା ବୁଦ୍ଧି ରୂପରେ ଇଶ୍ୱର
ମେ- ଅର୍ଥାତ ମୁଁ
ମଧୁ- ଅର୍ଥାତ ମହୁ ବା ଖୁବ୍ ମିଠା
ଆଜଭ୍ରିର- ଅର୍ଥାତ ଦେବା

ତେଣୁ ମନ୍ତ୍ର ଟି ର ପ୍ରକୃତ ଅର୍ଥ ହେଉଛି- ଋଷି କହୁଛନ୍ତି, ସୁଖି ହେବାପାଇଁ ଓ ଜନ୍ମମୃତ୍ୟୁ ର ଚକ୍ରରୁ ମୁକ୍ତ ହେବାପାଇଁ ମୁଁ ଇଶ୍ୱରଙ୍କ ବିଷୟରେ ସମସ୍ତ ଜ୍ଞାନ ଓ ବୁଦ୍ଧିକୁ ହଜମ କଲି। ମୋ ଇନ୍ଦ୍ରିୟ ମାନଙ୍କ ମଧ୍ଯରୁ କାହାରିକୁ ସୁଖ ଓ ସନ୍ତୁଷ୍ଟି ଦେଇପାରିବା ଭଳି ପାଇଲିନି। ମୁଁ ପ୍ରକୃତିରେ ଇଶ୍ୱରଙ୍କ ଅବିକଳ ରୂପ ଦେଖିପାରୁନାହିଁ। ଜ୍ଞାନ ରୂପରେ ହିଁ ଇଶ୍ୱର ମୋତେ ମଧୁମୟ ବ୍ରହ୍ମଜ୍ଞାନ ଦେଉଛନ୍ତି।

୨- ମିଥ୍ୟା- ଅଗ୍ନିଦେବ ଙ୍କୁ ଗାଇ ଓ ଷଣ୍ଢ ନୈବେଦ୍ୟ ଦିଆଯାଏ

ବ୍ୟବହୃତ ମନ୍ତ୍ର

अग्नेर्वर्म परि गोभिर्व्ययस्वसं परोर्णुष्व पीवसामेदसा च|
नेत तवा धर्ष्णुर्हरसा जर्हृषाणो दध्रिग्विधक्ष्यन पर्यङ्खयाते||
[ ଋକ୍ ବେଦ ମଣ୍ଡଳ ୧୦: ସୂକ୍ତ ୧୬ ମନ୍ତ୍ର ୭]

**aghnervarma pari ghobhirvyayasva saṃ prorṇuṣva pīvasāmedasā ca |**
**net tvā dhṛṣṇurharasā jarhṛṣāṇo dadhṛghvidhakṣyan paryaṅkhayāte ||**

**Griffth Translation: Shield thee with flesh against the flames of Agni, encompass thee about with fat and marrow, So will the Bold One, eager to attack thee with fierce glow fail to girdle and consume thee.**

ପ୍ରକୃତ ଅର୍ଥ -
ଅଗ୍ନେ ଗୋଭି - ଅର୍ଥାତ କୌଣସି ଜ୍ଞାନୀ ବ୍ୟକ୍ତି ଙ୍କ ପବିତ୍ର କଣ୍ଠରୁ
ବର୍ମ - ଅର୍ଥାତ ରକ୍ଷାକବଚ ବା ପୋଷାକ
ପରିବ୍ୟୟସ୍ୱ - ଅର୍ଥାତ ପିନ୍ଧିବା
ପିଓ୍ୱସା ମେଦସା ଚ- ଅର୍ଥାତ ଶରୀର ର ପୋଷକ ଓ ପ୍ରିୟ ଆବରଣ
ସଂ ପରୋର୍ଣ୍ଣୁଷ୍ୱ- ଅର୍ଥାତ ଭଲକରି ଘୋଡାଇବା/ ଢାଙ୍କିବା/ ଆଚ୍ଛାଦିତ କରିବା
ଧର୍ଷ୍ଣୁ- ଅର୍ଥାତ ଘର୍ଷଣରୁ ସୃଷ୍ଟି ହେଉଥିବା ଅଗ୍ନି / ଗୁରୁ ଙ୍କ ସମାନ ଅଗ୍ନି
ଜର୍ହୃଷାଣୋ ଅର୍ଥାତ ଅତ୍ୟନ୍ତ ଖୁସିହେବା
ଦଧୃଗ୍ - ଅର୍ଥାତ ଅତି କଠିନ ବା କଠୋର ହେବା

ଓ୍ୱଧକ୍ଷନ- ଅର୍ଥାତ ବିପରୀତ ପାପ ଜାଳ ନଷ୍ଟକରିବା
ନେତ୍ ତଓ୍ୱା ପର୍ୟ୍ୟଙଖୟତେ- ଅର୍ଥାତ ତୁମକୁ ଘୋଡାଇବ ନାହିଁ, ତୁମକୁ ଦଣ୍ଡ ଦେବ ନାହିଁ

ମନ୍ତ୍ରଟିର ପ୍ରକୃତ ଅର୍ଥ ହେଉଛି- ତୁମେ ଗୁରୁ ଅଥବା କୌଣସି ବିଜ୍ଞଜନଙ୍କ କଣ୍ଠରୁ ଏକ ରକ୍ଷାକବଚ ବା ଏଭଳ ବସ୍ତ୍ରାବରଣ ପିନ୍ଧିପକାଅ ଏବଂ ନଜକୁ ଏଭଳ ପୋଷାକ ଓ ସ୍ନେହପୂର୍ଣ୍ଣ ଏକ ତ୍ୱଗ୍ବରଣ ରେ ପୂର୍ଣ୍ଣ ଆଚ୍ଛାଦିତ କରିନଅ, ଯଦ୍ୱାର୍ ଗୁରୁଙ୍କ ଦ୍ୱାର୍ ଘର୍ଷଣ ( ପରିମାର୍ଜନ) ରୁ ଯେଉଁ ଅଗ୍ନି ଜାତ ହେବ ତାହା ତୁମକୁ ଦଣ୍ଡିତ କରିବ ନାହିଁ, ବରଂ ତୁମକୁ ସୁଖ ପ୍ରଦାନ କରିବ, ଶକ୍ତ କରିବ ଓ ବିପରୀତ ପାପ ଗୁଡିକୁ ନଷ୍ଟ କରିଦେବ।

୩- ମିଥ୍ୟା- ମୃତ ଶରୀରକୁ ଦାହ କରିବା ପୂର୍ବରୁ ଗୋମାଂସ ର ଅବରଣ ଦେବା ନୟମ ଏଥିପାଇଁ ପୂର୍ବୋକ୍ତ ମନ୍ତ୍ର ସହିତ ପରବର୍ତ୍ତି ୩ ଟି ମନ୍ତ୍ରକୁ ବ୍ୟବହାର କର୍ାଯାଏ

इममग्ने चमसं मा वि जिह्वरः परियो देवानामुतसोम्यानाम|
एष यश्चमसो देवपानस्तस्मिन देवा अमृतामादयन्ते ||
[ ରୁକବେଦ ମଣ୍ଡଳ ୧୦, ସୂକ୍ତ ୧୬ ମନ୍ତ୍ର ୮]

**imamaghne camasaṃ mā vi jihvaraḥ priyo devānāmutasomyānām |**
**eṣa yaścamaso devapānastasmin devā amṛtāmādayante ||**

**Griffit Translation- Forbear, O Agni, to upset this ladle: the Gods and they who merit Soma love it.**
**This ladle, this which serves the Gods to drink from, in this the Immortal Deities rejoice them.**

ପ୍ରକୃତ ଅର୍ଥ- ହେ ତେଜସ୍ୱୀ( ଅଗ୍ନି) ! ଆପଣ ଏହି କୃପାପାତ୍ର ମନୁଷ୍ୟ ମାନଙ୍କୁ କୌଣସି ପ୍ରକାରେ, କୌଣସି ଦିଗରେ ଖର୍ାପ ହେବାକୁ ଦିଅନ୍ତୁ ନାହିଁ। ଯେଉଁ ମାନେ ଜ୍ଞାନ ଏବଂ ଅର୍ଥ ପ୍ରଦାନ କରନ୍ତି ଓ ଯେଉଁ ପିତାମାତାଙ୍କ ସନ୍ତାନ ଶିଷ୍ୟ ସମ ହୁଅନ୍ତି ତାଙ୍କୁ ସେ ଶ୍ରଦ୍ଧା କରନ୍ତି। ସମସ୍ତ ଜ୍ଞାନ ଜନ ଓ ଅଭିଜ୍ଞ ମଣିଷ, ନମ୍ର, ଶାନ୍ତ ବ୍ୟକ୍ତିଙ୍କ ଠାରେ ଖୁସି ହୁଅନ୍ତି ଏବଂ ସେଭଳ ବ୍ୟକ୍ତି ଜ୍ଞାନର ସୁଧାପାନ କରିପାରନ୍ତି ତଥା ବିଜ୍ଞଜନଙ୍କର ସଂରକ୍ଷକ ହୁଅନ୍ତି।

करव्यादमग्निं पर हिणोमि दूरं यमराज्ञो गच्छतुरिप्रवाहः|
इहैवायमितरो जातवेदा देवेभ्यो हव्यंवहतु परजानन||
[ ରୁକ୍ ବେଦ ମଣ୍ଡଳ ୧୦, ସୂକ୍ତ ୧୬ ମନ୍ତ୍ର ୯]

**kravyādamaghniṃ pra hiṇomi dūraṃ yamarājño ghachaturipravāhaḥ |**
**ihaivāyamitaro jātavedā devebhyo havyaṃvahatu prajānan ||**

**Griffith Translation - 1 send afar flesh eating Agni, bearing off stains may he depart to Yama's subjects.**
**But let this other Jatavedas carry oblation to the Gods, for he is skilful.**

ପ୍ରକୃତ ଅର୍ଥ - ଉପର ବର୍ଣ୍ଣିତ ଗୁରୁ- ଶିଷ୍ୟ ବ୍ୟବସ୍ଥା ଅନୁସାରେ ମାଂସ ଭକ୍ଷଣକାରୀ, ଭୟଙ୍କର ବନ୍ୟଜନ୍ତୁ ଏପରିକ ମୃତ୍ୟୁକୁ ତଡି ଦେବାରେ ମୁଁ ସକ୍ଷମ ହୋଇପାରିବି ଏବଂ ଦୁଷ୍ଟ ବ୍ୟକ୍ତି ମାନଙ୍କୁ ଜଣେ ନ୍ୟାୟ ରକ୍ଷକ ରାଜାଙ୍କ ପାଖରେ ପହଞ୍ଚାଇ ପାରିବି। ତାଙ୍କଠାରୁ ନିରପରାଧ ଓ ଜ୍ଞାନୀ ଲୋକମାନେ ଧନ ତଥା ଜ୍ଞାନ ପ୍ରାପ୍ତ ହୋଇ ଏଠି ଆଶ୍ରମରେ ବିଦ୍ୟା, ଧନ ଓ ଖାଦ୍ୟ ଯୋଗାଇ ପାରିବେ। ଗୁରୁ ଶିଷ୍ୟକୁ ଜ୍ଞାନ ରୂପକ ଖାଦ୍ୟ ଦିଅନ୍ତି।

यो अग्निः करव्यात परविवेश वो गर्हमिमं पश्यन्नितरंजातवेदसम|
तं हरामि पित्र्यज्ञाय देवं स घर्ममिन्वात परमे सधस्थे||
[ ଋକ୍ ବେଦ ମଣ୍ଡଳ ୧୦, ସୂକ୍ତ ୧୬ ମନ୍ତ୍ର ୧୦]

**yo aghniḥ kravyāt praviveśa vo ghṛhamimaṃ paśyannitaraṃjātavedasam |**
**taṃ harāmi pitṛyajñāya devaṃ sa gharmaminvāt parame sadhasthe ||**

**Griffith Translation - I choose as God for Father-worship Agni, flesh-eater, who hath past within your dwelling, While looking on this other Jatavedas. Let him light flames in the supreme assembly.**

ପ୍ରକୃତ ଅର୍ଥ - ଅଗ୍ନିଦେବଙ୍କ କ୍ରୋଧାଗ୍ନି ସମାନ ଲାଗୁଥିବା ମାଂସ ଭକ୍ଷଣକାରୀ କ୍ରୁର ମନୁଷ୍ୟ ମୋ ଗୃହରେ ଜ୍ଞାନୀ ରୂପରେ ପ୍ରବେଶ କରି ପାରିବେ ନାହିଁ। ଗୃହସ୍ଥ ମାନେ ଧନଲୋଭୀ ଜନଙ୍କ ପାଖକୁ ନଯାଇ ବ୍ରହ୍ମଜ୍ଞାନୀ ଙ୍କ ପାଖକୁ ଯିବା ଉଚତ। କାରଣ ଲୋଭୀ ମାନେ ଶୃଗାଳ ଓ ଶ୍ମଶାନ ଅଗ୍ନି ସହ ସମାନ।

୪- ମିଥ୍ୟା- ଇନ୍ଦ୍ର ଷଣ୍ଢ ଭକ୍ଷଣ କରନ୍ତି

सूर्याया वहतुः परागात सविता यमवारुजत|
अघासुहन्यन्ते गावोऽर्जुन्योः पर्युह्यते||
[ ଋକ୍ ବେଦ ମଣ୍ଡଳ ୧୦, ସୂକ୍ତ ୮୫ ମନ୍ତ୍ର ୧୩

**sūryāyā vahatuḥ prāghāt savitā yamavāsṛjat |**
**aghāsuhanyante ghāvo.arjunyoḥ paryuhyate ||**

**Griffith Translation : The bridal pomp of Surya, which Savitar started, moved along. In Magha days are oxen slain, in Arjuris they wed the bride.**

ପ୍ରକୃତ ଅର୍ଥ - ଏହି ମନ୍ତ୍ର (୧୦/ ୮୫/ ୧୩) ର ଦେବତା ହେଉଛନ୍ତି ସୂର୍ଯ୍ୟ। ଏହି ମନ୍ତ୍ର ବିବାହ ସହିତ ସମ୍ବନ୍ଧିତ। ମନ୍ତ୍ରରେ କୁହାଯାଇଛି ବିବାହ କାହିଁକି କରାଯାଏ। ଯଦିଓ ବିଭିନ୍ନ ଉତ୍ତମ ଗୁଣକୁ ସଂରକ୍ଷିତ କରିବା ପାଇଁ କରାଯାଏ। ମାତ୍ର ଏହି ମନ୍ତ୍ରରେ କୁହାଯାଇଛି ଯେ ବିବାହ ସନ୍ତାନପ୍ରାପ୍ତି ପାଇଁ କରାଯାଏ।

ଏବେ ଉପନିଷଦ କୁ ଭୁଲ ଭାବରେ ଉଦ୍ଧାର କରି ପ୍ରସାର କରାଯାଇଥିବା କେତେକ ଭ୍ରାନ୍ତି ବିଷୟ ଆଲୋଚନା କରିବା।

୫- ବୃହଦ୍ ଆରଣ୍ୟକ ଉପନିଷଦ ଅଧ୍ୟାୟ ୬, ସର୍ଗ ୪ ମନ୍ତ୍ର ୧୮ କୁ ଆଧାର କରି କୁହାଯାଇଛି, ଯେଉଁ ବ୍ୟକ୍ତି ଇଚ୍ଛା କରେ ତା'ର ଏମିତି ପୁତ୍ର ପ୍ରାପ୍ତି ହେଉ ଯିଏ ପ୍ରସିଦ୍ଧ ପଣ୍ଡିତ ହେବ, ସଭା ମାନଙ୍କ ରେ ଉଦବୋଧନ ଦେବ, ତା କଥା ସମସ୍ତେ ଶୁଣିବାକୁ ଚାହିଁବେ ଏବଂ ଯିଏ ସମସ୍ତ ବେଦଜ୍ଞାନ ଦୀର୍ଘକାଳ ଯାଏଁ ଆହରଣ କରିପାରିବ, ସେ ଏକ ଯୁବା ଷଣ୍ଢ ବା ବାଛୁରୀ ର ମାଂସ ମିଶ୍ରିତ ଅନ୍ନ ଘିଅ ମିଶାଇ ସପତ୍ନିକ ଭୋଜନ କଲେ ସେଭଳି ପୁତ୍ର ଉତ୍ପନ୍ନ କରି ପାରିବେ।

ପ୍ରକୃତ ଅର୍ଥ - ପ୍ରଥମେ "ମାଂସୋଦନମ" କଥା ବିଚାର କରାଯାଉ। ଏହି ମନ୍ତ୍ରଟିର ପୂର୍ବ ଚାରୋଟି ମନ୍ତ୍ରରେ ବର୍ଣ୍ଣନା କରାଯାଇଛି ଅନ୍ନ ସହିତ କେଉଁ କେଉଁ ଖାଦ୍ୟ ଖାଇବା ଦ୍ୱାରା ବିଭିନ୍ନ ଦିବ୍ୟ ଓ ବୈଦିକ ଗୁଣ ସମ୍ପୂର୍ଣ୍ଣ ସନ୍ତାନ ପ୍ରାପ୍ତି ହେବ। କ୍ଷୀରୋଦନମ୍ (ଦୁଗ୍ଧ ସହିତ ଅନ୍ନ), ଦଧ୍ୟୋଦନମ୍ (ଅନ୍ନ ସହିତ ଦହି), ଜଳ ସହିତ ଅନ୍ନ ଏବଂ ତିଳ(ରାଶି) ସହିତ ଅନ୍ନ ଭୋଜନ ବିଷୟ ବର୍ଣ୍ଣନା ବେଦରେ ମଧ୍ୟ ରହିଛି। ମାଂସୋଦନମ୍ କଥା ଅଥର୍ବ ବେଦରେ ରହିଛି। ତେଣୁ ପ୍ରଥମ କଥା ହେଉଛି ଏଠାରେ ଶାସ୍ତ୍ର ଉଦ୍ଧୃତି ହିଁ ସଠିକ ନୁହେଁ।

ବାସ୍ତବରେ ପ୍ରକୃତ ଶବ୍ଦଟି ହେଉଛି "ମାଷୋଦନମ"। ମାଷ ହେଉଛି ବିରି ଭଳି ଏକ ଡାଲିଜାତୀୟ ଶସ୍ୟ। ତେଣୁ ଏଥିରେ ମାଂସ ସମ୍ବନ୍ଧୀୟ କିଛି ନାହିଁ। ଆୟୁର୍ବେଦ ରେ ଗର୍ଭବତୀ ନାରୀ ମାନଙ୍କ ପାଇଁ ମାଂସ ଭକ୍ଷଣ ସମ୍ପୂର୍ଣ୍ଣ ବର୍ଜିତ। ଶୁଶ୍ରୁତ ସଂହିତା ଅନୁକରଣ କରାଯାଇପାରେ। ସେଥିରେ ମଧ୍ୟ ଏକ ମନ୍ତ୍ରରେ ଉତ୍ତମ ସନ୍ତାନ ପ୍ରାପ୍ତି ପାଇଁ ପତି- ପତ୍ନୀ ମାଷ ଖାଇବା ବିଷୟ ଉଲ୍ଲେଖ ରହିଛି। ବୃହଦ୍ ଆରଣ୍ୟକରେ ଶୁଶ୍ରୁତ ସଂହିତା ର ଉଦ୍ଧୃତି ହିଁ ଦିଆଯାଇଛି।

ଯଦି କେହି ତଥାପି ଯୁକ୍ତିକରେ ଯେ ଏହା ମାଷ ନୁହେଁ ମାଂସ, ତେବେ ମଧ୍ୟ ମାଂସ ର ଅର୍ଥ ଭିତର ର ନରମ କୋମଳ ଉପାଦାନ( pulp), ପଶୁ ମାଂସ ବୋଲି ଏକକ ଭାବେ ବୁଝାଯିବ ନାହିଁ। ଅନେକ ଶାସ୍ତ୍ରରେ ମାଂସ ଶବ୍ଦ ର ବ୍ୟବହାର ଶସ ବା ନରମ ଆଭ୍ୟନ୍ତର ପଦାର୍ଥ

ହିସାବରେ କରାଯାଇଛି। ଯେମିତି ଆମ୍ରମାଂସମ୍ ଅର୍ଥାତ ଆମ୍ବର ଶସ, ଖଜୁରମାଂସମ୍ ଅର୍ଥାତ ଖଜୁରୀ ଶସ। ଚରକ ସଂହିତାରେ ଏଭଳ ଅନେକ ଉଦାହରଣ ମିଳବ। ତୈତ୍ତିରୀୟ ସଂହିତା ୨.୩୨.୮ ରେ ଦହି, ମହୁ ଓ ମକା ପାଇଁ ମାଂସ ଶବ୍ଦ ବ୍ୟବହାର କରା ଯାଇଛି।

ତଥ୍ୟାନୁସାରେ ଉକ୍ଷ ଏକପ୍ରକାର ଔଷଧୀୟ ଗୁଳ୍ମ, ଯାହାକୁ ସୋମ ବୋଲି ମଧ୍ୟ କୁହାଯାଏ। Monier Williams ତାଙ୍କ ସଂସ୍କୃତ- ଇଂରାଜୀ ଶବ୍ଦକୋଷରେ ଏ ବିଷୟ ବର୍ଣ୍ଣନା କରିଛନ୍ତି।

ସେହିପରି ଶାସ୍ତ୍ରରେ ଓ୍ୱଶା କୁ ଦେବତାଙ୍କ ନିୟନ୍ତ୍ରଣ ଶକ୍ତି ଉଦ୍ଦେଶ୍ୟରେ ଲେଖାଯାଇଛି ଏବଂ ଓ୍ୱଶ କୁ ବନ୍ଧ୍ୟା( barren) ଗାଈ ଉଦ୍ଦେଶ୍ୟ ରେ ବୁଝାଯିବ। ଉଦାହରଣ ସ୍ୱରୂପ ଅଥର୍ବ ବେଦ ୧୦.୧୦.୪ ରେ ଓ୍ୱଶ ସମ୍ପର୍କରେ ସହସ୍ରଧାରା ଶବ୍ଦ ପ୍ରୟୋଗ ହୋଇଛି। ବନ୍ଧ୍ୟା ଗାଈଟିଏ କିଭଳି ପ୍ରଚୁର କ୍ଷୀରଦେବ ଯେ ସହସ୍ରଧାରା କୁହାଇବ। ଏହିଥିରୁ ବୁଝିହୁଏ କିଭଳି ଅନୁବାଦକ ମାନେ ସଂସ୍କୃତଶବ୍ଦ ଗୁଡିକର ଗୋଳମାଳିଆ ଅର୍ଥ ଦେଇ ବିଭ୍ରାନ୍ତି ସୃଷ୍ଟି କରିଛନ୍ତି।

ସେହିଭଳି ଓ୍ୱଶା ଶବ୍ଦକୁ ଉର୍ବର କ୍ଷେତ, ସନ୍ତାନବତୀ ପତ୍ନୀ ( ଅଥର୍ବବେଦ ୨୦.୧୦୩.୧୫) ଓ ଔଷଧୀୟ ବୃକ୍ଷ ଭାବରେ ବ୍ୟବହାର କରାଯାଇଛି। Monier Williams ଙ୍କ ଶବ୍ଦକୋଷରେ ଉକ୍ଷ ବା ସୋମ ଭଳି ଓ୍ୱଶା କୁ ମଧ୍ୟ ଏକ ଔଷଧୀୟ ଗୁଳ୍ମ କୁହାଯାଇଛି। ସେହି ଶବ୍ଦକୋଷରେ ଋଷଭ ( ଯେଉଁଥିରୁ ଅର୍ଶଭ ଶବ୍ଦ ଆସିଛି) କୁ ମଧ୍ୟ ଏକ ଔଷଧୀୟ ବୃକ୍ଷ କୁହାଯାଇଛି। ଋଷଭ ର ଏହି ସମାନ ଅର୍ଥ ଚରକ ସଂହିତା ( ଅଧ୍ୟାୟ- ୧, ମନ୍ତ୍ର ୪- ୧୩) , ଶୁଶ୍ରୁତ ସଂହିତା ଓ ଭାବପ୍ରକାଶ ପୂର୍ଣ୍ଣଖଣ୍ଡ ଇତ୍ୟାଦିରେ ଦେଖିବାକୁ ମିଳେ।

ଆଉ ମଧ୍ୟ ଉଭୟ ଅର୍ଶଭ( ଋଷଭ) ଓ ଉକ୍ଷ ଅର୍ଥ ଷଣ୍ଢ ମଧ୍ୟ, କିନ୍ତୁ ବାଛୁରୀ ନୁହେଁ। ତେବେ ବୃହଦଆରଣ୍ୟକ ରେ ସମର୍ଥବୋଧକ ଶବ୍ଦ କାହିଁକି ଅଯଥା ବ୍ୟବହାର ହେବ ତାହା ଅସମୀଚୀନ ମନେହୁଏ। ଏହା ଭାତ କିମ୍ବା ଅନ୍ନ ଖାଅ ବୋଲି କହିବା ଭଳି ହେବ। ଅନ୍ୟ ସମସ୍ତ ଶବ୍ଦ ବିଭିନ୍ନ ଶସ୍ୟକୁ ବୁଝାଉ ଥିବା ବେଳେ ସେହି ସମାନ କଥା ବୁଝାଇବାକୁ ଏହି ଶବ୍ଦ ଦୁଇଟି କାହିଁକି ଭିନ୍ନ ଅର୍ଥରେ ବ୍ୟବହୃତ ହେବ!

ସେହିଭଳି ମନଶୋଧନକୁ ମାଂସୋଦନ ବୋଲି କେତେକ ସ୍ଥାନରେ ଦର୍ଶାଯାଏ। ଉକ୍ଷ ଅର୍ଥାତ ସୋମ, ଷଣ୍ଢ ନୁହେଁ କାରଣ ସଂସ୍କୃତରେ ଷଣ୍ଢ କୁ ବୃଷଭ କୁହାଯାଏ ox ନୁହେଁ। ମୋଟ ଉପରେ ସେହି ମନ୍ତ୍ରଟିରେ କୁହାଯାଇଛି, ବିଭିନ୍ନ ଔଷଧୀୟ ପଦାର୍ଥ ମିଶ୍ରିତ ଅନ୍ନ ମନକୁ ଶୋଧନ ବା ବିଶୁଦ୍ଧ କରେ।

୬- ସେହିଭଳ ମନୁସ୍ମୃତି କୁ ଉଦ୍ଧାର କରି ଭୁଲ ତଥ୍ୟ ଦିଆଯାଏ ଯେ,"ଯେଉଁ ଖାଦକ, ଖାଦ୍ୟ ଯୋଗ୍ୟ ଅନ୍ୟ ପ୍ରାଣୀର ମାଂସ ପ୍ରତ୍ୟେହ ଖାଏ ସେଥିରେ କୌଣସି କ୍ଷତି ହୁଏନାହିଁ। କାରଣ ସ୍ୱୟଂ ଭଗବାନ କଛି ପ୍ରାଣୀଙ୍କୁ ଖାଦ୍ୟ ଓ କଛିଙ୍କୁ ଖାଦକ ଭାବେ ସୃଷ୍ଟି କରିଛନ୍ତି। [ ମନୁସ୍ମୃତି ଅଧ୍ୟାୟ ୫, ମନ୍ତ୍ର ୩୦]

ପ୍ରକୃତ ଅର୍ଥ - କୌଣସି ଖାଦକ ତା'ର ଖାଦ୍ୟଯୋଗ୍ୟ ଜୀବକୁ ପ୍ରତ୍ୟେହ ଗ୍ରାସକଲେ ମଧ୍ୟ ପାପ ଅର୍ଜନ କରେନାହିଁ, ଯେହେତୁ ସ୍ୱୟଂ ସ୍ରଷ୍ଟା ଉଭୟ ଖାଦ୍ୟ ଓ ଖାଦକ କୁ ସୃଷ୍ଟି କରିଛନ୍ତି (କେତେକ ନର୍ଦ୍ଦିଷ୍ଟ କାରଣରେ) । ଆମେ ଜାଣୁ, ଆମ ଜୀବନ ସତ୍ତା ଅନ୍ୟ ଉପରେ ନର୍ଭରଶୀଳ। ଏହି ମନ୍ତ୍ର ଟି ମନୁଷ୍ୟ ପାଇଁ ନୁହେଁ ବରଂ ଅନ୍ୟ ସମସ୍ତ ଜୀବଙ୍କ ପାଇଁ ଉଦ୍ଦିଷ୍ଟ, ଯେଉଁମାନେ ଜୀବନଧାରଣ ପାଇଁ ଅନ୍ୟ ପ୍ରାଣୀଙ୍କୁ ଭୋଜନ କରନ୍ତି।

ବେଦରେ ମଧ୍ୟ କୁହାଯାଇଛି, ଜୀବେ ଜୀବେସେ ଭୋଜନମ୍। ଏହାକୁ ଆମେ ମାଂସାହାର ପାଇଁ ଲାଇସେନ୍ସ ଭାବେ ବ୍ୟବହାର କରୁଛେ। କନ୍ତୁ ସନାତନ ହିନ୍ଦୁଧର୍ମ ଅହିଂସା ପରମୋଧର୍ମ ପାଳନ ରେ ବିଶ୍ୱାସ ରଖେ।

୭- ମନୁସ୍ମୃତି କୁ ଆଧାର କରି ଆଉ ଏକ କୁତର୍କ ଦିଆଯାଏ ଯେ "ବଳ ଦିଆଯାଇଥିବା ମାଂସ ଖାଇବାରେ ଦୋଷ ନାହିଁ। ଏହା ପାରମ୍ପାରିକ ଭାବେ ଦେବତାଙ୍କ ଦ୍ୱାରା ନୟମସିଦ୍ଧ"। [ ମନୁସ୍ମୃତି ଅଧ୍ୟାୟ ୫ ମନ୍ତ୍ର ୩୧]

ପ୍ରକୃତ ଅର୍ଥ- ପ୍ରଥମତଃ ଜାଣିଶୁଣି ସମ୍ପୂର୍ଣ୍ଣ ମନ୍ତ୍ରଟିକୁ ଉଦ୍ଧାର କରାଯାଇ ନାହିଁ। ପ୍ରକୃତ ମନ୍ତ୍ର ଅନୁସାରେ,"ଯଜ୍ଞ ମାନଙ୍କରେ ମାଂସ ଭୋଜନ ପୂର୍ଣ୍ଣତଃ ବର୍ଜିତ। ଏହା ଦେବତାଙ୍କ ଦ୍ୱାରା ପ୍ରଣିତ ନୟମ, କନ୍ତୁ ଯଦି କେହି କୌଣସି ଅବସରରେ ଏଭଳ କାର୍ଯ୍ୟକରେ ତେବେ ତାହା ରାକ୍ଷସ ଯୋଗ୍ୟ ବୋଲି ବିଚାର୍ଯ୍ୟ ହେବ।

ଆଉକଛି ଆଗକୁ ପଢିଲେ ଆମେ ଜାଣିପାରିବା, ମନୁଷ୍ୟ ଆଦୌ ମାଂସ ଖାଇବା ଅନୁଚତ। ଏହି ବିଷୟରେ ମନୁସ୍ମ ତି 'କଣ କୁହେ ଜାଣିବା

ମନୁସ୍ମୃତି ଅଧ୍ୟାୟ ୫

ମନ୍ତ୍ର- ୪୮ :- କୌଣସି ଜୀବନ୍ତ ପ୍ରାଣୀକୁ ଆଘାତ ନଦେଇ ମାଂସ ସଂଗ୍ରହ କରାଯାଇ ପାରିବ ନାହିଁ, ଏବଂ ଏକ ସଚେତନ( ଯିଏ ଅଚେତ ବା ବେହୋସ ହୋଇନଥିବ) ଜୀବକୁ ଆଘାତ

ଦେବା ଭୀଷଣ କ୍ଷତିକାରକ। ଏହା ପରମାନନ୍ଦ ପ୍ରାପ୍ତିର ପଥ ଅବରୋଧ କରେ, ତେଣୁ ମାଂସ ଭକ୍ଷଣ ପରିହାର ବା ବର୍ଜନ କରିବା ଉଚତ।

ମନ୍ତ୍ର- ୪୯ :- ମାଂସ ପ୍ରାପ୍ତିର ବିଭତ୍ସ କ୍ରିୟା ଓ ନୃଶଂସ ଭାବେ ବେଡିରେ ବନ୍ଧା ଜୀବଟିଏ କୁ ହତ୍ୟା କରିବା କଥା ଚନ୍ତାକଲେ, ମାଂସ ଖାଇବାରୁ ନବୃତ୍ତ ହେବାହିଁ ଶ୍ରେଷ୍ଠ କାର୍ଯ୍ୟ ବୋଲି କହିହେବ।

ମନ୍ତ୍ର- ୫୦ :- ଯେଉଁ ବ୍ୟକ୍ତି ଉପୋରକ୍ତ କଥାକୁ ବିଗ୍ଭର କରି ପିଶାଚ ଭଳ ମାଂସ ଭକ୍ଷଣ କରେନାହିଁ ସେ ସଭିଙ୍କ ପ୍ରିୟପାତ୍ର ହୁଏ ଏବଂ ରୋଗକଷ୍ଟ ଭୋଗ କରେନାହିଁ।

ମନ୍ତ୍ର- ୫୧ :- ଯିଏ ପଶୁହତ୍ୟା ର ନର୍ଦ୍ଦେଶ/ ଅନୁମତି ଦିଏ, ଯେ ହତ୍ୟା କରେ, ଯେ ମାଂସ କାଟେ, ଯେ ମାଂସ କଣା- ବିକା କରେ, ଯେ ରନ୍ଧନ କରେ ଏବଂ ଯେ ଖାଏ ସେ ସମସ୍ତେ ହତ୍ୟାକାରୀ ଭାବେ ଗଣାହେବେ।

ମନ୍ତ୍ର- ୫୨ :- ଭଗବାନ ଓ ପିତୃପୁରୁଷଙ୍କୁ ପୂଜା କରୁନଥିବା ମନୁଷ୍ୟ ଠାରୁ ଅନ୍ୟ ପ୍ରାଣୀର ମାଂସ ଖାଇ ନଜ ମାଂସ ବଢାଉଥିବା ବ୍ୟକ୍ତି ଅଧିକ ପାପି ଭାବରେ ଗଣାହେବ।

କେତେକ ଲେଖକଙ୍କ ମନୁସ୍ମ ତି ରେ ଜୀବହତ୍ୟା ଓ ମାଂସଭକ୍ଷଣକୁ ଉଚତ ଦର୍ଶାଇବା ଉଦ୍ଦେଶ୍ୟରେ ମିଥ୍ୟା ଶ୍ଳୋକର ଅପମିଶ୍ରଣ ମଧ ଦେଖାଯାଏ। ଯଦି ସଠିକ ମନୁସ୍ମ ତି ପଢିବାକୁ ଗ୍ଭହାନ୍ତି ତେବେ ଡଃ ସୁରେନ୍ଦ୍ର କୁମାରଙ୍କ ଦ୍ଵାର୍ ସଂକଳତ ବହିଟି ପଢିବା ଉଚତ ହେବ।

http://www.cnslounge.com/writer/pratibha-priyadarshini/
ଶକ୍ତି ନଗର, ଲିଙ୍କ୍ ରୋଡ୍, କଟକ

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି। ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ।

# ସ୍ୱାମି, ସ୍ତ୍ରୀଙ୍କର ଝଗଡା



ଶଶଧର ମହାପାତ୍ର

**ସ୍ତ୍ରୀ କହେ-**

ବାହାହେଇଅଛି ତମକୁ
ଏ ଜନମକୁ ନୁହେଁ ସାତ ଜନ୍ମକୁ
ଏ ଜନମରେ ଟ୍ରେନିଂ ଟିକେ ଦେଇ
ଗଧଭଳ ନତି ବୁଲେଇ, ଖଟେଇ
ବେଠି ଖଟେଇବି ଆର ଜନ୍ମକୁ
ହଇହେ ! ଶୁଣିଥା !
ହାସଲ କରିବି ସୁଧ, ମୂଳକୁ

**ପୁରୁଷ କହେ-**

ଧନ୍ୟ ତୁମ ଭଳ ନାରୀ
ଧନ୍ୟ ତୁମ ପିତା, ମାତା
ଯୁଗ କ ବଦଳ ଗଲା
ଏ କେଉଁ କଥା?
ନୀତି, ଆଦର୍ଶ ତୁମର
ଚୂଲୀକୁ କ ଗଲା ?
ଭୁଲିଗଲ ରାମାୟଣ, ପ୍ରଭୁ ରାମ
ତାଙ୍କ ପତ୍ନୀ, ଆମ ସୀତା ମାତା

**ସ୍ତ୍ରୀ କହେ-**

କଳ ଯୁଗେ ଏଠି ହୁଏ ସବୁତ ଓଲଟା
ଦିନରେ ଦେଖୁଛ ତୁମେ ସ୍ୱପ୍ନ ଏକ ମିଠା
ତୁମେ କାମ କରୁଥିଲେ, ମୁଁ କରୁଛି କାମ
ରୋଷେଇ ନକରି ଫେସ୍ ବୁକରେ ତୁମ ମନ
ବିତଣ୍ଡା ଯୁକ୍ତିରେ ତୁମେ ହେଉଛ ଗରମ
ଯାଅ ତୁମେ ଆଖି ବୁଜି ଜପ ହରିନାମ
ମିଠା କଥା କହି ଆଉ କରନା ବାହାନା
ପରିବା କାଟିବା ସଙ୍ଗେ ବାସନ ଧୁଅନା
ନହେଲେ କହୁଛି ସତ
ଆଜିଠୁଁ ତୁମ ଖାଇବା ମନା

**ପୁରୁଷ କହେ-**

ବା'ଘର ଦିନୁ ଦଶବର୍ଷଯାଏ
ଥିଲି ମୁଁ ଦେବତା ତୁମର
କାନରେ ମୋ'ର ମନ୍ତ୍ର ଦେଇଥିଲ
ଭଲପାଇବାର ସ୍ୱର
ଯାହା ଦିନେ ମୋତେ ଭଲ ଲାଗୁଥିଲା
ଏବେତ ଲାଗୁଛି ଜହର
ଏମିତି କ'ଣ ପାଣି ଫାଟିଗଲା
କରିଦେଲ ତୂଠ ପଥର
କେତେବେଳେ ମାର ବିଧାଏ ପିଠିରେ
କେତେବେଳେ ତୁମେ ଗୋଡଧର
ଭାବୁଛ କ ଏ ସବୁ ଖେଳଘର ?

**ସ୍ତ୍ରୀ କହେ-**

କଥା କଥାକରେ କଣ୍ଟା ବାଡରେ
ଲୁଗା ପକେଇ କର କଳି
ବନ୍ଧୁ ବାନ୍ଧବଙ୍କୁ, ସାଙ୍ଗ ସାଥୀଙ୍କୁ କୁହ-
ମୁଁ କାଳେ ଗୋଟେ ମା’ କାଳି
ମୋ’ ବାପା, ଭାଇଙ୍କ ନାଁ ଧରିଲେ
ତୁମକୁ କଞ୍ଚା ଦେବି ମୁଁ ଗିଳି
ଜାଣିଛ ! ମୋ ବୋପା ନାଁ କାଙ୍ଗାଳି
ତୁମେ ମୋତେ ଯିବନ ବଳି

**ପୁରୁଷ କହେ-**

ତୁମ ସଙ୍ଗେ ଏବେ କଥାବାର୍ତ୍ତା କଲେ
ବଢିଯାଏ ମୋର ନଶା
ଶିଖି ସାରିଲିଣି ମାସକ ଭିତରେ
କେତେ ନୂଆନୂଆ ଭାଷା
ଛଇ ଛଟକରେ ନାଟକ ବାଜିରେ
ପାଟିକୁ ଚଲେଇ, ନାକକୁ ଫୁଲେଇ
ଭଲରେ ଦିପଦ କହିଦେଲେ ତୁମେ
ଗାଳି କଲାପରି ଲାଗେ
ଗର୍ଜ୍ଜନ ପରିକା ଶୁଭେ
ତୁମ ଲାଲ୍ ଆଖି ଦେଖି ଭାଗେ

**ସ୍ତ୍ରୀ କହେ-**

ଆଇନାରେ ଥରେ ଦେଖ ତୁମ ମୁହଁ
ଲାଗିବ ତୁମକୁ ସରମ
ମୋ’ ଗାଳି ଶୁଣିଲେ ନାଚ ଥେଇ ଥେଇ
ତୁମେ କେଉଁଥିରେ କମ
ମୋ ମନରେ ତମେ ନଆଁ ଲଗେଇଛ
ଗୋପନେ ସପନେ ତମେ ଆସୁଅଛ
ତମେ ଫୁଟୁଥିବା ବମ
ଦେଖିଅଛି ତମ ଦମ

**ପୁରୁଷ କହେ-**

ପୁଣ୍ୟ ବଳରୁ କେଉଁ ଜନ୍ମରୁ
ପାଇଛ ମଣିଷ ଜନମ
ଭୁଲିଗଲ ତୁମେ ମଣିଷପଣିଆ
ଭୁଲିଗଲ ତୁମ କରମ
ସାରା ଦିନ ରାତି ହୁଅ ଗରଗର
ଏ କ ମଣିଷ ଧରମ
ମୋ ଭଳି ନରମପତ୍ନୀ ସ୍ଵାମୀପାଇ
ଦେଖାଅ ତୁମର ଜୁଲମ
ତୁମେ ହସିଦେଲେ ଦୁନଆ ହସିବ
ହସୁଥାଅ ସବୁଦିନେ
ଭଲକଥା କହି ସଭିଙ୍କୁ ହସାଇ
ଖୁସି ହୁଅ ମନେ ମନେ ॥



ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ବୋଉ

ନଚକେତା ସାହୁ

ସଞ୍ଜ ହୁଡ଼ିଲେ ଦୁଆର ମୁହଁରେ ଠିଆ ହେଇ ରହିଥାଉ
ତୋ ଗଳାମାଳି ଧନସଂଖାଳି ଏପର୍ଯ୍ୟନ୍ତ ଫେରି ନାହିଁ କାହୁଁ ,
ନିଜେ ନଖାଇ ନ ଭଜା ଛ ତୁଣ
ସନ୍ତାନ ପାଇଁ ସାଇତି ରଖିଥାଉ
ତୋ ହାତ ରନ୍ଧା ଅମୃତ ସମାନ
ନ ମିଳେ କେଉଁଠି ଆଉ
କେତେ ଆରିସା କାକେରା  ପିଠା ପଣା
ଆମ ପାଇଁ ଗଢି ଥାଉ
ଯାଇ ରଗଡା ସାଙ୍ଗକୁ ବେସର ବଟା ,
ଶାଗ ଖରଡ଼ା ମାନେ ପଡ଼େ ଆଜି ବୋଉ
ପରିବାରର ଶୁଭ ମନାସି
ସଞ୍ଜ ସଖାଳେ ଚଉଁରା ମୂଳେ ସଞ୍ଜବତୀ ନୀତି ଜାଳୁଥାଉ
ସନ୍ତାନର ମଙ୍ଗଳ ମାନସୀ
ଦିନଘଡି ଖାଲି ମହାପ୍ରଭୁ ପାଦେ ମଥା ତୁ ନୁଆଉଁ
ତୋ ସ୍ନେହ ଶରଧା ଖୋଜିଲେ ବି ,
ସଂସାରେ ନ ମିଳେ ଆଉ
ଧନ୍ୟ ତୋ ମମତା ଧନ୍ୟ ତୋ ବାତ୍ସଲ୍ୟ
ଯୁଗେ ଯୁଗେ ଶୋଭା ପାଉ
ନାହିଁ ତୁଳନା ତୋ ମମତାର ବୋଉ
ଜୀବନ ମୋ ସାର୍ଥକ ହେଉ
ତୋରି ଆଶିଷ ପଣତ କାନିର ଆଶ୍ରୟ,
ମୋ ଠାରେ ଚିର ରହିଥାଉ
ପିତାଙ୍କ ଆକଟ ପିତାଙ୍କ ଗାଳୀରୁ
ସବୁ ବେଳେ ତୁ ବଂଚାଉ
ତୋରି ଆଶୀସେ ଭଲ ମଣିଷଟେ ଆଜି
ତୁ ମୋର ସଦା ପୂଜନୀୟ ବୋଉ ।



# ସୁନା ଇଲିଶି



କମଳା ଶତପଥୀ

ଦରଜା ଠେଲି ଭିତରକୁ ପଶିଆସିଲ୍ ସୁପର୍ଣ୍ଣା । ଔପଚାରିକତା ରକ୍ଷା କରିବାକୁ ପଶିବା ପୂର୍ବରୁ ଅନୁମତି ମଧ୍ୟ ମାଗିଲ୍, ଯୋଉଥିପାଇଁ ଚମକ ପଡିଥିଲେ ତା'ର ବସ୍ - ଯତୀନ୍ ବାବୁ । ଆଶ୍ଚର୍ଯ୍ୟ .. ତାଙ୍କ କ୍ୟାବିନ୍‌କୁ ପଶିବାକୁ ସୁପର୍ଣ୍ଣା ପୁଣି ଅନୁମତି ମାଗୁଛି! ସୂର୍ଯ୍ୟ କ'ଣ ତାଙ୍କ ଅଜାଣତରେ ଏଇ ଭିତରେ ନିଜ ଗତିପଥକୁ ବଦଳେଇବାର ନିଷ୍ପତ୍ତି ନେଇଯାଇଛି କି କେବେ! ଯଦି ନୁହେଁ, ତାହାହେଲେ ଯୋଉଠି ବିନା ପଚର୍ ଉଚୁର୍‌ରେ ତାଙ୍କ ଜୀବନକୁ ପଶିବାର ଧୃଷ୍ଟତା କର୍‌ହୋଇ ସାରିଛି, ସେଠି ସାମାନ୍ୟ କ୍ୟାବିନ୍ ଭିତରକୁ ପଶିବାର ଅନୁମତି ମାଗିବାର ଔପଚାରିକତା କ'ଣ ପାଇଁ! ଏମିତିରେ ଦେଖିବାକୁ ଗଲେ ବିନା କାମରେ ବି ଦିନକୁ ଦଶ ଥର ପଶି ଆସିବାର ଅଧିକାର ତାକୁ ସେ ଦେଇ ସାରିଛନ୍ତି । ତାହାହେଲେ ଆଜି ଅବେଳରେ ଏତେ ପଚର୍ ଉଚୁର୍?

ଆତ୍ମତୃପ୍ତିର ହସଟିଏ ତାଙ୍କ ଓଠରେ ଖେଳେଇ ହେଇଗଲ୍ ସୁପର୍ଣ୍ଣାକୁ ଦେଖୁ ଦେଖୁ । ଏଇଟା ତାଙ୍କର ଭାଗ୍ୟ ଯେ ତା' ପରି ସୁନା ଇଲିଶିଟିଏ ଆପଣା ଛାଏଁ ଆସି ତାଙ୍କ ଜାଲରେ ଧର୍ ପଡିଯାଇଛି । ବିନା ପରିଶ୍ରମ, ବିନା ଖର୍ଚ୍ଚରେ ଯାହା ଚାହିଁଛନ୍ତି, ସାଙ୍ଗେ ସାଙ୍ଗେ ତା' ଠାରୁ ହାସଲ କରି ପାଇଛନ୍ତି । ଏଥିପାଇଁ ନିଜ ଉଚ୍ଚ ପଦକୁ ଧନ୍ୟବାଦ ଦେବେ କି ଦେବେ ତା' ଅସହାୟ ପଣକୁ, ସେକଥା ସେ କେବେ ଚିନ୍ତା କରିନାହାନ୍ତି । କିନ୍ତୁ ଏକଥା ସତ ଯେ ଆଜି ଯାଏଁ ଯେତେ ଇଲିଶି ଶୀକାର କରିଛନ୍ତି, ସୁପର୍ଣ୍ଣା ପରିକା ସୁନ୍ଦରୀ ଆଉ ବୋକି କେହି ଜଣେ ବି ନଥିଲେ । ହଁ, ବୋକି ନହେଇଥିଲେ ସେ କ'ଣ ଆଜି ପର୍ଯ୍ୟନ୍ତ ଅନୁସୂୟାଙ୍କ ତୀକ୍ଷଣ ନଜରରୁ ଲୁଚି ଏ ଖେଳ ଖେଳି ପାରିଥାନ୍ତେ! ଯେତେବେଳ ଯାହା କହିଛନ୍ତି ସେ, ବିନା ବାକ୍ୟ ବ୍ୟୟରେ ସେସବୁ ମାନିଯାଇଛି ସୁପର୍ଣ୍ଣା । କୌଣସି ବିଷୟକୁ ନେଇ ପ୍ରଶ୍ନ ଉଠାଇ ନାହିଁ । ଖାଲି ସେତିକି ନୁହେଁ, ଅନ୍ୟମାନଙ୍କ ପରି ଘରକୁ ନେଇଯିବାକୁ କି ବାହାହେବାକୁ ଜିଦ୍ଦି ମଧ୍ୟ କରିନାହିଁ । ଆଉ ଏହା ହିଁ ତ ତାଙ୍କ ପରି ବସ୍‌ମାନେ ସବୁବେଳେ ଚାହିଁଥାଆନ୍ତି!

ସହାସ୍ୟ ବଦନରେ ତାକୁ ସ୍ୱାଗତ ଜଣେଇ କହିଲେ, "ଆରେ ଆସ ଆସ, ତୁମ ଆସିବାକୁ ତ ଏ ଅଧମ ସାର୍ ଜୀବନ ଗୃହିଁ ବସିଛି, .."

କିନ୍ତୁ ଯେଉଁ ପ୍ରକାରର ପ୍ରତିକ୍ରିୟା ସୁପର୍ଣ୍ଣା ପାଖରୁ ସେ ଆଶା ରଖିଥିଲେ ସେପରି କିଛି ବି ପ୍ରତୀତ ହେଲା ନାହିଁ । ଅସମ୍ଭବ ପ୍ରକାରରେ ଗମ୍ଭୀର ଥିଲା ସେ, ଯୋଉଟା ତା ବ୍ୟକ୍ତିତ୍ୱର ଏକ୍‌ଦମ୍ ବିପରୀତ । ତାଙ୍କର ଲହୁଣୀ ମରା କଥାରେ ଆମୋଦିତ ହେଲା ନାହିଁ ସବୁଦିନ ପରି। ବରଂ ଆଣିଥିବା ଫାଇଲ୍‌ଟିକୁ ସମ୍ମୁଖସ୍ଥ ଟେବୁଲ ଉପରେ ଥୋଇ ଦେଇ 'କାମ ହେଇଯାଇଛି, ଚେକ୍ କରିନେବେ' କହି ବୁଲିପଡି ବାହାରକୁ ଗ୍ଲଲିଯିବାକୁ ଉଦ୍ୟତ ହେଲା । ଏମିତି ହଠାତ୍ ତାକୁ ଗ୍ଲଲିଯାଉ ଥିବାର ଦେଖି ହତଚକିତ ଯତୀନ୍ ବାବୁ ନିଜ ସିଟ୍‌ରୁ ଉଠିଆସି ତା' ଆଗରେ ଠିଆ ହେଇପଡିଲେ ଆଉ ଥର ଥର କମ୍ପୁଥିବା ତା'ର ହାତ ଦୁଇଟିକୁ ନିଜ ସୁଦୃଢ଼ ହାତମୁଠା ଭିତରେ ବନ୍ଦି କରି କହିଲେ, "କ'ଣ ହେଲା ସୁପର୍ଣ୍ଣା, ତୁମେ ଏତେ ଖାପ୍‌ଛଡା ଲାଗୁଛ ଯେ? ବିଗତ କିଛି ଦିନରୁ ମୁଁ ଦେଖୁଛି ମୋର କୌଣସି ପ୍ରଶ୍ନର ଉତ୍ତର ତୁମେ ଦେଉନାହଁ କି ମୋ ସହିତ କଫି ପିଇବାକୁ ବି ଆସୁନାହଁ । କଥା କ'ଣ, ରାଗିଛ କି ମୋ ଉପରେ? ଅଜାଣତରେ ଏମିତି କିଛି କଥା କହିଦେଇଛି କି ମୁଁ ତୁମକୁ, ଯାହା ତୁମ ଅନ୍ତରକୁ ବାଧିଛି? ... କାହିଁ, ସେପରି କିଛି କହିଥିବାର ମୋର ତ ମନେ ପଡୁନି । ତେବେ ଅନୁରୋଧ କରୁଛି, ଯଦି ସେପରି କିଛି କହିଥାଏ, ତାକୁ ମନରେ ଧରି ରଖିବନି । ଦୁନିଆ ପ୍ରକାରର ଟେନ୍‌ସନ୍ ଭିତରେ କେତେବେଳେ କ'ଣ ପାଟିରୁ ବାହାରି ଯାଉଛି, ମୋର ଧ୍ୟାନ ରହୁନି । ଯଦି.."

"ସେମିତି କିଛି ହେଇନି ସାର୍, ମିଛୁଟାରେ ଆପଣ ବ୍ୟସ୍ତ ହେଉଛନ୍ତି ।"

"ସାର୍ ..? ତୁମ ମୁହଁରୁ ଏ ସାର୍ ଡାକ କେବେ ଶୁଣିଲା ପରି ତ ଲାଗୁନି! ନିଶ୍ଚୟ କିଛି ଘଟିଯାଇଛି ଏଇ ଭିତରେ ଯାହା ମୁଁ ଜାଣିପାରି ନାହିଁ, ନହେଲେ ତୁମେ ଏପରି ବ୍ୟବହାର କରନ୍ତନି । ତୁମ ମନରେ ଯାହା ଅଛି କହିଦିଅ ସୁପର୍ଣ୍ଣା । ତୁମକୁ ମୋ ରାଣ .."

"ଓ ହୋଃ, କହିଲି ତ କିଛି ହେଇନି । କାହିଁକି ଅଯଥା କଥାରେ ମୁଣ୍ଡ ଖେଳୋଉଛନ୍ତି! ଯୋଉ ଫାଇଲ୍ ରେଡି କରିବାକୁ କହିଥିଲେ, ତାକୁ ମୁଁ ସାରିଦେଇଛି । ଯଦି ଆଉ କିଛି କାମ ଅଛି ତ କୁହନ୍ତୁ, ନହେଲେ ମୁଁ ଘରକୁ ଯିବାକୁ ଗ୍ଲହିଁବି ।"

"ହଁ ଅଛି, ତୁମ ସହିତ ଅର୍ଜେଣ୍ଟ ମିଟିଙ୍ଗ୍ ଅଛି ମୋର । ଏଇ ମୁହୂର୍ତ୍ତରେ । ସେ ଫାଇଲ୍ ବାଇଲ୍ କଥା ଛାଡ, ଗ୍ଲ ଆମେ ହୋଟେଲ୍ ସଙ୍ଗ୍ରୀଲାକୁ ଯିବା .."

"ସାର୍, ଘରେ ମା'ର ଦେହ ଭଲ ନାହିଁ । ଶୀଘ୍ର ଆସି ଡାକ୍ତର ପାଖକୁ ନେଇଯିବି ବୋଲି ମୁଁ ତାକୁ କହିଥିଲି । କନ୍ତୁ କାମ କରୁ କରୁ ଏତେ ଡେରି ହେଇଗଲାଣି । ଆପଣଙ୍କ ସାଙ୍ଗେ ସେ ହୋଟେଲ୍ ଫୋଟେଲ୍ ମୁଁ ଯାଇପାରିବି ନାହିଁ ।"

"ତାହାହେଲେ ଗ୍ଲ, ଆଗ ତୁମ ମା'ଙ୍କୁ ଡାକ୍ତର ପାଖକୁ ନେଇଯିବା ।"

"ଅଫିସରେ ଏମିତି ଆହୁରି କେତେ ମହିଳା କର୍ମଗ୍ଲରୀ ଅଛନ୍ତି, ଯୋଉମାନଙ୍କ ଘରେ କେହି ନା କେହି ବେମାର ଅଛନ୍ତି । ସେ ସମସ୍ତଙ୍କୁ କ'ଣ ଆପଣ ଡାକ୍ତର ପାଖକୁ ନେବାରେ ସାହାଯ୍ୟ କରିବେ? "

"ସମସ୍ତଙ୍କ କଥା ମୁଁ କାହିଁ କହିବାକୁ ଯିବି? ତୁମେ କ'ଣ ସମସ୍ତଙ୍କ ସହ ସମାନ? "

"କ'ଣ ଭିନ୍ନତା ଅଛି ତାହାହେଲେ? ଏଇଆ ଯେ ମୁଁ ଜଣେ ସ୍ୱାମୀ ପରିତ୍ୟକ୍ତା .. ଏକା ଏକୁଟିଆ ନଜ ସଂସାରର ବୋଝ ଉଠେଇବାକୁ ବାଧ ବୋଲି ଆପଣଙ୍କ ସବୁ ଅନୈତିକ ଦାବିକୁ ମାନବାକୁ ବାଧ ହୁଏ! ଯାହାର ସୁଯୋଗ ନେଇ ଶାରୀରିକ ମାନସୀକ, ଉଭୟ ସ୍ତରରେ ଆପଣ ମୋର ଶୋଷଣ କରିବାକୁ ତିଳେ ମାତ୍ର କୁଣ୍ଠା ବୋଧ କରନ୍ତିନ । ଏଇଆ ତ .."

"ଏମିତି କ'ଣ କହୁଛ ସୁପର୍ଣ୍ଣା? ମୋ ଭଲ ପାଇବାକୁ ତୁମେ ଶୋଷଣ କହିପାରୁଛ? ଆଜି କ'ଣ ହେଇଛି ତୁମର? "

"କଛି ନାହିଁ ସାର୍, କେବଳ ନଜ ସ୍ଥିତି ପରିଷ୍କାର କରୁଛି । ଆପଣଙ୍କ ପାଇଁ ଯାହା ଭଲପାଇବା, ତାହା ମୋ ପାଇଁ ଶୋଷଣ ବ୍ୟତୀତ ଆଉ କଛି ନୁହେଁ, ସେକଥା ଭଲ ଭ୍ବରେ ଆପଣଙ୍କୁ ଆଗରୁ ଜଣେଇ ଦେବାର ଥିଲା । ସତ କହିଲେ, ଆପଣଙ୍କ ଦୈହିକ କ୍ଷୁଧା ନବାରଣ କରିବାର ମାଧମ ମୁଁ ନହେଇଥିଲେ, ଆପଣ କ'ଣ ମୋ ପାଦ ତଳେ ସବୁ ପ୍ରକାରର ସୁବିଧା ସୁଯୋଗ ଏପରି ଗଦେଇ ପକେଇଥାନ୍ତେ! ମୁଁ ଯଦି ଆପଣଙ୍କ ନକଟତର ହେବାକୁ ମନା କରିଥାନ୍ତି, ତଥାପି ବି କ'ଣ ଆପଣ ମତେ ଭଲ ପାଇବା କଥା କହିଥାନ୍ତେ! ମୋ ମା'କୁ ଡାକ୍ତର ପାଖକୁ ନେଇଯିବାକୁ ଆଗଭର ହୋଇ ପଡିଥାନ୍ତେ! ... କୁହନ୍ତୁ ସାର୍, ନରବ କାହିଁକ ରହିଲେ! ସତ କରି ମତେ କୁହନ୍ତୁ, ଏସବୁ ଆପଣଙ୍କ ଭଲପାଇବା ନା ମୋ ଅନୈତିକ ସେବାର 'ରିଟର୍ଣ୍ଣ ଗିଫ୍ଟ'? "

"କ'ଣ ହେଉଛି ଆଜି ତୁମର ସୁପର୍ଣ୍ଣା? ଏମିତି ଓଲଟା ପୋଲଟା କଥା ତୁମେ କେମିତି କହିପାରୁଛ? ସତ କହିଲ, ମୋ ଠାରୁ ଭଲ ଆଉ କେହି ମିଳଗଲ୍ କି ତୁମକୁ? ନା, ମୋ ବିରୁଦ୍ଧରେ ତୁମ ଆଗରେ ବିଷୋଦ୍‌ଗାର କରି ଆମ ସଂପର୍କକୁ ଶେଷ କରିଦବାକୁ କେହି ଚେଷ୍ଟା କରିଛି? "

ହସିଦେଲ୍ ସୁପର୍ଣ୍ଣା । ଘଡିଏ ଗୃହିଁରହିଲ୍ ତା' ସମ୍ମୁଖରେ ଠିଆ ହେଇଥିବା ସମାଜର ସବଳ ଅଙ୍ଗର ଏକ ପ୍ରତିନିଧିକୁ, ଯିଏ ନାରୀକୁ କେବଳ ମାତ୍ର ଖେଳନା ଭାବି ଖେଳ ଖେଳିବାଟାକୁ ପୁରୁଷତ୍ୱର ଶ୍ରେଷ୍ଠ ପ୍ରଦର୍ଶନ ବୋଲି ଭାବେ । ପୁରୁଷ ରୂପରେ ଏହା ତା' ଅଧିକାରର ଅର୍ନ୍ତଭୁକ୍ତ ଭାବରେ କେହି ନକହିଲେ ବି ସେ ଗ୍ରହଣ କରିନେଇଛି । ସେ ଭାବୁଛି ସୁପର୍ଣ୍ଣାର ଏ ଅସନ୍ତୁଷ୍ଟତା କେବଳ ଏକ ବାହାନା ମାତ୍ର, ତାଙ୍କ ପାଖରୁ ଖସି ଅନ୍ୟ ପାଖରେ ବନ୍ଧାହେଇ ଯିବାକୁ ।

ଛି.. ଏମିତି ଗୋଟେ ଲୋକକୁ ପୁଣି ସେ ସର୍ବସ୍ୱ ଅର୍ପଣ କରିଦେଇ ପାରିଲ୍! ଭଲ ପାଇ ପାରିଲ୍! ଯାହା ପାଇଁ ଭଲ ପାଇବାର ଅର୍ଥ ହେଲ୍ କେବଳ ଦୈହିକ ଆବଶ୍ୟକତାକୁ ପୂରଣ କରିବା! ଅବଶ୍ୟ ସେ ପ୍ରଥମରୁ ଭଲକରି ଜାଣିଛି ଯେ ଏହାକୁ ଭଲ ପାଇବା କୁହାଯାଏନ । କିନ୍ତୁ କିଛି ଗୋଟେ କହି ମନକୁ ବୁଝେଇବାକୁ ପଡିବ ବୋଲି ଏ ସଂପର୍କକୁ ଭଲ ପାଇବାର ନାଁ ସେ ଦେଇ ଦେଇଛି, ଯୋଉଥିରେ କି ପରସ୍ପରକୁ ଭଲ ପାଇବାର ମାତ୍ରା ପୂରାପୂରି ଶୂନ୍ୟ । ତଥାପି ଆବଶ୍ୟକତାର ଡୋରରେ ବାନ୍ଧି ହୋଇଥିବା ସଂପର୍କକୁ ଛିଡେଇ ଦେବାର ସାହାସ କରିପାରିନି । ବରଂ ବାରମ୍ବାର ମନକୁ ବୁଝେଇଛି ଜୀବନ କାହାକୁ କେତେ ବାଟରେ, କେତେ ବାଗରେ ଦଉଡେଇ ନିଏ, ତାକୁ ବି ନେଉଛି । ଯତୀନ୍ ସାର୍‌ଙ୍କର ଏହି ଅନୁକମ୍ପା ବିନା ସମୟର ଗ୍ରେଡ଼ବାଲିରେ ସେ କୁଆଡେ ତଳେଇ ଯାଇଥାନ୍ତା, ତାହାର ହିସାବ ସେ କ'ଣ ନିଜେ ରଖି ପାରିଥାନ୍ତା! ସେଇଟା ଭିନ୍ନ କଥା ଯେ ସାର୍‌ଙ୍କର ଏହି ଅନୁକମ୍ପାର ବୋଝ ତଳେ ମାନସିକ ଅସୁସ୍ଥତାରେ ସେ ଏବେ ପ୍ରତିନିୟତ ଘାରି ହେଉଛି । ଛାତି ତଳେ ସୃଷ୍ଟି ହେଉଛି ଛୋଟ ବଡ ଅସଂଖ୍ୟ ଝଡ । ଆଖି ଆଗରେ ନାଚଯାଉଛି କାହାର କାନ୍ଦୁରା ମୁହଁ, ବାଷ୍ପରୁଦ୍ଧ କଣ୍ଠର ଅସ୍ପଷ୍ଟ କଥା ଆଉ ଘୃଣାରେ ବିକୃତ ହୋଇ ଯାଉଥିବା ମୁହଁ । ବିଗତ କିଛି ଦିନରୁ ସେ ମୁହଁ ତା ଅତୀତ ବର୍ତ୍ତମାନ ଆଉ ଭବିଷ୍ୟତ, ସବୁକୁ ଆବୋରି ବସିଛି । ସେସବୁକୁ ସେ ଭୁଲି ପାରୁନାହିଁ କି ଆଡେଇ ଯାଇ ଆଗକୁ ବଢ଼ି ଯାଇ ପାରୁନାହିଁ, ବରଂ ମାଛକଣ୍ଟାଟେ ତଣ୍ଟିରେ ଅଟକିଗଲା ପରି ଅଟକି ରହି ରୁଗୁରୁଗୁ ଯନ୍ତ୍ରଣା ଦେଉଛି । ସେଥିରୁ ବାହାରି ଆସିବାର ଚେଷ୍ଟାରେ ଲହୁଲୁହାଣ ହୋଇଗଲାଣି ଏତିକି ଦିନରେ, ହେଲେ ବାସନାର ଅଗ୍ନି ତାକୁ ଚତୁର୍ଦ୍ଦିଗରୁ ଏମିତି

ଘେରେଇ ରଖିଛି ଯେ ସବୁ ଚେଷ୍ଟା ଆପେ ଆପେ ଦୂରେଇ ଯାଉଛି ନିଜ ପାଖରୁ । ନଗୁହିଁ ବି ପୁଣି ପଶିଯାଉଛି ସେ ଅଗ୍ନିବଳୟ ଭିତରକୁ । କିନ୍ତୁ କେତେ ଦିନ! ଆଉ କେତେ ଦିନ ନିଜକୁ ପୋଡି ଜାଳି ଛାରଖାର କରିଗ୍ଲିଥିବ ସେ! ତାର କ'ଣ ମନ ବୋଲି କିଛି ନାହିଁ, ହୃଦୟ ବୋଲି କିଛି ନାହିଁ! ସବୁ ଖାଲି ଏଇ ଦେହ?

ବର୍ଷ ବର୍ଷରୁ ନିଜର ଅସହାୟତା ପାଦର ବେଡି ହୋଇ ତାକୁ ପିତୁଳା ସାଜି କଣ୍ଢେଇ ନାଚ କରିବାକୁ ବାଧ୍ୟ କରୁଛି । ନିଜ ଉପରେ ତା'ର ଗ୍ରଗ ଆସୁଥିଲା, ଘୃଣା ଆସୁଥିଲା, କାନ୍ଦ ବି ମାଡୁଥିଲା, ମାତ୍ର ଛାତି ଭିତରେ ସେସବୁକୁ ଗୁପି ରଖି ସେ ପୁଣି ଆଗେଇ ଆସୁଥିଲା ଜୀବନର ପ୍ରତିଟି କ୍ଷେତ୍ରରେ ହାରିଯାଇଥିବା ନିଜ ଅସ୍ତିତ୍ୱକୁ ବଞ୍ଚେଇ ରଖିବା ପାଇଁ । ସେଥିପାଇଁ ସେ ଆଶ୍ରା ନେଇଛି ସାର୍‌ଙ୍କର, ଆଉ ପ୍ରତିଟି ସୁଯୋଗର ସଦ୍‌ବ୍ୟବହାର କରିବା ବେଶ୍ ଭଲ ଭ୍ବରେ ଜାଣନ୍ତି ବୋଲି ସାର୍ ଆଜି କମ୍ପାନୀର ସର୍ବେସର୍ବା ।

ଏପର୍ଯ୍ୟନ୍ତ ବି ତା' ବାହୁକୁ ଜୋର୍ କରି ସେ ଭିଡି ଧରିଛନ୍ତି । ବ୍ୟାକୁଳତାର ଭ୍ବ ଭିତରେ ଭିତରେ ଲହଡି ମାରି ତାଙ୍କୁ ବିଚଳିତ କରିପକାଉଛି । ଏ ପ୍ରକାରର ବ୍ୟାକୁଳତାକୁ ସେ ବେଶ୍ ବୁଝେ । ଆଉ ବୁଝେ ବୋଲି ପ୍ରତି ଥର ନା ନା କରିବା ସତ୍ତ୍ୱେ ବି ଭ୍ବନାରେ ବହିଯାଏ । ସେ ଭଲ ଭ୍ବରେ ଜାଣେ ଏପରି ବହିଯିବାଟା ତା' ପାଇଁ କ୍ଷତିକାରକ । ଯତୀନ୍ ବାବୁ ପୁରୁଷ ଲୋକ, ଯାହା କଲେ ବି ସମାଜର ଚକ୍ଷୁଶୂଳ ସେ ହେବେ ନାହିଁ । ସବୁ ପ୍ରକାରର ବିପଦ, ସବୁ ପ୍ରକାରର ବଦନାମୀ ତାରି ପାଇଁ ସଜା ହୋଇ ରହିବ । ତଥାପି ବି ସେ ନିଜକୁ ନିୟନ୍ତ୍ରଣରେ ରଖିପାରେ ନାହିଁ । ଏକଥା ସତ ଯେ ଜଣେ ପୁରୁଷର ଆବଶ୍ୟକତାକୁ ପ୍ରତି ମୁହୂର୍ତ୍ତରେ ସେ ଅନୁଭବ କରେ । ଖାଲି ଖାଲି ଜୀବନରେ କିଛି ରୋମାଞ୍ଚ ଭରିବା ପାଇଁ ବେଳ ଅବେଳରେ ତା' ମନ ବି ଉଚ୍ଚାଟିତ ହୁଏ । କିନ୍ତୁ ଏକଥା ବି ସତ ଯେ ସମାଜର ଲକ୍ଷ୍ମଣରେଖା ଟପି ଯାଇ ନିଜ ଇଚ୍ଛା ସବୁକୁ ପୂରଣ କରିବାର ସ୍ୱପ୍ନ ସେ କେବେ ବି ଦେଖିନଥିଲା । ବରଂ ଏମିତି ଦିନମାନଙ୍କରେ ଆକାଶ ହିଁ ତାର ବେଶୀ ମନେ ପଡନ୍ତି ।

ତାଙ୍କ ପାଖରୁ ଅଲଗା ହେବାର ଯୁଗ ବିତିଗଲାଣି । ମାନସୀକ, ଶାରୀରିକ, ଆର୍ଥୀକ, ସବୁ ସ୍ତରରେ ଭୀଷଣ ବିପର୍ଯ୍ୟସ୍ତ ଅବସ୍ଥା ତାର । ହାତମୁଠାରୁ ଖସି ଯାଇଥିବା ସୁଖଶାନ୍ତିକୁ ପୁଣି ଥରେ ଗୋଟାଗୋଟି କରି ଜୀବନ ବଞ୍ଚିବାର ପ୍ରୟାସ କରିବା ଯେ କେତେ କଷ୍ଟକର, ଏକଥା କେବଳ ସୁପର୍ଣ୍ଣା ଜାଣେ । ପ୍ରତି ପଦକ୍ଷେପରେ ହତାଶା, ଲାଂଛନା, ଭିଡ ଭିତରେ ହଜିଯିବାର ଭୟ, ବେଶ୍ ଦିନ ପର୍ଯ୍ୟନ୍ତ ତାକୁ ଅନ୍ୟ ଏକ ସୁପର୍ଣ୍ଣାରେ ରୂପାନ୍ତରିତ କରି ଦେଇଥିଲା । ସେ

ଜାଣି ପାରୁନଥିଲା ତା' ଜୀବନର ଗତି କୋଉ ଆଡକୁ ଗଡି ଗ୍ଲଲିଛି । ଖାଲି ବଞ୍ଚିବା କଥା ବୋଲି ସେ ବଞ୍ଚି ଗ୍ଲଲିଥିଲା । ନଚେତ୍ ଜୀବନ ପ୍ରତି ବଞ୍ଚିବାର ମୋହ ତ କେଉଁ ଦିନୁ ଶେଷ ହୋଇସାରିଥିଲା!

ଦୁଇ ମୁଣ୍ଡରେ ଲାଗିଥିବା ନିଆଁରେ ଦ୍ରୁତ ବେଗରେ ସେ ଜଳ ଜଳ ନିଃଶେଷ ହେଇଯାଉଥିଲା ବେଳେ କାହାର କୋମଳ ସ୍ପର୍ଶ ଶ୍ରାବଣର ବାରିଧାର ସମ ତା' ଉତ୍ତପ୍ତ ଶରୀରକୁ ଥଣ୍ଡା କରିଦେଲା । ଆଶ୍ଚର୍ଯ୍ୟଚକିତ ଭାବ ନେଇ ସେ ନିଜକୁ ପରୀକ୍ଷା କରୁଥିଲା । ଏ କ'ଣ! ତା'ପାଇଁ ଏସବୁର ଆବଶ୍ୟକତା କ'ଣ ଏତେ ଜରୁରୀ ଥିଲା? ...

"କ'ଣ ଏତେ ଭାବୁଛ ସୁପର୍ଣ୍ଣା? ଜୀବନଟା କେବଳ ଭାବି ଗ୍ଲଲିଯିବାକୁ ତ ହେଇନାହିଁ! କିଛି କାର୍ଯ୍ୟରେ ରୂପାନ୍ତରିତ କରିବାକୁ ପଡେ ନିଜକୁ । ଗ୍ଲଲ, କିଛି ସମୟ ବାହାରେ ବୁଲିଆସିବା । ଭଲ ଲାଗିବ, ତୁମକୁ ବି ଆଉ ମତେ ବି .."

ବୁଲି ଗ୍ଲହିଁଲା ଯତୀନ୍ ବାବୁଙ୍କ କ୍ଷୁଧାତୁର ଦୃଷ୍ଟିକୁ । ବଡ ବ୍ୟାକୁଳ ହୋଇଉଠୁଥିଲେ ସେ । ନିଜର ଆବଶ୍ୟକତା ପୂରଣ କରିବାକୁ ଯେତେ ତଳ ପର୍ଯ୍ୟନ୍ତ ଯିବାକୁ ପଡିବ, ସେ ଯାଇପାରିବେ, ସେଥିରେ ବାଧା ଦେବାର ସାହାସ କେହି ବି କରିବେ ନାହିଁ । ସେ ପୁରୁଷ, ସମସ୍ତ ସ୍ୱାଧିନତା ତାଙ୍କ ହକ୍ । ସେ ନିଜେ ଜଣେ ନାରୀ, ସମାଜର ସବୁଠାରୁ ଅଲୋଡା ଚରିତ୍ର । ତା'ର ଦୁର୍ବଳ କାନ୍ଧ ଉପରେ ପୁରୁଷର ସମସ୍ତ ଆବଶ୍ୟକତାକୁ ପୂରଣ କରିବାର ଅନାବଶ୍ୟକ ଗ୍ଲପ । ସେପରି ଗ୍ଲପକୁ ଜନ୍ମରୁ ସହ୍ୟ କରିଆସୁଛି ସେ । ପିଲାବେଳୁ ଭାଇର ଭଲମନ୍ଦ ପାଇଁ, ତା' ପାଠ ପଢା ପାଇଁ, ବାପାଙ୍କ ସମ୍ମାନ ପାଇଁ, ବାହାଘର ପରେ ସ୍ୱାମୀର ଆବଶ୍ୟକତା ପାଇଁ ଆଉ ବିବାହ ବିଚ୍ଛେଦ ପରେ ଏକ ନାମବିହୀନ ସଂପର୍କ ପାଇଁ .. ପ୍ରତି କ୍ଷେତ୍ରରେ ସେ ହିଁ ବଳି ଚଢିଛି । ତା' ଭଲମନ୍ଦ, ତା'ର ମାନସମ୍ମାନ, ତା'ର ଆବଶ୍ୟକତା କେହି ଜଣେ ବି ଜାଣିବାର ପ୍ରୟାସ କରିନି କି ଜରୁରୀ ମଣିନି ।

ଗ୍ରାଜୁଏସନ୍ ପରେ ଆଗକୁ ପଢିବାର ତା'ର ଇଚ୍ଛା ଉପରେ ଅଙ୍କୁଶ ଏଇଥିପାଇଁ ଲଗେଇ ଦିଆଗଲା ଯେ ଭାଇକୁ ଇଂଜିନିୟରିଙ୍ଗ୍ ପଢିବାକୁ ଥିଲା । ଭାଇର ପ୍ଲସ୍ ଟୁ ରେ ନମ୍ବର ଅତ୍ୟନ୍ତ କମ୍ ଥିଲା, ତେଣୁ ଡୋନେସନ୍ ଦେଇ ସିଟ୍ ହାତେଇବାକୁ ପଡିଥିଲା ବାପାଙ୍କୁ । ସମ୍ବଳ ନଥିବା ସତ୍ତ୍ୱେ ବି ଧାର୍ କରଜ କରି ପୁଅକୁ ପାଠ ପଢେଇବାର ପର୍‌ମର୍ଶ ବୋଉ ଦେଇଥିଲା, ଯାହାକୁ ସହର୍ଷରେ ବାପା ମାନି ଯାଇଥିଲେ । କିନ୍ତୁ ସେପରି ପ୍ରୟାସ ସୁପର୍ଣ୍ଣା ପାଇଁ ବୋଉ କରିନଥିଲା।

ଝିଅ ପିଲାଟା, ପଢ଼ିକ କଣଟା କରିବ! ତେଣୁ ଅତି ଭଲ ନମ୍ବର ରଖିଥିବା ସତ୍ତ୍ୱେ ବି ପୋଷ୍ଟ ଗ୍ରାଜୁଏସନ୍ କରିବାର ସ୍ୱପ୍ନ ତା'ର ଅଧାରେ ରହିଗଲା । ପାଠରେ ଡୋରି ବାନ୍ଧି ବାପାଙ୍କ ସମ୍ମାନ ରକ୍ଷା କରିବାକୁ ବିନା ପ୍ରଶ୍ନରେ ଆକାଶଙ୍କ ପରି ଜଣେ ମଦ୍ୟପକୁ ବିବାହ କରିବାକୁ ସେ ରାଜି ହେଇଯାଇଥିଲା ଏଇଥିପାଇଁ ଯେ ଭାଇର ପାଠପଢ଼ାରେ କଛିଟା ସାହାଯ୍ୟ କରିଦେବାର ପ୍ରତିଶ୍ରୁତି ବାପାଙ୍କୁ ସେ ଦେଇଥିଲେ । କ ସାହାଯ୍ୟ କଲେ କ ନକଲେ ସେ କହିପାରିବ ନାହିଁ, କନ୍ତୁ ଟିକ ଟିକ କରି ଖାଇଗଲେ ସୁପର୍ଣ୍ଣାର ସବୁ ସ୍ୱପ୍ନ, ସବୁ ଆଶା ଆକାଂକ୍ଷା, ଉଚ୍ଚାଭିଳାଷକୁ ।

ପ୍ରତି କଥାରେ ଖାଲି ସାଲିସ୍ କରିବାକୁ ପଡିଥିଲା ସୁପର୍ଣ୍ଣାକୁ । ଆକାଶଙ୍କ ପାଖରେ ସବୁକଛି ଥିଲା, ଭଲ ଚାକରି, ବଂଶ ପରମ୍ପରା, ଘର ଗାଡି, ସମାଜରେ ନାଁ, ହେଲେ ନଥିଲା ତ କାହାକୁ ଭଲ ପାଇବାର ମନୋବୃତ୍ତି, ସମ୍ମାନ ଦେବାର ଶିକ୍ଷା ଆଉ ସ୍ତ୍ରୀକୁ ନିଜ ଜୀବନରେ ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଦେବାର ମାନସିକତା । ତଥାପି ସେ ଯମପୁରରେ ପାଞ୍ଚ ବର୍ଷ କାଟିଛି ସୁପର୍ଣ୍ଣା । ଗୁଡାଏ ଉପେକ୍ଷା, ଅନାଗ୍ରହ ଓ ଅପମାନକୁ ପାଟକନାରେ ଗୁଡେଇ ସଂସାରକୁ ସୁଖୀ ବୋଲି ବାରମ୍ବାର ଜଣେଇଛି । କେମିତି ନକରିଥାନ୍ତା ଯେ! ଯେତେ ଥର ବି ଆକାଶଙ୍କ ବିଷୟରେ କଛି ଅଭିଯୋଗ କରିବାକୁ ପାଟି ଖୋଲିଛି, ବାପା ବୋଉ ଦୁଇ ପଟରୁ ମାଡି ଆସିଛନ୍ତି ତା' ଆଡକୁ । "ସବୁବେଳେ ସ୍ୱାମୀ ନାଁରେ ଏତେ ଗୋଟେ ଅଭିଯୋଗ କାହିଁ କରିବାକୁ ଚାହୁଁ ତୁ ତୁ ଏମିତି କୋଉ ଶୁଦ୍ଧ ସୁବର୍ଣ୍ଣରେ ଧୁଆ ଯେ ଆକାଶର ଛୋଟ ଛୋଟ ଭୁଲ୍‌କୁ ବି ଧରି ବସୁଛୁ! "

'ଛୋଟ ଛୋଟ ଭୁଲ୍!!' ନିଜକୁ ପଚାରେ ସେ । ରାତି ଅଧରେ ଘରକୁ ମାତାଲ ହୋଇ ଫେରିବାଟା ଛୋଟ ଭୁଲ୍, ନା କଥାରେ କଥାରେ ହାତ ଉଠେଇ ପକେଇବାଟା ଛୋଟ ଭୁଲ୍! ବାହାର ଲୋକଙ୍କ ଆଗରେ ବେଇଜ୍ଜତ କରି ସ୍ତ୍ରୀକୁ ଘରୁ ବାହାର କରିଦବାଟା ବି କ'ଣ ଛୋଟ ଭୁଲ୍! ଯଦି ଏସବୁ ଭୁଲ୍‌କୁ ଛୋଟ ଧରାହେବ, ତେବେ ବଡ କ'ଣ? ତାକୁ ଆତ୍ମହତ୍ୟା କରିବାକୁ ବାଧ କରିବାଟା! ନା, ସେଇଟା ବି ବାପା ବୋଉଙ୍କ ପାଇଁ ଛୋଟ ହେଇପାରେ, କାରଣ ମାଇକନା ଝିଅଟା ବଞ୍ଚିକ କ'ଣ ଅଧିକା କରିପକେଇବ ଯେ ସେ ମରିଗଲା ବୋଲି ବାପା ବୋଉ ଛାତି ଫଟେଇ କାନ୍ଦିବେ । ନିଜର ଇଚ୍ଛା, ସ୍ୱପ୍ନ, ସମ୍ଭାବନା, ପରିକଳ୍ପନା ଠାରୁ ନିଜକୁ ଦୂରେଇ ନେବାକୁ ସେ ବାଧ ହୁଏ । ଧିରେ ଧିରେ ସମୟ ତାକୁ ବୁଝେଇ ଦେଇଛି ନିଜ ଇଚ୍ଛାରେ ଜୀବନକୁ ସବୁବେଳେ ଚାଲିହୁଏନା । ... ମରି ବଞ୍ଚନ୍ତୁ ହୁଏ ।

ହେଲେ ସେ ମରିବ କାହିଁକି! ତାର ଭୁଲ୍ କ'ଣ ରହିଲା! ଆକାଶଙ୍କ ହିସାବରେ ଶ୍ୱଶୁର ଘର ତାଙ୍କୁ ଠକଦେଲେ । ସୁପର୍ଣ୍ଣାକୁ ବାହାହୋଇ ତାଙ୍କୁ ଯୌତୁକ ତ କଛି ମିଳଲାନ, ଓଲଟି ଦିନେ ଦି'ଦିନରେ ସେମାନେ ହିଁ ଗ୍ଳଲି ଆସୁଛନ୍ତି ହାତ ପତେଇବାକୁ । ମାନୁଛନ୍ତି କଥା ଦେଇଥିଲେ ସେ କଛିଟା ଆର୍ଥୀକ ସାହାଯ୍ୟ କରିଦେବେ ବୋଲି । କନ୍ତୁ ଏ କ'ଣ! ସାହାଯ୍ୟ ଆଳରେ, ସେମାନଙ୍କୁ ପୋଷିବା ସାର ହେଇଗଲାଣି ତାଙ୍କର! ଦରମାର ଅଧା ଟଙ୍କା ଶ୍ୱଶୁରଘର ଆଡେ ଗ୍ଳଲିଯାଉଛି କୌଣସି ନା କୌଣସି ବାହାନାରେ । ତାହାହେଲେ ସେମାନେ ନଜେ ଚଳବେ କେମିତି!

ଆକାଶଙ୍କର ଏ ଅଭିଯୋଗ ନରର୍ଥକ ନୁହେଁ । ବାପା ସତରେ ଜୋଇଁ ଆଗରେ ହାତ ପତେଇ ଦିଅନ୍ତି । ମୁଣ୍ଡ ତଳକୁ ହେଇଯାଏ ସୁପର୍ଣ୍ଣାର । ଆକାଶଙ୍କ ଆଖିରେ ବିଦ୍ରୁପ । ପକେଟରୁ ଦୁଇ ତିନଟା ଶହେ ଟଙ୍କା କାଢ଼ି ଫୋପାଡିଲା ଭଳ ବଢ଼େଇ ଦିଅନ୍ତି ବାପାଙ୍କ ହାତକୁ । ଅପମାନରେ ବତୁରି ଉଠେ ସୁପର୍ଣ୍ଣା, ହେଲେ ବାପାଙ୍କୁ ମନା କରିପାରେନା ଏମିତି ଆସି ମାଗିବାକୁ କ ଆକାଶଙ୍କୁ କହିପାରେନା ଏପରି ବ୍ୟବହାର ନକରିବାକୁ । ଆଖିରୁ ଝରିଆସେ ବଡ ବଡ ଲୁହ ଠୋପା । ଆକାଶ ବାପାଙ୍କୁ ନୁହେଁ, ବାପାଙ୍କ ଆଳରେ ତାକୁ ହି ଅପମାନତ କରିଥାନ୍ତି । ସେ ଯେ ସୁପର୍ଣ୍ଣାକୁ ବାହାହେଇ ତା' ପ୍ରତି, ତା' ପରିବାର ପ୍ରତି କରୁଣା କରିଛନ୍ତି, ସେକଥା ଦେଖେଇ ହୁଅନ୍ତି । ସତରେ, ପକେଟରେ ପଇସା ଥିଲେ, ମଣିଷର ବ୍ୟବହାର ଅଲଗା ପ୍ରକାରର ହୋଇଯାଏ ।

କଥାରେ କଥାରେ ଆକାଶ ସବୁବେଳେ ତାକୁ କୁହନ୍ତି ସୁପର୍ଣ୍ଣା ପରିକା ଗାଉଁଲି ଝିଅ ଯିଏ ନା କ୍ଳବରେ ନାଚପାରେ, ନା ବସ୍‌କୁ ଖୁସି କରିବାର ସାଧନ ସାଜିପାରେ, ଆଜିକାର ସ୍ୱମୀ ପାଇଁ ଗୋଟିଏ ମସ୍ତବଡ ବୋଝ । ଏ ବୋଝକୁ କେବଳ ପାଦ ତଳେ ରଖିହୁଏ, ନଜ ସମାସ୍କନ୍ଧ ଭାବେ ସ୍ୱୀକାର କରିହୁଏନା ।

ନଜର ସ୍ଥିତିକୁ ନେଇ ପ୍ରଶ୍ନ କରେ ସୁପର୍ଣ୍ଣା । ସେ କ'ଣ ସତରେ ଏକ ବୋଝ! ଯାହାକୁ ବାପା ଲଦିଦେଲେ ଆକାଶଙ୍କ ଉପରେ, ଆଉ ଆକାଶ ଖୋଜି ବୁଲୁଛନ୍ତି ମଉକା ଆଉ କାହା ଉପରେ ଲଦିଦେବାକୁ! ଏଇ ହେଉଛି ତା' ସ୍ଥିତି! ଯାହାକୁ ବିନା କାରଣରେ ସେ ଭୋଗି ଗ୍ଳଲିଛି । ଶ୍ୱାସରୁଦ୍ଧ ହେଇଆସେ ତାର । ନଜ ପାଇଁ ଦୟା ହୁଏ । ତା' ଜୀବନ ତା' ସହମତି ବିନା କାହିଁ ଆଗକୁ ଘୁସୁରି ଘୁସୁରି ଗ୍ଳଲୁଥିବ, କାହିଁ ଏ ସ୍ଥିତି ବିରୁଦ୍ଧରେ ବିଷୋଦ୍‌ଗାର କରିବନ ସେ! ଥରେ ସମ୍ମାନର ସହିତ ବଞ୍ଚିବାର ଚେଷ୍ଟା କ'ଣ ସେ କରି ପାରିବନ! ବିଶେଷ ପାଠ

ନପଢ଼ିଥିଲେ ବି ଗ୍ରାଜୁଏଟ୍ ତ, ସେତିକରେ କ'ଣ ମୁଣ୍ଡ ଉଠେଇ ଦିଗ୍‌ବଳୟକୁ ଗ୍ଚହିଁହେବନି! ନିଶ୍ଚୟ ହେବ, ସେ ଖାଲି ସାହାସ କରିବା ଦରକାର । ଦୟା ଆଉ ପ୍ରବଞ୍ଚନାର ଜୀବନ ଠାରୁ ଦୂରକୁ ଯାଇ ପ୍ରତିଟି ପାହାଚରେ ସଫଳତାକୁ ଭେଟିବାର ପ୍ରୟାସ କରିବା ଦରକାର । ସେ ଗ୍ଚକରି କରିବ । ହଁ, ହଁ, ଆର୍ଥୀକ ରୂପରେ ସ୍ୱତନ୍ତ୍ର ହେବା ପରେ ହିଁ ଜଣେ ମଣିଷ ପଦବାଚ୍ୟ ହୁଏ । ଆଉ ସେ ପ୍ରଥମେ ସେହି ପଦ ପାଇବାକୁ ଗ୍ଚହେଁ ।

ନାରୀର ପ୍ରଥମ ଆବଶ୍ୟକତା କ'ଣ ହେବା ଦରକାର? ମନକୁ ମନ ପ୍ରଶ୍ନ କରେ ସେ । ଆତ୍ମନିର୍ଭରଶୀଳ ହେବା ପାଇଁ ଗ୍ଚକରି ନା ସୁରକ୍ଷୀତ ରହିବା ପାଇଁ ବୈବାହିକ ଜୀବନ! ଏକଥା ସତ ଯେ ତା' ପରିସ୍ଥିତିରେ ଗୋଟାଏକୁ ବାନ୍ଧି ରଖିବାର ଚେଷ୍ଟାରେ ଅନ୍ୟଟିକୁ ହରେଇବାକୁ ପଡିବ । ତେବେ କୋଉଟା ରଖିବ ଆଉ କୋଉଟା ଛାଡିବ, ତାହାର ନିର୍ଣ୍ଣୟ ତାକୁ କରିବାକୁ ପଡିବ ।

କରିଥିଲା .. ଆକାଶଙ୍କୁ ଛାଡିଦେବାର । ବାପା ବୋଉ ଆଶ୍ଚର୍ଯ୍ୟ ଆଉ ଅବିଶ୍ୱାସରେ ତାକୁ ଗ୍ଚହିଁ ରହିଗଲେ । ସେ କ'ଣ ପାଗଳ ହୋଇଯାଇଛି ଏଇ ଭିତରେ! ଏତେ ସୁଖ ସମୃଦ୍ଧିକୁ ଏମିତି ଗୋଇଠା ମାରି ପାରେ କି କେହି! ହଁ, କରିପାରେ, ସୁପର୍ଣ୍ଣା ପରିକା ମୂର୍ଖ, ଅଦୂରଦୃଷ୍ଟି ସଂପନ୍ନ ଝିଅ ହିଁ ଏମିତି କରିପାରେ, କହିଥିଲେ ବାପା ଭାଇ ସାଙ୍ଗସାଥୀ ସାହିପଡିଶା, ଆଉ ନିଜେ ଆକାଶ ବି । ଅପମାନରେ ଜଳି ଉଠିଥିଲେ । କୋଉ ସାହାସରେ ସୁପର୍ଣ୍ଣା ଏ ନିର୍ଣ୍ଣୟ ନେଇଗଲା! କ'ଣ ଅଛି ତା' ପାଖେ, ଯାହାର ତୋଡ ଦେଖେଇ ଛାଡପତ୍ର ପାଇଁ ଆବେଦନ କରିଦେଲା । ନା, ସେ ତାକୁ ଛାଡିବେ ନାହିଁ । ଏତେ ସହଜରେ ଜିତିଯିବାକୁ ଦେବେ ନାହିଁ । ତାଙ୍କ ପୁରୁଷତ୍ୱ ଉପରେ ଆଘାତ କରିଛି ସୁପର୍ଣ୍ଣା । ତାହାର ଫଳାଫଳ ଭଲ ହେବନାହିଁ ।

କିନ୍ତୁ ସବୁ ଗର୍ଜନ ତର୍ଜନ ମାଡଗାଳି ପ୍ରଭାବହୀନ ରହିଲା । ସୁପର୍ଣ୍ଣା ନିରବରେ ସେ ଯମପୁରୀ ଛାଡି ବାହାରି ଆସିଲା । ବାପାଙ୍କ ଦ୍ୱାର ତା' ପାଇଁ ଖୋଲା ରହିବ ନାହିଁ, ସେ ଜାଣିଥିଲା । ସେ ଦ୍ୱାରର ଆଶା ମନରେ ସେ ରଖି ହି ନଥିଲା ପ୍ରଥମରୁ । ଯୋଉ ପଦକ୍ଷେପ ସେ ନେଇଛି, ସେଥିରେ କାହାର ସାହାଯ୍ୟ ନୁହେଁ, ବରଂ ସମସ୍ତଙ୍କ ଅପମାନ ମିଳିଥାଏ । ତାକୁ ବି ମିଳିଥିଲା। କେତେ କିଏ ଆସି କ'ଣ କ'ଣ ସବୁ କହିଗଲେ, ଆଉ ମନେ ପଡେ ନାହିଁ । ସତ କହିବାକୁ ଗଲେ ସେସବୁ ସେ ଭୁଲିନାହିଁ ସତ, ହେଲେ ମନରେ ଜାବୁଡି ଧରି ଜୀବନକୁ ନର୍କରେ ପରିଣତ କରିଦବାକୁ ବି ଗ୍ଚହିଁନାହିଁ । ସେ ଆଗକୁ ବଢ଼ିବ, ଏତେ ଆଗକୁ ଯେ ତା' ଆଖପାଖର ଲୋକେ ତାକୁ ମୁଣ୍ଡ ଉଠେଇ ଗ୍ଚହିଁବାକୁ ବି ଭୟ କରିବେ ।

ଆକାଶଙ୍କ ସହିତ ବାହାଘର ପଡିଲା ବେଳେ ବଡ ନେହୁର୍ ହେଇଥିଲା ସୁପର୍ଣ୍ଣା ବୋଉ ଆଗରେ, ଆଗକୁ ପଢ଼ିବାକୁ ନଦେଲେ ନାହିଁ, କମ୍ ସେ କମ୍ ବର୍ଷେ ଦି' ବର୍ଷ ପାଇଁ ଚାକିରି କରିବାକୁ ତ ସୁଯୋଗ ମିଳୁ! ନିଜ ଗୋଡରେ ଠିଆ ହେବାର ଆନନ୍ଦ କ'ଣ, ସେକଥା ଅନୁଭବ କରିବାର ସୌଭାଗ୍ୟ ତ ମିଳୁ! କିନ୍ତୁ ବ୍ରେକ୍ ଠୋକ୍ ଶବ୍ଦରେ ବାପା ଜଣେଇ ଦେଇଥିଲେ, "ଆମ ଘରର ଝିଅବୋହୂ ଏରୁଣ୍ଡି ଟପି ବାହାର ଦୁନିଆରେ ଉଡି ବୁଲନ୍ତିନି!"

'ଉଡି ବୁଲନ୍ତିନି ..!' କଥାଟା ଛାତିରେ ଶକ୍ତ କଣ୍ଟାଟିଏ ହୋଇ ଗଳିଗଲା ଯେ ଗଲା, ସବୁଦିନ ପାଇଁ ତା' ଜୀବନରେ ଘର କରି ରହିଗଲା । ଉଡି ବୁଲିବା ତ ଦୂରର କଥା, ଦୁଇ ଖୋଜ ନିଜ ଗୋଡରେ ଚାଲିବାର ସାମର୍ଥ୍ୟ ବି ରହିଲାନି । ଦେଖିବା ଲୋକେ କହିଲେ, ସେ ଭଗ୍ୟମତୀ । କୋଉ ଘରର ଝିଅ ହେଇ କୋଉଠି ଯାଇ ପହଞ୍ଚିଗଲା! ପିଲାଦିନେ ଶୁଣିଥିବା ଗୋବର ଗୋଟେଇ ଝିଅକୁ ରାଜପୁଅ ଦେଖି ଲୋଭେଇଗଲା ପରି ଥିଲା ତା' ନିଜ କାହାଣୀ । ହେଲେ ଦୁଇଟା ଦିନରେ ସେ ରାଜମହଲରୁ ମନ ଛାଡିଆସିଲା ତା'ର । ଯାହାର ପତ୍ନୀ ହୋଇ ଦୁନିଆ ଆଖିରେ ସମ୍ମାନିତ ହେଲା, ମାନସୀକ ସ୍ତରରେ ସେ ଯେ ଏତେ ବିକୃତ ଚିନ୍ତାଧାରୀ ହୋଇପାରିବ, ସେକଥା ମୋଟେ କଳ୍ପନା କରିନଥିଲା । ପୁରୁଷ ଅହଂଟା ଆକାଶଙ୍କ ପାଖରେ ଟିକିଏ ଅଧିକ ରହିଥିଲା ବୋଧେ, ଯାହାକୁ ବେଳ ଅବେଳରେ ପ୍ରଦର୍ଶୀତ କରିବାକୁ ସେ ମୋଟେ ଭୁଲନ୍ତିନି । ଆଉ ସେଇଟା ହିଁ ସମ୍ଭାଳି ପାରେନି ସୁପର୍ଣ୍ଣା । ନିଜ ପରିସ୍ଥିତି ପାଇଁ ଆଖିରୁ ଲୁହ ଗଡିଯାଏ । ମନେ ମନେ ଶପଥ ନିଏ, ରାସ୍ତାରେ ବସି ଭିକ ମାଗିବ ପଛେ, କେବେ ଆକାଶଙ୍କ ଦୁଆରକୁ ଫେରି ଆସିବ ନାହିଁ ।

ହେଲେ ଏତେ ସହଜ ନଥିଲା ପ୍ରତିଶ୍ରୁତିକୁ ପାଳନ କରିବା । ପ୍ରତି ପଦକ୍ଷେପରେ ବିପଦ ଆଁ କରି ରହିଁ ବସିଥିଲା ଗିଳି ପକେଇବାକୁ । ଯୋଗ୍ୟତା ବଳରେ ଚାକିରି ପାଇବାକୁ ପ୍ରତିକ୍ଷୀତ ଅଗଣୀତ ପ୍ରାର୍ଥୀମାନଙ୍କ ଭିତରେ ଠିଆ ହୋଇ ନିଜ ନମ୍ବର ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାର ଶେଷ ପରିଣତି କ'ଣ ହେବ, ତାକୁ ଜଣାଥିଲା । ତେଣୁ ପାଠର ସାର୍ଟିଫିକେଟ୍‌କୁ ବାହାର କରିବା ଅପେକ୍ଷା ରୂପର ସାର୍ଟିଫିକେଟ୍‌କୁ ସେ ଆଗକୁ ବଢ଼େଇ ଦେଇଥିଲା, ଯାହାଫଳରେ ଚାକିରି ପାଇ ତ ଗଲା, ହେଲେ ସେ ସାର୍ଟିଫିକେଟ୍‌କୁ ଶୀଘ୍ର ବ୍ୟବହାରରେ ଲଗେଇବାକୁ ତା' ଉପରେ ବାରମ୍ବାର ଚାପ ପ୍ରୟୋଗ ହେଲା । ନଚେତ୍ ଚାକିରି ଶେଷ ହେବାର ସମ୍ଭାବନାକୁ ସେ ଦେଖିପାରିଲା ।

ସେ ଯେ ଏ ବିଷୟରେ ଭାବିନଥିଲା, ସେକଥା ନୁହେଁ । ତେବେ ଉପାୟ କିଛି ନଥିଲା । ଏକା ଏକୁଟିଆ ଚାଲିବାକୁ ହେଲେ ଜୀବନ ସହ ଏତିକି ପ୍ରତାରଣା ତ କରିବାକୁ ପଡିବ । ପ୍ରଥମେ ତାକୁ ନିଜ ଗୋଡରେ ଠିଆ ହେବାକୁ ଅଛି, ତା'ପରେ ଦେଖିବ ମାନସମ୍ମାନ କଥା । କିନ୍ତୁ ନିଜ ଗୋଡରେ ଠିଆ ହେଉ ହେଉ ସେ ଯେ ଯ୍ଯା ଭିତରେ ସାତ ତାଳ ପାଣି ଭିତରକୁ ପଶି ପଶି ଯାଉଛି, ତାହାର କ'ଣ ହେତୁ ନଥିଲା? ଥିଲା, କିନ୍ତୁ ସତ କହିବାକୁ ଗଲେ ପରିସ୍ଥିତି ତାକୁ ବାଧ୍ୟ କରୁଥିଲା ଅନ୍ୟ ବାଟରେ ଦଉଡିବାକୁ । ଆଉ ଆଖିବୁଜି, ପଡିଉଠି ସେ ଖାଲି ସେଇ ବାଟରେ ଦଉଡି ଚାଲିଲା ଯେପର୍ଯ୍ୟନ୍ତ ତାକୁ କେହି ଆଙ୍ଗୁଠି ଦେଖେଇ ନଥିଲେ ।

ଅନ୍ୟ କେହି ହେଇଥିଲେ ସେ ହୁଏତ ଚମକି ନଥାନ୍ତା, କିନ୍ତୁ କଲା ତ କଲା, ସେଇ ଭାଇ ହିଁ କଲା, ଯିଏ ଥିଲା ତା'ର ସବୁ ବିପର୍ଯ୍ୟର ମୂଖ୍ୟ କାରଣ! ସତରେ କେମିତି ଭାଗ୍ୟ ନେଇ ସେ ଜନ୍ମ ହେଇଥିଲା କେଜାଣି! ବାପା କହିଥିଲେ, ଭାଇ ଭଲକି ପାଠ ପଢ଼ିଦଉ, ଘରର ସବୁ ଦାୟିତ୍ୱ ହସି ହସି ଉଠେଇ ନେବ ସେ! ତୋ' ଉପରେ କିଛି ବି ବୋଝ ପଡିବ ନାହିଁ ।

ମାତ୍ର ଭାଇ ପାଠ ପଢ଼ିଲା କି ନପଢ଼ିଲା, ଠାକୁରେ ଜାଣିଥିବେ, ତେବେ ସେଇ ପାଠର ଆଳ ନେଇ ମୂର୍ଖ ବାପାମା'ଙ୍କ ଠାରୁ ଆଗ ଦୂରେଇଗଲା ଚାକିରି ପାଉ ପାଉ । ଚାକିରି ପାଇବା ପୂର୍ବରୁ ନିଜ ପାଇଁ ସେ ସହରୀ ପତ୍ନୀଟିଏ ବି ଯୋଗାଡ କରିନେଇଥିଲା ଯିଏ ଗାଁରେ ଆସି ଚଳିବା ସମ୍ଭବ ନଥିଲା, ତେଣୁ ଆସୁ ଆସୁ ସେ ବି ତା' ସହିତ ସହରକୁ ଚାଲିଗଲା । ସୁପର୍ଣ୍ଣାର କିଛି କହିବାର ଅଧିକାର ନଥିଲା, କିନ୍ତୁ ସେମାନଙ୍କ ବୋଝ ଉଠେଇବାର ଅଧିକାର ଥିଲା, ଯାହାକୁ ବିନା କୌଣସି ପ୍ରଶ୍ନରେ ସେ କେତେବେଳେ ନିଜ କାନ୍ଧ ଉପରକୁ ଉଠେଇ ନେଇଥିଲା, ଜଣାନାହିଁ । ବୋଉ ଅବଶ୍ୟ ଇଚ୍ଛା କରୁନଥିଲା ତା' ପାଖରେ ରହି ତାର ଦୁଃଖ ବଢ଼େଇବାକୁ, କିନ୍ତୁ ବାପା ଯୁକ୍ତି କରିଥିଲେ, "ଆଜିକାଲି ପୁଅ କ'ଣ, ଝିଅ କ'ଣ! ବାପାମା'ଙ୍କ ପାଇଁ ଉଭୟେ ସମାନ । ବୟସ୍କ ବାପାମା'ଙ୍କ ଦାୟିତ୍ୱ ଉଭୟଙ୍କର । ଯାହାର ସୁବିଧା ସୁଯୋଗ ଅଛି, ସେ ସେହି ଦାୟିତ୍ୱ ତୁଲେଇବ । ଏଥିରେ ଖରାପ କାହିଁ ଲାଗିବ! "

ସେ ତୁଲେଇଲା, ନିଜ ପାରୁପର୍ଯ୍ୟନ୍ତ ତୁଲେଇ ଚାଲିଲା । ହେଲେ ଦିନେ ଝଡ ବେଗରେ ଭାଇ ଆସି ପହଞ୍ଚିଗଲା ଘରେ । ବାପାଙ୍କ ଆଗରେ କର୍କଶ ସ୍ୱରରେ କହିଲା, "ଅପାର କାରନାମା କଥା କିଛି ଶୁଣିବାକୁ ମିଳିଲାଣି ନା ନାହିଁ । ଗୋଟେ ବୁଢ଼ା ସାଙ୍ଗରେ ଲଟର ପଟର ହେଇ ସହରରେ ଚହଳ ପକେଇ ଦେଇଛି । ଘରର ଇଜ୍ଜତ ମହତ ବାଟରେ ପକାଉଛି । ସେଥିକୁ କ'ଣ ତୁମର କିଛି ନିଘା ନାହିଁ? "

କେମିତି ଏକ ମୁହଁ କରି ବାପା ତା' ଆଡକୁ ଗ୍ଳହିଁଲେ ଘଡିଏ । ଆହୁରି ଜୋରରେ ପାଟି କରିଉଠିଲା ଭାଇ । ଭିତର ଘରେ କାଗଜପତ୍ର ସଜାଡୁଥିବା ସୁପର୍ଣ୍ଣାର ଗୋଡ ତଳୁ ମାଟି ଧସିକି ଗଲା ସତେ କି! ଏସବୁ ଖବର ଭାଇ କାନରେ କେମିତି ପଡିଲା? ହାଣି ଦେବେ ବାପା ନିଶ୍ଚୟ ଆଜି ତାକୁ । କାନ୍ଦିକାଟି ମୂର୍ଚ୍ଛା ଯିବ ବୋଉ । ଯା ପରେ ସବୁ କିଛି ଶେଷ ହେଇଯିବ ।

କିନ୍ତୁ ସେମିତି କିଛି ବି ହେଲାନାହିଁ । ସବୁ ଜାଣିଲା ପରି ବାପା ଚୁପ୍‌ଚାପ୍ ବସି ହସୁଥିଲେ । ଗର୍ଜନ ତର୍ଜନ କରି ଘର କମ୍ପାଉଥିବା ଭାଇକୁ ଚୁପ୍ କରେଇ କହିଲେ, “କାହିଁ ଅଯଥା ପାଟିଗୁଡା କରୁଛୁ? କଣଟା ଏମିତି କରିଦେଲା ଯେ ଏତେ ଗୋଟେ ଚିତ୍କାର କରୁଛୁ? ମୁଠା ମୁଠା ଟଙ୍କା ଆଣୁଛି ଯେତେବେଳେ, କାହାକୁ ନା କାହାକୁ ତ ହାତମୁଠାରେ କରିବାକୁ ହିଁ ପଡିବ .. ଯଦି ତା' ଭାଗ୍ୟରେ ବୁଢ଼ାଟିଏ ଲେଖାଥିଲା, ପାଇଲା, ଏଥିରେ ଉତ୍ୟକ୍ତ ହେବାର କ'ଣ ଅଛି!” ବଡ ଅଜବ ଶୁଭିଥିଲା କାନକୁ କଥାଟା । ବାପାଙ୍କ ରାଗ ପାଇଁ ମନରେ ଭୟ ଥିଲା, କିନ୍ତୁ ତା' ଠାରୁ ଅଧିକ ଭୟ ଲାଗିଲା ବାପାଙ୍କ ମୁହଁର ହସ ।

ପିଲା ଦିନରୁ ସେ ତାଙ୍କ ମୁହଁର ହସକୁ ସହିପାରେ ନାହିଁ । ମନେ ପଡିଯାଏ ନିଜ ପ୍ରତି ହୋଇଥିବା ସବୁ ପ୍ରକାରର ଅନ୍ୟାୟ ଅବିଗ୍ଳରର କଥା । ଏ ହସ, ଖୁସି କି ଆତ୍ମସନ୍ତୋଷର ନୁହେଁ । ବରଂ ସ୍ୱାର୍ଥ୍ୟର । ଯୋଉ ସ୍ୱାର୍ଥ୍ୟର ଚରିତାର୍ଥ ପାଇଁ ସବୁ ଜାଣିଶୁଣି ବି ସେ ଚୁପ୍ ରହିଛନ୍ତି । ଭାଇକୁ ଆକଟ କରିବାର ସାହାସ ନାହିଁ ଯେତେବେଳେ ସୁପର୍ଣ୍ଣାର ଭୁଲ୍‌କୁ ଆଙ୍ଗୁଠି ଦେଖେଇବେ କେମିତି! ହୁଏତ ଭାବୁଥିବେ ଯା ଛଡା ସେ ଆଉ କରିପାରିବ ବା କ'ଣ! ସେମାନଙ୍କ ଖର୍ଚ୍ଚ ସେ ଉଠେଇବ କିପରି?

ହଁ, ସୁପର୍ଣ୍ଣା ଠିକ୍ ସେଇ କଥା ଭାବି ହିଁ ଏମିତି ପଥରେ ଆଗେଇଛି । ତା' ପାଇଁ ଜୀବନଟା ଏକ ଅଗ୍ନିକୁଣ୍ଡ, ଯାହା ଭିତରକୁ ବାଧ୍ୟବାଧକତାରେ ତାକୁ ଲମ୍ଫ ଦେବାକୁ ପଡିଛି । ହେଲେ ସେସବୁ ଜଣେଇବାର ସମୟ ଏଇଟା ନୁହେଁ ଭାବି ସେ ଚୁପ୍ ରହିଯାଇଛି । ସେମାନଙ୍କ ଉପରେ ରାଗ ନୁହେଁ, ବରଂ ଦୟା ହୁଏ ତା'ର । କିନ୍ତୁ ସେକଥାକୁ ଭାଇ କେବେ ବୁଝିବାକୁ କ'ଣ ଗ୍ଳହିଁଛି? ଏତେ ବଡ ଗ୍ଳକିରି ତ ସେ କରିନାହିଁ, ଯାହାର ଦରମାରେ ବାପାଙ୍କର ସବୁ ସଉକ ସହିତ ବୋଉର ରୋଗ ବଇରାଗର ଉପଯୁକ୍ତ ଚିକିତ୍ସା ହୋଇପାରିବ । ତାହାହେଲେ ଉପାୟ?

ଉପାୟ ହେଲା ଯତୀନ ସାର୍‌ଙ୍କର ସବୁ ଅନୈତିକ ଦାବିର ପୂରଣ । କେବଳ ସେଇଥିରେ ହିଁ ସବୁକଛି ସୁଗ୍ଗୁରୂପେ ଗ୍ଭଲିପାରିବ । ତେଣୁ ଖରାପ ଲାଗୁ ଅବା ଭଲ, ତାକୁ ଯତୀନ ସାର୍‌ଙ୍କ କ୍ୟାବିନ୍ ଭିତରକୁ ଯାଇ ଘଣ୍ଟା ଘଣ୍ଟା ବସି ରହିବାକୁ ପଡିବ, ତାଙ୍କର ଅଶ୍ଳୀଳ ଇଙ୍ଗୀତକୁ ସହିବାକୁ ପଡିବ, ଆଉ ଅଫିସ୍ ଛାଡିଲା ପୂର୍ବରୁ ତାଙ୍କ ଦେହର ଭୋକକୁ ମାରିବାକୁ ପଡିବ । ତା'ପରେ ଆଗାମୀ ଦିନ ପାଇଁ ସବୁ ଜଞ୍ଜାଳକୁ ସାଇତି ଦେଇ ଘରକୁ ଫେରିବ ସେ । ଘର ବି ଏମିତି, ଯୋଉଠି ପହଞ୍ଚିଲା ପରେ ନଜ ପାଖରେ ନଜେ ଅପରିଚିତ ହୋଇଯାଏ ସେ ।

ପ୍ରଥମେ ପ୍ରଥମେ ଏସବୁ ଭରି ଖରାପ ଲାଗୁଥିଲା । ପାପ କରୁଥିବାର ବୋଧ ତଳେ ବତୁରି ଯାଉଥିଲା ତା' କ୍ଷୁଦ୍ର ବ୍ୟକ୍ତିତ୍ୱ । ଅବିରତ ନଃଶବ୍ଦ ବିସ୍ଫୋରଣରେ ଦୋହଲି ଯାଉଥିଲା କଅଁଳ ଛାତିର ଦୁର୍ବଳ ପରିଧି, ହେଲେ ଏବେ ଦେହସୁହା ହେଇଗଲାଣି । ସତ କହିବାକୁ ଗଲେ ଏବେ ଆଉ ଏସବୁ ପାପ ବୋଲି ଲାଗେନାହିଁ, ବରଂ ଲାଗେ ବଞ୍ଚିବାର ଆବଶ୍ୟକତା । ସାର୍‌ଙ୍କ ପାଇଁ ଶରୀରର ଭୋକକୁ ମାରିବାର ଆବଶ୍ୟକତା ଥିଲା ବେଳେ ତାକୁ ମାରିବାକୁ ଥିଲା ପେଟର । ପରସ୍ପରର ସାହାଯ୍ୟ ନେଇ ସେମାନେ ଜୀବନ ବଞ୍ଚିବେ । ଏଥିରେ ପାପ ପୂଣ୍ୟର ପ୍ରଶ୍ନ କାହିଁ ଉଠିବ । ବରଂ ଏସବୁ ଏକ ପ୍ରକାରର ଖେଳ ବୋଲି ଯତୀନ ସାର୍ ତାକୁ ବୁଝେଇ ଦେଇଛନ୍ତି, ଆଉ ସେ ବୁଝିଯାଇଛି ।

ଏବେ ସେଇ ଖେଳରେ ପୂର୍ଣ୍ଣଚ୍ଛେଦ ପଡିବାର ସମୟ ବୋଧେ ଆସିଯାଇଛି । ସେଇଥିପାଇଁ ସେଦିନ ମନ୍ଦିରରେ ଆକସ୍ମିକ ଭବେ ଦେଖା ହୋଇଯାଇଥିଲା ଯତୀନ୍ ସାର୍‌ଙ୍କ ପତ୍ନୀ ଅନୁସୂୟା ମ୍ୟାଡାମ୍‌ଙ୍କ ସହିତ । କ୍ଷଣୀକ ପାଇଁ ସ୍ତବ୍ଧ ହୋଇଯାଇଥିଲା ତାଙ୍କ ରୂପମାଧୁରୀକୁ ଦେଖି । ଏତେ ସୁନ୍ଦରୀ ପତ୍ନୀ ଥାଉ ଥାଉ, ଯତୀନ୍ ସାର୍ ପୁଣି ତା' ଭଳ ମହିଳାର ସାହଚର୍ଯ୍ୟ ଲୋଡିପାରନ୍ତି! କେମିତି? କାହିଁକି?

"ଆଜ୍ଞା, ଟିକଏ ସେପଟକୁ ଘୁଞ୍ଚିବେ କି! ମତେ ପୂଜାଥାଳୀ ରଖିବାକୁ ଅଛି ଏଠି ।" ତା' ସାମନାରେ ଠିଆ ହୋଇଥିବା ମହିଳାଙ୍କ କୋମଳ ସ୍ୱରରେ ତା'ର ଅନ୍ୟମନସ୍କତା ତୁଟିଥିଲା । ଶାନ୍ତ ସ୍ନିଗ୍ଧ ମହିଳା ଜଣେ କୌଣସି ବିଶେଷ ପୂଜାର ଆୟୋଜନ କରୁଛନ୍ତି ସେଦିନ ମନ୍ଦିରରେ । ତାଙ୍କୁ ସାହାଯ୍ୟ କରିବାକୁ ସାଙ୍ଗରେ ପାଞ୍ଚ ଛଅ ଜଣ ମହିଳା ଆସିଛନ୍ତି । ସେମାନେ ଏଇଠି ବସି ମାଳା ଗୁନ୍ଥିବେ, ଭୋଗ ବାଢ଼ିବେ, ଆଉ ମୁରୁଜ ପକେଇ ଫୁଲ ସଜେଇବେ । ସେଠୁ ଉଠିଯାଇ ଅନତି ଦୂରରେ ବସି ବୋଉ ପାଇଁ ସେ ଅପେକ୍ଷା କଲା । ନଜ

ନିଜ ଭିତରେ ସେମାନେ ହେଉଥିବା କଥା ତା'ର କାନରେ ପଡୁଥିଲା । ବୋଉ ଆଜି ଆଉ ଥରେ ତା' ଘରସଂସାର ହସି ଉଠିବାର ଗୁହାରି ନେଇ 'ମା'ଙ୍କ ମନ୍ଦିରକୁ ଆସିଛି । ପୂଜାରୀଙ୍କୁ ଭଲ କରି ଦକ୍ଷୀଣା ଦେଇ ଗୁଆ ବସେଇ ମାନସିକ କରୁଛି । ମାନସିକ ପୂରା ହେଇଗଲେ ବ୍ରାହ୍ମଣ ଭୋଜନ ଦେବାର ସଂକଳ୍ପ କରୁଛି । ତାକୁ ବାଧ୍ୟ କରିଥିଲା ବୋଲି ସେ ଆସିଛି, ନହେଲେ ଏସବୁ ଉପରେ ତା'ର ଆଦୌ ବିଶ୍ୱାସ ନାହିଁ । ବୋଉ ଭିତରକୁ ଯାଇ ପୂଜାରୀଙ୍କ ସହିତ କଛି କଥାବାର୍ତ୍ତା କରୁଛି ବୋଲି ସେ ଏଠି ବସିରହିଛି ।

ସେହି ମହିଳାମାନେ ସମସ୍ତେ ପରସ୍ପର ଭିତରେ ଆଳାପ ଆଲୋଚନା କରୁ କରୁ ନିଜ କାମରେ ଲାଗିଗଲେ । ଘରଗୃହସ୍ଥୀର ରସହୀନ ଆଲୋଚନା ତାକୁ ସବୁବେଳେ ଭାରି ଅସହ୍ୟ ଲାଗେ । ସେସବୁ କାନରେ ପୁରାଏନ କେବେ । ହେଲେ କଛି ସମୟ ଭିତରେ ସେମାନଙ୍କ କଥାବାର୍ତ୍ତାରେ ତା' ନିଜ ନାଁ ଶୁଣି ସେ ଚମକ ପଡିଲା । ମହିଳା ଜଣକ ଆଖିରେ ଲୁହ ଭରି ନିଜ ସ୍ୱାମୀର ପରନାରୀ ସହିତ ଗଢ଼ି ଉଠିଥିବା ସଂପର୍କ ବିଷୟରେ ସେମାନଙ୍କୁ ଜଣାଉଛି ଆଉ ଏକଥା ବି ଜଣାଉଛି ଯେ ଏହି ବିଶେଷ ପୂଜା ସେହି ନାରୀ କବଳରୁ ତା' ସ୍ୱାମୀଙ୍କୁ ରକ୍ଷା କରିବାକୁ ହିଁ ସେ ଆୟୋଜନ କରୁଛି ।

"ମୁଁ ବୁଝିପାରୁନ, ଏ ପୂଜାରୁ ତମକୁ କେମିତି ଫାଇଦା ମିଳପାରିବ? " କେହି ଜଣେ ଆଶ୍ଚର୍ଯ୍ୟ ବ୍ୟକ୍ତ କରି କହିଲା ।

"ମିଳବ । ପୂଜାରୀ କହିଛନ୍ତି ନିଶ୍ଚୟ ମିଳବ । ଏ ପୂଜା ପରେ ସେ ମାୟାବିନୀ ନାରୀ ସୁପର୍ଣ୍ଣାର ସବୁ ଗର୍ବ ଅହଙ୍କାର ଚୂର୍ଣ୍ଣ ହେବ । ତା' ବଂଶ ନାଶ ଯିବ । କୋଉ କୂଳକୁ ହେବ ନାହିଁ ସେ । ମୋ ସଂସାର ଉଜାଡିବାକୁ ବସିଛି ନା, ଏବେ ନିଜେ ଜାଣିବ ସଂସାର ଉଜୁଡିବାର ଦୁଃଖ କ'ଣ? ଯତୀନ୍‌ଙ୍କ ଜାତକ ଦେଖେଇଛି ପୂଜାରୀଙ୍କୁ, ତାଙ୍କର ଗ୍ରହ ନକ୍ଷତ୍ର ଏଇଲେ ଠିକ୍ ବାଟରେ ଚାଲିନାହିଁ ବୋଲି ଅସ୍ଥିର ଅବସ୍ଥା ଦେଇ ସେ ଗତି କରୁଛନ୍ତି । ମାତ୍ର ଏହି ପୂଜା ପରେ ସବୁ ଠିକ୍ ହେଇଯିବ । ସୁପର୍ଣ୍ଣା ଖାଲି ତାଙ୍କୁ ଛାଡିଯିବ ନାହିଁ, ଅପମାନିତ ବି ହେବ .. ଚାକରି ଯିବ, ଅପଯଶ ମୁଣ୍ଡେଇବ ..."

ସୁପର୍ଣ୍ଣାର ମନେ ହେଲା ଯେପରି ସେ ସ୍ୱର ନିଶବ୍ଦରେ ବ୍ୟାପିଯାଇ ସାରା ଆକାଶକୁ ଆଚ୍ଛନ୍ନ କରିଦେଉଛି । କେହି ଯେମିତି ସ୍ୱପ୍ନ ରାଇଜରୁ ଭିଡି ଆଣି ତାକୁ ପକେଇ ଦଉଛି ରାସ୍ତା ମଝିରେ ଆଉ ବିବସ୍ତ୍ର କରି ଠୋ ଠୋ ହସିଉଠୁଛି! ଓଃ, କେତେ କର୍କଶ ଶୁଭୁଛି ସେ ହସ! ଦୋହଲି

ଯାଉଛି ଛାତି ଭିତରର ଅଳନ୍ଦ ନଳୟ । ସ୍ତବ୍‌ଧ ହୋଇଯାଉଛି ସେ । ଘୂରିଗ୍ଲିଛି ମଥା ଉପରର ଆକାଶ, ଖସି ଯାଉଛି ପାଦତଳର ମାଟି ।

ଏତେ ଦଉଡା ଧାପଡା ପରେ ପୁଣି ସେ ପହଞ୍ଚି ଯାଉଛି ସେଇ ବିନ୍ଦୁରେ, ଯୋଉଠୁ ଆରମ୍ଭ ହୋଇଥିଲ୍ ଏ ଯାତ୍ରା । ପୁଣି ଥରେ ସମୟର ଶକ୍ତ ମୁଠା ଭିତରେ ଭାଗ୍ୟର ଡୋରି ବନ୍ଧି ହୋଇଯାଉଛି! ଭଲ ପାଇବାର ପାଚେରି ଭିତରେ କୋଉଠୁ ଆସି ଠିଆ ହେଇ ଯାଉଛି ଆଉ ଗୋଟେ ପାଚେରି, ଯାହାକୁ ସମସ୍ତ ପ୍ରୟାସ ସତ୍ତ୍ୱେ ସେ ହଟେଇ ପାରିନାହିଁ । ତାହାହେଲେ ଯତୀନ୍ ସାର୍‌ଙ୍କ ଜୀବନରେ ଏତେ ଦିନ ଧରି ସେ କୋଉ ଅଧିକାରରେ ରହିଆସିଥିଲ୍?

ତାକୁ ବରବାଦ କରିଦେବା ପାଇଁ ଆଜିର ଏ ଆୟୋଜନ । ପୂଜା ସରୁ ସରୁ ଫଳାଫଳ ସ୍ପଷ୍ଟ ଦେଖାଯିବ ବୋଲି ପୂଜାରୀ କହିଛନ୍ତି ଅନୁସୂୟା ମ୍ୟାଡାମ୍‌ଙ୍କୁ । ତାହାହେଲେ ବୋଉ ଯୋଉ ପୂଜା ପାଇଁ ମନ୍ଦିର ଆସିଛି, ତାହାର ଫଳାଫଳ? ସେସବୁ କେବେ ପାଇବ ସେ! ଏ ଜୀବନରେ କ'ଣ କେବେ ନୁହେଁ!

ଆଖିରୁ ଝରିଆସିଲ୍ ଶ୍ରାବଣର ଅବିରତ ବାରିଧାର୍ । ଏତେ ଅଭିଶାପ ମୁଣ୍ଡେଇ ଯତୀନ୍ ସାର୍‌ଙ୍କ ସହିତ ସଂସାର ଗଢ଼ିବାର ସ୍ୱପ୍ନ କେମିତି ଦେଖିପାରିବ ସେ! ଠାକୁର କ'ଣ ତା' କଥା କେବେ ଶୁଣିବେ! ଅନୁସୂୟା ମ୍ୟାଡାମ୍‌ଙ୍କ କାନ୍ଦୁରା ମୁହଁ, ବାଷ୍ପରୁଦ୍ଧ କଣ୍ଠ ତା' ଭିତରେ ଝଡ ସୃଷ୍ଟି କରୁଥିଲ୍ । ଉଠିପଡିଲ୍ ସେ ନଜ ଜାଗାରୁ । ତାକୁ ଯଥାଶୀଘ୍ର ଏଠୁ ବାହାରି ଯିବାକୁ ହେବ । ମ୍ୟାଡାମ୍‌ଙ୍କ ଲୁହର ବନ୍ୟାରେ ଭାସିଯିବା ଆଗରୁ ଯତୀନ୍ ସାର୍‌ଙ୍କ ଠାରୁ ତାକୁ ଦୂରେଇ ଯିବାକୁ ହେବ । ସଂପର୍କର ସବୁ ମାୟାଜାଲକୁ କାଟି ତାକୁ ଆଗେଇ ଯିବାକୁ ହେବ ।

ମନ୍ଦିରରୁ ବାହାରି ଯିବା ପୂର୍ବରୁ ଶେଷ ଥର ପାଇଁ ସେ ମ୍ୟାଡାମ୍‌ଙ୍କୁ ଫେରି ଗ୍ହିଁଲ୍ । ଏତେ ସୁନ୍ଦର ଆଉ ଦିବ୍ୟ ନାରୀ ସେ କେବେ ତା' ଜୀବନରେ ଦେଖିନ । ଯୋଉ ସ୍ୱାମୀ ଏପରି ସ୍ତ୍ରୀ'ର ପଣତରେ ବାନ୍ଧିହୋଇ ରହି ପାରିଲେନ, ସେ ତା'ର ହେଇ କେମିତି ରହିପାରିବେ ବୋଲି ସେ ଆଶା କରୁଛି!

ବୋଉ ପଛରୁ ଡାକ ଛାଡୁଥିଲ୍ ପ୍ରସାଦ ନେଇଯିବାକୁ । ମାନସୀକ ପୂରଣ ହେବା ପାଇଁ କଛି ଦକ୍ଷୀଣା ଦେଇଯିବାକୁ । ସେ କନ୍ତୁ ଏକା ନଶ୍ୱାସରେ ସେ ସ୍ଥାନ ଛାଡି ଗ୍ଲିଆସିଲ୍ ।

"ଆରେ, ତୁମେ ଏମିତି ନୀରବ ହୋଇ ଠିଆ ହେଇରହିଛ ସେତେବେଳୁ ଯେ! କ'ଣ ହେଲା ତୁମର? ଗ୍ରତିରେ ଭଲ ନଦ ହେଇନାହିଁ ନା କ'ଣ? "

ମୁଣ୍ଡ ଉଠେଇ ଥରେ ସେ ଗ୍ରହିଁଲା ତାଙ୍କ ଆଡେ । ବଡ ବିଭତ୍ସ ଲାଗୁଥିଲା ତାଙ୍କ ବ୍ୟକ୍ତିତ୍ୱ । ଜଣାନାହିଁ କେଉଁ ମୋହରେ ଏତେ ସମୟ ନଷ୍ଟ କରିଦେଲା ତାଙ୍କ ପଛରେ! ସହ୍ୟ କରିଆସିଲା ତାଙ୍କର ସବୁ ଅଦଉତି । ସେତିକ ଯଦି ଆକାଶଙ୍କ ଅଦଉତିକୁ ସହ୍ୟ କରିବାର ଚେଷ୍ଟା କରିଥାନ୍ତା, ତେବେ ଆଜି ତାକୁ ସମୂଳେ ଧ୍ୱଂସ କରିବାର ଯୋଜନା କରୁନଥାନ୍ତା କେହି । ଗୋଟାଏ ଭୟଙ୍କର ସ୍ୱପ୍ନ ପରି ଜୀବନର କଛିଟା ବର୍ଷ କଟିଗଲା କେମିତି କେଜାଣି! ଆକାଶଙ୍କୁ ଛାଡିବା ଏଇ ଭିତରେ କାହିଁ କେତେ ବର୍ଷ ବିତଗଲାଣି । ତଥାପି ବାଟରେ ଘାଟରେ ଦେଖା ହେଇଗଲେ ଆଜି ବି ପ୍ରସନ୍ନତା ବ୍ୟକ୍ତ କରନ୍ତି ସେ । ତାର ହାଲଗ୍ଚାଲ୍ ପଗ୍ଚରି ବୁଝନ୍ତି ।

ଆଖିରେ ଝଲସି ଆସେ କେମିତି ଏକ ବ୍ୟାକୁଳତା, ଯାହାକୁ ସହ୍ୟ କରିପାରେ ନାହିଁ ସୁପର୍ଣ୍ଣା । ଆଖିରେ ଲୁହ ଜକେଇ ଆସେ । ଲାଗେ ସେ ଯେମିତି ସତରେ ତାକୁ ଝୁରି ହେଉଛନ୍ତି! ମିଛ ଗୋଟାଏ ଅଂହକୁ ମଝିରେ ରଖି ସେମାନେ ସଂସାର ବାନ୍ଧିଥିଲେ । ବନ୍ଧନରେ ବାନ୍ଧି ହେଲା ପରେ ବି ସ୍ୱାଧୀନ ଜୀବନର ସ୍ୱପ୍ନ ଦେଖୁଥିଲେ । ନା ମିଳଲା ସ୍ୱାଧୀନତା, ନା ବି ପୂର୍ଣ ହେଲା ସ୍ୱପ୍ନ । ବରଂ ତଳତଳାନ୍ତ ହେଇଗଲେ ନଜ ନଜ କ୍ଷେତ୍ରରେ । ଧ୍ୱସ୍ତ ଦୁର୍ଗର ଅତୀତ ପରି ଦିଶୁଛନ୍ତି ଆକାଶ ଏବେ । ସେ ଶୁଣିବାକୁ ପାଇଥିଲା ତାଙ୍କ ବ୍ୟବସାୟ ବୁଡିଯାଇଛି, ବ୍ୟାଙ୍କ୍ ଲୋନ୍ ପରିଶୋଧ ନକରି ପାରିବା ଯୋଗୁଁ ଘର ନଲାମ ହେଇଯାଇଛି । ତଥାପି ସେ ଭାଙ୍ଗି ନପଡି ସଂଘର୍ଷ କରୁଛନ୍ତି ।

ଆଶ୍ଚର୍ଯ୍ୟ, ଯୋଉ ଆକାଶଙ୍କୁ ସହ୍ୟ କରିନପାରି ସେ ତାଙ୍କ ଘର ଛାଡି ଦେଇଥିଲା, ତାଙ୍କ ବିଷୟରେ ଏତେ ଖବର କାହିଁ ରଖୁଛି ସେ! କାହିଁ ତାଙ୍କ ବିପର୍ଯ୍ୟୟର ଖବର ଶୁଣି ଖୁସି ନହେଇ ବରଂ ଉଦାସ ହେଇପଡୁଛି! ଛାଡପତ୍ର ପରେ ତ ସବୁ ସଂପର୍କ ତୁଟି ଯାଇଛି । ତେବେ..

ତେବେ ଆଉ କ'ଣ? ସେ କ'ଣ ଆକାଶଙ୍କୁ ଝୁରି ହେଉଛି କ ମନେ ମନେ! ନାହିଁ, ନାହିଁ, ସେକଥାରେ କଛି ସତ୍ୟତା ନାହିଁ । ତାହାହେଲେ ମନ ଭିତରେ ଅଦିନ କୁହୁଡି କାହିଁକ ବେଳ ଅବେଳରେ ଉଠେଇ ଆସୁଛି? ... କାହିଁକ ଯତୀନ ସାର୍ଙ୍କ ଲହୁଣୀମଗ୍ଚ କଥା ଅପେକ୍ଷା

ଆକାଶଙ୍କର ରୁକ୍ଷ ସ୍ୱାମୀତ୍ୱ ସମ୍ମାନପ୍ରଦ ଲାଗୁଛି? କାହିଁ ତାଙ୍କୁ ରାସ୍ତାରେ ଦେଖିଦେଲେ ମା' ହେବାର ଇଚ୍ଛାଟିଏ ଗଜୁରି ଆସୁଛି ଆପଣା ଛାଏଁ!

ଏବେ ବି ସମୟ ଅଛି, ଫେରିଯିବ କ ତାଙ୍କ ପାଖକୁ!

ପର୍ସ ଖୋଲି ରେଜିଗ୍ନେସନ୍ ଲେଟର କାଢ଼ି ତାଙ୍କ ହାତରେ ଦେଇ କହିଲା, "ସରି ସାର୍, ଆପଣଙ୍କ ସହିତ ଏତିକ ଦିନ ପାଇଁ ହିଁ ଭାଗ୍ୟରେ ଲେଖା ହୋଇଥିଲା । ମ୍ୟାଡାମ୍‌ଙ୍କୁ କହିବେ, ଏତେ ଛୋଟ କଥା ପାଇଁ ଦେବାଦେବୀଙ୍କୁ ହଇରାଣ କରିବା ଦରକାର ନାହିଁ । ଥରେ ଆସି ନିଜେ କହିଦେଇଥାନ୍ତେ ଯଦି ମୁଁ ତାଙ୍କ ବାଟର କଣ୍ଟା ହୋଇ ରହିନଥାନ୍ତି ।"

"ରେଜିଗ୍ନେସନ୍ ଲେଟର? ତୁମେ କ'ଣ ସତରେ ମତେ ଛାଡି ଚାଲିଯିବ ସୁପର୍ଣ୍ଣା? ତୁମ ବିନା କେମିତି ରହିବି ମୁଁ, ସେକଥା ଚିନ୍ତା କରିଛ!"

"ସେସବୁ ଚିନ୍ତା କରିବା ମୁଁ ଉଚିତ୍ ମନେ କରୁନାହିଁ ସାର୍ । ମୁଁ କେବଳ ଏତିକ ଚିନ୍ତା କରୁଛି ଯେ ଆକାଶଙ୍କୁ ଛାଡି ଆସିଲା ପରେ ସେ କେମିତି ଏତେ ଦିନ କାଳ ଏକା ଏକୁଟିଆ ବିତେଇ ପାରିଲେ! ମ୍ୟାଡାମ୍‌ଙ୍କ ପରି ମୁଁ କାହିଁ ସେତେବେଳେ ତାଙ୍କୁ ନଜର କରିବା ପାଇଁ କୌଣସି ଦେବୀ ମନ୍ଦିରକୁ ଧାଇଁଗଲିନି! ମୁଁ କ'ଣ ତାଙ୍କୁ ପ୍ରକୃତରେ ଭଲ ପାଇନଥିଲି! ଯଦି ପାଇ ନଥିଲି, ତେବେ ତାଙ୍କ ଠାରୁ ଭଲ ପାଇବାର ଆଶା କେମିତି ରଖିଥିଲି? ... ଦୋଷ ମୋର ସାର୍, ସେଥିପାଇଁ ମତେ ପ୍ରାୟଶ୍ଚିତ କରିବାକୁ ଅଛି ଯେତେବେଳେ, ଆକାଶଙ୍କ ପାଖରେ ଯାଇ କାହିଁ ନକରିବି! ଆଉ ଆକାଶଙ୍କ ପାଖକୁ ଯିବାକୁ ହେଲେ ମତେ ଏ ଚାକିରି ତ ଛାଡିବାକୁ ପଡିବ ନା ସାର୍ । "

କହିଲା ବେଳେ ଅସମ୍ଭବ ଚମକ ଦୃଶ୍ୟମାନ ହେଉଥିଲା ସୁପର୍ଣ୍ଣାର ଆଖିରେ । ସେ ଚମକ ଆଗରେ ଯତୀନ୍ ବାବୁଙ୍କର ସବୁ ଆଗ୍ରହ ଫିକା ପଡିଗଲା । ତାଙ୍କ ହାତମୁଠାରୁ ହାତ ଖସେଇ ନେଲା ସୁପର୍ଣ୍ଣା । ଜାଲ ଛିଡେଇ ବାହାରି ଯାଉଥିବା ସୁନା ଇଲିଶିକୁ ସେ ଶେଷ ଥର ପାଇଁ ଧରିବାକୁ ହାତ ବଢ଼େଇ ଦେଲେ । କିନ୍ତୁ ସେ ହାତରେ ଧରେଇ ଦେଲା ସୁପର୍ଣ୍ଣା ତା' ମୁକ୍ତିର ଶେଷ ଅସ୍ତ୍ର - ରେଜିଗ୍ନେସନ୍ ଲେଟର । କିଛି ଗୋଟେ ଛାତି ଭିତରେ ଧସ୍‌କ ଗଲା, ସବୁ ଉଷ୍ମ ଭାବ ପୋଛି ହେଇଗଲା ମନରୁ । ସୁପର୍ଣ୍ଣାର ହସ ନିର୍ବଳ କରିଦେଲା ତାଙ୍କ ହାତକୁ । ତଥାପି ଥର ଥର ହାତରେ ଲେଟର୍ ଉପରେ ଦସ୍ତଖତ କରୁଥିଲେ ସେ ।

"ଆଟଲାଣ୍ଟା", ନେରୁଲ, ନବି ମୁମ୍ବଇ

# ସକାଳର ସାତଦିନ



କାଳକଙ୍କର


ସେ ସବୁବେଳେ ସତେଜ
ସୁନ୍ଦର ଏହି ପୃଥିବୀର ସେ ସବୁବେଳେ
ଆଗକୁ ଆଗକୁ ପାଦ ବଢେଇ ଚ୍ଚାଲିଥାଏ
ଚ୍ଚରିଆଡେ ଆକାଶରୁ ଝରିପଡୁଥାଏ ମୁକ୍ତାପରି
କାକରବିନ୍ଦୁ ଯାହା ଭିତରେ ପ୍ରତିଫଳତ ହେଉଥାଏ
ତାରୁଣ୍ୟର ଅନନ୍ୟ ସ୍ପନ୍ଦନ ।।

ବିଛାଇ ହୋଇ ପଡିଛି ମେଘ ଏଠି ମାଟିର ଦେହରେ
ତାର୍‌ମାନେ ଫୁଟିଛନ୍ତି ଫୁଲ ହୋଇ ପ୍ରତି ଅଗଣାରେ
ମହକ ଉଠୁଛି ଏଠି ମନ ଆଉ ପ୍ରାଣ
ସପ୍ତାହକ ସାତଦିନ ସାତଟି ସକାଳ
ସାତଟି ରଂଗରେ ଏଠି ଗରୀୟାନ କବିର ଜୀବନ
ପାଳୁଅଛି ତାର ଜନ୍ମଦିନ ।।

ନତିଦିନ ଦୁନଆଁରେ ଦୁଇଦିନ ଅବା ସାତଦିନ
ରେଳ ହେଉ ବସ୍ ହେଉ ଅବା
କେଉଁ ଅକାଶର ଯାନ
କେତେବେଳେ ଦୁର୍ଘଟଣା କେତେବେଳେ
ଅଗଣିତ ସ୍ୱପ୍ନ
ସାଥିରେ ଦଉଡ ଲଗାଏ ନାନାବାୟା ସମୟ ଆଜିର
ମାଟିରୁ ଆକାଶ ଯାଏ କବି କହେ ସାମ୍ରାଜ୍ୟ
ମୋହର
ସମସ୍ତେ ତ ଆପଣାର
ଯେଉଁ ପକ୍ଷୀ ଯେଉଁଦିନ ଅବା ସାତଦିନ
ଉଡିଯାଉ ଆହା ଯେତେଦୂର ।।

ଶେଷପଦ-
ବସିଥିଲ୍ ମନମୋର ସତେଏକ ବହୁବର୍ଣ୍ଣୀ ପ୍ରଜାପତି ସିଏ
ସକାଳର ସାତଦିନ ତାରୁଣ୍ୟରେ ଅଟେ ଅସାମାନ୍ୟ
ଅବୁଝା ନୁହଁଇ ସିଏ ଜଳେଶ୍ୱର ଆପଣା ସହର
ସୁବର୍ଣ୍ଣରେଖାର କୂଳ ସେ ସୁବର୍ଣ୍ଣଭୂମୀ
ସୁନାର ଫସଲ ଏଠି ଗିତଗାଏ ଅଷ୍ଟମ ସୁରର
ସମୃଦ୍ଧ କରିଛି ଏଠି ଓଡିଶାର ବାଣୀଭଣ୍ଡାରକୁ
ମୂକ କଣ୍ଠେ ଚ୍ଚରିବେଦ ସୁଲଳତ ଝଂକୃତ ଓଁକାର
ମୁଁ କବିତା ଲେଖୁଅଛି ତୁମପାଇଁ
ସମୟର ସକାଳରେ ଯେ ଦେଇଛି ସ୍ୱର୍ଣ୍ଣିମ ସ୍ୱାକ୍ଷର ।।

ସୌଭଗିନୀ, ରଟିଲ୍ଲେ, ରେଂଚ, ପୁରୀ



# ଘର ଭର୍ତ୍ତି ଅବସାଦ

## ମୂଳ ରଚନା ( ବଙ୍ଗଳା)

## ଈଶିତା ଭାଦୁଡି

## ( ଉତ୍ସର୍ଗ: ଭାସ୍କର ଚକ୍ରବର୍ତ୍ତୀଙ୍କୁ)



ସନାତନ ମହାକୁଡ

ନଷ୍ଟପ ଆକାଶେ ଯେଉଁ ନୀଳ ଶୂନ୍ୟତାର କଥା କହିଥିଲ ତୁମେ,

ଶୂନ୍ୟର ଉପରେ ଗୁଲିଗୁଲି ଯେଉଁ ମରୁଭୂମି କଥା କହିଗଲ ତୁମେ,

ସେଠି ମୋ ଭଳ କେହି ନାରୀ ନର୍ଜନେ ଛିଡା ହୋଇଛି,

ଜାଣିଥିଲ ତୁମେ?

ମୁଁ ସୁପର୍ଣ୍ଣା ନୁହେଁ । ଶୀତକାଳ କେବେ ଆସିବ ଜାଣେନା ମୁଁ

ମୁଁ ଖୁବ୍ ଚହ୍ନେ ଘର ଭର୍ତ୍ତି ଶୂନ୍ୟତା ଆଉ ଅବସାଦକୁ ।

ବେରୁଆଁବାରୀ, ନୟାଗଡ, ଓଡିଶା

“ବେଦାନ୍ତୀ” ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାର୍ ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲ୍ vedantimagazine@gmail.com

# ନରେ ବା ଗୁଞ୍ଜରେ...



ଡ. ବିଜ୍ଞାନୀ ଦାସ

ସକାଳୁ ସକାଳୁ ନିଦ ଲାଗିଯାଇଥିଲା । ହେଲେ ପୁଣି ନିଦ ଭାଙ୍ଗିଗଲା ଯେହେତୁ ପୁଣି ମାଇକ୍ରୋଫୋନ୍‌ର ସ୍ୱର ତେଜିଉଠିଲା । ଆଜି ଜାନୁୟାରୀ ଛବିଶ ତାରିଖ, ସାଧାରଣତନ୍ତ୍ର ଦିବସ । ସକାଳୁ ସକାଳୁ ପାଖ ସ୍କୁଲ୍‌ର ଛାତ୍ରଛାତ୍ରୀ ମାନେ ଜାତୀୟ ସଂଗୀତ ଗାଇ ଗ୍ରାମ ପରିକ୍ରମା କରୁଥିଲେ । କିଛି ସମୟ ପାଇଁ ପୂର୍ବଦିନର ସମସ୍ତ ଗ୍ଳାନ ତ୍ୟାଗ କରି ରବି ଉପର ମହଲା ସ୍ଥିତ ନିଜ କୋଠରିର କବାଟ ଖୋଲିଲା ଓ ସିଧା ଛାତ ଉପରକୁ ଗଲା । ଛାତ ଉପରୁ ତଳକୁ ଚାହିଁ ସେ ଗ୍ରାମ ପରିକ୍ରମା କରୁଥିବା ଛାତ୍ରଛାତ୍ରୀ ମାନଙ୍କୁ ଦେଖିଲା । ସୂର୍ଯ୍ୟ ସେତିକବେଳେ ପୂର୍ବଦିଗକୁ ଉଦ୍‌ଭାସିତ କରି ନଡିଆଗଛମାନଙ୍କ ଗହଳରେ ନିଜ କରଣର ଆଭା ପ୍ରକାଶ କରୁଥିଲା । ମନେପଡିଲା ରବିର ନିଜ ସ୍କୁଲ୍ ଜୀବନ, କେତେ ସରଳ ଓ ସାବଲୀଳ ଥିଲା ସତେ । ଆଜିକାଲି ଗ୍ରାମ୍ୟ ଜୀବନ ବି କେମିତି ଜଟିଳ ଓ ଦୂଷିତ ହୋଇଗଲାଣି । କୋଠାଘର, ସଡକ ତ ସବୁ ଭଲକଥା, ହେଲେ ତା ସାଙ୍ଗକୁ ଏ ଯେଉଁ ବିଦେଶୀ ମଦ, ମାଇକ୍ ବଜେଇ ଦେଖେଇହେବା ଓ କର୍ମଦ୍ୱେଷ, ଏସବୁର ଖରାପ ପ୍ରଭାବ, ଗ୍ରାମ ଉନ୍ନତି ଯୋଜନାର ସମସ୍ତ ଭଲକାମ ତୁଳନାରେ ଅଧିକ ହେବ ।

ଘରେ ସମସ୍ତେ ଜଣେଜଣେ ଉଠୁଥିଲେ । ତଳେ ଖଡ୍‌ଖାଡ୍, ଧଡ୍‌ଧାଡ୍ ଶବ୍ଦରୁ ସେସବୁ ଜଣା ପଡୁଥିଲା । ଯଥା ନଳକୂଅରୁ ପାଣି ବାହାରିବା, ପାଇଖାନା ଘର ଖୋଲିବା, ବନ୍ଦହେବା ଶବ୍ଦ ଓ ରୋଷେଇଘରେ ଖଡିକା ବ୍ୟବହାରର ଶବ୍ଦ କାନରେ ପଡୁଥିଲା । ଠାକୁର ଘରେ ନନା ବୋଧହୁଏ ବାଳଭୋଗ ଲଗେଇଲେ । ହେଇତ ଘଣ୍ଟ ବାଜିଲାଣି । ଆଜି ତାକୁ ପାଖ ହାଇସ୍କୁଲ୍ ହେଡ୍‌ମାଷ୍ଟର୍ ଡାକଛନ୍ତି । ପିଲାମାନଙ୍କୁ କିଛି ଉଦ୍‌ବୋଧନୀ ଦେବ । ଅତଏବ ରବି ଛାତଉପରୁ ନିଜ ଶୋଇବା ଘରକୁ ଆସିଲା ଓ ଶୋଇବା ଘରକୁ ଲାଗି ଥିବା ବାଥ୍‌ରୁମ୍‌ରେ ନିଜ ନିତ୍ୟକର୍ମ ଶେଷ କଲା ।

"ହ୍ୱାଟ୍, ଆଜି ସାଢେ ସାତରୁ କରେଣ୍ଟ କେମିତି ବନ୍ଦହେଲାଣି ? ପ୍ରତିଦିନ ଆଠଟାରୁ ଯାଉଥିଲା, ଆଜି କେମିତି ନିୟମ ବଦଳଗଲା ?" ଏବେ ଗରମ ପାଣି ତ ଆସିବନି । ରବିକୁ ଗାଧୋଇବାକୁ ହେଲେ, ତାକୁ ତଳକୁ ଯିବାକୁ ପଡିବ, ଗ୍ୟାସ୍ ଜାଳି ଡେକ୍‌ଚିରେ ପାଣି ଗରମ

କରିବାକୁ ପଡିବ ଓ ସେ ପାଣିକୁ ବାଲ୍‌ଟିରେ ଧରି ଉପରକୁ ଆଣିବାକୁ ପଡିବ । ଅବଶ୍ୟ ଘଣ୍ଟାଏ ପରେ କରେଣ୍ଟ ଆସିବାଯାଏ ଅପେକ୍ଷା କଲେ ଚଳବ । ଏମିତି ଭାବି ରବି ତଳକୁ ଗଲା।

ଭାଉଜ ପଚାରିଲେ, "ଏବେ ଚାହା ପିଇବ ନା ଗାଧୋଇସାରି ପିଇବ ?"

"କରୁଛ ଯଦି ଏବେ ଦିଅ । ଗାଧୋଇବାକୁ ତ ଘଣ୍ଟାଏ ଅପେକ୍ଷା କରିବାକୁ ପଡିବ, ଲାଇନ୍ ଆସିବା ଯାଏ ।" - ରବି କହିଲା ।

"କହିବ ତ ମୁଁ ପାଣି ବସେଇଦେବି ।" - ଭାଉଜ କହିଲେ । ତାଙ୍କ ମୁହଁରେ ଗତକାଲିର ଯୁକ୍ତିତର୍କର କଛି ଚହ୍ନବର୍ଣ୍ଣ ନଥିଲା । ସେ ସକାଳର ସୂର୍ଯ୍ୟକରଣ ଭଳ ସତେଜ ଦିଶୁଥିଲେ ।

"ନାଁ, ମୁଁ ଲାଇନ୍ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରେ । ଯଦି ନ ଆସିଲା ତ, ପାଣି ଗରମ କରି ନେବାକୁ ପଡିବ ।" - ଏତିକ କହି ରବି ଦାଣ୍ଡପିଣ୍ଡାର ଯାଇ ବସିଲା ।

ଭାଉଜ ଚାହା କରି, କଛି ଲୁଣି ବିସ୍କୁଟ୍ ସହିତ ଝିଆରୀ ଦିଶା ହାତରେ ପଠାଇଦେଲେ ଓ ରୋଷେଇଘରେ ସକାଳ ଖାଇବା ତିଆରି କରିବାରେ ଲାଗିଗଲେ ।

ବୋଉ ବାଡିଆଡେ ଯାଇଥିଲା । ଫେରିକରି କହିଲା, "ଆରେ ତୁ ଉଠିଗଲୁଣି । ମହାନ୍ତି ସାଇର ଗୌରା ତୋ ସହିତ ଦେଖା କରିବାକୁ ଚାହୁଁଥିଲା । ମୁଁ ତାକୁ ତୁ ଶୋଇଛୁ ବୋଲି କହିଲି ।"

କାଲି ସିଏ ବୋଉ ଉପରେ ବହୁତ ରାଗିଥିଲା । ହେଲେ ହୁଏତ ରାତିର ନଦ୍ରାପରେ ସମସ୍ତଙ୍କ ମନ ସକାଳୁସକାଳୁ ଟିକେ ଥଣ୍ଡା ଅଛି । ଦିନର ସମୟ ବୃଦ୍ଧି ସହିତ ସେସବୁ ପୁଣି ଓଲଟିପଡିବ କ କଣ ?

ଏସବୁ ଘଟିଥିଲା ରବିର ବିବାହକୁ ନେଇ । ତିରିଶି ବର୍ଷ ହେଲାଣି । ଆଉ କଣ ବୁଢାହେଲେ ବାହାଘର ହେବ ? କାଲି ସମସ୍ତେ ଲାଗିଥିଲେ ତା ପଛରେ ଯାଇ କେତେଟା ପ୍ରସ୍ତାବରେ ଥିବା ଝିଅମାନଙ୍କୁ ଦେଖି ଆସିବାକୁ । ହେଲେ ରବି ମନା କରିଦେଲା । ସବୁଠାରୁ କଷ୍ଟ ପାଇଥିଲେ ଭାଉଜ । ତାଙ୍କ ସମ୍ପର୍କୀୟ ଦୁଇଟା ପ୍ରସ୍ତାବ ବହୁତ ଭଲ ଥିଲା, ଝିଅ ଦେଖିବାକୁ ଯେମିତି ସୁନ୍ଦର, ସେମିତି ଗୁଣର, ଶିକ୍ଷାରେ ସେମିତି ପ୍ରବୀଣ । ପୁଣି ସମାପ୍ତନ୍ଧ ବନ୍ଧୁ । ଗୋଟିଏ ଝିଅର ବାପା, କଲେଜର ପ୍ରଫେସର୍ ଓ ଅନ୍ୟ ଝିଅଟିର ବାପା, ରିଟାୟାର୍ଡ ଇଞ୍ଜିନୟର୍ । ହେଲେ ରବିର ଏକାଜିଦ୍, ସିଏ ଝିଅ ଦେଖି ଯିବନ ।

"ତାମାନେ ଏକଥା କଣ ସତ ? ତମେ କଣ ସେଠି ଆମେରିକାରେ କାହାକୁ ଠିକ୍ କରିଛ ନା ବାହା ହୋଇସାରିଛ ?" - ଭାଉଜ ଶଙ୍କା ବ୍ୟକ୍ତ କଲେ ।

ରବିର ମୁଡ୍ ବିଗିଡିଗଲା । କେତେ କଷ୍ଟରେ ସିଏ ପି.ଏଚ୍.ଡି ସାରିଲା । ପୋଷ୍ଟଡକ୍ଟରେଟ ଗୋଟିଏ ବର୍ଷ ସାରିଲା ପରେ, ଏବେ ଆସିଷ୍ଟାଣ୍ଟ ପ୍ରଫେସର୍ ପୋଷ୍ଟ ପାଇଛି । ସେଥିରେ କେତେ କାମ, କେତେ ସଂଘର୍ଷ, କେବଳ ମାମୁଁଙ୍କ ଝିଅ ବାହାଘର ପାଇଁ ସିଏ ଗୋଟିଏ ସପ୍ତାହ ଛୁଟି ନେଇ ଆସିଛି । ହେଲେ ଏମାନଙ୍କର ଏତିକବେଳେ ଏ ଆଲୋଚନା ।

ବୋଉ କହିଲା, "ତୁ କହୁନୁ କାହିଁକି ? କଣ ସେଠି କାହାକୁ ଠିକ୍ କରିଛୁ ? ତତେ ଆସି ତିରିଶ ପୂରିଲାଣି । ତୋ ସାଙ୍ଗମାନେ ସମସ୍ତେ ବାହାହୋଇ ପିଲାଛୁଆଙ୍କର ବାପ ହେଲେଣି । ପଢା ସରିଲା, ଚାକରି କଲୁ । ପୁଣି କାହିଁକି ଅପେକ୍ଷା ?"

ଅସଲ କଥା ହେଲା, ରବି ପଦ୍ମାକୁ ପ୍ରେମ କରେ । ପଦ୍ମା ପାଖ ଗଉଡ ସାହିର ଝିଅ । ରବିର ସାନ ଭଉଣୀ ଜୁଲିର ସାଙ୍ଗ । ପଦ୍ମାର ଏଥର ଏମ୍.ଏସ୍.ସି ଦ୍ୱିତୀୟ ବର୍ଷ । ଏକଥାଟି ରବି ଏବେ ପ୍ରକାଶ କରିବାକୁ ଚାହେଁନ । ପ୍ରକାଶ କଲେ ପରିଣାମ କଣ ହେବ, ସେକଥା ବି ସେ ଜାଣିନ । ସେମାନେ କରଣ, ପଦ୍ମା ଗଉଡ, ପଦ୍ମାର ବାପା ରବି ଘରେ କାମ କରୁଥିଲେ । ଏବେ ଅବଶ୍ୟ ହାଟ ଉପରେ ଦୋକାନଟିଏ ଖୋଲି ସେଠି କାମ କରୁଛନ୍ତି । ରବି ଚାହେଁ ପଦ୍ମା ଏମ୍.ଏସ୍.ସି. ପରେ ପି.ଏଚ୍.ଡି. କରିବାକୁ ଆମେରିକା ଆସୁ, ତାପରେ ସେମାନେ ବିବାହ କରିବେ । ଏବେ ଏକଥା ପ୍ରଘଟ କରି ଗାଁରେ କଳହ ଓ ବିପଦ ସୃଷ୍ଟି କରିବାର ସପକ୍ଷରେ ସିଏ ନୁହେଁ ।

ହେଲେ ବୋଉ ଓ ଭାଉଜ ତା' ପଛରେ ଜୋକ ଭଳି ଲାଗିଗଲେ । ତା' ସହିତ କଛିଟା ଲୁହ, କଛିଟା ଇମୋସନ୍‌କୁ ଛୁଇଁବା ଭଳି କଥା ଓ ଛୁଞ୍ଚିଫୋଡା ପରେ, ରବି ପାଟିରୁ ବାହାରିଲା, କଛି ସତ, କଛି ମିଛର କଥା, ଧର୍ମରାଜ ଯୁଧିଷ୍ଠିରଙ୍କ "ନରେ ବା କୁଞ୍ଜରେ ଅଶ୍ୱତ୍ଥାମା ହତ" ଭଳି । "ହଁ, ମୁଁ ଆଉ କାହାକୁ ବାହାହେବାକୁ ଠିକ୍ କରିଛି । ଗୋଟିଏ ଗୋରୀ, ସ୍ମାର୍ଟ ଝିଅକୁ । ହେଲା ତ । ଆଉ କଛି କହିବି ?"

ବୋଉ ରାହା ଧରିଲା । "ମୁଁ କହୁଥିଲି, ସେ ଦେଶର ଝିଅ ସବୁ ଡାହାଣୀ ଗୁଡା, ମୋ କଥା କେହି ଶୁଣିଲନ । ଏବେ ଦେଖ କଣହେଲା ?" - ଏମିତି ସବୁ କେତେକଥା ବାହୁନାରେ ମିଶେଇ ସିଏ କାନ୍ଦିଲା ।

"ତମେ ଏମିତି କେମିତି କଲ ?" ଏତିକି ମନ୍ତବ୍ୟ ଦେଇ ଭାଉଜ ଆଉ କଛି ନକହି ମୁହଁଟା ହାଣ୍ଡି ଭଳି କରି ସେଇଠି ଠିଆହେଲେ ।

ହେଲେ ଜୁଲି କେମିତି ଶୁଣିଦେଲା । ପାଖକୁ ଆସି ପଚାରିଲା, "ଭାଇ, ସେ ଝିଅଟାର ନାଁ କଣ ଲେଟିସିୟା, ଯିଏ ତୋର ସବୁ ପେପରରେ କୋ- ଅଥର୍ ଅଛି ।"

ରବି ଚୁପ୍ ରହିଲା । ଏଠି ନାନା ମୁନଙ୍କର ନାନା ମତ । ଗୋଟିଏ ଦୁଇଟା ଶବ୍ଦ ଏଠି ଶୁଣିଦେଇ ସମସ୍ତେ ନିଜ ମନରୁ ଆଉ ଶବ୍ଦ ମିଶେଇ ବାକ୍ୟ ଗଢ଼ିବାରେ ପାରଙ୍ଗମ । ବୋଉ ଜୁଲିକୁ ଟାଣିନେଇ ଆରଘରକୁ ଗଲା । ଭାଉଜ ତା ପଛେପଛେ ଗଲେ । ହୁଏତ ସେମାନେ ପଗ୍ଚରି ବୁଝିଥିବେ "କୋ- ଅଥର୍" ମାନେ କଣ । ସେଇଠୁ କଛି ଭାବିଥିବେ । ରବି ଖୁସିଥିଲା ଯେ, ତା ସମସ୍ୟା ନିଶ୍ଚୟ ଏଇଠୁ ସରିଗଲା । ତାକୁ ଆଉ ଝିଅ ଦେଖିଯିବାକୁ କେହି ବାଧ କରିବେନି ।

ହେଲେ, କଥାଟା ସାଙ୍ଗେସାଙ୍ଗେ ଏମିତି ପବନ ଭଳି ବ୍ୟାପିଯିବ ବୋଲି ତାର ଧାରଣା ନଥିଲା । ଭାଇ ଓ ବାପା ମାମୁଁଙ୍କ ଘରକୁ ଯାଇଥିଲେ । ସେଠୁ ଫେରିବା ପରେ, ଏ ଖବର ପାଇଲେ । ସେମାନେ ରବିକୁ କଛି କହିନଥିଲେ । ବାପା ସଂଯମୀ ମଣିଷ । ଗାଁର ସରପଞ୍ଚ । ଯାହା କରିବେ ଓ କହିବେ ବହୁତ ଭାବିଚନ୍ତି । ହୁଏତ ସେଥିପାଇଁ ସେ କଛି ନକହି ଉପଯୁକ୍ତ ସମୟର ପ୍ରତୀକ୍ଷାରେ ରହିଲେ । ଆଉ ଭାଇ ସବୁବେଳେ ଫୁଲ୍ଫାଙ୍କିଆ, ଖୁସିମିଜାଜର ଲୋକ । ସେ ସମସ୍ତଙ୍କୁ ଖୁସିରେ ଦେଖିବାକୁ ଗ୍ଚହାନ୍ତି । ଅତଏବ ଯଦିବି ଆମେରିକାର ଗୋରୀ ବୋହୂଟିଏ ଘରକୁ ଆସେ, ସେଥିରେ କଛି କ୍ଷତିହେବାର ନାହିଁ ବୋଲି ଭାବି ହୁଏତ ସିଏ କଛି ଆଗ୍ରହ ଦେଖେଇଲେନି । ହେଲେ ରବି ଜାଣିଛି, ଯଦି ସିଏ ପଦ୍ମା କଥାଟି ସିଧା ଭାବେ କହିଥାନ୍ତା, ସେତେବେଳେ ବାପା କ ଭାଇ ଏମିତି ସଂଯମ ରଖିନଥାନ୍ତେ ।

ମଧ୍ୟାହ୍ନ ଭୋଜନ ସାରି ରବି ପୋଖରିଆଡେ ବୁଲିଯାଉଥିଲା । ଜୁଟିଗଲେ ପିଲାଦିନର ସାଙ୍ଗ ଦୁଇଟା । ସେମାନେ ପାଖ ଗାଆଁର । ରବିର ଆସିବା ଖବର ପାଇ ଦେଖା କରିବାକୁ ଆସିଥିଲେ । ସେମାନେ ବି ଆମେରିକାର ଗୋରୀ ଖବର ପାଇଯାଇଥିଲେ । କେମିତି ପାଇଲେ, କିଏ କହିଲା, ସେକଥା ରବି ଜାଣିନି । ହେଲେ ସାଙ୍ଗ ଅତନୁ ତାକୁ କନ୍ଗ୍ରାଚୁଲେସନ୍ ଜଣେଇ କହିଲା, "ଆରେ ସତରେ କଣ ତୁ ସେ ଗୋରୀଟାକୁ ପଟେଇଦେଲୁ? ମୁଁ ତ ଭାବିଥିଲି ସେମାନେ ଆମକୁ ଖାତିର କରନ୍ତି ନାହିଁ ? ହେଲେ ମୁଁ ବଡଖୁସି ୟାର୍, ତୋ ପାଇଁ ଗୋଟିଏ ଗୋରୀ ଭାଉଜ ମିଳବେ ।" ଆର ସାଙ୍ଗ ବୃନ୍ଦାବନ ସତର୍କ ଘଣ୍ଟି ବଜେଇ ମନ୍ତବ୍ୟଦେଲା, "ହେଲେ ମୁଁ ଶୁଣିଛି, ସେ ଗୋରୀମାନେ ବାହା ହୋଇ ବେଶିଦିନ ରହନ୍ତି ନାହିଁ । ସେଠି ସମସ୍ତେ ଛାଡପତ୍ର ଦିଅନ୍ତି । ଏକଥା କଣ ସତ ?"

ରବି ମନେମନେ ବହୁତ ଗ୍ଚଗିଲା । ଏମାନଙ୍କ ଗାଆଁ ପାଞ୍ଚଟା ଗାଆଁ ଛାଡିକି । ସେଠି ଏତେଶୀଘ୍ର ଏ ଖବର କେମିତି ପହଞ୍ଚିଲା ? ଏ ଲୋକଗୁଡାଙ୍କର କଣ କଛି କାମ ନାହିଁ । ଖାଲି ଆ- କଥା, ତା- କଥା ଗପୁଥାଆନ୍ତି । ହେଲେ ସାଙ୍ଗମାନଙ୍କୁ ଅସନ୍ତୁଷ୍ଟ ନକରି କହିଲା, "ଛାଡ ସେକଥା, ଗ୍ଚଲ ହାଟକୁ ଯିବା ଓ ଗୁରିଆ ଦୋକାନରେ ବସି ଗୁଲି କରିବା ।"

ସେମାନେ ଗୁରିଆ ଦୋକାନରେ ପହଞ୍ଚିଲା ବେଳକୁ ସେଠି ଭିଡଥାଏ । ହେଲେ ଏମାନଙ୍କୁ ଦେଖି ଗୁରିଆ କଣପାଇଁ କେଜାଣି ଖୁବ୍ ଖୁସିହେଲା ଓ ଆବଶ୍ୟକତାଠାରୁ ଅଧିକ ଆଗ୍ରହ ଦେଖେଇଲା । ଭିତରେ ଗୋଟିଏ ସ୍ୱତନ୍ତ୍ର ସ୍ଥାନ ବାଛି ସେ ଏ ତିନବନ୍ଧୁଙ୍କୁ ନେଇ ବସେଇଲା । ପଚାରିଲା, "କଣ ଆଣିବି ବାବୁ କୁହନ୍ତୁ ?"

"ଆଣେ ବରା ଓ ଆଳୁଚପ୍ ତିନ ପ୍ଲେଟ୍ ।" - ରବି କହିସାରି ନିଜ ଫୋନ୍ ଚେକ୍ କଲା ।

"ହେ ସାଙ୍ଗ, ଗୋରୀ ଭାଉଜଙ୍କର ଫଟୋ ଟିକେ ଦେଖାନା । ତୋ ଫୋନ୍‌ରେ ତ ରଖିଥିବୁ ନିଶ୍ଚୟ ।" - ବୃନ୍ଦାବନର କଥା ନସରୁଣୁ ଗୁରିଆ ବରାପିଆଜି ସହିତ ରସଗୋଲା ତିନଟା ପ୍ଲେଟ୍ ବି ଆଣି ରଖିଦେଲା ଓ କହିଲା, "ଏ ରସଗୋଲା ମୋ ତରଫରୁ, ଆମ ରବିବାବୁଙ୍କ ଆମେରିକା ବିବିଙ୍କ ପାଇଁ ।"

"ଆରେ ଗୁରିଆ, ତୁ ଇଏ କଣ କହୁଛୁ ?" - ରବି ଆଶ୍ଚର୍ଯ୍ୟ ହୋଇ ପଚାରିଲା ।

"ହଁ, ତେମେ ତ ଫିଷ୍ଟ ଦବାକୁ ପଡିବ ବୋଲି ମତେ ଏ କଥା ନୁଚେଇଚ । ହେଲେ ବାବୁ ମୁଁ ତ ଛାଡିବିନେଇଁ । ବାହାଘର ବେଳକୁ ମୋତେ ଗୋଟିଏ ଆମେରିକା ସାର୍ଟ ଦବାକୁ ପଡିବ । ହେଲେ ବାବୁ ସିଏ କମିତିକା ଟିକେ କହିଲ ? ମାନେ କଣ କ୍ଷୀର ଭଳିଆ ଧଳା ?"- ଗୁରିଆ ବଡ ଆଗ୍ରହରେ ସବୁ ଗ୍ରାହକଙ୍କ କଥା ଭୁଲି ଏମାନଙ୍କ ପାଖରେ ପଡିଥିବା ଚଉକ ଟାଣି ବସିପଡି ବେଶି ଶୁଣିବାକୁ ପ୍ରତୀକ୍ଷା କରି ରହିଲା ।

ଆଉ କେତେଜଣ ଗାଆଁର ଟୋକା ବି ସେତେବେଳକୁ ଏମାନଙ୍କ ପାଖକୁ ମାଡି ଆସିଲେଣି । ଆମେରିକା ନାଁ ଶୁଣି, ସେମାନଙ୍କ ଆଗ୍ରହ ବି ବଢିଗଲାଣି ।

ରବି କହିଲା, "ଗୁରିଆ, ତୁ ସେମାନଙ୍କ ଜଳଖିଆ କଥା ବୁଝ । ଆମେ ପରେ କଥାହେବା ।"

ସେଦିନ ହାଟରୁ ଫେରି ରବି ବହୁତ ରାଗିଥିଲା ସମସ୍ତଙ୍କ ଉପରେ । ଫେରିବା ବାଟରେ ଯାହାକୁ ଭେଟିଲା, ଲାଗିଲା ଯେମିତି ସେମାନେ ବି ତାରି ବିଷୟରେ କଥାବାର୍ତ୍ତା ହେଉଛନ୍ତି ଓ ତାକୁ ଦେଖି ହସୁଛନ୍ତି ।

ଘରେ ରାତିରେ କେହି ତା ସାଙ୍ଗରେ ଭଲରେ କଥା ହେଲେନି କେବଳ ଜୁଲି ଛଡା । ବୋଉ ଦେଖେଇ ଦେଖେଇ ସକେଇ ହୋଉଥିଲା । ଭାଉଜ ମୁହଁ ଫୁଲେଇ ବସିଥିଲେ । ତାଙ୍କର ଖାଲି ଘନଘନ ଫୋନ୍ ଆସୁଥିଲା । ବେଳେବେଳେ ଫୋନରେ କଥା ହେଉଥିଲେ ସେ ଶୁଣେଇ ଶୁଣେଇ, ୍"କଣ କ ଅପା, ରବି ଏବେ ବାହାହେବାକୁ ଚାହୁଁନାହାନ୍ତି ତ । ସେଥିପାଇଁ ଆଉ କାହିଁକି ଦେଖିବାକୁ ଆସିବେ ?"

ବାପା ଓ ଭାଇ ପୁଣି ମାମୁଁଙ୍କ ଗାଆଁକୁ ଗ୍ଲିଗଲେ । ବାହାଘରର ବିଭିନ୍ନ ଆୟୋଜନରେ ସାହାଯ୍ୟ କରିବାପାଇଁ । ସେମାନେ ଡେରିରେ ଫେରିବେ ।

ରବି ଖାଇସାରି ନିଜ ରୁମ୍‌କୁ ଶୋଇବାକୁ ଆସିଲା । ସେତିକିବେଳେ ତାର ମନେପଡିଲା ପଦ୍ମା କଥା । ଯଦି ପଦ୍ମା ପାଖରେ ଏମିତି ଉଡା ଖବର ପହଞ୍ଚେ, ତେବେ ସିଏ କଣ ଭାବିବ ? ଯଦି ଏ କଥାଟା ଏତେ ଶୀଘ୍ର ପାଞ୍ଚଖଣ୍ଡ ଗାଆଁରେ ବ୍ୟାପିସାରିଲାଣି, ପଦ୍ମାର ତ ସବୁ ସାଙ୍ଗସାଥୀ ଏଠି ଜାଣିସାରିଥିବେ । ପଦ୍ମା ସିନା ଭୁବନେଶ୍ୱରରେ, ହେଲେ ତା ବୋଉ, ବାପା ତ ଏଠି ?

"ନାଁ, ପଦ୍ମା ଏକଥା ଶୁଣିବା ପୂର୍ବରୁ ତାର ପଦ୍ମାକୁ ସବୁ ବୁଝାଇଦେବା ଦରକାର । ନହେଲେ ନେଡିଗୁଡ କହୁଣୀକୁ ବୋହିଯିବ ।"

ରବି ଏମିତି ଭାବି ଫୋନ୍ ଲଗେଇଲା । ହେଲେ ସେ ଫୋନ୍ ଲାଗିଲାନ । ଲାଗିଲା କ କଣ ଶୁଣି ବି ହେଲାନ । ମାଇକରେ ଏତେ ଜୋରରେ "ହରେ କୃଷ୍ଣ ହରେ ରାମ" ଗ୍ଲିଥିଲା ଯେ, ସେଥିରେ କୌଣସି ଫୋନରେ କଥାବାର୍ତ୍ତା କରି ଶୁଣିବା କଷ୍ଟ ।

ଭାରି ରାଗଲାଗିଲା ଏ ଅଷ୍ଟମପ୍ରହରୀ କରି ଶବ୍ଦ ପ୍ରଦୂଷଣ କରୁଥିବା ଲୋକଙ୍କ ପ୍ରତି । ଗତରାତିରେ ସେଥିପାଇଁ ସିଏ ଶୋଇପାରିନଥିଲା । ଆଉ ଯାହା ଜଣାପଡୁଛି, ଆଜି ବି ସିଏ ଶୋଇପାରିବନ । ସିଏ ଯାହା ବି ହେଲା, ଏବେ ଏତେ ଶବ୍ଦରେ ସିଏ ପଦ୍ମା ସହିତ କଥା କେମିତି ହେବ ?

ରାତିରେ କେବଳ କଡ ଲେଉଟାଇବା ସାରହେଲା । ସକାଳୁ ସକାଳୁ ଟିକେ ନିଦ ଲାଗିଥିଲା ଯେ, ସେ ସ୍କୁଲ୍ ପିଲାମାନଙ୍କର ପ୍ରଭାତ ଫେରି ଶବ୍ଦରେ ସେ ନିଦ ଭାଙ୍ଗିଲା । ସେମାନଙ୍କର ବି ମାଇକ୍ ବଜେଇ ଗୀତ ଗାଇବାର ଦରକାର । କେବଳ ସେଇଟା ନୁହେଁ, କଏ ମନ୍ଦିରରେ ପୂଜାଟିଏ କଲା ତ, ବ୍ରାହ୍ମଣ ଆଗରେ ମାଇକ୍‌ଟିଏ ନେଇ ନରଖିଲେ, ବ୍ରାହ୍ମଣ ବି ପୂଜା ଆରମ୍ଭ କରିବାକୁ ନାରାଜ ।

ରବି ଅନୁଭବ କରୁଥିଲା, ଯେମିତି ସମସ୍ତଙ୍କର ନିଜକୁ ଅତିମାତ୍ରାରେ ପ୍ରକାଶ କରି ଦେଖେଇବାର ନିଶା ଲାଗିଛି । ଏମିତି କ ପୂଜା, ଅର୍ଚ୍ଚନା, ବିବାହ, ବ୍ରତ ଭଳି ପୂଣ୍ୟକାମରେ ମାଇକ୍ ନହେଲେ ତ ଚଳିବନି, ତା ସହିତ ସମସ୍ତେ ବେଶ, ପରିପାଟୀ ନେଇ ବ୍ୟସ୍ତ, ଯେମିତି ଫଟୋ ଓ ଭିଡିଓ ଠିକ୍‌ଠାକ୍ ଆସିବ । ତା ଭିତରେ ସତରେ ଦେବତାମାନେ ଏ ପୂଜା ଗ୍ରହଣ କରି ଆଶୀର୍ବାଦ ଦିଅନ୍ତି କ ଶବ୍ଦ ପ୍ରଦୂଷଣର ପ୍ରଭାବରେ ବିବ୍ରତ ହୋଇ ଆଶୀର୍ବାଦ ଓକାଳ ପକାନ୍ତି, ସେଇଟା ସେମାନଙ୍କୁ ଜଣା । ହେଲେ ରବି ଏ ଶବ୍ଦର ପ୍ରଭାବରୁ ବଞ୍ଚିବାକୁ ଗ୍ହେଁ । ଏମିତି ଦେଖେଇହେବା ନିଶା ଲାଗିଚ ଯେ, ଗାଁର ମୁଲିଆମାନେ ବି ପାଞ୍ଚଟଙ୍କାର ଗୁଡଳ

କଣିବାର ସୁଯୋଗ ନେଇ, ସମସ୍ତ ବଳକା ମୂଲ ପଇସାରେ ମଦ ପିଇ ଉତ୍ତେଜନା ଅନୁଭବ କରିବାର ସୁଯୋଗ ଛାଡିବାକୁ ନାରାଜ ।

ରବି କହିବ ଅବା କାହାକୁ ? ତା' ନିଜ ବାପା ପରା ଗାଆଁର ସରପଞ୍ଚ । ସେଇଠି ରହିଯାଇଛି ତାର ଦୂର୍ବଳତା । ବାପା ବି ତ ନିଜେ ସେ ଶବ୍ଦ ବିରୁଦ୍ଧରେ ରାଗି ଭାଇଙ୍କୁ କହୁଥିଲେ । ହେଲେ ସେ କାହିଁକି ତାଙ୍କ ପଞ୍ଚାୟତରେ ଏ କଥାଟି ଆଣି କିଛି କରୁନାହାନ୍ତି ? ସରକାର ତ ରାତି ଦଶଟା ପରେ ଶବ୍ଦ ନିଷେଧ କରିଛନ୍ତି । ତେବେ ଏ ଲୋକମାନେ ମାନୁନାହାନ୍ତି କାହିଁକି ?

କାନ୍ଥଘଣ୍ଟା ଦିନ ନଅଟା ବାଜିବାର ସଙ୍କେତ ଦେଇ ନଅଥର ଟଙ୍ଗ୍ ଟଙ୍ଗ୍ ହେଲା । ଲାଇନ୍ ଆସିଲା କି ନା ଚେକ୍ କରିବାକୁ ରବି ଉଠିଗଲା । ଏବେ ଗାଧୋଇ ସାରି ତାକୁ ପ୍ରସ୍ତୁତ ହେବାକୁ ପଡିବ ଓ ଦଶଟା ବେଳକୁ ଯାଇ ସ୍କୁଲ୍‌ର ପହଞ୍ଚି ପିଲାମାନଙ୍କୁ ଉଦବୋଧନ ଦେବାକୁ ପଡିବ ।

ସ୍କୁଲରେ ପହଞ୍ଚି ଟିକେ ଭଲଲାଗିଲା । ସ୍କୁଲ୍‌ଟି ବେଶ୍ ପରିଷ୍କାର, ପରିଚ୍ଛନ୍ନ ଦିଶୁଥିଲା ଓ ଗେଟ୍ ପାଖରେ ଥିବା ଉଦ୍ୟାନଟିରେ ବିଭିନ୍ନ ରଙ୍ଗର ଫୁଲର ଶୋଭା ହିଁ ତାକୁ ବେଶି ଖୁସିଦେଲା । ଏଇଟା ରବିର ଓ ପଦ୍ମାର ପୁରୁଣା ସ୍କୁଲ୍ । ପଦ୍ମାର ସ୍ମୃତି ତା ମନକୁ ଆସିବା କ୍ଷଣି ଫୋନ୍ କରିବା ଚିନ୍ତା ତା ମନକୁ ଆସିଲା । ହେଲେ ସେତେବେଳକୁ ସେ ସଭାଗୃହରେ ସମସ୍ତଙ୍କ ସାମନାରେ ବସିଥିଲା ଓ ପିଲାମାନେ ତାକୁ ଫୁଲତୋଡା ଦେଉଥିଲେ ।

ଉଦବୋଧନର ଶବ୍ଦମାନେ ରବିର ପାଟିରେ ସ୍ୱତଃ ଆସି ଉଚ୍ଚାରିତ ହେଲେ । ସିଏ ଛୋଟବେଳୁ ହିଁ ଓଜସ୍ୱିନୀ ବକ୍ତା ଥିଲା । ଏବେ ଯଦିଓ ଏତେବର୍ଷ ଆମେରିକାରେ ରହିଗଲା ପରେ, ସଂପୂର୍ଣ୍ଣ ଓଡିଆରେ କହିବାକୁ ତାର ଟିକେ ଅସୁବିଧା ହୁଏ, ତଥାପି ଆଜିକାଲିର ଓଡିଆ ଟିଭି ଆଙ୍କର୍‌ମାନଙ୍କ ଓଡିଆ ଉଚ୍ଚାରଣ ତୁଳନାରେ, ତା ଉଚ୍ଚାରଣ ଯେ ଶହେଗୁଣରେ ଭଲ, ସେକଥା ସେ ଜୋର୍ ଦେଇ କହିପାରିବ । ବକ୍ତବ୍ୟରେ ସିଏ ଶବ୍ଦ ପ୍ରଦୂଷଣ ବିଷୟ ଉଠାଇଲା ଓ କେମିତି ସମସ୍ତ ସ୍କୁଲ୍ ମାନଙ୍କର ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ଏ ନେଇ ପ୍ରତିବାଦ କରିବା ଉଚିତ, ସେକଥା ବି କହିଲା । ସମସ୍ତେ ସଭାଗୃହଟିକୁ କରତାଳିର ଶବ୍ଦରେ ଝଙ୍କୃତ କରିଦେଲେ । ପ୍ରଧାନ ଶିକ୍ଷକଙ୍କ ଅଭିଭାଷଣ ଶେଷରେ ଥିଲା । ସିଏ ତାଙ୍କ ଅଭିଭାଷଣରେ ରବିକୁ ଅନେକ ପ୍ରଶଂସା କଲେ ଓ ରବି ପାଇଁ ସେ ସ୍କୁଲ୍ କେମିତି ଗର୍ବିତ, ସେ ବିଷୟ ବି କହିଲେ । ତାପରେ ସ୍ୱୀକାରୋକ୍ତି କଲେ, ଏ ଯେଉଁ କାଲି ରାତିର ମାଇକ୍‌ର ଉଚ୍ଚଶବ୍ଦ, ତାହା ସେ ସ୍କୁଲ୍‌ର ଜଣେ ଅଧିକାଙ୍କର ଅଷ୍ଟମପ୍ରହରୀ ପାଇଁ ହିଁ କାଲିଠାରୁ ଚାଲିଛି । ସେଇ ଉଦାହରଣ ଦେଇ ସେ ସମସ୍ତଙ୍କୁ ନିଜେ କପରି ସଂଶୋଧିତ ହୋଇ କାମ କରିବାକୁ ପଡିବ,

ଯାହାଦ୍ୱାର୍‌ କ ସମାଜର କଲ୍ୟାଣ ହେବ, ସେ ବିଷୟରେ କହି, ମଧୁବାବୁଙ୍କ ଗ୍ରାମ୍ୟ ସଫେଇ ଉଦାହରଣ ଦେଇ ବକ୍ତବ୍ୟ ଶେଷକଲେ ।

ସଭା ଶେଷହେଲା । ରବି ଅପେକ୍ଷା କଲା ସମସ୍ତେ ସେ କୋଠରିର ବାହାରକୁ ଯିବା ପର୍ଯ୍ୟନ୍ତ, ଯାହାଦ୍ୱାର୍‌ କ ସିଏ କବାଟ ବନ୍ଦ କରି ପଦ୍ମାକୁ ଟିକେ ଫୋନ୍ କରିପାରିବ । ସ୍କୁଲ୍‌ଟା ଗାଆଁଠାରୁ ଟିକେ ଦୂରରେ ଥିବାରୁ ସେଠି ଅଷ୍ଟମପ୍ରହରୀ ମାଇକ୍‌ର ଶବ୍ଦ ଅପେକ୍ଷାକୃତ କମ୍ ଶୁଭୁଥିଲା । ପ୍ରଧାନ ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷକମାନେ ତାକୁ ଜଳଖିଆ ଖାଇବା ପାଇଁ ଅନ୍ୟ ଏକ ଶ୍ରେଣୀଗୃହକୁ ଯିବାପାଇଁ ଅପେକ୍ଷା କରୁଥିଲେ । ହେଲେ ସେ ସେମାନଙ୍କୁ ଟିକେ ଜରୁରୀ ଫୋନ୍ କରି ଯୋଗଦେବ ବୋଲି କହିଲା ଓ ସମସ୍ତେ ବାହାରିଯିବା ପରେ ସଭାଗୃହଟିର କବାଟଟିକୁ ଟିକେ ବନ୍ଦ କରିଦେବାକୁ ଅଗ୍ରସର ହେଲା ।

ଏ କଣ? ପଦ୍ମା ବି ଏଠି । ସିଏ କେତେବେଳୁ ଆସିଲାଣି ? ସିଏ କଣ ରବିର ଅଭିଭାଷଣ ଶୁଣିଛି ? ପଦ୍ମା ଜଳଖିଆ ପାଇଁ ଉଦ୍ଦିଷ୍ଟ ଶ୍ରେଣୀଗୃହରୁ ସଭାକକ୍ଷ ଆଡେ ଆସୁଥିଲା ।

ରବି ଚମକପଡିଲା । ପଦ୍ମା ସହିତ ପ୍ରେମ ସଂପର୍କ ଗଢିଉଠିବା ପରଠାରୁ ସିଏ କେବେ ଗ୍ରାମ ପରିବେଶରେ ତାକୁ ଭେଟିନ । ସେମାନଙ୍କର ଭେଟାଭେଟି ଭୁବନେଶ୍ୱରରେ କମ୍ବା ପୁରୀରେ । ସେମାନେ ତିନଦିନ ତଳେ ଫୋନରେ କଥା ହୋଇଥିଲେ । ସେଥିରେ ତ ପଦ୍ମାର ଗାଆଁକୁ ଆସିବାର ସେମିତି କଛି ଯୋଜନା ନ । ପଦ୍ମା କଣ ସେ ଆମେରିକାନ୍ ଗୋରୀ ବିଷୟ ଶୁଣି ହଠାତ୍ ପହଞ୍ଚିଛି ?

ରବି ସେମିତି କବାଟ ପାଖରେ ପଦ୍ମାଆଡକୁ ଏକଲୟରେ ଗ୍ଚହିଁ ରହିଥିଲା ।

ଡେଟନ୍, ମେରୀଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

ଚଳତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତ୍ତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# କଞ୍ଚା ମାଠିଆ



ସୁସ୍ମିତା ମହାପାତ୍ର

ବେଳାଭୂମି ବାଲିଘର ଏ ଜୀବନ
        କେଇଟା ଦିନର ଖେଳ,
ମିଛ ଅଭିନୟ କରୁ କରୁ ଆମେ
କେ ଜାଣିଛି କା'ରେ,
        ଡାକନବ ମହାକାଳ ॥
ରାଗ, ଦ୍ୱେଷ କ୍ରୋଧ, ଈର୍ଷା, ଅସୂୟା
ଏକ ଆରେକରେ, କରୁ ଆମେ ଅହରହ
ଶରଧା, ସେନେହ, ସହାୟ, ପ୍ରଣୟ
ବିଶ୍ୱାସ ବିନା,
        ଜୀବନ ଦୁର୍ବିସହ ॥

ବାପ ନ ଦେଖଇ ପୁଅ ସୁଖଶିରୀ
        ମାଆ ଯହିଁ ଝିଅ ଅରି,
ଏ କଳି କାଳରେ ସାଥୀ ସହୋଦରେ
        ଭରସା ହେବ କ କରି? ?

ସ୍ୱାମୀ ସ୍ତ୍ରୀ ମଧ୍ୟେ ଅହି ନକୁଳର
        ସମ୍ପର୍କ ଦିଶେ ଏଠି,
କିଏ ରଚୁଥାଏ ପରକ୍ରିୟା ପ୍ରୀତି
        କିଏ ଖଟୁଥାଏ ବେଠି ॥
ଖଳ ଅଭିନୟ କରୁ କରୁ କିଏ
        ଧରାକୁ ମଣଇ ସରା,
ନରୀହ ନାଗର ହୁଅନ୍ତି ଶିକାର
        ନର୍ଦ୍ଦୋଷ ବରେ କାରା ॥


ଏ ପରିବେଶରେ ଅନ୍ତର କୋହ
        ଓଗାଳିବୁ କାହା ଆଗେ,
କେ ଅନୁଭବିବ ବେଦନାର ଜ୍ୱାଳା
        ଆପଣାର ଅନୁରାଗେ ॥

ମିଛ ନାଟକର ମିଛ ସଂଳାପେ
ମିଛ ଭୂମିକାରେ, ଅଭିନୟେ ଆମେ ବଣା,
କିଏ ଜାଣେ କେଉଁ ଦୃଶ୍ୟରେ କା'ର
ହେବ ଯବନିକା ଟଣା ॥

କଞ୍ଚା ମାଠିଆ ମଣିଷ ଜୀବନ
ଚିର ଭଙ୍ଗୁର ତା' ମନ ସପନ
ଏଇ ଅଛି  ଏହି ନାହିଁ,
ଦରଗଢା ଘର ସଂସାର ଛାଡି
ଉଜାଣି ଢେଉରେ ପଶ୍ଚାତେ ମାଡି
ଗଳିଯାଏ ଦୂରେ କାହିଁ,
        ଦିଗବଳୟକୁ ଛୁଇଁ,
ଦୂର ଦିଗବଳୟକୁ ଛୁଇଁ ॥

କୁହ ତେବେ ତୁମେ କିମ୍ପାଇ ଆମେ
        କରିବା ଆପୋଷ ଗୋଳ,
ଯେତେଦିନ ଥିବା ଏ ଧରା ଧାମରେ
        ସୁଖେ ନକାଟିବା କାଳ,
        ହାତେ ଥାଉଁ ଥାଉଁ ବେଳ,
ଦ୍ୱନ୍ଦ ଭେଦରୁ ଊର୍ଦ୍ଧ୍ୱେ ରହିଲେ
        ଜୀବନ ହେବ ସଫଳ
ତଥା ସବୁରି ମଙ୍ଗଳ ॥

କୋଏଲ ନଗର, ରାଉରକେଲା, ଓଡିଶା



# ଚୂଡି

ସୁଲୋଚନା ପଟ୍ଟନାୟକ

ଜୀବନ ବାବୁଙ୍କ ମୁଣ୍ଡରେ ସତେକ ଭୂତ ପଶିଛି । ନଶା ଲାଗିଲା ପରି ସିଏ ବୋଉ ପଛରେ ଲାଗିଛନ୍ତି, ତାକୁ ନେଇ ଏଥର ଆମେରିକା ଯିବେ । ଆଉ ଦୁଇ ସପ୍ତାହରେ ତାଙ୍କର ଫେରିଯିବା କଥା । ଭାଗ୍ୟକୁ ବୋଉର ପାସପୋର୍ଟଟା ହୋଇ ଯାଇଛି । ଭିସାଟା ଥରେ ଷ୍ଟାମ୍ପ ହୋଇଗଲେ ହୁଏତ ଦଶ ବର୍ଷ ଯାଏଁ ଆଉ ଚନ୍ତା ନଥିବ । ତେଣୁ ବୋଉକୁ ନେଇ ସିଏ ହାଇଦ୍ରାବାଦ ବାହାରିଲେ । ଆଜିକାଲି ଓଡିଶାବାସୀଙ୍କୁ ହାଇଦ୍ରାବାଦରୁ ପାସପୋର୍ଟ ଓ ଭିସା କରିବାକୁ ପଡୁଛି । ଜୀବନବାବୁଙ୍କର ମନେ ପଡୁଛି, ନଜର ଓ ସରୋଜିନୀଙ୍କର ଭିସା ପାସପୋର୍ଟ ପାଇଁ ତାଙ୍କୁ କଲିକତା ଯିବାକୁ ପଡିଥିଲା । କଲିକତା ଏକ ଗହଳ ଚହଳର ସହର । ଭଲ ଲାଗିଲେ ଭାରି ଭଲ ଲାଗିବ, ନ ଲାଗିଲେ ମନେହେବ ଏଠି ଯେମିତି ଲୋକମାନେ ସବୁବେଳେ କୁଆଡେ ଧାଉଁଛନ୍ତି । ରାସ୍ତାରେ ସବୁବେଳେ ରଥଯାତ୍ରାର ଭିଡ । ଲକ୍ଷ ଲକ୍ଷ ଲୋକଙ୍କର ସମାଗମର ଏ କଲିକତା ସହର । ଭଲ କଥାଟିଏ ଯେ, ଏଠି ଯାହା ଲୋଡିବ ସବୁବେଳେ ମିଳବ । ହୁଏତ ଏ ସହର ରାତିରେ ବି ଶୁଏନ । ମନେପଡିଲା ଥରେ ସାଧୁଦାଦା କହିଥିଲେ, "କଲିକତାରେ ମା, ବାପାଙ୍କୁ ଛାଡିଦେଲେ ସବୁ କଣିପାରିବ" । ଜୀବନବାବୁ ମଜାରେ ଉତ୍ତର ଦେଇଥିଲେ, "ଦାଦା, ବାପା- ମା ଭଡାରେ ମିଳବେ ତ"? ଦାଦା ଉତ୍ତରରେ ହସିଥିଲେ । ସେଇ ହସଟା ଭିତରେ ତାଙ୍କର ହଁ ନାହିଁର ଉତ୍ତର ଛପି ରହିଥିଲା । କଲିକତାରେ ସରୋଜିନଙ୍କୁ ଗାଲିକରି ଟ୍ରାମ, ବସ ଧରିବାକୁ ଭାରି କଷ୍ଟ ହୋଇଥିଲା । ଜୀବନବାବୁଙ୍କୁ ଯେ ସହଜ ଲାଗିଥିଲା ତା ନୁହେଁ, କନ୍ତୁ ସିଏ ଜାଣିଥିଲେ ଏଠି ଲୋକମାନେ ସମସ୍ତେ ସବୁବେଳେ ଆଗକୁ ଦଉଡୁଥାନ୍ତି । ଏଠି ଜୀବନ ଅଗ୍ରଧାମି । ଗାଁ ଗହଳର ଧୀର ସ୍ଥିର ସରଳ ଜୀବନ ନାହିଁ । ଚଳ ଚଞ୍ଚଳ ଜୀବନ ସୂଚାଇ ଦିଏ ଆଗକୁ ବଢିବାକୁ ହେଲେ ଏକପାଦ ଆଗକୁ ଚାଲିବାକୁ ପଡିବ । ନହେଲେ ଆଉ କଏ ସେ ସ୍ଥାନ ଅଧିକାର କରିନେଇପାରେ । ଧୀର ସ୍ଥିର ମନ ଓ ଜୀବନ ପଛରେ ପଡିଯାଇପାରେ ।

ଆଜି ହାଇଦ୍ରାବାଦରେ ପହଞ୍ଚି ସିଏ ଦେଖୁଛନ୍ତି ବଡ ସହର ହେଲେ ବି ଏଠି କଲିକତାର ଭିଡନାହିଁ । ଯଦିଓ ଏଠି ନୂଆ ଏଆରପୋର୍ଟ, ନୂଆ ଚଉଡା ରାସ୍ତା ହୋଇଛି, ତେବେବି ଏହା ଏକ ପୁରୁଣା ସହରଟିଏ । କମ୍ପ୍ୟୁଟର କ୍ଷେତ୍ରରେ ଅଗ୍ରଗାମୀ କରୁଥିବା ପ୍ରଦେଶ ଭାବରେ ଖ୍ୟାତି

ପାଇଛି ଆଜିକାଲି । ଜୀବନବାବୁଙ୍କ ଉଦ୍ଦେଶ୍ୟ ଭିସା କାମଟା ସାରିଦେଇ ହାଇଦ୍ରାବାଦର ପ୍ରସିଦ୍ଧ ଗୋଲକୁଣ୍ଡା ଦୁର୍ଗ, ସଲାରଜଙ୍ଗ ମ୍ୟୁଜିୟମ୍ ଆଉ ଚ୍ଚାରମିନାର ଦେଖିନେବେ । ତା ଛଡା ଧଳା ମାର୍ବଲ ପଥରରେ ତିଆରି ହିନ୍ଦୁ ମନ୍ଦିର ଦେଖିବାର ବି ପ୍ରୟାସ ରଖିଛନ୍ତି । ଦେଖାଯାଉ, ସବୁ ସମୟ ଉପରେ ନିର୍ଭର କରେ । ଜୀବନବାବୁ ଏଆରପୋର୍ଟ ପାଖରେ ବେଗମପେଟରେ ରହୁଥିବା ତାଙ୍କର ବନ୍ଧୁ ଉତ୍ତମ ମହାନ୍ତିଙ୍କ ଘରେ ରହିବାର ବନ୍ଦୋବସ୍ତ କରିଥିଲେ । ଉତ୍ତମ ବାବୁ ଏଆରପୋର୍ଟରୁ ଆସି ମା ପୁଅଙ୍କୁ ରିସିଭ୍ କରିଥିଲେ । ଏଆରପୋର୍ଟରୁ ଦଶ ମିନଟ୍ ର ରାସ୍ତା । ଘରେ ପହଞ୍ଚିଲାବେଳକୁ ଉତ୍ତମବାବୁଙ୍କ ସ୍ତ୍ରୀ ସୁଜାତା ଖାଇବା ପିଇବାର ବନ୍ଦୋବସ୍ତ କରି ସାରିଥିଲେ । ତିନୋଟି ଶୋଇବା ଘରଥିବା ଆପାର୍ଟମେଣ୍ଟ ତାଙ୍କର । ଦୁଇଜଣ ଗେଷ୍ଟ ରହିବାରେ କୌଣସି ଅସୁବିଧା ହୁଏନ । ଭାରି ମେଳାପି ସୁଜାତା । ତାଙ୍କ ଘରେ ସବୁବେଳେ ଗହଳ । ଓଡିଶାରୁ ବହୁ ଲୋକ ତାଙ୍କର ଅତିଥି ହୋଇଥାନ୍ତି । ତାଙ୍କ ଆପାର୍ଟମେଣ୍ଟରେ ସୁବିଧା ବି ଅନେକ । ଆପାର୍ଟମେଣ୍ଟ କମପ୍ଲେକ୍ସ ତଳେ ସରକାରୀ ଡିପାର୍ଟମେଣ୍ଟ ଷ୍ଟୋର, ଯେଉଁଠାରେ ପରିବାପନ୍ନଠାରୁ ଡାଲି ଚାଉଳ ପର୍ଯ୍ୟନ୍ତ ସବୁ ସୁବିଧାରେ, ସୁବିଧା ଦରରେ ମିଳଯାଏ । ତେଣୁ ଅତିଥି ପରାୟଣ ଲୋକଙ୍କ ପାଇଁ ଆତିଥ୍ୟ କରିବାରେ କଛି ଅସୁବିଧା ହୁଏନ । ଜୀବନବାବୁଙ୍କ ମା କୁମୁଦିନ ଏ ସବୁ ସୁବିଧା ଦେଖି ଭାରି ଖୁସି ହୋଇଗଲେ । ଓଡିଶାରେ ଏଭଳ ସୁବିଧା ଥିଲେ ସବୁ ସ୍ତ୍ରୀ ଲୋକଙ୍କୁ କେତେ ସୁବିଧା ହୁଅନ୍ତା ତାଙ୍କ ପରି ବୟସ୍କ ମହିଳାମାନଙ୍କ ପାଇଁ, ଯେଉଁମାନେ ପ୍ରାୟତଃ ଏକୁଟିଆ ରୁହନ୍ତି! ସୁଜାତାଙ୍କୁ ସିଏ କହିଲେ, "ଝିଅ, ତୁମକୁ ଆଉ କଛି ଅସୁବିଧା ହେଉ ନଥିବ । ଯାହା ଯେତେବେଳେ ଦରକାର, ସବୁ ତ ହାତ ପାହାନ୍ତାରେ ଜାଣ! ଘର କବାଟ ବନ୍ଦ କରିଦେଲେ ଡର ଭୟ ବି ନାହିଁ । ପାଖ ଘର ଲୋକଙ୍କ ସହ ଭଲ ପଡୁଥିଲେ, ଏକା ପରିବାର ଭଳ ଚଳଯାଉଥିବ" । ସୁଜାତା କହିଲେ, "ନୁହଁ ଆଉ କଣ ମାଉସୀ, ଇଏ କେତେବେଳେ କନଫରେନ୍ସ ଗଲେ ବା ଗାଁକୁ ଗଲେ ମୁଁ ଏକୁଟିଆ ପୁଅକୁ ନେଇ ରହିଯାଏ । କଛି ଅସୁବିଧା ହୁଏନ । କେବେ ଆପଣ ଆସି ମୋ ପାଖରେ ସପ୍ତାହେ ଦୁଇ ସପ୍ତାହ କଟାନ୍ତୁ, ଭଲ ଲାଗିବ । ମୁଁ ଆପଣଙ୍କୁ ସବୁ ଆଡ ବୁଲାଇ ଦେଖାଇ ଦେବି । ଆଜି ଆପଣ ଟିକେ ବିଶ୍ରାମ କରନ୍ତୁ, ସନ୍ଧ୍ୟାବେଳେ ଜଗନ୍ନାଥ ମନ୍ଦିର ବୁଲି ଆସିବା । କୁମୁଦିନ ସେଥିକୁ ରାଜି । ମନ୍ଦିର ଯିବାକୁ କିଏ ବା ରାଜି ନହେବ? ସମସ୍ତେ ମିଶି ଖିଆପିଆ ଶେଷ କରି ଲିଭିଂ ରୁମ୍ ରେ ବସିଲେ । କୁମୁଦିନ ଟିକେ ବିଶ୍ରାମ ନେବି କହି ତାଙ୍କୁ ଦିଆଯାଇଥିବା ରୁମ୍ ରେ ଯାଇ ଖଟରେ ଗଡି ପଡିଲେ । ଆଖି ଲାଗି ଆସିଲା । ବୟସର ପ୍ରଭାବ । ଟିକଏ ଏପଟ ସେପଟ ହୋଇଗଲେ ଦେହ ସହୁନ । ଟିକକରେ ହାଲିଆ ଲାଗୁଛି । ପୁଅ ଭିଟାମିନ୍ ଖାଇବାକୁ ସବୁବେଳେ ତାଗିଦା କରେ । ସବୁବେଳେ କୋଉ କଥା ମନେ ରହୁଛି ତାଙ୍କର? ନିଜ ପାଇଁ ବିଶେଷ କରି ହେଳା ହୋଇଯାଏ । ସେଇଆ ଭାବୁ ଭାବୁ ନିଦ ଲାଗିଆସିଲା କୁମୁଦିନଙ୍କର ।

ଜୀବନବାବୁ ଓ ଉତ୍ତମ ବାବୁ ଏଣେ କନ୍ତ ଗପରେ ମଜ୍ଜି ଯାଇଥିଲେ । ଉତ୍ତମ ବାବୁ ଆମେରିକା ଜୀବନର ସ୍ୱାଦ ଯାଣିବାକୁ ଆଗ୍ରହୀ ହୋଇ କେତେ ପ୍ରଶ୍ନ ପଗ୍ଭରୁଥାନ୍ତି । ସୁଜାତା ଚୁପଗ୍ଭପ ସବୁ ଶୁଣିବାରେ ଲ୍ଗିଥାନ୍ତି । କଥା ମଝିରେ ହଠାତ୍ ସିଏ ପଗ୍ଭରିଲେ, "ଜୀବନ ବାବୁ, ଯଦି କଛି ଖର୍‌ାପ ନ ଭ୍ବିବେ, କଥାଟିଏ ପଗ୍ଭରିବିକ"? ଜୀବନବାବୁ କହିଲେ, "ଭ୍ଉଜ ପଗ୍ଭରୁଛନ୍ତି କଣ? କହୁ ନାହାନ୍ତି"? ସୁଜାତା କହିଲେ, ଏକୁଟିଆ ରହିବାରେ ଗୁଡାଏ ଦିନ ହୋଇଗଲ୍ଣି । ଆପଣ ସେ ବିଷୟରେ କଛି ଚନ୍ତା କରୁଛନ୍ତି ନା ଏମିତି ବାଚେଲର ଜୀବନ କଟାଇ ଦେବାକୁ ପଣ କରିଛନ୍ତି? " ଜୀବନବାବୁ କଣ ଉତ୍ତର ଦେବେ ଜାଣି ପାରିଲେନ । ତେବେ ଶେଷକୁ ମିନଟିଏ ନୀରବତା ପରେ କହିଲେ, "ସତ କହୁଛି ଭ୍ଉଜ, ଏ ଭିତରେ ଜୀବନଟା ଏକୁଟିଆ ହୋଇ ରହିବାରେ ଗତରେ ପଡିଗଲ୍ଣି । ସାଙ୍ଗ ସୁଖ ଗୁଡାଏ ନାହାନ୍ତି ସତ, କନ୍ତ ଜଣେ ଅଧେ ଭଲ ସାଙ୍ଗ ମିଳ ଯାଇଛନ୍ତି । ସେମାନଙ୍କ ସଙ୍ଗେ ସମୟ କଟିଯାଉଛି କେଉଁ ମତେ । ତା ଛଡା ଶନବାର- ରବିବାର, ବୋଉ ସହ ବା ଭ୍ରତରେ ସହୁଥିବା ସାଙ୍ଗ ମାନଙ୍କ ସହ କଥା ହୋଇ ସମୟ କଟିଯାଉଛି । ଆମେରିକାରେ କାମର ତାଗିଦା ବି ବହୁତ । ଚଳଯାଉଛି ଯାଥା ତଥା, ସିରିଅସଲି ଚନ୍ତା କରିନ" । ସୁଜାତା କହିଲେ, ଏବେ ଆପଣଙ୍କ ବିଷୟ ଆମ ଭିତରେ ପଡିଥିଲ୍ । ମୁଁ କଣ କହୁଥିଲିକ..., ହଁ ଉତ୍ତମ ତୁମେ କୁହ"- ଉତ୍ତମ ବାବୁ କହିଲେ, "ଆମ ଏଇ କମପ୍ଲେକ୍ସରେ ରହୁଥିବା ଝିଅଟିଏ ଏବେ ସୁଜାତାର ସାଙ୍ଗ ହୋଇଛି । କଲିକତାର ଝିଅ – ବନ୍ଦନା ସେନ୍ । ପାଖ କ୍ୱାଟରରେ ରୁହନ୍ତି ଆଉ ଟିସିଏସ୍ ରେ କାମ କରନ୍ତି । ଆମେରିକାରୁ ଛ ମାସ ହେଲ୍ ଫେରିଛନ୍ତି । ଆମ ପରିବାର ସାଙ୍ଗେ ଭଲ ବନ୍ଧୁତ୍ୱ ତାଙ୍କର । ଗ୍ଭଲ, ଆଜି ତାଙ୍କ ସହ ପରିଚୟ କର୍‌ାଇ ଦେବା" । ଜୀବନବାବୁ କଛି କହି ଆସୁଥିଲେ, ସୁଜାତା କହିଲେ, "ଆଜି ଗ୍ଭଲ ଏକାଠି ସମସ୍ତେ ମନ୍ଦିର ଯିବା । ଦେଖିବା, ଯଦି ପରସ୍ପରକୁ ଦେଖି ସାରିଲ୍ ପରେ କଛି ମତ ଦେବେ ଜୀବନ ବାବୁ"! ସମସ୍ତେ କଥା ସେଇଠି ରଖିଲେ, କାରଣ ପୁଅ ସ୍ପନ୍ଦନ ଆସି ପଗ୍ଭରିଲ୍, ସିଏ ଖେଳବାକୁ ଯାଇ ପାରିବ କ? ସୁଜାତା ମନା କଲ୍, କହିଲ୍, "ଆଜି ଯାଆନା, ଆମେ ସମସ୍ତେ ଏଇନା ମନ୍ଦିର ଯିବା" । ସ୍ପନ୍ଦନ ମୁହଁ ସୁଖାଇ ଗ୍ଭଲିଗଲ୍ ।

ଜୀବନବାବୁ ଅନ୍ୟମନସ୍କ ଦେଖା ଯାଉଥାନ୍ତି । ବୋଧହୁଏ ଚନ୍ତାରେ ପଡି ଯାଇଛନ୍ତି । ମନ୍ଦିର ଯିବାକୁ ମନା କରିବାକୁ ଗତି ନାହିଁ । ସିଏ ଜାଣନ୍ତି, ବୋଉ ନଶ୍ଚୟ ଗ୍ଭହିଁବ ମନ୍ଦିର ଯିବାକୁ । ତେଲେଙ୍ଗନା ର୍‌ାଜ୍ୟରେ ଓଡିଆମାନେ ମିଶି ଏତେ ବଡ ଜଗନ୍ନାଥ ମନ୍ଦିର କରିଛନ୍ତି, ତାହା ଖୁବ୍ ବଡ କଥା । ଆସିଛନ୍ତି ଯେତେବେଳେ, ଯାଇ ଦର୍ଶନ କରି ଆସିଲେ ଭଲ ହେବ । ହେଲେ ଝିଅ ଦେଖିବା ଉଦ୍ଦେଶ୍ୟରେ ଯିବା ପାଇଁ ତାଙ୍କର ଇଚ୍ଛା ନାହିଁ । ମନେ ମନେ ହସିଲେ । ଆଜିକାଲି ଯୁଗରେ ନ ଦେଖି, ନ ଜାଣି କଏ  କଣ କାହାକୁ ବହା ହେଉଛି? ତା ଛଡା ଏ ପ୍ରସ୍ତାବ ତ ବ୍ଲାଇଣ୍ଡ ଡେଟ୍ ବି ନୁହେଁ! ଏବେ ଚନ୍ତା କରି ଲ୍ଭ ନାହିଁ । ସଂଧ୍ୟା ବେଳର ଅପେକ୍ଷାରେ

ରହିଲେ । ନଜ ମନର ଏ ସ୍ଥିରତା ଦେଖି ମଣିଷ ମନକୁ ତାଙ୍କର ବିଶ୍ଳେଷଣ କରିବାକୁ ଇଚ୍ଛା ହେଲା । ମନ ଭିତରକୁ ହଠାତ୍ ସୁମିତା ପଶି ଆସିଲା । ସୁମିତାର ସାଧା ସିଧା ନର୍ମାଗ୍ଧା ମୁହଁ ଦିଶିଗଲା । ରିନାର ମିଠା ମିଠା ମାମୁଁ ଡାକ ବି ଶୁଭିଗଲା । ଯେମିତି ସିଏ ଏକ ଦୋ ଛକରେ ଠିଆ ହୋଇଛନ୍ତି । ଆଗକୁ ରାସ୍ତା ଦିଶୁନ, କୁହୁଡିଆ ଦିଶୁଛି ସବୁ । କେଉଁପଟକୁ ଯିବେ ଚନ୍ତା କରିପାରୁନାହାନ୍ତି । ମନେ ମନେ ସ୍ଥିର କଲେ ଏ ବିଷୟରେ ଆମେରିକାରେ ରହୁଥିବା ତାଙ୍କ ବନ୍ଧୁ ପତ୍ନି ସୁମିତ୍ରା ପଣ୍ଡାଙ୍କୁ ନଶ୍ଚୟ ପଗ୍ଚରିବେ । ଦେଖାଯିବ ତାଙ୍କର ମତ କଣ!

ସେଦିନ ସନ୍ଧ୍ୟାରେ ମନ୍ଦିର ଦେଖା ସାରି ସମସ୍ତେ "କବାବ ହଟ୍"କୁ ଖାଇବାକୁ ଗଲେ । ହାଇଦ୍ରାବାଦ ଆସି ହାଇଦ୍ରାବାଦୀ ବିରିଆନୀ ନଖାଇଲେ ଉତ୍ତମ ବାବୁଙ୍କ ମନ ଊଣା ହୋଇଯିବ । ଉତ୍ତମ ବାବୁ ଏ ସହରରେ ପ୍ରାୟ ପନ୍ଦର ବର୍ଷ ରହିଲେଣି । କେଉଁଠି କଣ ଭଲ ମିଳେ ଏବଂ ଶସ୍ତାରେ ମିଳେ ତାହା ତାଙ୍କୁ ଜଣା ନଶ୍ଚୟ । "କବାବ ହଟ" ତାଙ୍କର ବହୁତ ପସନ୍ଦ । ସମସ୍ତେ ଖୁସିରେ ଆସିଲେ । କନ୍ତୁ କୁମୁଦିନଙ୍କୁ ସେଠି ଭଲ ଲାଗିଲା ନାହିଁ । ମନ୍ଦିରରେ ମହାପ୍ରସାଦ ମିଳୁଥିଲେ ଭଲ ହୋଇଥାନ୍ତା ବୋଲି ସିଏ ମନ୍ତବ୍ୟ ଦେଲେ । ତାଙ୍କ ପାଇଁ ଦୋସା ଅଡର୍ କରା ଯାଇଥିଲା । ସୁଜାତା କହିଲେ, "ମାଉସୀ, ଆପଣଙ୍କ ପାଇଁ ମୁଁ ଫ୍ରିଜ୍ ରେ ସବୁ ରଖି ଦେଇଛି । ଆପଣ ଗଲେ ଭାତ ଖାଇନେବେ । ଆଳୁ ଦିଇଟା ଭାଜି ଦେବି ସାଙ୍ଗେ ସାଙ୍ଗେ । କୁମୁଦିନ କହିଲେ, "ମା, ମୋ ପାଇଁ ବ୍ୟସ୍ତ ହେବୁନ । ଏଇ ମୋ ପାଇଁ ଯଥେଷ୍ଟ" । ହସ ଖୁସିରେ ଖିଆ ପିଆ ସାରି ସମସ୍ତେ ଘରକୁ ଫେରିଲେ । ବନ୍ଦନାଙ୍କ ସହ ସ୍ୱଳ୍ପ ପରିଚୟ ଜୀବନ ବାବୁଙ୍କୁ ଭଲ ଲାଗିଥିଲା । ତା ପରଦିନ ସକାଳୁ ଉଠି ସେମାନେ ଉବର ନେଇ ଏମ୍ବାସି ଗଲେ । ଭଲରେ ଭଲରେ ଭିସା ଷ୍ଟାମପ୍ ହୋଇଗଲା ଦଶ ବର୍ଷ ପାଇଁ । ଜୀବନ ବାବୁଙ୍କ ମନ ଖୁସି । ବୋଉକୁ ନଶ୍ଚୟ ଥରେ ଦୁଇଥର ଆମେରିକା ବୁଲାଇ ନେବେ ଦଶ ବର୍ଷ ଭିତରେ ।

ଏମ୍ବାସିରୁ ଘରକୁ ସିଧା ନ ଯାଇ ସେମାନେ ଗୋଲକୁଣ୍ଡା ଫୋର୍ଟ ଦେଖିବାକୁ ଗଲେ । କୁତ୍ତବ ଶାହଙ୍କ ରାଜୁତିର ଇତିହାସର ମୂକସାକ୍ଷୀ ଏ ଦୁର୍ଗ । ମହମ୍ମଦ କୁଲି କୁତ୍ତବ ଶାହ ପନ୍ଦର ବର୍ଷ ବୟସରେ ରାଜା ହୋଇଥିଲେ ଆଉ ଏକତିରିଶ ବର୍ଷ ରାଜୁତି କରିଥିଲେ । ଗଜଲ ଆଉ କବିତା ଲେଖି ସିଏ ପ୍ରସିଦ୍ଧ ହୋଇଥିଲେ । କୁମିଦିନଙ୍କ ପାଇଁ କନ୍ତୁ ଏ ଐତିହାସିକ ତଥ୍ୟର କୌଣସି ମୂଲ୍ୟ ନଥିଲା । ଗୋଲକୁଣ୍ଡା ଦୁର୍ଗର କାରୁକାର୍ଯ୍ୟ ତାଙ୍କ ମନକୁ ବି ବିଶେଷ ଛୁଇଁ ପାରି ନଥିଲା । ତାଙ୍କ ମତରେ ଭୁବନେଶ୍ୱର ରାଜାରାଣୀ ମନ୍ଦିର, ଜଗନ୍ନାଥ ମନ୍ଦିର ଏବଂ କୋଣାର୍କର କାରୁକାର୍ଯ୍ୟ ଖୁବ୍ ବେଶୀ ସୁନ୍ଦର । ବାଟ ସାରା ସେଇ କଥା ସିଏ କହୁଥାନ୍ତି । ଜୀବନ ବାବୁ କଛି ମନ୍ତବ୍ୟ ଦେଉ ନଥିଲେ । ବାଟସାରା ସେଇ କଥା ସିଏ କହୁଥାନ୍ତି । ଜୀବନବାବୁ କଛି ମନ୍ତବ୍ୟ ଦେଉ ନଥିଲେ । ବୋଧେ ବୋଉ ସହ ଏକମତ ଥିଲେ । ଶେଷକୁ ଚ୍ଚାରମିନାର ବୁଲି ଦେଇ ଘରକୁ ଯିବେ ବୋଲି ବୋଉକୁ କହିଲେ । ଚ୍ଚାରମିନାର ହେଉଛି ଚୁଡିର ସହର । ବୋଉକୁ

ନିଶ୍ଚୟ ଭଲ ଲାଗିବ । ସେଠି ପହଞ୍ଚିବା ପରେ କୁମୁଦିନି ଭାରି ଖୁସି ହୋଇଗଲେ । ରଙ୍ଗ ବେରଙ୍ଗ କାଚ ଚୁଡି ଆଉ ଚକମକିଆ କାଚ ପଥର ବସା ଚୁଡି ଦେଖି ସିଏ ବହୁତ ଖୁସି । କୁମୁଦିନି ଚୁଡି କିଣିବାରେ ମନ ଦେଲେ । ଗାଁର ସାହିର ସ୍ତ୍ରୀ ଲୋକଙ୍କ ପାଇଁ କିଛି ଚୁଡି କିଣିଲେ । ଭଡା ଘରେ ରହୁଥିବା ପରିବାରର ଝିଅ ବୋହୁଙ୍କ ପାଇଁ ଚୁଡି କିଣିବା ପରେ ତଥାପି ସିଏ ଚୁଡି ଦେଖାରେ ଲାଗିଥାନ୍ତି । ଜୀବନ ବାବୁ ବୋଉକୁ ହଲାଇ ଦେଇ ପଚାରିଲେ, ବୋଉ ଦେଖିଲୁ, ଏ ଚୁଡି ସୁମିତା ହାତକୁ ହେବ ତ? କୁମୁଦିନି ଦେଖିଲେ ପୁଅ ହାତରେ ଦୁଇ ପଟ ନାଲି ପଥର ବସା ଚୁଡି । ଉତ୍ତର ଦେଲେ, "ହେବ ଯେ ସିଏ ନାଲି ଚୁଡି ପିନ୍ଧେନି" । ଜୀବନ ବାବୁ ଶୁଣି ନ ଶୁଣିଲା ପରି ହୋଇ ଚୁଡି ବାଲାକୁ ସେ ଦୁଇ ପଟ ଚୁଡି ସହ ରିନା ପାଇଁ ମ୍ୟାଚିଙ୍ଗ, ପିଲାଙ୍କ ହାତକୁ ହେଲା ଭଳି ଡର୍ଜନେ ଚୁଡି କିଣି ବଢାଇ ଦେଲେ । କୁମୁଦିନି ଆଶ୍ଚର୍ଯ୍ୟ ହେଲେ, କିନ୍ତୁ କିଛି କହିଲେ ନାହିଁ । ପୁଅର ଇଚ୍ଛାକୁ ଭାଙ୍ଗି ଦେବାକୁ ତାଙ୍କର ଇଚ୍ଛା ହେଲାନାହିଁ । ଆଜିକାଲି ଝିଅ ବୋହୁଙ୍କ ନୂଆ ଆଦବ କାଇଦା । ଝିଅ ବୋହୁମାନେ ଆଜିକାଲି ଚୁଡି କେବଳ ସଉକରେ ପିନ୍ଧନ୍ତି । ଆଗକାଳ ପରି ବାହା ହୋଇଥିବା ଝିଅମାନେ ଯେ ହାତରୁ ଚୁଡି ଖୋଲନ୍ତି ନାହିଁ, ତା ଆଉ ଦେଖା ଯାଉନି । ସେ ସବୁ ଅନ୍ଧ ବିଶ୍ୱାସ ମନେ ହେଉଛି । ଚୁଡି ପିନ୍ଧା ସାଜସଜ୍ଜାର ଏକ ଅଙ୍ଗ । ଶାଢୀ ସାଲୁଆର ସଙ୍ଗେ କେବଳ ମ୍ୟାଚିଂ କରିବା ପାଇଁ ଝିଅ ମାନେ ସଉକରେ ଚୁଡି ପିନ୍ଧନ୍ତି । ଯୁଗ ବଦଳ ଗଲାଣି । ବିଦେଶୀ ଝିଅଙ୍କ କଥା ଅଲଗା, ଭାରତୀୟ ଝିଅ ମାନେ ଏ ସବୁ ଗୁଲି ଚଳଣକୁ ଭୁଲି ଗଲେଣି । ଜୀବନ ବାବୁ ଭାବୁଥିଲେ, ଭାରତୀୟ ବିବାହିତା ନାରୀର ଭୂଷଣ ପାଦର ଝୁଣ୍ଟିଆ, ମଥାର ସିନ୍ଦୁର, ହାତର ଶଙ୍ଖା, ଆଜିକାଲି ପୁରୁଣା କାଳିଆ କଥା ବା ନିୟମ ଭଳି । ପୁଅ ଝିଅ ଭିତରେ ପୋଷାକ ପରିଛଦରେ ପ୍ରଭେଦ ନାହିଁ । ସମସ୍ତେ ସମାନ । ତଥାପି ଏ ଚୁଡିର ସହର ଭିତରେ କେଉଁଠି ଏକ ଭାରତୀୟ ନାରୀର ସୌନ୍ଦର୍ଯ୍ୟ ଛପି ରହିଛି, ଛପି ରହିଛି ଭାରତୀୟ କାରୁକଳାର ଚାତୁର୍ଯ୍ୟ । ସାଧାରଣ ଦୁଇପଟ ଚୁଡିରେ ଫୁଟି ଉଠୁଛି ହାତକାମର କୌଶଳ ସେଇ ଆଦିମ ଯୁଗରୁ ।

ଏଲକରିଜ, ମେରିଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା



# ବିପ୍ଲବୀ ସୁଭାଷ



ଅନାମ ଚରଣ ସାହୁ

ଧନ୍ୟ ଏହି ଭୂମି ଯା କୋଳେ ଜନମି
ବିପ୍ଳବୀ ସୁଭାଷ ଦିନେ
ଯଶ ରଖିଗଲେ ବିଶ୍ୱ ଭୁବନରେ
ନଜର ରୁଧିର ଦାନେ ।୧ ।

ମାଟି ମାଆ ଆମ ବନ୍ଧା ପଡିଥିଲା
ବିଦେଶୀ ବଣିକ ପାଶେ
ସିଂହନାଦ କରି କୁଦି ପଡିଥିଲେ
ମୁକୁଳାଇବାର ଆଶେ ।୨ ।

ରକତ ଦିଅ ମୁଁ ସ୍ୱାଧିନତା ଦେବି
ପ୍ରତି ପ୍ରାଣେ ସଂଚରିତ
ଇଂରେଜଙ୍କ ନଦ ହଜିଗଲା କାହିଁ
ଭୟ ପାଇ ଆତଙ୍କିତ ।୩ ।

ଗୋରା ସରକାର ହେଲେ ହରବର
କରିଲେ ନଜର ବନ୍ଦୀ
ଧୂଳ ଚଟାଇଲେ ଅଦୃଶ୍ୟ ହୋଇଲେ
ଗୋଲକ ଧନ୍ଦାରେ ଛନ୍ଦି ।୪ ।

ବନ୍ଦୀ ସଇନଙ୍କୁ କରିଲେ ଏକଜ
ମାଆର ମୁକତି ପାଇଁ
ଜାପାନ ଦେଶରେ ସ୍ୱାଧିନ ସେନାନୀ
ବୀର ଦରପରେ ବାହି ।୫ ।

ରେଙ୍ଗୁନ ସଭାରେ ଗରିବ ବୁଢୀର
ହାତରେ ତିଆରି ମାଳ
ଶୋଭା ପାଉଥିଲା ଦିଗନ୍ତ ବିସ୍ତାରୀ
ଦେହେ ଭରିଥିଲା ବଳ ।୬ ।

ହଲାମ ଧରିଲେ ଗରିବ ସର୍ଦ୍ଦାର
ବିପ୍ଳବୀ ପଞ୍ଜାବୀ ଯୁବ
ନୟନରୁ ତାଙ୍କ ଝରି ପଡୁଥିଲା
ଦେଶ ମାତୃକାର ଗ୍ରବ ।୭ ।

ସ୍ୱାଧିନ ସେନାନୀ ବୀର ଯବାନଙ୍କ
ଦିଲ୍ଲୀ ଚଲୋ ପଦପାତେ
କମ୍ପିତ ହୋଇଲା ଅବନୀ ମଣ୍ଡଳ
ବୀରଙ୍କ ଅସ୍ତ୍ର ଆଘାତେ ।୮ ।

ସ୍ୱାଧିନ ସେନାନୀ ବୀର ଯବାନଙ୍କ
ଦିଲ୍ଲୀ ଚଲୋ ପଦପାତେ
କମ୍ପିତ ହୋଇଲା ଅବନୀ ମଣ୍ଡଳ
ବୀରଙ୍କ ଅସ୍ତ୍ର ଆଘାତେ ।୮ ।

ହିମାଳୟ ଗିରି ଉଠିଥିଲା ଥରି
ପଥ ଦେଇଥିଲା ଛାଡି
ଇମ୍ଫାଲ ସହରେ ଜାତୀୟ ପତାକା
ଗରବରେ ଥିଲା ଉଡି ।୯ ।


ସହସ୍ର ସଇନ ଦେଲେ ପ୍ରାଣବଳୀ
ଜାତୀୟ ସଂଗ୍ରାମେ ଆମ
ଇତିହାସ ବକ୍ଷେ ଚର ଅମଳନ
ଭାସ୍କର ପର୍‌ଏ ନାମ ।୧୦ ।
ଅକସ୍ମାତ ଯେବେ ହେଲେ ଅନ୍ତର୍ଦ୍ଧାନ
ତମସା ଆସିଲା ଘୋଟି
ଭାରତ ସନ୍ତାନ ନୟନ ନୀରରେ
ଭିଜିଥିଲା ଏହି ମାଟି ।୧୧ ।
ଭାରତ ମାଆର ହୃଦୟ କମଳୁ
ଶତ ଆଶୀର୍ବାଦ ଝରେ
ତୁମପରି ପୁତ୍ର କୋଟିଏରେ ଏକ
ଜନମନ୍ତି ଧରା ପରେ ।୧୨ ।
ଆମ ହୃଦୟର ସିଂହାସନେ ସଦା
ବିରାଜିତ ଜାତିବୀର
ପ୍ରଣାମ ତୁମକୁ ଅନ୍ତର ଦେଶରୁ
ଧନ୍ୟ ତୁମେ ଜାତିସ୍ମର ।୧୩ ।



ବିଭୁତିପୁର, କାକଟପୁର, ପୁରୀ

"ବେଦାନ୍ତୀ" କୁ ଘରେ ଘରେ ପରିଚିତ କରାଇବା ଆପଣମାନଙ୍କର ଦାୟିତ୍ୱ । ଆପଣମାନଙ୍କୁ ଅନୁରୋଧ ବେଦାନ୍ତୀ କୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କ ପରିବାରର ସଦସ୍ୟ, ବନ୍ଧୁବାନ୍ଧବ ଏବଂ ସାଙ୍ଗସାଥିମାନଙ୍କୁ ପାଖକୁ ପଠାନ୍ତୁ ।

# ଦ୍ୱିବିଧା



ଶାନ୍ତିଲତା ମିଶ୍ର

"ଅପଦାର୍ଥ ମୂର୍ଖ ବୁଢା"!... ତା ପରର ଶବ୍ଦ ଗୁଡିକ ମଧ୍ୟ ସେହିପରି ଥିଲା । କାନରେ ପଡୁ ଥିଲେ ବି ଶୁଣି ନଶୁଣିଲା ପରି "ବିଶ୍ୱଜିତ" ବାବୁ ଚୁପ୍ ଚାପ୍ ଘରୁ ବାହାରି ଗଲେ । ସତୁରୀ ପାଖାପାଖି ବୟସ ହେଲାଣି । ଏତେ ବର୍ଷ ଏ ସଂସାରରେ ବଞ୍ଚିଥିଲେ, କଣ କଛି ଜ୍ଞାନ ନଥାଇ, ଅଯୋଗ୍ୟ ଅପଦାର୍ଥ ହୋଇ!!

କହିବାର ଆଉ କଛି ନଥିଲା । ଏଠି ରହି ଝାମେଲା ବଢେଇବାର କଛି ମାନେ ନାହିଁ । ଚାଲିଗଲେ ଏଠାରୁ ଭଲ । ଆଜି ନହେଲେ ବି କାଲି ତ ଯିବାକୁ ହେବ । ପ୍ରାୟ ଛଅ ମାସ ହେବ ଘରେ ଏମିତି କଛି ନା କଛିକୁ ନେଇ କଛିରି ମିଚରି ଚାଲିଛି । ସବୁବେଳେ ସବୁ ଦୋଷ ତାଙ୍କରି ମୁଣ୍ଡରେ ଲଗି ଦିଆ ଯାଇଛି ।

ନାତିକୁ ଚଉଦ ବର୍ଷ ଏବେ ହେଲା । କନ୍ତୁ ସେ ଅବାଟରେ ଯାଉଥିବାର ଲକ୍ଷ୍ୟ କଲେଣି ସେ ଅନେକ ଦିନରୁ । କୁ ସଙ୍ଗରେ ପଡି ପାଠରେ ମୋଟେ ମନ ଦଉନ, ସ୍କୁଲ ଯିବା ନାମରେ ବାଟରେ କୋଉଠି ଲୁଚ ଯାଉଛି । ପରୀକ୍ଷା ଫଳ କଥା ନ କହିଲେ ଭଲ । ଖାଲି କଷ୍ଟେ ମଷ୍ଟେ କପି ଦ୍ୱାରା ପାସ୍ କରି କାମ ଚଳ ଯାଉଛି ବର୍ତ୍ତମାନ । ଭବିଷ୍ୟତରେ ଉଚ୍ଚ କ୍ଲାସକୁ ଗଲେ ସେତକ ବି ହେବ ନାହିଁ ।

ତାର ଭବିଷ୍ୟତ ସେ ଜଳ ଜଳ ଆଖିରେ ଦେଖି ପାରୁଛନ୍ତି । ତାଙ୍କର ଗୋଟିଏ ବୋଲି ପୁଅ । ପୁଅର ବି ସେଇ ଗୋଟିଏ ପୁଅ । ଅତି ଗେହ୍ଲାରେ ବାପ ମା ପୁରା ଅନ୍ଧ । ପୁଅର କୌଣସି ଦୋଷ ତ୍ରୁଟି ସେମାନଙ୍କୁ ଦିଶୁ ନାହିଁ । ଏଥିପାଇଁ ଯେବେ ବି ମୁହଁ ଖୋଲିଛନ୍ତି ପୁଅ "ଅଜିତ୍" ଶୁଣି ନଶୁଣିଲା ପରି ରହିଯାଏ । ନଚେତ "ଛୁଆଟା" କହି କଥା ବୁଲେଇ ଦିଏ । ବୋହୁ "ନୟନା" ଗାରୁ ଗାରୁ ହୁଏ । ବସି ବସି ଖାଦ୍ୟ ହଜମ ହେଉନାହିଁ । ଚୁଗୁଲି କରିବା ବ୍ୟତୀତ ବୁଢାକୁ ଆଉ କଛି ଜଣାନାହିଁ । ବାପା ଡାକବା ଅନେକଦିନରୁ ସେ ଭୁଲି ଗଲାଣି ।

ସେଦିନ ଦେହଟା ଭଲ ଲାଗୁ ନଥିଲା । କନ୍ତୁ ପରିବା ଆଉ ଘର ସଉଦା କଣିବା କାମ ତାଙ୍କର । ଯେତେ ଦେହ ଖରାପ ହେଉ ପଛେ ଯିବାକୁ ପଡେ । ତେଣୁ ସିଧା ସଡକରେ ନଆସି ସର୍ଟ୍ କଟ୍ ଗଳି ଦେଇ ଆସିଗଲେ । ସେ ଗଳିରେ କଛି ବସ୍ତିର ପିଲା ଏକାଠି ବସି ସିଗାରେଟ ଟାଣୁଥିଲେ । ସେମାନଙ୍କ ଭିତରେ ନାତି "ଟିଲୁ" ବି ଥିଲା । ସେ ବି ସେମାନଙ୍କ ସହିତ ବସି ସିଗାରେଟ

ଟାଣୁଥିବାର ଦେଖି ଧୈର୍ଯ୍ୟହର୍ ହୋଇଗଲେ । ଗାଲରେ ଢୋ ଢା ଦୁଇଟା ଶକ୍ତ ଜାବୁଡା ବସେଇ ଦେଲେ ଯେମିତି ସାର୍ ଜୀବନ ଏପରି କାମ କରିବା ପୂର୍ବରୁ ମନେ ପଡିଯିବ ଗୁପୁଡା ଟା ।

ସାଙ୍ଗମାନଙ୍କ ଆଗରେ ଗୁପୁଡା ଟା.....ଭଳି ବାଧୁଲା ଟିଲୁକୁ । ଘରେ ଆସି ମିଛ କଛି ଯୋଡି ମା ଆଗରେ କାନ୍ଦି କାନ୍ଦି ଏପରି ଗପିଗଲା ଯେ ମା କେବଳ ତାରି କଥାକୁ ବିଶ୍ୱାସ କରିଗଲା । ପୁଅ ଅଜିତ୍ ଅଫିସ୍ ରୁ ଫେରିଲା ପରେ ମା ବି ଆହୁରି ଦି ଗୁରିପଦ ଯୋଡି ସ୍ୱାମୀ ଆଗରେ ଏପରି ବଖାଣିଲା ଯେ ତାଙ୍କୁ ସତ କରିବାର ବା ସଫେଇ ଦେବାର କୌଣସି ସୁଯୋଗ ବି ଦିଆଗଲା ନାହିଁ । ଜେଜେବାବା ମାନେ ନାତିମାନଙ୍କୁ ଗେହ୍ଲା ଆଦର କରନ୍ତି, ଗୁପୁଡା ମାରନ୍ତିନ । ପିଲା ଦୋଷ କଲେ ତାର ନଜର ବାପ ମା ଅଛନ୍ତି ତାକୁ ଶାସନ କରିବାକୁ । ତାଙ୍କୁ କଏ ଅଧିକାର ଦେଲା । ଅନର୍ଗଳ ଅଭିଯୋଗ, କଟୁ ଭାଷା, ଗାଳ ଶେଷ ହେବାକୁ ନାହିଁ । ସବୁଠାରୁ ଦୁଃଖ ହେଲା ପୁଅ ସବୁ ଶୁଣି ବି କଛି କହିଲା ନାହିଁ । ତାର ନିରବତ୍ତାରେ ତାର ସମ୍ମତ୍ତି ଭରି ରହିଥିଲା ସ୍ତ୍ରୀ ପିଲାର ସପକ୍ଷରେ ।

ସେ ଜାଣି ପାରିଲେ ପୁଅ ଅଜିତ ର ଭବିଷ୍ୟତ ଏତେ ଅନ୍ଧାରରେ ଭରିଯିବ ଯେ ସେ ବାପକୁ କଣ ଆଉ ଆଲୋକ ଦେଖେଇବ । ତାଙ୍କର ସେ ସବୁ ଦେଖିବା ପୂର୍ବରୁ ଏଠାରୁ ଗ୍ଲଲିଯିବା ସମସ୍ତଙ୍କ ପାଇଁ ମଙ୍ଗଳମୟ ହେବ । ତାଙ୍କର ଏ ଘରେ ଆଉ ଅଛି ବା କଣ! ସ୍ତ୍ରୀ ଥିଲେ ଅବା ବାପ ପୁଅଙ୍କ ମଝିରେ ସେତୁ ହୋଇ ଠିଆ ହୋଇ ରହିଥାନ୍ତା । ସେ ତ ନାହିଁ । ଲୁଗା ପଟା ଦି ଖଣ୍ଡ ଆଉ କଛି ବ୍ୟକ୍ତିଗତ ଜିନଷ ଧରି ନୀରବରେ ଘରୁ ବାହାରି ଗଲେ ।

ପୁଅ କଛି ନକହିଲେ ବି ତା ଆଖିରେ କୁଆଡେ ଯାଉଚର "?" ପ୍ରଶ୍ନବାଚ ଚହ୍ନଟାଏ ଥିଲା । ଯାହାକ ସେ ପଢି ପାରୁଥିଲେ ବି କଛି ପ୍ରତିକ୍ରିୟା ଦେଖେଇଲେ ନାହିଁ । ବୋହୁ କହିଲା ଯାଉ କୁଆଡେ ଯିବ । ବୁଲି ବୁଲି ପୁଣି ଫେରିଆସିବନ ଯେ । ଆଜିତ୍ ର ହାତ ଧରି ଏକ ରକମ୍ ଟାଣି ଟାଣି ଘର ଭିତରକୁ ନେଇଗଲା ।

ପଛକୁ ଫେରି ଗ୍ଲହିଁବାକୁ ଇଛା ହେଲାନାହିଁ । ଘରଟା ତାଙ୍କର । ଉପରେ ଗୁରି ବଖରା । ଘରଟା ଅବଶ୍ୟ ପୁଅ ଗ୍ଲକରି କଲାପରେ କରିଥିଲା । କନ୍ତୁ ତଳ ଘରଟା ତ ତାଙ୍କର । ହଃ, ପୁଅ ବୋହୁ ନାତିଠାରୁ ଯଦି ମନ ଛି ହୋଇଗଲା, ଘର ଖଣ୍ଡକ ନେଇ କଣ କରିବେ । ଏକାମୁହାଁ ହୋଇ ଗ୍ଲଲିଗଲେ ବନ୍ଧୁ "ସ୍ୱରାଜ୍ୟ" ଘରକୁ । ତଳ ଘରର ଦି ବଖରା ତାର ଖାଲି ପଡିଛି । କହୁଥିଲା ଭଡାଟିଆ ଖୋଜି ଦବାକୁ ତା ପାଇଁ । ଗୋଟେ ପଟ ଘରର ଜଣେ ପରିବାର ରହୁଛନ୍ତି । ଆଉ ପଟଟା ଟିକେ ଛୋଟ ହୋଇଥିବାରୁ ଜଣିକଆ ଲୋକ ରହିଲେ କେହି ସୁବିଧା ହେବ ବୋଲି କହୁଥିଲା ।

ସେ ହଁ ହାଁ କରି ମଧ୍ୟ ସେପରି ଲୋକ ଖୋଜି ପାରିନଥିଲେ । ଆଜି ସେ ସମସ୍ୟାର ସମାଧାନ ସେ କରିଦେବେ ନିଜେ କିଛି ମାସ ଭଡାରେ ରହିବାର ଇଛା ପ୍ରକାଶ କରି ।

ସବୁ ଶୁଣିସାରିଲା ପରେ ସ୍ୱରାଜ୍ୟ କହିଥିଲା – "ଆରେ ଭଡା କଣ ଦେବ । ସେମିତି ରହିଯାଅ । ମୋ ଏକୁଟିଆ ଜୀବନରେ ସାଥିଟିଏ ମିଳିଯିବ । କଥା କଟାକଟି, ଯୁକ୍ତି ତର୍କ ପରେ ସ୍ୱରାଜ୍ୟ ବାବୁ ହିଁ ଜିତିଲେ । ରହିବାର ବ୍ୟବସ୍ଥା ହୋଇଗଲା । ପଛକୁ ଫେରି ନ ଚାହିଁବାର ସେ ଶପଥ କରି ଘରୁ ଗୋଡ କାଢିଥିଲେ । ସେଇଆ ହିଁ କରିବେ । ଚାକରୀ କଲା ପରଠୁ ସେ ଏକ ଅଲଗା ଏକାଉଣ୍ଟରେ କିଛି କିଛି ଟଙ୍କା ରଖୁଥିଲେ । ଭଲ ମନ୍ଦର ଜୀବନ, କେତେବେଳେ ହଠାତ୍ ଦରକାର ହୋଇପାରେ ବୋଲି ।

କିନ୍ତୁ ସେପରି ପରିସ୍ଥିତି ଏ ଯାଏ ଆସିନଥିଲା । ଯାହା ଯେପରି ଆସିଛି ସେ ତାଙ୍କ ସୀମିତ ଦରମାରେ ଚଳେଇ ନେଇଛନ୍ତି । ସେ ସଞ୍ଚିତ ଅର୍ଥ ଏବେ କାମରେ ଲାଗିବ ।

ସହରରେ ଥିବା ଛଅଟା ସିନିଅର ସିଟିଜେନ୍ ହଲକୁ ଆପ୍ଲାଏ କରିଛନ୍ତି । ବର୍ତ୍ତମାନ ସେଠାରେ ଖାଲିନାହିଁ । ଖାଲି ହେଲେ ସେମାନେ ଜଣେଇବେ ବୋଲି କହିଛନ୍ତି । ସେ ପର୍ଯ୍ୟନ୍ତ ସ୍ୱରାଜ୍ୟର ଘରେ ରହିଯିବେ । ସେ ଏକା ରହୁଛି । ତାର ଦୁଇ ପୁଅ ଆମେରିକାରେ ରହନ୍ତି । କେବେ କେମିତି ଆସନ୍ତି । ଦୁଇଜଣ ଗୋଟିଏ ଡଙ୍ଗାର ଯାତ୍ରୀ । ଏକାଠି ସଂସାର ସ୍ରୋତରେ ଭାସିଲେ, ଶିଘ୍ର ଜୀବନ ଯାତ୍ରା ଶେଷ ହୋଇଯିବ । କ୍ଳାନ୍ତି ଜଣା ପଡିବନି । ମନ ଖୋଲି ସୁଖ ଦୁଃଖ ହେବାକୁ କେହି ଜଣେ ମିଳିଯିବେ ।

ତାଙ୍କୁ ଏହା ଭିତରେ ସିନିଅର ସିଟିଜେନ୍ ହଲ୍ ରୁ ଡାକରା ଆସିଛି ଘର ଖାଲି ଅଛି ଯାଇ ରହିବାକୁ । କିନ୍ତୁ ସ୍ୱରାଜ୍ୟର ବାଧ୍ୟ ବାଧକତା ଯୋଗୁ ସେ ରହୁ ରହୁ ରହିଗଲେଣି ପାଞ୍ଚବର୍ଷ । ଏବେ ଚାଲିଯିବା ଆଉ ଠିକ୍ ହେବନି । କାରଣ ସ୍ୱରାଜ୍ୟର ଦେହ ଆଜିକାଲି ଭଲ ରହୁନି । ବାର୍ଦ୍ଧକ୍ୟ ଜନିତ ବିଭିନ୍ନ ପ୍ରକାର ରୋଗ ତାଙ୍କୁ ଦିନକୁ ଦିନ ଦୁର୍ବଳ କରିବାରେ ଲାଗିଛି । ଆଉ ବାହାରକୁ ଯାଇ ବିଶ୍ୱଜିତ୍ ବାବୁଙ୍କ ସଙ୍ଗେ ଚାଲବୁଲା ବା ୱାକ୍ ରେ ଯିବା ସମ୍ଭବ ହୋଇପାରୁନି । ଏକାକୀ ଘରେ ରହିବାକୁ ବି ତାଙ୍କୁ ଡର ଲାଗୁଛି । ତେଣୁ ବିଶ୍ୱଜିତ ବାବୁ ବି କୁଆଡେ ବାହାରକୁ ନଯାଇ ଘରେ ସ୍ୱରାଜ୍ୟ ବାବୁଙ୍କ ପାଖେ ବସି ତାଙ୍କୁ ଜଗି ରହିବାକୁ ବାଧ୍ୟ ହଉଛନ୍ତି ।

ତାଙ୍କୁ ଦେଶ ବିଦେଶ ବିଷୟରେ ଖବର କାଗଜରୁ ପଢି ଶୁଣାନ୍ତି । ନିଜ ସହରର ଘଟଣା ବିଷୟରେ ଚର୍ଚ୍ଚା କରନ୍ତି । କେବେ ପରିସ୍ଥିତି ବା ପଲିଟିକ୍ସକୁ ନେଇ ଥଟ୍ଟା ମଜ୍ଜା କରନ୍ତି । ସେ ଭଲ ଭାବରେ ଜାଣନ୍ତି ସ୍ୱରାଜ୍ୟକୁ ଏସବୁ କୌଣସି ଆଗ୍ରହ ବା ଖୁସି ଯୋଗାଉ ନାହିଁ । କିନ୍ତୁ ଶୁଣୁଛି ବୋଲି ହଁ ନାହିଁର ଉତ୍ତରରେ ଜଣାଏ । ଆଗ୍ରହ ନରହିବା ବି ସ୍ୱାଭାବିକ । ତାର ଯିବା

ସମୟ ଆଗତପ୍ରାୟ । ଏ ସଂସାର ଥିଲେ ବା ନ ରହିଲେ ତାଙ୍କର ଆଉ କଛି ଯାଏ ଆସେ ନାହିଁ ।

ବିଶ୍ୱଜିତ ବାବୁ ବି ଭଲ ଭାବରେ ଜାଣନ୍ତି ଏସବୁ, କନ୍ତୁ ସମୟ ବିତେଇବା ପାଇଁ ଏପରି କରିବା ଜରୁରି । ନଚେତ୍ ଗୋଟିଏ ଦିନ ବିତାଇବା ଯୁଗଟିଏ ବିତିଲା ପରି ଲାଗୁଛି ।

ହଠାତ୍ ସ୍ୱରାଜ୍ୟ ଦିନେ ହାର୍ଟ ଆଟାକରେ ଚାଲିଗଲା । ଛଅମାସ ହେବ ସେ ଛାତିରେ ସମୟେ ସମୟେ ଯନ୍ତ୍ରଣା ଭୋଗୁଥିଲା । ଔଷଧପତ୍ର ବି ଠିକ୍ ସମୟରେ ଖାଉନଥିଲା । ବଞ୍ଚିବାର ବିଶେଷ ଆଗ୍ରହ ନଥିଲା । କଣପାଇଁ ଆଉ କାହାପାଇଁ ବା ଆଗ୍ରହ ରଖନ୍ତା । ତରିଗଲା ଏ ସଂସାର ସାଗରରୁ । ବିଶ୍ୱଜିତ ବାବୁଙ୍କର ବି ଆଉ ଇଛା ନାହିଁ ବଞ୍ଚିବାରେ, କନ୍ତୁ ମୃତ୍ୟୁ ତାଙ୍କ ଇଚ୍ଛାରେ ଆସିବନ । ମୃତ୍ୟୁର ଅପେକ୍ଷା କରିବାକୁ ପଡିବ । କନ୍ତୁ କେତେଦିନ !! କଏ ଜାଣେ ।

ସ୍ୱରାଜ ତାର ଉଇଲ୍ ପତ୍ରରେ ଲେଖି ଦେଇ ଯାଇଛି ବିଶ୍ୱଜିତ ବଞ୍ଚିଥିଲା ପର୍ଯ୍ୟନ୍ତ ତାଙ୍କ ତଳ ଘରେ ତାର ରହିବାପାଇଁ ବ୍ୟବହାର କରିପାରିବ । ମିଳୁଥିବା ଘର ଭଡାରେ ସେ ଚଳବ । ଉପର ଘର ଗୁଡିକ ତାଙ୍କ ପୁଅମାନଙ୍କର । ବିଶ୍ୱଜିତ ବଞ୍ଚିଥିଲା ପର୍ଯ୍ୟନ୍ତ ସେମାନେ ଏ ଘର ବିକ୍ରି ବା ଅନ୍ୟ କାହାକୁ ହସ୍ତାନ୍ତର କରି ପାରିବେ ନାହିଁ ।

ଏ କଣ ସ୍ୱରାଜ୍ୟ! ସାରା ଜୀବନ ଋଣୀ କରି ରଖିବାର ଏପରି ଏକ ଯୋଜନା ଆଉ ପରିକଳ୍ପନା । ସେ ତ ଭାବିଥିଲେ ସିନୟର ସିଟିଜେନ୍ ହଲକୁ ଚାଲିଯିବେ ସ୍ୱରାଜ୍ୟ ଚାଲିଗଲା ପରେ । ତାକୁ ଏକାକ ଅସହାୟ ଅବସ୍ଥାରେ ଛାଡି ଯିବାକୁ ଇଛା ହେଲାନାହିଁ ବୋଲି ରହୁ ରହୁ ସେ ରହିଗଲେ ଏତେ ବର୍ଷ । ଏବେ ସେ ଏଠି ଏକା ରହି କଣ କରିବେ । ଘର ଭଡାଟା ହୁଏତ ବଞ୍ଚିଯାଇପାରେ । ତାଙ୍କ ପାଖରେ ଗୁଡାଏ ସେପରି ଟଙ୍କା ନଥିଲେ ବି କଷ୍ଟେ ମଷ୍ଟେ ଚଳଯିବା ପରି ତ ଥିଲା ।

ଏବେ ବନ୍ଧୁର ଶେଷ ଇଛା ରଖିବାକୁ ସେ ବାଧ । ତାର ମୃତ୍ୟୁ ସମୟକୁ ତାର ପିଲାମାନେ କେହି ଆସି ପରିନଥିଲେ । ତାଙ୍କୁ ହିଁ ତାର ଶେଷକୃତ୍ୟ ସାରିବାକୁ ହେଇଥିଲା । ସେ ବି ଆଉ କେତେଦିନର ଅତିଥୀ ଏ ସଂସାରରେ । ରହିଯିବେ ଏଇଠି ତାର ପିଲାମାନେ ଆସି ଘରର ଦାୟିତ୍ୱ ନେଲା ପର୍ଯ୍ୟନ୍ତ ।

ପ୍ରାୟ ଆଠମାସ ହେବ ସେ ବାହାରକୁ ବା ମନ୍ଦିରକୁ ଯାଇନଥିଲେ ସ୍ୱରାଜ୍ୟ ଅସୁସ୍ଥତା ଯୋଗୁ । ଆଜି ଘରୁ ଗୋଡ କାଢିଲେ । ମନ୍ଦିରରେ ଆଜି ବିଶେଷ କଛି ପୂଜା ବୋଧେ ଚାଲିଛି । ବେଶ୍ ଜନ ସମାଗମ । ସେ ଯାଇ ଗୋଟେ କଣରେ ବସିଗଲେ । ଆଜି ଭଜନ କର୍ତ୍ତନ ସହ ଭୋଜି ଭାତର ବି ବ୍ୟବସ୍ଥା ହୋଇଛି । କେହି ବୋଧେ ଆୟୋଜନ କରିଛନ୍ତି ।

ଗୃହି ଆଉ ଆଖି ବୁଲେଉ ବୋଲେଉ ହଠାତ୍ ଜଣେ ସ୍ୱାମୀ ସ୍ତ୍ରୀଙ୍କ ଉପରେ ଆଖି ପଡିଗଲା। ଦୂରରୁ ଭଲ ଦିଶୁ ନଥିଲେ ବି ସେମାନେ ପୁଅ ଅଜିତ ଆଉ ତା ସ୍ତ୍ରୀ ପରି ଦିଶୁଥିଲେ। ଆଖିରେ ଲୁହର ଧାର। କିନ୍ତୁ ସେମାନେ ଏଠି କାହିଁକି। ଏତେ ଶିଘ୍ର ତ ସେମାନଙ୍କର ସଂସାର ପ୍ରତି ବୈରାଗ୍ୟ ଆସିବାର ନାହିଁ। ହୁଏତ ଅନ୍ୟ କେହି, ଯଦିବା ସେମାନେ ହୋଇଥିବେ ସେଥିରେ ତାଙ୍କର ମୁଣ୍ଡ ଖେଳେଇବାର ବି ନାହିଁ। ସେ ମନ ଦେଲେ ଭଜନ ଶୁଣିବାରେ।

ଭଜନ ସରିଲା। ଜନ ଗହଳ କମି କମି ଗଲା। ଉଠିବାକୁ ଇଛା ହେଉ ନଥାଏ। ଘରେ ଯାଇ ଏତେ ଶିଘ୍ର କରିବେ ବା କଣ। ଆଉ ଟିକେ ବସି ଯିବେ ଏଠି। ଏତେ ଦିନ ପରେ ଜନ ଗହଳଟା ବେଶ୍ ଭଲ ଲାଗୁଛି। ଏମିତିରେ ତାଙ୍କୁ ଏକା ରହିବାକୁ ବେଳେ ବେଳେ ଭଲ ଲାଗେ। କିନ୍ତୁ ଆଜି ନୁହେଁ। ସ୍ୱରାଜ୍ୟର ଅଭାବଟା ଆଜି ବେଶ୍ ବାଧୁଛି।

ଆଖି ବୁଜି କିଛି ସମୟ ଧ୍ୟାନରେ ବସିଗଲେ। ହଠାତ୍ କିଏ ସେ ଆଜି ପାଦ ଛୁଇଁ ପ୍ରଣାମ କରୁଥିବାର ଅନୁଭବ କଲେ। ଆଖି ଖୋଲି ଆଶ୍ଚର୍ଯ୍ୟରେ ଗୃହିଁଲେ ପୁଅ ଅଜିତ ଆଉ ବୋହୁ ନୟନା। କିନ୍ତୁ ନା ଆଶୀର୍ବାଦ ର କିଛି ଶବ୍ଦ ମୁହଁରୁ ବାହାରିଲା ନା କୌଣସି ପ୍ରତିକ୍ରିୟା ଦେଖେଇଲେ।

ଲୁହ ଛଳ ଛଳ ଆଖିରେ ଅଜିତ ସିଧା ସଳଖ କଥା ଆରମ୍ଭ କରିଦେଲା। - "କିଛି ଖଳ ଲୋକଙ୍କ ସଙ୍ଗରେ ମିଶି ପୁଅ ଟିଲୁ ଡ୍ରଗ୍ ବ୍ୟବସାୟ କରୁଥିଲା। ଧରା ପଡି ଏବେ ମାସେ ହେବ ଜେଲ୍ ରେ"। ହସିବାକୁ ଇଛା ହେଉଥିଲେ ବି ହସି ପାରିଲେନ ବିଶ୍ୱଜିତ ବାବୁ। ଆଖି ବୁଜି ପୁଣି ଧ୍ୟାନରେ ବସିବାକୁ ଚେଷ୍ଟା କଲେ। ପୁଅ ବୋହୁଙ୍କର ଲୁହଭରା ବ୍ୟାକୁଳତା ସିନା ଦେଖି ପାରିଲେନ, କିନ୍ତୁ ସେମାନଙ୍କର ଅନ୍ତହୀନ ବ୍ୟଥା ବ୍ୟସ୍ତତାକୁ ଅନୁଭବ ତ କରି ପାରୁଥିଲେ ହୃଦୟ ଭିତରେ।

କିଛି ପ୍ରତ୍ୟୁତର ନଦେଇ ସେଠାରୁ ଉଠି ଯିବାକୁ ଉଦ୍ୟତ ହେଲେ ସତ, କିନ୍ତୁ ଠିଆ ହୋଇଗଲା ପରେ ପାଦ ଆଗକୁ ବଢିଲାନ। ତଥାପି କିଛି ପାହୁଣ୍ଡ ଗଲା ପରେ ପଛକୁ ଗୃହିଁ ଦେଖିଲେ ପୁଅ ବୋହୁ ସେଠି ଉଇ ହୁଙ୍କା ପାଲଟି ଗଲାପରି ବସିଛନ୍ତି। ଅନ୍ୟ କିଛି ଆଶା ରଖନ୍ତୁ ବା ନ ରଖିଥାନ୍ତୁ କିଛି ଆଶ୍ୱାସନା ବାଣୀ, କିଛି ଆନ୍ତରିକତା ଆଶା କରି ଆସି ପାଦ ଛୁଇଁଥିଲେ, ଶେଷ ଆଶ୍ରୟ,...ଏଇ ବାପର ପାଖରେ।

ଅଜିତ ଯେପରି ମିଛ ମୋହମାୟାରେ ପଡି ଆଜି ନିଜର ଅସ୍ତିତ୍ୱ ହରେଇଛି ପୁଅ ପାଇଁ, ସେ ବି କିଛି କମ ଛଟପଟ ହୋଇନାହାଁନ୍ତି ପୁଅ ଠାରୁ ଦୂରରେ ରହି। ମାୟା ମୋହରୁ ମୁକ୍ତି ପାଇବା ଏତେ ସହଜ ହେଇଥିଲେ ଏ ସଂସାରର ରଙ୍ଗ ଅନ୍ୟ ପ୍ରକାର ହେଇ ଥାଆନ୍ତା।

ପଛକୁ ପୁଣି ଫେରିଆସି ପଚାରିଲେ - କଣ ଗୃହୁଁଚ ବର୍ତ୍ତମାନ । ଘରେ ଥିବା ସମସ୍ତ ଟଙ୍କା ପଇସା, ମା ର ଗହଣା ଚୋରି କରି ଡ୍ରଗ ବ୍ୟବସାୟରେ ଲଗେଇବା ପାଇଁ ସାଙ୍ଗମାନଙ୍କୁ ଦେଇଥିଲା ଟିଲୁ । ତାକୁ ମୁକୁଳେଇ ଆଣିବା ପାଇଁ କଛି ଟଙ୍କା ଆମ ପାଖେ ନାହିଁ । ସବୁ ନିର୍ଲଜତାର ସୀମା ଟପି ଯଦି ସେମାନେ ହାତ ପତେଇ ତାଙ୍କ ପାଖରେ ଠିଆ ହୋଇଛନ୍ତି, ବାପ ଇଏ, କେମିତି ମନବଳବ ମନା କରିଦେବା ପାଇଁ ।

ପଛେ ପଛ ଆସିବାକୁ ଇସାର୍ କରି ଘରକୁ ଫେରିଲେ । ପୁଅ ଅଜିତ କଛି କହି ଆସୁଥିଲା ଏଇ ଯେପରି ତୁମକୁ ଆମେ କେତେ ଖୋଜିଛୁ, ତୁମେ ଘର ଛାଡିଦେଲା ପରେ ଇତ୍ୟାଦି.....ଓଠରେ ହାତ ଦେଇ ମନା କରିଦେଲେ ବିଶ୍ୱଜିତ ବାବୁ ଆଉ କଛି ନ କହିବାକୁ । ସେ ଜାଣନ୍ତି ଆଜି ବାପ ପାଖେ ଦରକାର ପଡିଲା ବୋଲି ଏ କଥା ଉଠୁଚ । ଥାଉ ସେ ମିଛ କଥା ଶୁଣିବାକୁ ଆଗ୍ରହ ନାହିଁ । ବହୁତ ଲୋକଙ୍କ ଦ୍ୱାରସ୍ଥ ହୋଇ ନିରସ ନିଷ୍ଟୟ ହୋଇ ଶେଷରେ ଏଇ ଶେଷ ରାସ୍ତା ବାପର ଦ୍ୱାରକୁ ଆସିଛନ୍ତି ଏମାନେ ।

ଟଙ୍କା ଦେଇ ସାରିଲା ପରେ କବାଟ ବନ୍ଦ କରିଦେଇଥିଲେ । ବସିବାକୁ ବି କହି ନଥିଲେ । ଯାହା ଦରକାର ଥିଲା ସେମାନଙ୍କର ଦେଇଦେଲା ପରେ ଆଉ ଅଟକାଇବା କଣ ଦରକାର ।

ସେମାନେ ପ୍ରତିବାଦ କରି ନଥିଲେ ସତ, ଗ୍ଭରି ଦିନ ପରେ ପୁଅ ଟିଲୁକୁ ଧରି ଆସି ହାଜର । ସମସ୍ତେ ଏକସଙ୍ଗେ ଗୋଡ ଧରି କ୍ଷମା ଭିକ୍ଷା କରିବା ସହିତ ସେମାନଙ୍କ ସହିତ ଘରକୁ ନ ଫେରିବା ପର୍ଯ୍ୟନ୍ତ ସେମାନେ ଗୋଡ ଛାଡିବେନ ବୋଲି ଅଡି ବସିଲେ । ସେମାନଙ୍କ ଜିଦି ପାଖରେ ସବୁବେଳେ ମୁଣ୍ଡ ନୁଆଁଇ ଆସିଛନ୍ତି ବିଶ୍ୱଜିତ୍ ବାବୁ ସତ, କନ୍ତୁ ଏ ଜିଦି ପାଖରେ ନୁହେଁ ।

ତାଙ୍କ ସାଙ୍ଗକୁ ସେ କଥା ଦେଇଛନ୍ତି ଜୀବନର ଶେଷ ପର୍ଯ୍ୟନ୍ତ ତା ଘରର ରକ୍ଷଣା ବେକ୍ଷଣର ଦାୟିତ୍ୱ ସେ ନେବେ ବୋଲି । ଏଥିରୁ ସେ ଓହରି ଯିବେ ନାହିଁ । ଗଛ ମୂଳେ ଠିଆ ହୋଇଥିବା ଅବସ୍ଥାରେ ସେଇ ସାଙ୍ଗ ହିଁ ଆସି ତାଙ୍କୁ ଘରେ ଜାଗା ଦେଇଥିଲା ସେତେବେଳେ ଏମାନେ କୋଉଠି ଥିଲେ! ଘରୁ ବାହାରି ଯିବା ପାଇଁ ହାତ ଦେଖାଇ, ଆଜି ବି ବିନା ବାକ୍ୟରେ ସେ କବାଟ ବନ୍ଦ କରିଦେଇଥିଲେ ।

ଜୀବନରେ ଯେତେ ଝଡ ଆସୁ ଝଞ୍ଜା ଆସୁ, ଯେତେ ଅସ୍ୱାଭିବିକ ପରିସ୍ଥିତି ଆସୁ ନିଜର କର୍ତ୍ତବ୍ୟ ଭୁଲୁଥିବା ଲୋକଙ୍କୁ ସେ କେବେ ମଣିଷ ପଦବାଚ୍ୟ ବୋଲି ଭାବନ୍ତି ନାହିଁ । ଶେଷ ଜୀବନ ତାଙ୍କର ସେଇ ପରମେଶ୍ୱରଙ୍କ ପାଦତଳେ ହିଁ ସମାପ୍ତ ହେବ । ଜୀବନସାରା ସେ ତାଙ୍କର କର୍ତ୍ତବ୍ୟ କରି ଆସିଛନ୍ତି, ଆଜି ବି କରିଦେଲେ କଛି ଆଶା ନରଖି ।

ରଚେଷ୍ଟର, ମିନେସୋଟା, ଯୁକ୍ତରାଷ୍ଟ୍ର ଆମେରିକା

# ଶୀତ

ବରୁଣ କୁମାର ଦାସ

ତାତି ଆଉ ବରଷାର
ବଡପଣ ଭିତରେ
ହଜିଯାଉଛି ତାର ପାରୁପଣ ।
ସହରରେ ଠାଇଁ ନାହିଁ ବୋଲିତ
ଏବେ ଗାଁ ରେ
ପଶିଛି ଶରଣ ।
ବୟସର ବୋଟ୍ ତଳେ
ଚେହେରା ହୋଇଛି କ୍ଷୀଣ
ଆଗପରି ହେଉନାହିଁ
କାହାକୁ ବି କଷଣ ।
ମାଘ ମାସ ସିନା ଅଛି ସାଥୀରେ
ନାହିଁ କନ୍ତୁ ତାର
ବାଘପରି ପର୍କ୍ରମ କ ଗର୍ଜନ ।



ପାଲୁସିଆ, ଦେହୁର୍ଦ୍ଦା, ବାଲେଶ୍ୱର

ବେଦାନ୍ତୀର ହ୍ୱାସଟଆପ୍ ( **Whatsapp**) ନମ୍ବର ହେଲା-

**9594993733**

ଆପଣମାନେ ଏଥିରେ ଆମକୁ ସମ୍ପର୍କ କରିବା ସହ ନିଜ ନିଜର ମତାମତ ଆଉ ଲେଖା ମଧ୍ୟ ପଠାଇପାରିବେ ।

# ସମ୍ପର୍କ



ବିନୟ ମହାପାତ୍ର

ଦେଖ ସ୍ମୃତି, ମୁଁ ବୁଝି ପାରୁନ, ତୁମେ ହଠାତ୍ ଏପରି ଗୋଟିଏ ନିଷ୍ପତ୍ତି କାହିଁକି ନେବାକୁ ଚହୁଁଛ? କଣ ବା ମୋର ଭୁଲ? ମୁଁ କଣ ବା ଏପରି ମସ୍ତବଡ ଭୁଲ ଟାଏ କରି ଦେଲି ଯେ, ତୁମେ ମୋର ମତାମତ କିମ୍ବା ଆମର ଏଇ ଛୋଟ ସଂସାରଟିର ଭବିଷ୍ୟତ ବିଷୟରେ ମଧ୍ଯ ଟିକେ ଚିନ୍ତା କରି ପାରୁନ। ଯଦି ବା ମୁଁ ଏପରି କିଛି କରି ଦେଇଥାଏ ଯାହା ତୁମକୁ ବାଧୁଛି, ପତ୍ନୀ ହିସାବରେ ତୁମ ମୋତେ କ୍ଷମା କରି ଦେଇ ପାରିବନି? ପତ୍ନୀ ହିସାବରେ ତୁମ ମୋତେ ଅଟକେଇ ପାରିବ, ହେଲେ ତୁମେ ତୁମର ଏ ଅଧିକାର ତୁମେ ସାବ୍ୟସ୍ତ କରିବାକୁ ଗ୍ରହୁଁନ । ହଠାତ୍ ତୁମର ଏ ମସ୍ତବଡ ଫୈସଲ୍ ମୁଁ ବୁଝି ପାରୁନ। ଆମେ ଦୁହେଁ ଏକାଠି ବସି ଏ ବିଷୟରେ କଥା ହୋଇ ପାରିବା, ଦୁହେଁ ବସି ଚିନ୍ତା କରିବା । ଯଦି ଏପରି କିଛି କରିବାକୁ ହୁଏ, ମୁଁ ତୁମ ସାଥିରେ ଅଛି ।

ବଡ ନମ୍ର ଭାବରେ ଏତକ କହି ନୀରବ ହୋଇଗଲେ ସୁଧାକର ବାବୁ, ସ୍ମୃତି ମୁହଁରୁ ତାଙ୍କର ଜବାବ ଗ୍ରହୁଁଥିଲେ ଜିଜ୍ଞାସୁ ଅଥଚ କରୁଣ ଭାବରେ ଗ୍ରହିଁ ରହିଥିଲେ ସ୍ମୃତି ର ମୁହଁକୁ। ତଥାପି ସ୍ମୃତି ନୀରବ, ଏଇ ନୀରବତା ବଡ ଅସହ୍ୟ ଲାଗୁଥିଲା ତାଙ୍କୁ। ପୁଣି ପଗ୍ରରିଲେ, କଣ ଅଭାବ କରିଛି ମୁଁ ତୁମର? ତୁମେ ବି ତ ଗ୍ରକରୀ କରୁଛ, ତୁମେ ସ୍ୱୟଂ ସମ୍ପୂର୍ଣ, ଆତ୍ମ ନିର୍ଭରଶୀଳ। ହଁ ମୁଁ ମାନୁଛି, କୌଣସି ନାରୀ କିମ୍ବା ପୁରୁଷ ପାଇଁ ଆତ୍ମ ନିର୍ଭରଶିଳ ହେବା ଯଥେଷ୍ଟ ନୁହେଁ। ତୁମେ କୁହ, ସ୍ୱମୀ ହିସାବରେ, ପୁରୁଷ ହିସାବରେ, ମୋ ପାଖରେ କେଉଁ ଜିନିଷଟିର ଅଭାବ ତୁମକୁ ଆଜି ମୋ ଠାରୁ ଅଲଗା ହୋଇ ଯିବାର ନିଷ୍ପତ୍ତି ନେବାକୁ ବାଧ କରିଛି । ମୁଁ କିଛି ବୁଝି ପାରୁନ୍। କିଛି କୁହ ସ୍ମୃତି ତୁମର ଏ ଚୁପି ମୋ ପ୍ରାଣ ନେଇ ଯିବ, ପ୍ଲିଜ୍ ସ୍ମୃତି, ଜବାବ ଦିଅ, ପ୍ଲିଜ୍ ।

ଏତିକି କହୁ କହୁ ସୁଧାକର ବାବୁ କୁଶନ୍ ରୁ ଉଠି ପଡିଥିଲେ, ସ୍ମୃତି ପାଖକୁ ଯାଇ, ତାଙ୍କର ହାତକୁ ଧରି ପକାଇଥିଲେ ଭାବାବେଗରେ, ନିଜ ଅଜାଣତରେ, ହେଲେ ହାତକୁ ଛିଞ୍ଚାଡି ଦେଇ ଠିଆ ହୋଇ ପଡିଲେ ସ୍ମୃତି ଦେବୀ ।

ମୁଁ ଆଜି ତୁମର କୌଣସି ପ୍ରଶ୍ନର ଉତ୍ତର ଦେଇ ପାରିବିନି। ମୁଁ ଥରେ ନିଷ୍ପତ୍ତି ନେଇ ସାରିଚି ତ ନେଇ ସାରିଛି। ମୁଁ ଆଉ ମୋ ନିଷ୍ପତ୍ତି ବଦଳେଇବାର ମୁଡ୍ ରେ ନାହିଁ । ତୁମ ସହିତ ମୁଁ ଆଉ

ଗୋଟିଏ ଛାତ ତଳେ ଗୋଟିଏ ମୁହୁର୍ତ୍ତ ବି ରହିବାକୁ ଗ୍ହୁଁନ । ମୁଁ ଏଇଠି ଅଣନଶ୍ୱସୀ ଫିଲ୍ କରୁଛି ।

କହିଁକ, କାହିଁକ ତୁମେ ଅଣନଶ୍ୱସୀ ଫିଲ୍ କରୁଛ? ତୁମକୁ କଣ ଯଥେଷ୍ଟ ସ୍ୱାଧୀନତା ଦିଆ ଯାଇନ? ତୁମର ଗ୍ଲି ଚଳନ, ଆଗ୍ଚର ବ୍ୟବହାର ଦୈନନ୍ଦିନ ଜୀବନ ଉପରେ କଛି ଜୋର ଜବରଦସ୍ତ ଲଦି ଦିଆ ଯାଇଛି? ତୁମେ ଯେତେବେଳେ ନୁଆ ବୋହୁ ହୋଇ ଆସିଥିଲ, ତୁମର ପଢିବାର ଆଗ୍ରହ ଦେଖି, ବାପା ବୋଉଙ୍କ ସାଙ୍ଗେ ଲଢେଇ କରି ମୁଁ ତୁମକୁ ସବୁ ପ୍ରକାର ସାହାଯ୍ୟ କରିଛି । ଗ୍ତି ଗ୍ତି ତୁମର ପାଖରେ ବସି ତୁମ ପରୀକ୍ଷା ପାଇଁ ପାଠ ପଢାରେ ସାହାଯ୍ୟ କରିଛି । ତୁମକୁ ନଦ ଆସିବା ଆଗରୁ ଗରମ ଗ୍ କପ୍ ତୁମ ହାତକୁ ବଢେଇ ଦେଇଛି । ଅଫିସରେ ପଛେ ମୋର ଡେରି ହେଉ, ମୁଁ ତୁମର କଲେଜ କେବେ ଡେରି ହେବାକୁ ଦେଇନ । ମୁଁ ପଛେ ସେଇ କର୍ଣୀ ପୋଷ୍ଟରେ ଅଟକ ଗଲି, ହେଲେ ତୁମର ଅଧ୍ୟାପିକା ହେବାର ସପନକୁ ପୁର୍ କର୍ବାରେ ମୁଁ କେବେ ହେଲେ ହେଳା କରିନ ।

ବାଃ, ହସିଲେ ସ୍ମୃତି । ଗୋଟିଏ ତାଚ୍ଛଲ୍ୟର ହସ । ବା ରେ ବାଃ, ଏଇ ତୁମର ପୁରୁଷ ଜାତିର ଅହଙ୍କାର । ବଡ ଦୟାବାନ ତୁମେ । ମୋତେ ମୋ ପରି ଜୀଇବାର ଅଧୀକାର ଦେଇ ବଡ ଦୟା ଦେଖାଇଚ ତୁମେ । ମୁଁ ବି ତୁମ ପରି ପାଠ ପଢିଛି, ସରକାରୀ ଗ୍କରୀ କରିଛି । ତୁମ ପରି ମାସ ଶେଷରେ ମୋଟା ରକମର ଦରମା ନେଉଛି । ମୁଁ ତ କେବେ କହିନ ମୁଁ ତୁମକୁ ସ୍ୱାଧୀନତା ଦେଇଛି ବୋଲି ।

ପ୍ଲିଜ୍ ସ୍ମୃତି, ତୁମେ ଆଉ କଥାର ଖିଅ ବାହାର କରନା । ଥରେ ଭ୍ବି ଦେଖ, କାଲି ଯେଉଁ ମାନେ ଆମ ସ୍ୱାମୀ ସ୍ତ୍ରୀ ର ସମ୍ପର୍କର ଉଦାହରଣ ଦେଉଥିଲେ, ମେଡ ଫର ଇଚ୍ ଅଦର କହୁଥିଲେ, ସେମାନେ ଆଜି କଣ କହିବେ? ଏଇୟା ନା, ଯେ ସନାତନ ଦାଶ ଗୋଟେ ଆଦର୍ଶ ସ୍ୱାମୀର ମୁଖା ପିନ୍ଧିଥିଲ୍ ଆଉ ସ୍ମୃତି ଦେବୀ ଜଣେ ପୋଖତ ଅଭିନେତ୍ରୀ ପରି ସ୍ୱମୀ ସ୍ତ୍ରୀ ର ଡ୍ରାମା କରୁଥିଲେ ! ଯେଉଁ ହାତରେ ଆମକୁ ନମସ୍କାର କରୁଥିଲେ, ସେଇ ହାତର ଆଙ୍ଗୁଠି ଆମକୁ ଦେଖେଇ ଥଟ୍ଟା କରିବେ ।

ଲୋ୍କେ କଣ କହିବେ ବୋଲି, ତାଙ୍କର ମତାମତକୁ ସମ୍ମାନ ଦେବାକୁ ଯାଇ ମୁଁ ଆଉ ନଜକୁ ଅଧିକ ଅପମାନିତ କରି ପାରିବିନ । ମୋର ବି ଗୋଟିଏ ମନ ଅଛି, ସ୍ୱତନ୍ତ୍ର ଇଚ୍ଛା ଅଛି । ବଡ ବିରକ୍ତି ଓ କ୍ରୋଦ୍ଧ ଭର୍ ସ୍ୱରରେ କହି ଉଠିଲେ ସ୍ମୃତି ।

ମୋର ସ୍ତ୍ରୀ ର ପରିଚୟ ରେ ତୁମେ ଅପମାନିତ ବୋଧ କରୁଛ? ବାସ୍ ସ୍ମୃତି, ବାସ୍ । ବହୁତ ହୋଇଗଲ୍ । ଏସବୁ ଶୁଣିଲ୍ ପରେ ଆମେ ସ୍ୱମୀ ସ୍ତ୍ରୀ ହେବାତ ବହୁତ ଦୂରର କଥା, ଆମେ ଦୁଇ ସାଧାରଣ ବନ୍ଧୁ ହେବାର ଯୋଗ୍ୟତା ବି ହର୍ାଇ ବସିଲେଣି । ତଥାପି, ମୁଁ ତୁମକୁ

ଗୋଟାଏ ଅନୁରୋଧ କରିବି । ଆଶା କରୁଚ..... ହଠାତ୍ ଅଟକ ଗଲେ ସନାତନ ବାବୁ । ସ୍ମୃତି ଙ୍କ କ୍ରୋଦ୍ଧରେ ଜଳୁଥିବା ଦୁଇଟି ଆଖି ଗୃହିଁ ରହିଥିଲା ସନାତନ ବାବୁଙ୍କୁ ଏକ ଲୟରେ, ଏକ ପ୍ରଶ୍ନବାଚୀ ଦୃଷ୍ଟିରେ । ସୋଫା ଉପରେ, ଦୁଇ ହାତ ପାପୁଲିରେ ମୁହଁରେ ଭର୍ ଦେଇ, କଛିକ୍ଷଣ କଣ ଭ୍ରବିଲେ ସନାତନ । ଏକ ଦୀର୍ଘ ନଶ୍ୱସ ଛାଡି କହିଲେ, ଦେଖ ସ୍ମୃତିଆମେ ସ୍ୱମୀ ସ୍ତ୍ରୀ ହୋଇ ପାରିବାନ । ଦୁଇ ବନ୍ଧୁ ହେବାର ଯୋଗ୍ୟତା ଆମେ ହରାଇ ସାଳଲେଣି । ହେଲେ, ଗୋଟିଏ ଚଟିଘରେ ଗୋଟିଏ ରାତୀ ପାଇଁ, ଦୁଇଟି ଅଜଣା ଯାତ୍ରୀ କଣ ଏକାଠି କେତୋଟି ଘଣ୍ଟା କଟେଇ ପାରିବେନ? ମନେ କରିନଅ, ସେମିତି ଆମର ସମ୍ପର୍କ, ଆମେ କେହି କାହାକୁ ଚହ୍ନିନେ, କାହା ବିଷୟରେ କାହାର କଛି ଜାଣିବାର ଆବଷ୍ୟକତା ନାହିଁ, ଆଗ୍ରହ ବି ନାହିଁ, ହେଲେ ଏକାଠି ରହିବା ଛଡା ଅନ୍ୟ ଉପାୟ ନାହିଁ । ଏ କଥା ମୁଁ ମୋ ପାଇଁ କହୁନ, ସମାଜକୁ ଦେଖେଇବାକୁ ନୁହେଁ । କେବଳ ଏଇ ମୋର ଅନୁରୋଧ ଆମର ଏଇ ଦୁଇ ସନ୍ତାନ ପାଇଁ । ତୁମେ ଭଲ ଭ୍ରବରେ ଜାଣିଛ, ମୁଁ ସେମାନଙ୍କ ବିନା ବଞ୍ଚି ପାରିବିନ ଏବଂ ସେମାନେ ତୁମ ବିନା, ତା ଛଡା....ତା ଛଡା, ଆମେ ଅଲଗା ହୋଇଗଲେ ସେମାନଙ୍କ ଉପରେ କ ପ୍ରଭ୍ରବ ପଡିବ? ସେମାନେ ଆମଠୁ ଶିକ୍ଷିବେ କଣ? ସବୁଠାରୁ ବଡ କଥା, ଏଇ ପରିସ୍ଥିତିରେ ସେମାନଙ୍କର ପୂର୍ଣ ବିକାଶ ହୋଇ ପାରିବ ତ? ତୁମେ ତ ମନସ୍ତତ୍ୱ ର ଅଧାପିକା, ମଣିଷ ର ମନ ପଢିପାର, ବୁଝିପାର । ତୁମେ ବିଗ୍ଚର କର, ଆମ ବଡ ମାନଙ୍କର ଅଭିମାନର ଲଢେଇ ସେମାନଙ୍କ ଭବିଷ୍ୟତ ବିଗାଡି ନଦେଉ । ମୁଁ ସାମାନ୍ୟ କରାଣୀଟିଏ, ତୁମ ପରି ଏତେ ଜ୍ଞାନ କୌଶଳ ମୋ ପାଖରେ ନାହିଁ । ମୋର ଯଦି କଛି ଭୁଲ ଥାଏ ତାର ଦଣ୍ଡ ଏଇ ନୀରିହ କୋମଳ ଶିଶୁ ମାନଙ୍କୁ ଦିଅନ । ଏମାନେ ଆଉ କେହି ନୁହଁନ୍ତି ତୁମର ଜନ୍ମ କଲା ସନ୍ତାନ । ସେମାନଙ୍କ ଜୀବନ ନର୍କ ହେବାକୁ ଦିଅନ । ପ୍ଲିଜ୍, କଥାର ଶେଷ ଆଡକୁ ସନାତନ ବାବୁଙ୍କ ଆଖି ଛଳ ଛଳ ହୋଇ ଆସୁଥିଲା । କଣ୍ଠ ରୁଦ୍ଧି ହୋଇ ଯାଇଥିଲା କେଉଁ ଏକ ଅଜଣା ଆବେଗରେ । ହଠାତ୍ ଝଡ ବେଗରେ ରୁମ୍ ଭିତରୁ ବାହାରି ଗଲେ ସନାତନ ବାବୁ ଏବଂ ଥମ୍ କରି ସୋଫା ଉପରେ ବସିଗଲେ ସ୍ମୃତି ।

ବି.ଦ୍ର ଗଳ୍ପଟି ୧୨୫୧ ମସିହାର ଲିଖିତ

ସେକ୍ଟର- ୯, ପକେଟ୍- ୪, ନରେଲା, ଦିଲ୍ଲୀ

# ଦୋଳ ପୂର୍ଣ୍ଣିମା



ହିମାଂଶୁ ଶେଖର ବାରିକ୍




କ ସୁନ୍ଦର ଦିଶେ ଆଜ ଶ୍ୟାମଘନ ମୂର୍ତ୍ତି
ପାଶେ ବିରାଜିତା ରାଧା ତ୍ରିପୁର ସୁନ୍ଦରୀ
ଦୋଳପୂର୍ଣ୍ଣିମାର ଦୋଳ ଝୁଲଣରେ ଚଢି
ଶୋହେ ରାଧାକୃଷ୍ଣ ରୂପ ବଡ଼ ମନୋହାରୀ II
ପ୍ରକୃତି ଆସିଛି ଆଜି ରାଧାରୂପ ଧରି
ଆସିଅଛି ସାଥେ ତାର ବସନ୍ତ ଲହରୀ
ଧୀର ସମୀରଣ କଲ୍ଲୋଳିତ ପୁଷ୍ପ କଳ
ରସ ରାଗ ରଙ୍ଗ ସହ ଆବାହନ କରି II
ବସନ୍ତେ ରଚତ ବୃନ୍ଦାବନ ରାସଲୀଳା
ଗୋପର ତରୁଣୀ ସାଥେ ହୋଇଥିଲା ଖେଳା
ସ୍ମରଣ କରଇ ରାଧା ସେହି ସୁଧା ଧାର
ଅବଗାହନ କରଇ ପ୍ରଭୁ ଦିବ୍ୟଲୀଳା II
ଦରଶନ କରି ଅଦ୍ୟ ଯୁଗଳ କଶୋର
ଭକତେ କରଇ ଦିବ୍ୟ ରାସଲୀଳା ସ୍ମର
ସ୍ମରଣ ମାତ୍ରକେ ହୃଦ ହୁଏ ପୁଲକତ
ବିଷୟ ସଂସାର ମନେ ହୁଅଇ ଅସାର II
ହିଂସା ଦ୍ୱେଷ ଲୋଭ ମୋହ ଲାଗେ ମୂଲ୍ୟହୀନ
ପ୍ରେମରସ ପାନ ବିନା ବ୍ୟର୍ଥ ଏ ଜୀବନ
ଆଜିର ଦିବ୍ୟ ଦିବସେ କରେ ନବେଦନ
କୃଷ୍ଣ ପ୍ରେମେ ନମଜ୍ଜିତ ହେଉ ମୋର ମନ II

ନଉ ଏ.ଜି. କଲୋନୀ, ନୟାପଲ୍ଲୀ, ଭୁବନେଶ୍ୱର

# ଅସ୍ତରାଗିଣୀ

( ଧାରାବାହିକ)



ପ୍ରଫେସର ଅନିତା ପଣ୍ଡା

## ( ଭାଗ – ୧୧)

ଦ୍ୱିପହରେ ଆରଣ୍ୟକଙ୍କର ଘରକୁ ଆସିବା କଥା କଳ୍ପନା କରି ପାରନ୍ତିନି ନିବେଦିତା। ଏକାଠି ଖାଇବାର ତ ପ୍ରଶ୍ନ ଉଠୁନି। ନିଜର ଆକ୍ସିଡେଣ୍ଟ ପୂର୍ବରୁ ସେ ମଧ୍ୟ ଏଇ ସମୟଟା ତାଙ୍କ କର୍ମକ୍ଷେତ୍ରରେ ବିତାଉ ଥିଲେ। ଆକ୍ସିଡେଣ୍ଟ ପରଠୁ ଏଇଟା ତାଙ୍କର ନିୟମିତ ରୁଟିନ୍ ରେ ପଡିଯାଇଛି। ଠିକ୍ ଦିନ ସାଢେ ଗୋଟାଏରେ ଲଞ୍ଚ୍। ଏକା ଏକା ବସି ଖାଇବାକୁ ହୁଏ।ଏତେ ବର୍ଷ ଗଡିଯାଇଥିଲେ ମଧ୍ୟ ଏକା ବସି ଖାଇବାର ଅଭ୍ୟାସଟା ନିଜର କରି ପାରିନାହାନ୍ତି ନିବେଦିତା। ସେଇ ବିଶୁ। ଗରମା ଗରମ ରୁଟି ଦୁଇଖଣ୍ଡ ପ୍ଲେଟରେ ରଖି ଡାଇନିଂ ଟେବୁଲ୍ ପାଖରେ ଠିଆ ହୋଇ ଦୁନିଆଯାକର ଖବରମାନ କହି ଚାଲିଥାଏ। ବିଶେଷ କରି କେଉଁ ଦିନ ରନ୍ଧା ଉପରେ ତ କେଉଁଦିନ ବଜାରର ପରିବା ଉପରେ। କେବେ କେବେ ହୋଟେଲ ଖାଇବା ଉପରେ ଆକ୍ଷେପ ତ ଆଉ କେବେ ରାନ୍ଧୁଣିଆ ମାନଙ୍କ ଉପରେ। ମଝିରେ ମଝିରେ ଭ୍ରଷ୍ଟାଚାର ଉପରେ ମଧ୍ୟ ଭାଷଣ ଆରମ୍ଭ କରିଦିଏ।

ବିଶୁକୁ ଚୁପ୍ ଠିଆ ହେବାର ଦେଖି ଆରମ୍ଭ କଲେ ନିବେଦିତା, କଣ ବିଶୁ, ଆଜି ବଜାର ମାନ୍ଦା? କିଛି ବି ଆଞ୍ଚଳିକ ସମ୍ବାଦ ନାହିଁ? ଚୁପ୍ ଚାପ୍ ରହିଛୁ ଯେ।

ନାଇଁ ମା, କଣ ଆଉ ଖବର! ସେଇ ରାଜୁଟା।

ରାଜୁ। କୋଉ ରାଜୁ? କର ବାବୁଙ୍କ ଡ୍ରାଇଭର? କଣ ହେଲା ତାର?

ଗୁରିଆ ମଉସା ପୁଅ ରାଜୁ ବା।

ଓଃ, ରାଜନ୍, ଭାରି ଭଲ ପିଲାଟାଏ। ସେ ଦିନ ତା ସ୍କୁଲ ଫଙ୍କସନ୍ ଉନମୋଚନ କରିବାକୁ ଯାଇଥିଲି। ସମସ୍ତଙ୍କ ମୁହଁରେ ତାର ଭୂରି ପ୍ରଶଂସା।

ସେ ଦିନ ଆଉ ଅଛି ମା! ଦି ବରଷ ହେଲା ସ୍କୁଲରୁ ତା ନାଁ କଟେଇ ଦେଲେଣି । ଗୁରିଆ ମଉସା ଘରର ଆର୍ଥିକ ଅବସ୍ଥା ତ ଭଲନୁହେଁ । ରଜନୀର ବାହାଘର ପାଇଁ ବହୁତ ଗୁଡାଏ ଧାର କରଜ କରି ପକେଇଲେ । ଶୁଝନ୍ତା କେମିତି?

ଗୁଜନ୍ ତ ପିଲାଟା । ବାର ଚଉଦ ବର୍ଷରୁ ବେଶୀ ହେବନ ।

ହଁ ପଗ୍ । ହିସାବ କତାବରେ ସେ ଭାରି ନିପୁଣ । ଲାଲାର ଆଖି ତା ଉପରେ ପଡିଲା । ତା ଉପରକୁ ପୁଣି କାମିକା ପିଲାଟା ।

ଲାଲା ଦୋକାନରେ ଗୁଜନ୍ ଗ୍ଟକରି କରିଛି? ବାଳ ଶ୍ରମ! ଆଜି ଗୁରିଆକୁ ଡାକବୁ ତ? ସମାଜ ବିରୁଦ୍ଧରେ ସେ ଗଲା କେମିତି?

ସେଇୟା ତ କହୁଛି, ସାର୍ ବଜାର ଉଠୁଛି ପଡୁଛି । ଲାଲା ପଇସା ବାଲା, ଧର୍ ଧରି କରି ଖସି ଆସିଲା । ବାଳଶ୍ରମ ଜୁଲମ୍ ରେ ଗୁରିଆ ମଉସା ହାଜତ୍ ରେ ପଡିଛି । ଏ ବାଳଶ୍ରମ କଣ ମା?

ବାଳଶ୍ରମ- - - ଅର୍ଥାତ ଗ୍ଟଇଲଡ୍ ଲେବର । ପିଲାମାନଙ୍କୁ ଶ୍ରମିକ ଭାବେ କାମ କରାଇବା ଦେଶର ନୀତି ବିରୁଦ୍ଧ ।

ମୋ ଦାଦା ତ ମତେ କାମ କରେଉଥିଲେ । କୁନ ଦେଇ, ସୁନ ଦେଇଙ୍କୁ ବି କାମ କରିବାକୁ ସହର ପଠେଇ ଦେଇଥିଲେ । କେଇ ବରଷ ଯାକେ କାମ କରିବା ମନା! ଆଲୋ ମୋ ବୋଉଲୋ, ବାବୁ ଆଇଲେଣି?

ସବୁଠିକ୍ ତ ଆରନ୍? ହାତ ଘଡି ଦେଖି କହିଲେ ନିବେଦିତା ।

ନାଁ, ଛୋଟ ଉତ୍ତରଟିଏ ଦେଇ ଡାଇନିଂ ଟେବୁଲ୍ ପାଖରେ ବସିଲେ ଆରଣ୍ୟକ । ୟା ଭିତରେ ପ୍ଲେଟ୍ ରଖି ଖାଇବା ପରଶିବା ଆରମ୍ଭ କରିଦେଇଥିଲା ବିଶୁ ।

ଅଫିସ୍ ରେ କଛି ପ୍ରବଲେମ୍?

ହଁ, ସେଇଥିପାଇଁ ମତେ ଦଶଦିନ ବାହାରକୁ ଯିବାକୁ ହେବ ।

ଦଶଦିନ? ହତୋତ୍ସାହ ହୋଇ କହିଲେ ନିବେଦିତା ।

ମୁଁ ପ୍ରକୃତରେ ବହୁ ଦୁଃଖୀତ ନୀବି । ହେଲେ- - -

ଆରେ ନାଇଁ ମ ଆରନ୍, ମାତ୍ର ଦଶଟା ଦିନ ତ। ଗୁହୁଁ ଗୁହୁଁ ଗଡିଯିବ। ତୁମେ ଭଲରେ ଭଲରେ କାମ ଶେଷ କରି ଆସ।

ଷ୍ଟୋର୍ ରୁମରୁ ସୁଟକେଶ୍ ବାହାର କରିବି ମା?

ହଁ, ଛୋଟଟା। ବାବୁ ଏକା ଯିବେ! ରିଲାକସ୍ ଆରନ୍। ବସିବା ସ୍ଥାନରୁ ଉଠିଯାଇ ଆରନଙ୍କ ଗ୍ଲାସ୍ ରେ ପାଣି ଢାଳୁ ଢାଳୁ କହିଲେ ନବେଦିତା।

ମୁଁ ସାଗରିକା କୁ ତୁମ ପାଖରେ ରହିବାକୁ ଡାକ ଦେଇଛି।

ସାଗରିକା? ? ହେଲେ- - -

ଆଉ କେହି ସେମିତି ମୋ ଆଖିକୁ ଦେଖା ଗଲେନ, ଯେ କ ବସିବା ସ୍ଥାନରୁ ଉଠି ଆସି ପାରିବ। ସାଗରିକା ସନ୍ଧ୍ୟାର ପହଁଞ୍ଚିବ। ମୁଁ ଜାଣେ ତୁମେ ତାକୁ ପାଖରେ ପାଇଲେ ନିଶ୍ଚୟ ଖୁସି ହେବ। କଥା କାଟି କହିଲେ ଆରଣ୍ୟକ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

**"ବେଦାନ୍ତୀ ପାଇଁ ଲେଖା ପଠାଇବାର ଶେଷ ତାରିଖ ହେଉଛି ମାର୍ଚ୍ଚ ୧୫ ତାରିଖ ଆଉ ଲେଖା ପଠାଇବାର ଠିକଣା ହେଲା: vedantimagazine@gmail.com"**

# ଶିଙ୍କୁଳ ଛିଣ୍ଡାଇ



ଜିତେନ୍ଦ୍ରୀୟ ବେହେରା

ସଜନୀ ଗୋ
ମୋ ପାଦରେ / ମୋ ହାତରେ
ବାନ୍ଧିଦିଅ ତମେ ଯେବେ
ସ୍ନେହ ଆଉ
ପ୍ରଣୟ ର ବେଡ଼ି,
ଢ଼ାଳ ମୋ ଚରଣେ ସାଇତିଛ ଯେତେ
ତୁମ ପ୍ରେମର ପସରା
ଦୂରେ ଫିଙ୍ଗି ତୁମର ସେ କୁଆଁରୀ ଇସାରା
ମୁକ୍ତ ଆକାଶେ ଯିବି ଉଡ଼ି ଉଡ଼ି ।

ମୁକ୍ତ ପକ୍ଷୀ ମୁକ୍ତ ଆକାଶେ
ବଦଳାଏ ସବୁକାଳେ
ପୁରାତନ ଜୀବନର ମୋଡ଼
ସୃଷ୍ଟି ଯିବି ଏକ ନୂଆ ଦୁନିଆର ସୀମା
ସାମ୍ୟ,ମୈତ୍ରି, ଶାନ୍ତିର ଦ୍ରାଘିମା
ପଙ୍ଗୁ କରି ଶୋଷଣ ର ଗୋଡ଼ ।
ପାପର ପାଲଉ ତୋଳ
ମୁକ୍ତି ଆଉ ପ୍ରାଚୁର୍ଯ୍ୟ ସଳତା
ଲେଖି ଯିବି ମୋ କଲମେ
ବିଶ୍ୱ ବନ୍ଦ୍ୟା, ବିଶ୍ୱ ମୈତ୍ରୀ ର କବିତା

ଯେଉଁ ଠାରେ ହୋଇଅଛି
ଶୋଷଣର ବରଫ ଫାଟ
ଅସାମ୍ୟ ର ସୀମାରେଖା ଡ଼େଇଁ
ଶ୍ରେଣୀହୀନ ସମାଜର ବାଟ ।

ଅଛି ଯେତେ ଶ୍ରେଣୀକ୍ଷତ, ରାଷ୍ଟ୍ରକ୍ଷତ
ପ୍ରାଚୁର୍ଯ୍ୟ ଲୋଭୀ ଦୁନିଆର ସେତୁ
ପୟଳର ଛନ୍ଦ ତୋଳେ, ବିଶ୍ୱ ତୋରଣ ରେ
ଯେଉଁ ଠାରେ ବିଶ୍ୱଲୋଭୀ କେତୁ
ହେଉ ପଛେ ଧ୍ୱଂସ ଆବାହନ
ଝଡ଼ର ଛନ୍ଦ ତୋଳବି ଗୋଧୂଳୀ ଲଗ୍ନରେ
ଅସ୍ତାଚଳେ ଛାୟାକାନ୍ତ ରକ୍ତୀମ କରଣ
ସେ ଯାଏଁ ମୁଁ ମୁକ୍ତିପଥ ଯାତ୍ରୀ
ଯେ ଯାଏଁ ହୋଇନ ପୁଣ୍ଡ ଅର୍କୋରବା
ଧୁଃସା ରକ୍ତେ ବାନ୍ଧିନ ଧରିତ୍ରୀ
ଆପଣା ର କାକ କୃଷ୍ଣ ଗନ୍ଧ ।

ଡ଼ଭାର, ଗୋପ, ପୁରୀ- ୭୫୨୧୨୧

# 'କ' ରେ ବାଡି 'କା'



ଆଶା ସାହୁ

ପଦ୍ମ ପାଖୁଡା ଭଳ ଗୋଲାପୀ ଗୋଲାପୀ ଆଖିରେ କଜ୍ଜ୍ୱଳରେ ଗାର । କବରୀରେ ସୁଗନ୍ଧିତ ପୁଷ୍ପଗୁଚ୍ଛ । ବିମ୍ବଫଳ ସଦୃଶ୍ୟ ନାଲି ଓଷ୍ଠରେ ଇଷତ୍ ହାସ୍ୟ । ଚବୁକରେ ଲଜ୍ଜାର ଅରୁଣିମା । ପାଦରେ ନୂପୁର ରୁଣୁ ଝୁଣୁ କରି ଅବଗୁଣ୍ଠନବତୀ ଅପୂର୍ବ ସୁନ୍ଦରୀ ରାଜଜେମା ହସ୍ତଦ୍ୱୟରେ ନୀଳପଦ୍ମର ମାଳ ଧରି ଆଗେଇ ଆସୁଛନ୍ତି ମୋ ଆଡକୁ ଧିରେ ଧିରେ । ମୁଁ ମୁଣ୍ଡ ନୁଆଁଇ ବେକ ବଢାଇ ଦେଉଛି । ହୃଦୟର ବିହ୍ୱଳତା ସ୍ୱେତବିନ୍ଦୁ ରୂପରେ ମୋର କପାଳକୁ ଭିଜେଇ ଦେଉଛି ।

"ଖଟ୍"!

ସହସା ପଞ୍ଚହାତୀ ଖଣ୍ଡାରେ ମୋ ମୁଣ୍ଡଟା କଟି ଝିଟକ ପଡିଲା ପୁଷ୍କରିଣୀ ଭିତରକୁ । ରାଉଁକିନା ନଦଟା ଭାଙ୍ଗିଗଲା । ମସ୍ତିଷ୍କ ଝାଇଁ ଝାଇଁ ହୋଇଗଲା । ଡାଳଟିକୁ ଜାବୁଡି ଜୋରରେ ଧରିପକାଇଲି । ନହେଲେ ପଡିଯାଇଥାଆନ୍ତି । ଓଃ! ଏମିତି ବିକଟାଳ ସ୍ୱପ୍ନ!

ଖଟ୍! ଖଟ୍!

ଶବ୍ଦଟା ତେବେ ଆସୁଛି କେଉଁଠୁ? ତଳକୁ ଅନାଇଲି । କେତେ ଲୋକ ଜମା ହୋଇଛନ୍ତି । କୁରାଢୀ ଚୋଟ ମାରୁଛନ୍ତି ଗଛମୂଳରେ, ଖଟ୍...ଖଟ୍...! କଥାବାର୍ତ୍ତା ହେଉଛନ୍ତି । ତେନ୍ତୁଳ ଗଛ କଟାହେବ । "ମୁଁ ତେବେ ରହିବି କେଉଁଠି? " "ଯିବି କୁଆଡେ? " ଦୀର୍ଘ ଚାରିଶହ ବର୍ଷ ହେଲା ମୋର ବସା ଏଇ ତେନ୍ତୁଳ ଗଛ ।

କାହିଁ କେଉଁ କାଳର ପୁରୁଣା ଏଇ ତେନ୍ତୁଳ ଗଛ । ଖୁବ୍ ଝଙ୍କାଳିଆ । ବୈଶାଖ ଜ୍ୟେଷ୍ଠରେ ଗଛ ତଳଟା ହେମାଳିଆ ଲାଗେ । ଧାରା ଶ୍ରାବଣରେ ଗଛ ମୂଳଟା ଶୁଖିଲା ରୁହେ । ପୌଷ ମାଘରେ କାଲୁଆ ରାତିରେ ପଥିକମାନେ କେବଳ ଚାଦର ଘୋଡି ହୋଇ ଶୁଅନ୍ତି ଗଛମୂଳେ । ଡାଳମାନଙ୍କର ବିସ୍ତାର ଏମିତି ଯେ ଦୁଇଶହ ଖଣ୍ଡେ ଲୋକ ଆରାମରେ ତା ତଳେ ବସିପାରିବେ ।

ଗଛଠାରୁ ପନ୍ଦରହାତ ଖଣ୍ଡେ ଛାଡି ପୁଷ୍କରଣୀଟିଏ । ଚାରିକଡେ ଘେରିଟା ମାର୍ବଲ ତିଆରି ତୁଠ । ଏତେ ପୁରୁଣା ହୋଇ ସାରିଲାଣି ଯେ ସେ ଧଳା ମାର୍ବଲ ନା କଳା ମୁଗୁନି ପଥର ଜଣାପଡୁନି ।

ଏ ତେନ୍ତୁଳ ଗଛ ଓ ପୁଷ୍କରିଣୀ ଅବସ୍ଥିତି ତତକାଳୀନ ରାଜାଙ୍କର ଫୁଲବାଡିରେ । ଏବେ ସେ ଫୁଲବାଡି ଆଉ ନାହିଁ । କଣ୍ଟା ଝଣ୍ଟା, ଅନାବନା ବୁଦା ଇତ୍ୟାଦିର ସମନ୍ୱୟରେ ଏକ ଅନାବାଦି ଜମିରେ ପରିଣତ ହୋଇଛି । ଦାସୀମାନଙ୍କ ଗହଣରେ ଫୁଲ ତୋଳିବାକୁ ରାଜକନ୍ୟାମାନେ ଆସୁ ନାହାନ୍ତି । କୁଆଁର ପୁନେଇରେ ଆଉ ଶୁଣାଯାଉନାହିଁ କୁମାରୀ ମାନଙ୍କର ସମ୍ମିଳତ କଣ୍ଠର ସୁମଧୁର ସଙ୍ଗୀତ । ପୁଷ୍କରଣୀର ଧବଳ ମାର୍ବଲ ପାହାଚ ଆଉ ଲାଲ୍ ହୋଇଯାଉନାହିଁ ରାଜବଧୂମାନଙ୍କର ଅଳତା ରଞ୍ଜିତ ପଦସ୍ପର୍ଶରେ । ତେନ୍ତୁଳ ଗଛମୂଳେ ଆଉ ଶୁଣାଯାଉନାହିଁ ଫୁସ୍ ଫାସ୍ ପ୍ରେମାଳାପ ବା ଲୁଚାଲୁଚି ହସ । ସେସବୁ କାହିଁ କେଉଁ ଅତୀତରେ ମିଳାଇଯାଇଛି । ଅଭିଶପ୍ତ ଅଶ୍ୱତ୍ଥାମା ଭଳି ରହିଯାଇଛି କେବଳ ମୁଁ, ଛାତିରେ ଛାତିଏ ସ୍ମୃତି କୁ ଜଡାଇ ଧରି ଏଇ ତେନ୍ତୁଳ ଗଛର ଡାଳେ ଡାଳେ । ମୋତେ କିଏ କିଏ କୁହନ୍ତି ଦେବତା, କିଏ କିଏ ବ୍ରହ୍ମଭୂତ ଭାବି ଭୟ କରନ୍ତି ତ କିଏ କିଏ ବ୍ରହ୍ମ ରାକ୍ଷାସର ଉପାଧି ଦିଅନ୍ତି ।

କେତେ କେତେ ଇତିହାସ, କେତେ କିମ୍ବଦନ୍ତୀ, କେତେ କଳ୍ପନାର ନୀରବଦ୍ରଷ୍ଟା ହେବାକୁ ପଡିଛି ମୋତେ । କେତେ ଘଟଣା ଦୁର୍ଘଟଣାର ମୂକସାକ୍ଷୀ ସାଜିଛି ମୁଁ । କେତେ ଷଡଯନ୍ତ୍ର କେତେ କୁଚକ୍ରର କିଂକର୍ତ୍ତବ୍ୟବିମୂଢ ଦର୍ଶକ ପାଲଟିଛି ମୁଁ । କିନ୍ତୁ ମୁଁ ରହିଛି । ହୁଏତ ରହିଥିବି ଅନନ୍ତ କାଳଯାଏ ।

ହେଇତ, କାଲିପରି ଲାଗୁଛି । ଯୁବରାଜ ସମରେନ୍ଦ୍ରପ୍ରତାପ ଯୁଦ୍ଧ ଅଭିଯାନ କରି, ଅନେକ ରାଜ୍ୟ ଜୟକରି, ତିନୋଟି ରାଜକନ୍ୟାଙ୍କୁ ଜିଣି ବୀରଦର୍ପରେ ଏଇ ବାଟଦେଇ ଯାଉଛନ୍ତି । ସ୍ୱର୍ଣ୍ଣଖଚତ ରାଜପୋଷାକ, ହୀରକ ଖଚତ ଶୀରସ୍ତ୍ରାଣ, ରୂପାମୁଣ୍ଡୁଣୀର ଖଣ୍ଡା ଧାରଣ କରି ଦୀର୍ଘକାୟ, ପ୍ରଶସ୍ତ ଲଲାଟରେ ଚନ୍ଦନ ଅକ୍ଷତ ଧାରୀ ଯୁବରାଜ । ସାଙ୍ଗରେ ତାଙ୍କରେ ଅତୀବ ସୁନ୍ଦରୀ, ଲଜ୍ଜାଶୀଳା, ଆଖି ଝଲସାଇ ଦେଉଥିବା ଶାଢୀ, ଓଢଣୀ ଓ ଅଳଙ୍କାର ଧାରିଣୀ ରାଜକନ୍ୟାମାନେ ଧିରେ ଧିରେ ଚାଲିଯାଉଛନ୍ତି ପୁଷ୍କରିଣୀର ପାହାଚ ଉପରକୁ । ଶୁଦ୍ଧ ବେଦମନ୍ତ୍ର ଉଚ୍ଚାରଣ ପୂର୍ବକ ରାଜ ପୋରୋହୀତ ଏଇ ପୋଖରୀ ଜଳରେ ଯୁବରାଜଙ୍କର ଅଭିଷେକ କରୁଛନ୍ତି । ଗର୍ବିତା ରାଜମାତା ବୀଜୟୋତଫୁଲ୍ଲ ରାଜକୁମାରଙ୍କୁ ବନ୍ଦେଇ ବଧୂମାନଙ୍କର ହାତଧରି ବାଟ କଢାଇଛନ୍ତି । ଟିକେ ଥକ୍କାମାରି ବସିପଡୁଛନ୍ତି ଏଇ ତେନ୍ତୁଳ ଗଛମୂଳର ଅସ୍ଥାୟୀ ଶୀବିରରେ ।

XXX

ସେନାପତି ଯୁଗଳ କିଶୋର ବଳୟାର ସିଂ । ତେନ୍ତୁଳ ଗଛମୂଳର ଗୁନ୍ଦିନୀ ଉପରେ ଗୋଟିଏ ଗୋଡ ଭରାଦେଇ ସୁଦୃଶ୍ୟ ମୋଟାମୋଟା ଚକ୍କଣ କଳା ନିଶରେ ହାତମାରି ଠିଆ ହୋଇଛନ୍ତି । ଆଖିରୁ ତାଙ୍କର ସ୍ଫୁଲିଙ୍ଗ ବାହାରୁଛି । ମଝିରେ ମଝିରେ ଅଣ୍ଟାରେ ଖୋସା ହୋଇଥିବା ଖଣ୍ଡା ଉପରକୁ ହାତଟା ଚାଲିଯାଉଛି ଆପଣା ଛାଏଁ । ସମ୍ମୁଖରେ ଆଣ୍ଠେଇ ପଡିଛି କଏଦୀ ଜଣେ ।

ନେହୁର୍ ହେଉଛି ଶେଷଥର ପାଇଁ କ୍ଷମା କରିଦେବାକୁ । ଗର୍ଜିଉଠୁଛନ୍ତି ବଳୟାର ସିଂହେ । ଦଶ ଦଶ ଜଣ ବେପାରୀଙ୍କର ସର୍ବସ୍ୱ ଲୁଟି ନେଇ ତାଙ୍କୁ ଜଘନ୍ୟଭାବେ ହତ୍ୟାମଧ କଲା । ନାଃ, ଆଉ ନସ୍ତାର ନାହିଁ । ତାକୁ ଶୂଳଦଣ୍ଡ ଦିଆହେବ । ସୁନିଶ୍ଚିତ । ମହାରାଜ ଦଣ୍ଡବିଧାନ କରିସାରିଛନ୍ତି ।

xxx

ନିଶୂନ ରାତିରେ ତେନ୍ତୁଳ ଗଛତଳେ ଶୁଣାଯାଏ ଦାନ୍ତଚପା ଫୁସ୍ ଫୁସ୍ କଥା, ଚୁପା ଚୁପା ଗର୍ଜନ ତର୍ଜନ । ଅନ୍ୱିତା ଝିଅଟିଏର ଫିସ୍ ଫିସ୍ ଅନୁନୟ । ତାପରେ ଘୋଷରା ଟଣା । ଗୋଟିଏ ପାଖକୁ ପଳାଇଯାଏ ଜମିଦାର ପୁତ୍ରର ଛାୟାମୂର୍ତ୍ତି । ସକାଳେ ପୁଷ୍କରିଣୀରେ ଭାସୁଥାଏ ଝିଅଟିର ଶବ । ଚାରିଆଡେ ପ୍ରଚାର ହୋଇଯାଏ ତେନ୍ତୁଳଗଛରେ ବ୍ରହ୍ମରାକ୍ଷସ ଅଛି । ଏହିଭଳି କେତୋଟି ଦୁର୍ଘଟଣା ଘଟିବାରୁ ସମସ୍ତେ କ୍ରମେ ବିଶ୍ୱାସ କଲେ ଯେ ତେନ୍ତୁଳ ଗଛରେ ବ୍ରହ୍ମଭୂତ ଅଛି । ଅବଶ୍ୟ ସମୟର ବୟସ ବଢିବା ସଙ୍ଗେସଙ୍ଗେ ଫୁଲବାଡିର କାୟା ପରିବର୍ତ୍ତନ ହୁଏ । ଲୋକଙ୍କର କାୟା ପରିବର୍ତ୍ତନ ହୁଏ । ରାଜାରାଜୁଡା ଲୋପ ପାଇଯାଆନ୍ତି । କଥା ରହି ଯାଏ କେବଳ ଫୁଲବାଡିର, ତେନ୍ତୁଳ ଗଛର ବ୍ରହ୍ମ ରାକ୍ଷସର । ଅର୍ଥାତ ଗୋଟିଏ "କା" ର ।

ଅନ୍ଧାରିଆବେଳେ ପେଚା କୁହାଇ ହେଉଥାଏ, ଉଁ ଉଁ । ଆସନ୍ନପ୍ରସବା କଶୋରୀଟିଏ ଆସେ ଘୋଷାରି ହୋଇ ତା ମାଆ ସାଥିରେ । ଓଃ, କ ଯନ୍ତ୍ରଣାଦାୟକ ତାର ଚକ୍ୱାର । କ ଆକୁଳ ତାର କ୍ରନ୍ଦନ । ନିର୍ଜନ ରାତ୍ରୀର ତାର ଜନ୍ମକୁ ସାକ୍ଷୀ ରଖି ଜନ୍ମନଏ ହତଭାଗ୍ୟ, ଅଭିଶପ୍ତ ଶିଶୁଟିଏ । ତାର କୁଆଁ କୁଆଁ କାନ୍ଦରେ ଫୁଲସବୁ ବିଛୁଡି ହୋଇପଡନ୍ତି ଟୁପ୍ ଟାପ୍ । ସଦ୍ୟ ପ୍ରସବିନୀ କଶୋରୀକୁ ଟାଣିଟାଣି ନେଇଯାଏ ତାର ମାଆ । କଛି ସମୟ ପରେ ତଳ କଆ ଗୋହିରୀରୁ ଶୁଣାଯାଏ କଅଁଳା ଛୁଆର ବିକଳ ଆର୍ତ୍ତ ଚକ୍ୱାର, ସାଥିରେ ବିଲୁଆମାନଙ୍କର ଖିନ୍ ଭିନ୍ କରିଦେବାର ବିକଟାଳ ରଡି । ତାପରେ ସବୁ ଚୁପ୍ ଚାପ୍ ।

ଖରାବେଳେ ଓ ରାତିରେ ଲୋକେ ଏ ବାଟରେ ଯିବାକୁ ଡରିଲେ । ତା ସଙ୍ଗେ ସଙ୍ଗେ ନାନା କମ୍ବଦନ୍ତିମାନ ଶୁଣାଗଲା । କାହାକୁ ଦେବତା ଲାଗିଲା, କଏ ବ୍ରହ୍ମଭୂତକୁ ଭେଟି ଝାଡା ବାନ୍ତିରେ ମଲା, ଇତ୍ୟାଦି ଇତ୍ୟାଦି ।

ବେଶୀ ନୁହେଁ, ଏଇ ପଚାଶ ବର୍ଷ ତଳର କଥା ହେବ ପରା । ଖରାବେଳେ ଦୁଇଜଣ ପିଲା ପୁଷ୍କରଣୀ ହୁଡାକୁ ଖୁବ୍ ସାହସ କରି ଆସିଥାନ୍ତି । ସେ ଦୁହେଁ ଦି ଭାଇ । ସାନଭାଇ ଝାଡା ଗଲା ବୁଦା ମୂଳକୁ । ବଡ ଭାଇଟି ଅପେକ୍ଷା କଲା । ନେଉଳଟିଏ ତା ଆଗଦେଇ ଚାଲିଗଲା । ସେ ତା ପିଛା ଧରିଲା । ମୋତେ ଟିକେ ମଜ୍ଜା ଦେଖିବାକୁ ମନହେଲା । ମୁଁ ବଡଭାଇର ରୂପଧରି ପୁଷ୍କରିଣୀରେ ଆଣ୍ଠିଏ ପାଣିରେ ଠିଆହୋଇ ପଡିଲି । ସାନଭାଇଟି ସିଧା ମୋ ପାଖକୁ ପଳାଇ

ଆସୁଥିଲା । ହଠାତ୍ ତା ବଡଭାଇ ଆସି ପଛରୁ ଡାକଲା । ସାନଭାଇ ଏକାଥରେ ଚତ୍ ପଟାଙ୍ଗ । ଚେତା ଫେରିବାରୁ ସେ ସବୁକଥା କହିଲା । ଏ ଘଟଣାରୁ ବ୍ରହ୍ମଭୂତର ରଙ୍ଗ ଆହୁରି ଚହଟି ଉଠିଲା ।

ଏବେ କିନ୍ତୁ ଆଧୁନିକତା ବଢିବା ସଙ୍ଗେ ସଙ୍ଗେ ବ୍ରହ୍ମଭୂତ, ବ୍ରହ୍ମରାକ୍ଷସର ଅସ୍ତିତ୍ୱକୁ କେହି ବିଶ୍ୱାସ କରୁନାହାନ୍ତି । ଆମେମାନେ ମଧ୍ୟ ଏବେ ମଣିଷକୁ ଡରିଲୁଣି । ଆମମାନଙ୍କର ସଂଖ୍ୟା ଏବେ କମିଆସିଲାଣି ।

କୁଆଡେ ଗଲେ ସେ ସରଳ ବିଶ୍ୱାସୀ ଲୋକମାନେ । କୁଆଡେ ଗଲା ସେ ପଦପଦବୀ, କୁଆଡେ ଗଲା ସେ ଶାଳୀନ ବ୍ୟବହାର । କୁଆଡେ ଗଲା ଧର୍ମଭୀରୁ ଲୋକଙ୍କର ଆସ୍ଥା ।

ସେତେବେଳେ ଯେ ପାପ ହେଉନଥିଲା ତା ନୁହେଁ । କିନ୍ତୁ ପରଦା ଆଢୁଆଳରେ କାଁ ଭାଁ ଉଚ୍ଛୃଂଖଳ ଲୋକମାନେ ହିଁ ପାପ କରୁଥିଲେ । ପାପ ଏବେକା ଭଳି ଏତେ ସର୍ବ ସୁଲଭ ହୋଇ ନଥିଲା ।

ଏତେ ଇତିହାସ ଗାଇଗଲି, କିନ୍ତୁ ମୋର ଦୁଃଖ କାହାଣୀ ତ କହିଲି ନାହିଁ । ମୁଁ ଥିଲି ଜଣେ ରାଜାଙ୍କ ମହଲରେ ଏକ ଦାସୀପୁତ୍ର । ରାଜକୁମାରୀ ସହ ଖେଳୁଥିଲି ଫୁଲବାଡିରେ, ଶୈଶବରେ । କ୍ରମେ ରାଜକୁମାରୀ ମୋତେ ଭଲପାଇବସିଲେ । ଏତେବଡ ଆକର୍ଷଣ ମୁଁ ଏଡାଇଯାଇ ପାରିଲିନାହିଁ । ମୁଁ ମଧ୍ୟ ତାଙ୍କଆଡକୁ ଅଜାଣତରେ ଢଳିପଡିଲି । ରାଜା ଏହା ଜାଣିପାରି ରାଜକୁମାରୀଙ୍କର ବିବାହ ସ୍ଥିର କଲେ ସୁଦୂର ନେପାଳ ରାଜକୁମାର ସହ । ମୋତେ ମଧ୍ୟ ମୃତ୍ୟୁ ଦଣ୍ଡ ମିଳିଥାନ୍ତା । କିନ୍ତୁ ତା ପୂର୍ବରୁ ମୁଁ ଏଇ ତେନ୍ତୁଳି ଡାଳରେ ରସିଦେଇ ଆତ୍ମହତ୍ୟା କରିଥିଲି । ତାପରେ ଏହି ଫୁଲବାଡିରେ ମୋର ଅତୃପ୍ତ ଆତ୍ମା ଘୁରିବୁଲିଲା । ତେଣୁ ତେନ୍ତୁଳିଗଛରେ ମୁଁ ବସା ବାନ୍ଧିଲି । ଶୁଣିଛି, ରାଜକୁମାରୀ ମଧ୍ୟ ବିଦାୟ ନେଲାପରେ ନେପାଳ ରାଜରାସ୍ତାରେ ପାଲିଙ୍କି ଭିତରେ ବିଷ ଖାଇ ଆତ୍ମହତ୍ୟା କରିଥିଲେ ।

ମଡ୍ ମାଡ୍ ଶବ୍ଦ କରି ତେନ୍ତୁଳିଗଛ ଢଳିପଡିଲା ।

"ବିଦାୟ ବନ୍ଧୁ, ମୋର ଦୁଃଖସୁଖର ସାଥି, ମୋର ପାଳକ, ମୋର ଆଶ୍ରୟଦାତା । ମୋତେ ବିଦାୟ ଦିଆ ଜଣାନାହିଁ ମୋର ଅନ୍ତ କେଉଁଠି, ମୋର ଲକ୍ଷ୍ୟ କଣ । ହୁଏତ ରାଜକୁମାରୀଙ୍କର ଅତୃପ୍ତ ଆତ୍ମା ମଧ୍ୟ ନେପାଳର କେଉଁ ତେନ୍ତୁଳି ଗଛରେ ବସାବାନ୍ଧିଥିବା ଆଉ ବୋଧହୁଏ, ମୋତେ ଅପେକ୍ଷା ମଧ୍ୟ କରିଥିବ ।

ବସନ୍ତବିହାର, ନୂଆଦିଲ୍ଲୀ

# ଶବ୍ଦ ପାଇଁ ଗୀତ



ଆଶୁତୋଷ ମେହେର

ଶବ୍ଦ ଗୁଡାକ ସବୁ
ଗୋଟେ ଗୋଟେ
ପକ୍ଷୀ ହୋଇ ଯାଆନ୍ତେ କ?
ଡେଣା ମେଲେଇ ଉଡି
କାକଳୀ ସ୍ୱନରେ
ଭରି ଦିଅନ୍ତେ ,
ଆକାଶର ଗହୀରତା
ଏବଂ
ଶୁଷ୍କ ନୀରବତାକୁ ।।




ଶବ୍ଦ ଗୁଡାକ ସବୁ
ଗୋଟୋ ଗୋଟେ
ଫୁଲ ହୋଇ ଯାଆନ୍ତେ କ?
ଭଳକଭଳ ରଙ୍ଗ ମାଖି
ମହମହ ବାସ୍ନାରେ
ଭରି ଦିଅନ୍ତେ,
ଚଉଦିଗରେ ଥିବା
ପବନର ଶୀଥିଳତାରେ
ଏକ ନୂଆଁ ଚମକ ।।

ଆର୍ଯ୍ୟପଲ୍ଲୀ, କଟ୍ ଛକ,
ପଟିଆ, ଭୁବନେଶ୍ୱର

# ମାଟିର ସରଗ

( ଏକ ଭିନ୍ନ ସ୍ୱାଦର ଉପନ୍ୟାସ )



କାଳକଙ୍କର

## ( ତେର)

ଭାରତର ସୀମାରୁ ବହୁତ ଦୂରରେ ସ୍ୱାତ ଘାଟି । ସେଠାରେ ଏକ ପର୍ବତୀୟ ଗୁମ୍ଫାକୁ ବନ୍ଦୀଶାଳା କରି ବନ୍ଦୀ ରଖିଛନ୍ତି ଫକୀର ଓ ବେଗମଙ୍କୁ । ଶକ୍ତ ପହରା । ସେ ସ୍ଥାନ ପାକସ୍ତାନ ସେନାର ଅଧୀକୃତ ଅଂଚଳ । ସାଧାରଣ ଲୋକେ କମ୍ବା ସାଂବାଦିକ ମାନଙ୍କ ପାଇଁ ନଷିଦ୍ଧ ଅଂଚଳ । ଯଦି କୌଣସି ବ୍ୟକ୍ତିକୁ ହତ୍ୟାକରି ମଧ୍ୟ ଏଠାରେ ଫିଙ୍ଗି ଦିଆଯାଏ ତେବେ ତାର ଖବର କେବଳ ଚଲ, ଛଂଗୁଣ, ପୋକ ଜୋକଙ୍କୁ ମିଳପାରିବ । ଏହା ଏମିତି ଏକ ବନ ପାହାଡ ଅଂଚଳ ଯେ ଏଠାରେ ଆତଙ୍କବାଦୀମାନଙ୍କୁ ନଗ୍ନପଦରେ ପ୍ରଶିକ୍ଷଣ ଦିଆ ଯାଇପାରେ । କେତେଦିନର ସତର୍କତା ଭିତରେ ବହୁ ଗୋପନରେ ଫକୀର ଓ ବେଗମଙ୍କୁ ଏଠାକୁ ଅଣାଗଲା ।

ବେଳେ ବେଳେ ବିଗ୍ଭର ହୁଏ ଯେ ଏମାନଙ୍କୁ ହତ୍ୟା କରିଦେଲେ ଗ୍ରହ ଟଳବ । କନ୍ତୁ କାଲେ ଆସନ୍ତା କାଲି ଭାରତର ପ୍ରଭାବରେ ସମଗ୍ର ବିଶ୍ୱ ପାକସ୍ତାନଠାରୁ ଜୀବିତ ଫକୀର ଓ ବେଗମ ମାଗିବ ତେବେ କଣ ଜବାବ ରଖିବ ପାକସ୍ତାନ ? ଏହି ଚନ୍ତାରେ ସେମାନେ କଛି କରି ପାରୁ ନ ଥାନ୍ତି । ଫକୀର ଏବଂ ବେଗମ୍ ଯେ ମୁସଲମାନ ଆଉ ମୁସଲମାନ ଫକୀରଙ୍କ ଉପରେ ଅତ୍ୟାଗ୍ଭର କରିବା ମଧ୍ୟ କୋରାନର ଖିଲାପ । ପୁଣି ଏହି ମୁସଲମାନ ଫକୀର ଓ ବେଗମ ଯିଏ ଶାନ୍ତି, ସୌହାର୍ଦ୍ଦ୍ୟ, ଭାଇଗ୍ଭରାର ଆହ୍ୱାନ ସମଗ୍ର ବିଶ୍ୱକୁ ଦେଇ ସାରିଛନ୍ତି ତାଙ୍କୁ ହତ୍ୟା କଲେ ଆପଣା ଲୋକେ ମଧ୍ୟ ଯଦି ଶତୃଭାବ ପୋଷଣ କରନ୍ତି, ତେବେ ତ ବହୁତ ଅସୁବିଧା ହେବ । ମୁସଲମାନ ରାଷ୍ଟ୍ରସମୂହ ତଥା ଚୀନ ମଧ୍ୟ ପାକସ୍ତାନକୁ ଆଉ ସମର୍ଥନ ନ କରିପାରେ ।

ଫକୀର ଏବଂ ବେଗମଙ୍କ ଉପରେ କୌଣସି ବିଶେଷ ଅତ୍ୟାଗ୍ଭର ପ୍ରତି ମଧ୍ୟ ପାକସ୍ତାନ ଭୟ କରୁଛି । ଯଦି ଅତ୍ୟାଗ୍ଭର କରାଯାଏ ଏବଂ ଏ କଥା କେବେ ବାହାରକୁ ବାହାରେ ତେବେ ମହାବିପଦ । ଏଣୁ ଗୋପନରେ ଏମାନଙ୍କୁ ରଖିବା ଏବେ ଶ୍ରେୟସ୍କର । ଦେଖାଯାଉ ପାଗର କଣ ପରିବର୍ତ୍ତନ ଦେଖାଯାଉଛି ।

ସେଦିନ ସେହି ଅଂଧାରୁଆ ଗୁମ୍ଫା କାରାଗୃହରେ ବସିଥିଲେ ଫକୀର ଓ ବେଗମ୍ । ରାତି କଣ ଦିନ କଣ ଏ ଗୁମ୍ଫା ଭିତରୁ ବିଶେଷ ଜାଣି ହୁଏନାହିଁ । ଗୁମ୍ଫାର କେଉଁ ଏକ ସୂକ୍ଷ୍ମ ଛିଦ୍ରରୁ ବିକରତ କେଉଁ ଅଂଶର ସାମାନ୍ୟ ରଶ୍ମୀର ପ୍ରଭାବରେ ଯେବେ ବେଗମଙ୍କର ଚନ୍ଦ୍ରବଦନୀ ମୁଖମଣ୍ଡଳ ଝଲସି ଉଠେ ସେତେବେଳେ ଫକୀର ବୁଝିନଅନ୍ତି ଯେ ଏଇଟା ଦିବସ । କିଛି ମଧ୍ୟ ସାମାନ୍ୟ ଦୃଶ୍ୟମାନ ହେଉ ନ ଥିଲେ ତାହା ରାତି ବୋଲି ଭାବିନେବା ତାଙ୍କ ପାଇଁ ସ୍ୱାଭାବିକ । ଅବଶ୍ୟ ଦିବସ ଓ ରାତ୍ରୀର ଦୁଇ କିଛି ବିଶେଷ ମୂହୂର୍ତରେ ଯଦି ବନ୍ଦୀ ପ୍ରେମୀ ଯୁଗଳଙ୍କୁ ସାମାନ୍ୟ ଖାଦ୍ୟ ପାନୀୟ ଯୋଗାଇବାପାଇଁ କେହି ଆସନ୍ତି, ସାଥିରେ ଥାଏ ଏକ ମହମବତୀ । ତାର ସାମାନ୍ୟ ଆଲୋକରେ ଆଲୋକିତ ହୋଇଯାଏ ଗୁମ୍ଫା ଗହ୍ୱର ।

ଫକୀର ଖୁବ୍ ସ୍ପଷ୍ଟ ଭାବରେ ବେଗମଙ୍କୁ କିଛି ସମୟ ଦେଖନ୍ତି ଓ ବେଗମ୍ ଫକୀରଙ୍କୁ । ଇଚ୍ଛାହୁଏ ଏମିତି ଘଂଟା ଘଂଟା ଧରି ଏବେ ମଧ ପରଷ୍ପରକୁ ଦେଖୁଥାଆନ୍ତେ । କଲେଜ ବେଳରେ ଯେତେବେଳେ ପ୍ରେମର ଆରମ୍ଭ ହେଲା ସେତେବେଳେ ମୂହୂର୍ତଟିଏ ମଧ୍ୟ ପରଷ୍ପରଠାରୁ ଅଲଗା ହେବାକୁ ଇଚ୍ଛା ହେଉ ନ ଥାଏ । ସୁନ୍ଦର ତୃପ୍ତିର ଅବସାନ ନାହିଁ, ଯେତେ ଦେଖୁଥିଲେ ନୂଆ ଦିଶୁଥାଇ । ପରଷ୍ପର ପରଷ୍ପରକୁ ବହୁତ ସୁନ୍ଦର ଦିଶୁଥିଲେ । ଆପଣାର ପ୍ରେମ ଓ ଭଲପାଇବାର ସୌନ୍ଦର୍ଯ୍ୟ ଭିତରେ କେତେବେଳେ ସକାଳ ହୋଇ ସଂଜ ହେଉଥିଲା ସେମାନେ ଜାଣି ପାରୁ ନ ଥିଲେ ।

ବହୁ କଷ୍ଟରେ ରାତି କଟୁଥିଲା ଆଉ ସକାଳ ହେବାକ୍ଷଣି ମିଳନର ତୃଷା ଓ କ୍ଷୁଧା ଏତେ ବଢିଯାଉଥିଲା ଯେ ଛଟପଟ ହୋଇ ଦୁହେଁ ଘରୁ ବାହାରି ଯାଉଥିଲେ କଲେଜ ଯିବା ନାମରେ । ରବିବାର କିମ୍ବା ଛୁଟିଦିନ ମାନଙ୍କରେ ସାଂଗ ଘରେ ନୋଟ ଲେଖିବୁ କିମ୍ବା ଆଉ କିଛି ମିଛ ବାହାନା ଲଗାଇ ଉଭୟେ ମିଳନର ପର୍ବରେ ମଗ୍ନ ହେଉଥିଲେ ।

ପ୍ରଥମ ଥର ଯେଉଁଦିନ ଦେବୀପ୍ରସାଦ ଫରିଦାଙ୍କୁ ଛାତିରେ ଜାବୁଡି ନେଇଥିଲେ ସେଦିନ ଫରିଦା ଅନୁଭବ କରିଥିଲେ ତାଙ୍କ ଦେହରେ ଯେମିତି ନିଆଁ ଚରିଯାଇଛି । ସେମିତି ଦେବୀ ଅନୁଭବ କଲେ ଯେ ତାଙ୍କ ଦେହରୁ ଜମାଟବନ୍ଧା ବରଫ ଯେମିତି ଆପେ ଆପେ ତରଳ ବୋହି ଯାଉଛି ।

ଘଂଟା ଘଂଟା ଯେତେ ଗପ ହେଲେ ମଧ ଗପ ସରୁ ନ ଥିଲା ବରଂ ସମୟ ସରି ଯାଉଥିଲା । ଦେବୀଙ୍କ ଛାତିରେ କେତେବେଳେ ଫରିଦା ମୁଣ୍ଡ ରଖି ଶୋଇବାର ଅବସ୍ଥା କରି ତୃପ୍ତ ହେଉଥିଲେ ତ କେତେବେଳେ ଦେବୀ ଫରିଦାର ଛାତିରେ ମୁଣ୍ଡ ଗୁଂଜି ପରମ ସନ୍ତୋଷ ଲାଭ

କରୁଥିଲେ । ଛାତି ତଳର କୋମଳତା ତାଙ୍କୁ ଆମ୍ବ ବିଭୋର କରୁଥିଲାବେଳେ ବେଳେ ବେଳେ ସେ କୋମଳତାର ସାକ୍ଷାତକାର ପାଇଁ ମଧ ଫରିଦାଙ୍କୁ ବାଧ କରୁଥିଲେ । ଫରିଦା ଅବା କାହିଁକି ବାରଣ କରୁଥାନ୍ତେ । ତାଙ୍କୁ ମଧ ବହୁତ ଭଲ ଲାଗେ ତାଙ୍କ ଦେହର ଆକର୍ଷଣରେ ଦେବୀ ପାଗଳ ହେବା । ଓଠରୁ ଛାତିଯାଏ ଏବଂ ଛାତିରୁ ସର୍ବାଂଗଯାଏ ଯେମିତି ଯୌବନସିକ୍ତା ନାରୀ ଦେହର ବିସ୍ତୀର୍ଣ୍ଣ ଇଲାକା ପୁରୁଷର ଚୁମ୍ବନପାଇଁ ଉଦ୍ଦିଷ୍ଟ । ଶତ ଶତ ଚୁମ୍ବନ ଭିତରେ ନୀରବ ଅନୁଭବ ଯେ କେତେ ଅନନ୍ୟ ଏବଂ ମାଟିରୁ ସରଗ ଯାଏଁ ଯେମିତି ମହାର୍ଘ୍ୟ ସେ କଥା ଏ ପୃଥିବୀର ପ୍ରାୟ ପ୍ରତ୍ୟେକ ନାରୀ ଓ ପୁରୁଷ ବୟସର କେତେବେଳେ ନିଶ୍ଚୟ ଅନୁଭବ କରିଛନ୍ତି ।

ଉଭୟଙ୍କର ଆଖିରେ ଆଜି ଲୁହ । ତୃପ୍ତିର ଏବଂ ପ୍ରାପ୍ତିର । ମାଟିର ଏବଂ ସରଗର । ପ୍ରେମ ଓ ଭଲପାଇବାର । ତ୍ୟାଗ ଓ ଅପଣାପଣର । ଅତୀତରୁ ବର୍ତ୍ତମାନ ପର୍ଯ୍ୟନ୍ତ ଏକ ସୁଖମୟ ଯାତ୍ରାର । ପ୍ରୀୟତମ କମ୍ବା ପ୍ରୀୟତମାଙ୍କ ସାନ୍ନିଧରେ ନର୍କ ମଧ ସ୍ୱର୍ଗ ସୁଖ ପ୍ରଦାନ କରିପାରେ। ମାଟିରେ ସରଗର ସ୍ପର୍ଶ ଅନୁଭବି ହୁଏ ।

ଅନ୍ଧାର ରାତିରେ ଯେମିତି ଯମଦୂତ ଆସି ଛିଡା ହୋଇଛି । ସେମିତି ବିକଟାଳ ମଣିଷ ଜଣକ କହିଲା, ଶିଘ୍ର ଭୋଜନ କର, ମୁଁ ଫେରିବି । ବେଗମ୍ ଫରିଦା କାଳ ବିଳମ୍ବ ନ କରି ଆପଣାର ହାତ ଧୋଇ ଫକୀରଙ୍କୁ ମାଆଟିଏ ପୁଅକୁ ଖୁଆଇଲା ପରି ଖୁଆଇ ଦେଲେ । ଠିକ୍ ସେମିତି ଫକୀର ମଧ ବେଗମ୍ ଫରିଦାଙ୍କୁ ଖୁଆଇଲେ ।

ସତେ ଯେମିତି ନବ ଯୌବନରେ ଉନ୍ମାଦ ଯୁବକ ଯୁବତୀ କ୍ୟାଣ୍ଡେଲ ଲାଇଟ୍ ଡିନର କରୁଛନ୍ତି । ଦେହ ମନ ଓ ହୃଦୟରେ ପ୍ରେମର ଅନନ୍ୟ ସ୍ପନ୍ଦନ । ଖାଦ୍ୟର ସ୍ୱାଦ ସେତେବେଳେ ପ୍ରେମର ସ୍ପର୍ଶରେ ଶତଗୁଣିତ ଅନୁଭୂତ । ପ୍ରେମ ଏମିତି ଏକ ଯାଦୁକରୀ ସ୍ପର୍ଶ ବା ଅନୁଭବ ଯାହାର ତୁଳନା ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡରେ ଅସମ୍ଭବ । ସେହି ପ୍ରେମ ଏବଂ ଭଲପାଇବାର ମନ୍ତ୍ର ତ ଏହି ଦୁଇ ପ୍ରେମପକ୍ଷୀ ପାକସ୍ତାନ ଓ ବିଶ୍ୱର ଜନତାଙ୍କୁ ଦେଉଥିଲେ । ସେଥିରେ ପୁଣି କଣ ହେଲା ଅସୁବିଧା ଯେ ସେମାନଙ୍କୁ ବନ୍ଦୀ କରି ରଖିବାକୁ ପଡିଛି ? ଏହାର ସଠିକ୍ ଉତର ବୁଝିହେଉଥିଲେ ମଧ ବ୍ୟାଖ୍ୟାନ କରିବା ଅସମ୍ଭବ । ଏମିତି କଥା ଅଛି ଯାହା କେବଳ ଅନୁଭବ କରି ହୁଏ, ପ୍ରକାଶ କରିବା ସମ୍ଭବ ହୁଏନାହିଁ ।

ଶୈଶବରେ ମାଆ, ବାପା, ଜେଜେ, ଜେଜେମା, ଭାଇ, ଭଉଣୀ, ସାଇ ପଡିଶା, ଆତ୍ମୀୟ ସ୍ୱଜନ, ବନ୍ଧୁବାନ୍ଧବ, ଘରର ଧାଇ ମଧ ଯେଉଁ ସ୍ନେହ ଦେଇଥାନ୍ତି, ଯେଉଁ ଯତ୍ନ ନେଇଥାନ୍ତି,

ଯେଉଁ ତ୍ୟାଗ କରିଥାନ୍ତି ତାହା କଣ କେବେ ବର୍ଣ୍ଣନା କରିପାରିଛି ? ନା, ଅବଶ୍ୟ ସେ ସବୁକୁ ସହଜରେ ଭୁଲି ପକାଇଛି । କୃତଜ୍ଞ ମଣିଷ କୃତଘ୍ନ ହୋଇଛି ।

ଫକୀର ଏବଂ ବେଗମ୍ ଖାଇଲା୍ ପରେ ଦୂତ ଖାଦ୍ୟ ଓ ପାନୀୟ ପାତ୍ର ସହ ପ୍ରତ୍ୟାବର୍ତନ ପାଇଁ ହୁଅନ୍ତି ଉଦ୍ୟତ । ଯିବା ପୂର୍ବରୁ ତାତ୍ସଲ୍ୟ ସ୍ୱରରେ କହନ୍ତି ଆଉ ଏ ଯୋଡି ବେଶିଦିନ ରହିବନାହିଁ । ମୁଁ ଶୁଣୁଥିଲି ତୁମ ଦୁଇଜଣଙ୍କୁ ଅଲଗା କୋଠରୀରେ ରଖାଯିବ । ଅଲଗା ସ୍ଥାନ ମଧ୍ୟ ହୋଇପାରେ ।

ଏତିକି କହି ଗ୍ଲିଗଲା୍ ନିଷ୍ଠୁର ଗୁଣ୍ଡାଳପ୍ରାୟ ମଣିଷ । ହୃଦୟଟି ଭାଂଗିରୁଜି ଡିନାମାଇଟ ବିସ୍ଫୋରଣରେ ପଥର ଖଣ୍ଡ ଖଣ୍ଡ ହୋଇ ଖସିଲା୍ପରି ତଳକୁ ଖସି ପଡୁଥାଏ । ହୃଦୟର ବୃନ୍ତ ତଅଂଚଳରେ ଯେମିତି ଭୟଙ୍କର ଘୂର୍ଣ୍ଣି ବଳୟ । ଆଖିରେ ଲୁହପୋଛି କାନ୍ଦିବାକୁ ଲା୍ଗିଲେ ବେଗମ୍ ଫରିଦା । କହିଲେ ଦେଖ, ଏହାଠୁ ତ ଭଲ ମୁଁ ଏହି କାରା୍ଗାରର ଅନ୍ଧାର ଭିତରେ ତୁମରି କୋଳରେ ମରିଯାଆନ୍ତି । ଆମକୁ ଆଉ ଏ ସଂସାରରେ କେହି ଅଲଗା କରିପାରନ୍ତେ ନାହିଁ ।

ଫରିଦାଙ୍କୁ ଆପଣାର ଛାତି ଉପରକୁ ଭିଡିନେଲେ ଫକୀର । କପାଳ, ଗଣ୍ଡଦେଶ, ଓଠ, ଗ୍ରୀବା ଛାତି ଆଦି ସମଗ୍ର ଶରୀରରେ ଆଙ୍କିଗ୍ଲିଲେ ଅସଂଖ୍ୟ ଚୁମ୍ବନ । ହୁଏତ ଏହାହିଁ ହୋଇପାରେ ଏ ଜନ୍ମରେ ତାଙ୍କର ପ୍ରୀୟତମା ଫରିଦାଙ୍କୁ ତାଙ୍କୁ ଶେଷ ଚୁମ୍ବନ । ବେଗମ୍ ଫରିଦା ମଧ୍ୟ ଫକୀର ଦେବୀପ୍ରସାଦଙ୍କୁ ବହୁତ ଗେହ୍ଲା କଲେ । ତାଙ୍କର ସମଗ୍ର ଶରୀରକୁ ଆଉଁସି ଗ୍ଲିଲେ। ସମଗ୍ର ଶରୀର ଉପରେ ସେ ମଧ୍ୟ ଆଜି ସବାର୍ ହୋଇଗଲେ । ଚୁମ୍ବନ ପରେ ଚୁମ୍ବନ ଦେଇଗ୍ଲିଲେ ।

ପ୍ରେମର ଦୁଇ ଅନନ୍ୟ ଦେହ ଓ ମନ । ଦେହ ସହ ଦେହ ମିଶିଲା୍ ବେଳେ ହାର୍ ମାନିଯାଇଛି ବୟସ । ହାର୍ ମାନିଯାଇଛି ପରିବେଶ ଓ ପରିସ୍ଥିତି । ଦେହରେ ଦେହକୁ ମିଶାଇଦେଇ ପୁଣିଥରେ ସେହି ଅମୃତ ବନ୍ଧନରେ ବାନ୍ଧି ହୋଇଯାଇଛନ୍ତି ଦେବୀପ୍ରସାଦ ଓ ଫରିଦା । ଜଣେ ହିନ୍ଦୁ ଯୁବକ ଓ ଜଣେ ମୁସଲମାନ ଯୁବତୀ ।

ଫରିଦା ପଗ୍ଚରିଲା୍ ଦେଖ, ତୁମେ ପଟ୍ଟନାୟକ ପରିବାରର ଏକମାତ୍ର କୁଳନନ୍ଦନ ଥିଲ । ତୁମ ମାଆ କେତେ ଦେବଦେବୀ ମନ୍ଦିରରେ ବ୍ରତ ଉପବାସ କରିତୁମକୁ କୋଳକୁ ଆଣିଥିଲେ । ତୁମ ବାପାମାଆ ତୁମପାଇଁ କେତେ ଧନସଂପତି ରଖି ନ ଥିଲ ସତେ । କେତେ କେତେ ସୁନ୍ଦରୀ ଝିଅ ଆଣି ତୁମ ସାମ୍ନାରେ ବିବାହ ପାଇଁ ରଖି ଦେଇଥାନ୍ତେ । ତୁମେ ସୁଖରେ ଜୀବନ

ବିତାଇଥାନ୍ତ ଦେବୀ । କନ୍ତୁ ତୁମେ ସତରେ କଣ କଲ ? ଆପଣାର ବାପା ମାଆ ଜନ୍ମମାଟି ସବୁକୁ ପଛରେ ଛାଡି ତୁମେ ମରଣ ମୁହଁକୁ ଗ୍ଚଲି ଆସିଲ କେବଳ ମୋରି ପାଇଁ ?

କଣ ଆଉ କରିଥାନ୍ତି କହିଲ ? ତୁମକୁ ବହୁତ ଭଲପାଇ ବସିଲି, ତୁମେ ମଧ୍ୟ ମୋତେ ଭଲପାଇ ତୁମର ସବୁକଛି ଅର୍ପଣ କରିଦେଲ । ସାମାନ୍ୟ କାର୍ପଣ୍ୟ କଲନାହିଁ । ମୁଁ ତୁମକୁ କଥା ଦେଇଥିଲି ଯେ ଜୀବନରେ ତୁମକୁ ପର କରିବିନ ବୋଲି । ତୁମକୁ ଛାଡି ଆଉ କାହାର ହେବିନାହିଁ ବୋଲି । ତୁମେ ତ ପରୀକ୍ଷା ଦେଇ ପାକସ୍ତାନ ବୁଲିବାକୁ ଆସି ଫସିଗଲ । ଯୁଦ୍ଧ ପାକସ୍ତାନ ଆଉ ଭ୍ରତ ଭିତରେ ଲ୍ଗିଗଲ୍ । ଦୁଇ ଶତ୍ରୁଦେଶର ସୀମା ଭିତରେ ଅଲଗା ହୋଇ ରହିଲୁ । ଏମିତି ପରିସ୍ଥିତିରେ ମୁଁ କେମିତି ବଂଚୁଥିଲି ତୁମେ ବୁଝିପାରିବ ନାହିଁ ? କହିଲେ ଦେବୀ ।

ବୁଝିନାହିଁ ବୋଲି କେମିତି କହିପାରୁଛ ପ୍ରୀୟମୋର । ବୁଝିଛି ବୋଲିତ ଶତ୍ରୁଦେଶରେ ତୁମସହ ପାଦରେ ପାଦ ମିଶାଇ ଏତେବାଟ ଆସିଛି । ମୁଁ ଏବେ ମରିଗଲେ ମଧ୍ୟ ମୋର ଅବଶୋଷ ନାହିଁ । କାରଣ ତୁମ ସହ ଏ ସଂସାରର ସମସ୍ତ ସୁଖ ମୁଁ ପାଇ ପାରିଛି । ସାତ ଜନ୍ମଯାଏଁ ମୁଁ ତୁମର ହୋଇ ନଶ୍ଚୟ ରହିବି । ଆଲ୍ଲା ଓ ଈଶ୍ୱରଙ୍କୁ ମୋର ଅଶେଷ କୃତଜ୍ଞତା । ଈଶ୍ୱରହିଁ ଏମିତି ଅସମ୍ଭବକୁ ସମ୍ଭବ କରନ୍ତି । ସୀମା ସେପାରିରୁ ଏ ପାରିକୁ ବିନା ଭିସା ଓ ପାସପୋର୍ଟରେ ଆସିବା ଏବଂ ପୁଣି ଏଠାରେ ପଗ୍ଚଶବବର୍ଷରୁ ଉର୍ଦ୍ଧ ମୋ ସହ ଜୀବନ ବିତାଇବା କଣ ସାମାନ୍ୟ କଥା ? ହେ ମହାବାହୁ, ହେ ପର୍ବତଗାର, ତୁମର ଅସୀମ କରୁଣା ଦୟାମୟ ।

ବୁଝିଲ ଦେବୀ, ତୁମେ ପ୍ରକୃତରେ ମୋ ପାଇଁ ଭଗବାନ । ଭ୍ରତୀୟ ସଂସ୍କୃ ତି ରେ ପତିଙ୍କୁ ପରମେଶ୍ୱର କୁହାଯାଏ । ସତରେ ତୁମେ ମୋର ପରମେଶ୍ୱର । ତୁମ ମୋ ଭିତରର ପ୍ରେମ ଅସାଧାରଣ, ଅନନ୍ୟ । କେଦାର ଗୌରୀ, ହୀର ର୍ଂଝା, ସଂଯୁକ୍ତା ପୃଥ୍ୱୀର୍ଜ ଭଳ ଅତ୍ୟନ୍ତ ମହାନ । ପୁର୍ଷୋତମ ଶ୍ରୀର୍ମ ଓ ମାତା ସୀତାଙ୍କ ଭଳ ସତ୍ୟନଷ୍ଠ । ତା ନ ହୋଇଥିଲେ ତୁମେ କଣ ଏତେ ଗୁଡାଏ ବାଧା ବଂଧନକୁ ବେଖାତିର କରି ଶତ୍ରୁର୍ଜ୍ୟରେ ପହଂଚ ପାରିଥାନ୍ତ?

ମୁଁ ତ କହିବି ଯେ ଆମର ଦୁଇଜଣଙ୍କର ପ୍ରେମର କୌଣସି ତୁଳନା ନାହିଁ । ତୁମେ ମୋର ଦେହରୁ ଦେହାତୀତ, ମନରୁ ମନାତୀତ, ହୃଦୟରୁ ହୃଦୟାତୀତ ହେ ଶ୍ରେଷ୍ଠ ପୁରୁଷ । ତୁମେହିଁ ଏ ସଂସାରରେ ଜଣେ ନାରୀପାଇଁ ଏକମାତ୍ର ପ୍ରେମର, ଭଲ ପାଇବାର ସତୀର୍ଥ ।

ମୋର ଆଉ ନା ଅଛି ମୃତ୍ୟୁର ଭୟ ନା ବିଚ୍ଛେଦର ଅବଶୋଷ । ପାକସ୍ତାନ ହେଉ କମ୍ବା ଆଉ କେହି ହୁଅନ୍ତୁ, ଆମର ଆଉ କୌଣସି କ୍ଷତି କରିପାରିବେ ନାହିଁ । ମୁଁ ତୁମକୁ ପାଇଛି, ବାଃ ଏହାହିଁ ମୋ ପାଇଁ ଜନ୍ମ ଜନ୍ମାନ୍ତର ପାଇଁ ସମ୍ବଳ ।

ମୋର ନା ଅଛି କାମନା ନା ଅଛି ବାସନା । ମୁଁ ଏବେ ପ୍ରାପ୍ତି ଅପ୍ରାପ୍ତିର ବହୁ ଉର୍ଦ୍ଧରେ । ଆମେ ଆମର କର୍ମ କରିଛୁ, ଏକ ମହାନ କର୍ମ । ମାଟିର ସରଗକୁ ଏଇମାଟିକୁ ଓହ୍ଲାଇ ଆଣି ମଣିଷ ହାତରେ ଦେବାକୁ ଚେଷ୍ଟା କରିଛୁ । ସରଗର ସୁଧା ଭଲପାଇବାକୁ ସମସ୍ତଙ୍କୁ ବାଂଟିଛୁ । ସମସ୍ତଙ୍କୁ ଭଲପାଇବାର ବାର୍ତା ଦେଇଛୁ । ଯୁଦ୍ଧ, ଦ୍ୱନ୍ଦ, ପ୍ରତିଯୋଗିତା, ପ୍ରତିସ୍ପର୍ଦ୍ଧାଠାରୁ ଏ ପୃଥିବୀର ମଣିଷଙ୍କୁ ଦୂରରେ ରଖିବାର ଚେଷ୍ଟା କରିଛୁ । ଘୃଣା, ହିଂସା, ଦ୍ୱେଷ ଆଦିରୁ ମୁକ୍ତି ଦେବାର ପ୍ରୟାସ କରିଛୁ । ଅଖଣ୍ଡଭାରତର ଅଖଣ୍ଡ ଦୀପ ଜଳାଇ ଦେଇଛୁ । ସେ ଦୀପର ରଶ୍ମୀ ଆଜି କେବଳ ଭାରତ ପାକସ୍ତାନ ନୁହେଁ ସାରା ବିଶ୍ୱକୁ ଆଲୋକିତ କରିବାରେ ଲାଗିଛି ।

ତୁମେ ଠିକ୍ କହୁଛ ପ୍ରୀୟତମା ।

ମଣିଷଙ୍କୁ ମଣିଷଠାରୁ ମଣିଷହିଁ ଦୂର କରିଛି ଯାହା ଆମେ ଏ ମାଟିର ସରଗରେ ମିଟାଇ ଦେଇଛୁ

ମଣିଷହିଁ ମଣିଷଙ୍କୁ ମଣିଷ ହାତରେ ଧର୍ଷଣ କରୁଛି, ଆମେ ଏ ସରଗରେ ତାର ପରିଚୟ ଦେଇଛୁ ।

ମଣିଷହିଁ ମଣିଷଙ୍କୁ ମଣିଷ ହାତରେ ହତ୍ୟା କରୁଛି, ଆମେ ଏ ମାଟିର ସରଗରେ ତାକୁ ବନ୍ଦ କରିଛୁ ।

ମଣିଷହିଁ ମଣିଷଙ୍କୁ ଘୃଣା କରିବାର ପାଠ ପଢାଇଛି, ଆମେ ଏ ମାଟିର ସରଗରେ ପୁନଃର୍ଲିଖନ କରିଛୁ ।

ମଣିଷ ମଣିଷଙ୍କୁ ଭଲପାଇବାର ମନ୍ତ୍ର ମଧ୍ୟ ଦେଇଛି, ଆମେ ଏ ମାଟିର ସରଗରେ ଜୀବନ୍ୟାସ ଦେଇଛୁ ।

ଏଣୁ ଆମର ଆଜି ଗ୍ଲାନ ନାହିଁ ଯେ ଆମେ ମଣିଷ ଜୀବନର ଧର୍ମ ଧାରଣ କରିନାହୁଁ । ମଣିଷର ଜୀବନ ଧର୍ମ ହେଲା ଏ ପୃଥିବୀରେ ପ୍ରେମ ଓ ଭଲପାଇବାର ଈଶ୍ୱରୀୟ ସୌନ୍ଦର୍ଯ୍ୟର ପ୍ରଚାର ଓ ପ୍ରକାଶ ଆମେ ତାହା କରିଛୁ ।

ଆମର ଅବସୋସ ନାହିଁ ଯେ ଆମେ ଭୟ, ଆଶଙ୍କା, ଲୋଭ, ମୋହ, ସୁବିଧାବାଦ, ସ୍ୱାର୍ଥକୁ ଜୀବନର ପାଥେୟ କରି ଅଟକ ଯାଇଛୁ । ନା ଆମେ ମାଟିର ଦେହରେ ସରଗର ଅମୃତ ପ୍ଳାବନ ବୋହାଇଛୁ ।

ଆମେ ଭଲପାଇଛୁ ।

ଭଲ ପାଇଛୁ ।

ହଁ ଭଲ ପାଇଛୁ ।

ଖୁବ୍ ଜୋର୍ରେ ଚତ୍କାର କରି ଉଠିଲେ ଦେବୀ ପ୍ରସାଦ ପଟ୍ଟନାୟକ ଓର୍ଫ ଫକୀର ଓ ଫରିଦା ଓର୍ଫ ବେଗମ । ଏହି ଚତ୍କାର ମାଟିରୁ ସରଗକୁ ବାରମ୍ବାର ଛୁଇଁ ହୋଇ ପୁଣି ମାଟିକୁ ଫେରୁଥାଏ ।

ଥରି ଉଠିଲା ଏ ଭୂମଣ୍ଡଳ । ପାକସ୍ତାନ ଥରିଲା, ଭାରତ ଥରିଲା, ଚୀନ ଥରିଲା, ସୋଭିଏତ ଥରିଲା, ଆମେରିକା ଥରିଲା, ଦୁଇ ଗୋଲାର୍ଦ୍ଧ ଥରିଲା ।

ସବୁଠାରେ ଅର୍ଥାତ୍ ମାଟିରୁ ସରଗଯାଏଁ ଏକ କଂପନ । ଅଦ୍ଭୁତ ରୋମାଂଚ ସମଗ୍ର ପୃଥିବୀରେ, ସମସ୍ତ ହୃଦୟରେ, ମନରେ ଓ ଦେହରେ । ସ୍ୱାତଘାଟିର ପାହାଡି ଗୁମ୍ଫା କାରାଗାରର ପଥର ଖଣ୍ଡ ହଠାତ୍ ମାଟିରୁ ଆକାଶକୁ ବିସ୍ଫୋରିତ ହେବାକୁ ଲାଗିଲା ଏବଂ ସେହି ପଥର ଖଣ୍ଡ ଧୀରେ ଅଣୁ ପରମାଣୁରେ ବିଭକ୍ତ ହୋଇ ସମଗ୍ର ପୃଥିବୀକୁ ଛାଇଗଲା ।
ତାପରେ ଦେଖାଗଲା ଏକ ଅଦ୍ଭୁତ ପରିବର୍ତ୍ତନ । ସରଗରୁ ମାଟିକୁ ଅସଂଖ୍ୟ ଦେବଦୂତ ଫକୀର ଓ ବେଗମଙ୍କର ବେଶରେ ଓହ୍ଲାଇ ଆସିଲେ । ଆକାଶରୁ ଝରି ପଡିଲା ଅସଂଖ୍ୟ ସୁଗନ୍ଧିତ ସୁମନ ।

ସମଗ୍ର ପୃଥିବୀର ହେଲା ରୂପାନ୍ତର । ମାନସ ହେଲା ଅତିମାନସ, ମାନବ ହେଲେ ଅତିମାନବ ଏବଂ ପୃଥିବୀରେ ସ୍ଥାପିତ ହେଲା ମାଟିର ସରଗ ।।

( କ୍ରମଶଃ...)

"ସୌଭାଗିନୀ", ରଟିଲୋ, ରେଞ୍ଜ, ପୁରୀ

# ଝୁରେ ଏ ମନ



ଲିନା ମହାନ୍ତି

ଆଜି ମୁଁ ହାରିକ ବି ଜିତି ଯାଇଛି,
ତୁମ ସ୍ୱପ୍ନ ଆଜି ମୁଁ ପୁର୍ଣ୍ଣ କରିଛି..
ତୁମେ ସିନା ସ୍ୱପ୍ନ ଦେଖିବା ଛାଡିଦେଲ,
ନଜ ସାଥେ ମୋର ବି ସବୁ ସ୍ୱପ୍ନ ଭାଙ୍ଗିଦେଲ...
ହେଲେ ମୁଁ ତଥାପି ହାରିଯାଇନ,
ତୁମର ସବୁ ସ୍ୱପ୍ନକୁ ସିନା ମୁଁ ପୁର୍ଣ୍ଣ କରିପାରିବିନ..
ହେଲେ ଏମିତି କଛି ସ୍ୱପ୍ନ ତୁମର ପୁର୍ଣ୍ଣକରିଛି..
ତଥାପି ମନରେ ରହିଯାଇଛି କଛି କୋହ,
ସେ ମନେ ମନେ ନରବରେ ତୁମକୁ ଝୁରୁଛି...
କହୁଚ ଫେରିଆସ ତୁମେ ମୋ ମନ ଅଗଣାକୁ,
ହସୁ ସେଠି ମନ ମୋର ତୁମ ଆଗମନେ..
ବହିଯାଉ ଲୋତକ ମୋ ଖୁସିର ଜୁଆରେ..
ନରଶାର ଅନ୍ଧକାରରେ ବି ମୁଁ ତୁମ ବାଟ ଗ୍ଚହିଁ ବସିଛି,
ଫେରିଆସ ସାଥି ତୁମେ ଏ ମନ ତୁମକୁ ଝୁରୁଛି..

**"ବେଦାନ୍ତୀ ପାଇଁ ଲେଖା ପଠାଇବାର ଶେଷ ତାରିଖ ହେଉଛି ମାର୍ଚ୍ଚ ୧୫ ତାରିଖ ଆଉ ଲେଖା ପଠାଇବାର ଠିକଣା ହେଲା: vedantimagazine@gmail.com"**

# ପୁନଶ୍ଚ ବସନ୍ତ



ସୁବ୍ରତ କୁମାର ମୁଦୁଲି

ସେଦିନ ବି ଋତୁରାଜ ବସନ୍ତ ରାଜୁତି କରୁଥିଲା ଧରାପୃଷ୍ଠରେ, ମୁଣ୍ଡରେ ହାତେ ଲମ୍ବର ଓଢଣୀଦେଇ ବାସର ଶେଯରେ ସ୍ୱାମୀ ସରୋଜକୁ ଅପେକ୍ଷା କରିଥିଲା ଲିଲିମା । କୁଳଦୀପ ଜଳଜଳ ଶେଷହୋଇ ଆସୁଥିଲା ଏବେ ବି ଆଖିରୁ ଅନବରତ ଲୁହ ଝରୁଥିଲା ଲିଲିମାର । ଆଖିରେ ତା'ର ନାଚୁଥିଲା ଚାରିଦିନ ପୂର୍ବର ନଆରା ପୃଥିବୀ ଆଉ ଛାଡି ଆସିଥିବା ରୋଗିଣୀ ମା'ର କଥା । ହଠାତ ଧଡକନା କବାଟଖୋଲି ଘର ଭିତରକୁ ପଶିଲା ସରୋଜ ଛାତିରେ ରେଳଗାଡି ଛୁଟିଲା ଲିଲିମାର କଛି କହିବା ପୂର୍ବରୁ ସରୋଜର ବାହୁବନ୍ଧନରେ ଆବଦ୍ଧ ହୋଇସାରିଥିଲା ସେ । ମାତ୍ର ଦିନ କେଇଟାରେ ସରୋଜର ଛୁଟିସରିଲା ସେ କର୍ମ କ୍ଷେତ୍ରକୁ ବାହୁଡିଲା ଠାକୁରଘର କବାଟକଣ ଅନ୍ଧାରୁଆ ଜାଗାରେ ମୁହଁରେ କାନଜାକ ଲୁଚେଇ ଲୁଚେଇ କାନ୍ଦୁଥିଲା ଲିଲିମା । ସ୍ୱାମୀବିନା ଜୀବନର ଜଟିଳତା ଦିନକୁ ଦିନ ବଢିବାରେ ଲାଗୁଥିଲା ଦିନେ ପୁଣି ଫେରିଲା ବସନ୍ତ । ପଳାଶଗଛରେ ଫୁଟିଉଠିଲା ନାଲିନାଲି ଫୁଲ, ମନ୍ଦ ମଳୟରେ ଭାସିଆସିଲା ଆମ୍ବ ବଉଳର ବାସ୍ନା, ପକ୍ଷୀଙ୍କ ସୁମଧୁର କାକଳିରେ ପ୍ରକମ୍ପିତ ହେଲା ଚତୁର୍ଦ୍ଦିଗ । ଦୀର୍ଘ ଦୁଇବର୍ଷ ପରେ ଚାକରୀରୁ ଫେରିଲା ସରୋଜ । ମୁହଁ ଫୁଲେଇ ନାଟକ ଆରମ୍ଭ କରିଦେଲା ଲିଲିମା । ହେଲେ ଏ କ'ଣ ସରୋଜସହ ନିଜ ମା'କୁ ଦେଖି ତାଜୁବ ହୋଇଗଲା ସେ । ସରୋଜ ବୁଝାଇଦେଲା....ଆଜିଠୁଁ ଶାଶୁ ମା' ଏଇଠି ଆମସହ ମିଶିକି ରହିବେ ମୁଁ ତାଙ୍କର ସବୁ ଚିକିତ୍ସା ବ୍ୟବସ୍ଥା କରିଦେବି, ପ୍ଲିଜ ରାଗନି ମୁଁ ତୁମକୁ ଛାଡି ଆଉ ବିଦେଶ ଯିବିନି ଏଇଠି ଗୋଟେ କ'ଣ ବିଜିନେସ କରିବି । କାନ୍ଦକାନ୍ଦ ହୋଇ ଖୁସିରେ ହସୁଥିଲା ଲିଲିମା । ବସନ୍ତର ଆଗମନରେ ପାଖ ଆମ୍ବଗଛ ଡାଳରେ ଏ ଡାଳରୁ ସେ ଡାଳକୁ ଡେଇଁ ପରସ୍ପର ମଧ୍ୟରେ ପ୍ରେମ ବାଣ୍ଟୁଥିଲେ ହଳେ ହଳଦୀବସନ୍ତ ।

ଦେଉଳ, ଏରସମା, ଜଗତସିଂହପୁର

# ସମର୍ପଣ....



ପ୍ରଦେଶ କୁମାର ପ୍ରଧାନ

ଆସନା ଆସନା ଆଦିତ୍ୟ
ଧରା ବକ୍ଷେ ଅବତରି,
ବିଗତ ରଜନୀ ଦେଇଛି
ମୋର ମାନ ମହତ ସାରି ।
ଥର ଥରେ ଦେହେ ଗଲା ଖେଳ
ବିଜୁଳୀ ଚମକ,
ଶିତଳ ସମୀର ନାମେ
ଦେଲା ଛୁଇଁ କୋଟି ଡହକ ।
ଜାଡେ ଜଡ ଏ ଶରୀର
ଭିଜିଗଲା ନୀରଦ ପରଷେ,
ନର୍ବୋଧ ଶିଶୁ ସମ ଗଲି ଭୁଲି
ଧୃବ ସତ୍ୟ ପାଶେ ।
ମହ ମହ ବାସିଗଲା
ମୋ ଘର ଅଗଣା,
ଧନ୍ୟ ଧନ୍ୟ ମନେ କରେ
ମୋ ବାସି ବିଛଣା ।
ଜହ୍ନ ତାରା ହସୁଥିଲେ ଲୁଚ ଲୁଚ
ଶୁଣି ଆମ ସୀତ୍କାର,
ପୂର୍ଣ୍ଣ ରୁ ଶୂନ ହେଲି
ଅମା ଅନ୍ଧାରେ ହଜିଗଲି
ବଡ କପଟିଆ ସେ ନଟ ନାଗର ।



ନଇଗୁଆଁ, ଅସ୍ତରଙ୍ଗ, ପୁରୀ

# ବିଶ୍ୱାସ

ଦୀପକ ଷଡଙ୍ଗୀ

ପ୍ରଚଣ୍ଡ ଗ୍ରୀଷ୍ମର ମଧ୍ୟାହ୍ନରେ ପଥିକଟି ଦିଗହରା ହୋଇ ମରୁଭୂମିରେ ଚାଲିଥାଏ । ଯୁଆଡେ ଅନାଉଥାଏ ଖାଲି ବାଲି ଆଉ ବାଲି । ଶୋଷରେ ଆଉଟୁପାଉଟୁ ହୋଇ ସେ ଖୋଜି ବୁଲୁଥାଏ କେଉଁଠୁ ଏକ ଜଳର ଉତ୍ସ । ଯାହା ଫଳରେ ସେ ତାର ତୃଷାର୍ତ ଆତ୍ମାକୁ ଶାନ୍ତି ଦେଇ ପାରିବ। ଟିକେ ଥକା ମାରି ବସି ବି ପାରୁ ନଥାଏ କାରଣ ତତଲା ବାଲିରେ ତାର ସର୍ବାଙ୍ଗ ଜଳପୋଡ଼ି ଯାଉଥାଏ । ସେ ଇଶ୍ୱରଙ୍କୁ ମନେମନେ ପ୍ରାର୍ଥନା କଲା ହେ ପ୍ରଭୁ! ମୋତେ କେଉଁଠି ଏକ ଜଳଉତ୍ସ ର ସନ୍ଧାନ ଦିଅ ନଚେତ ଆଉ କିଛି ସମୟ ପରେ ମୋର ପ୍ରାଣବାୟୁ ଉଡିଯିବ । କିଛି ବାଟ ଯିବା ପରେ ତା ଆଖି ଆଗରେ ପଡିଲା ଗୋଟେ ନଳକୂପ, ବହୁ କଷ୍ଟରେ ଚାଲିଚାଲି ଯାଇ ତା ପାଖେ ପହଞ୍ଚିଲା; କିନ୍ତୁ ସେ ଯାହା ଦେଖିଲା ତାକୁ ଦେଖି ସେ ଅବାକ ହୋଇ ଇଶ୍ୱର ତା ଅବସ୍ଥା ଉପରେ ବିଦ୍ରୁପ କରିଛନ୍ତି ବୋଲି ଭାବି ଖୁବ କଷ୍ଟ ପାଇଲା । ସେଠି ସେ ଦେଖିଲା ଯେ ନଳକୂପଟି ଏକଦମ ଶୁଷ୍କ ଯେତେ ଚେଷ୍ଟା କଲେବି ସେଥିରୁ ଟୋପାଟିଏ ବି ପାଣି ବାହାରୁନ । କିନ୍ତୁ ତା ପାଖରେ ଗୋଟେ ବୋତଲରେ ପାଣି ରଖାଯାଇଛି ଓ ତା ଉପରେ ଖଣ୍ଡେ କାଗଜରେ ଅଠା ମରାଯାଇ ଲେଖାଅଛି ଯେ "ପ୍ରଥମେ ଏ ପାଣିକୁ ନଳକୂପ ଭିତରେ ଭର୍ତିକର ଓ ତା ପରେ କିଛି ସମୟ ଚେଷ୍ଟାକର ଏ ନଳକୂପ ତୁମକୁ ପାଣି ଦେବ "।

ପଥିକଟି ବଡ ଚନ୍ତାରେ ପଡିଗଲା ଭବିଲା ଯଦି ମୁଁ ଏ ବୋତଲଟି ଯାକ ପାଣିକୁ ନଳକୂପରେ ଭର୍ତି କରିବା ପରେ ଯଦି ପାଣି ନ ବାହାରିଲା ତେବେ ମୁଁ କଣ କରିବି ? ଭଲ ହେବ ମୁଁ ଏ ପାଣିକୁ ପିଇ ମୋ ଜୀବନଟାକୁ ଆଗ ରକ୍ଷା କରିଦିଏ, ତା ପରେ ଦେଖିବା । ଠିପି ଖୋଲି ପାଣି ବୋତଲକୁ ମୁହଁରେ ଲଗାଇବାକୁ ଯାଇଛି ତ ହଠାତ ରହିଗଲା, ତା ଅନ୍ତର୍ମନ କହି ଉଠିଲା "ଆରେ ତୁ ସିନା ଏ ବୋତଲଟି ଯାକ ପାଣି ପିଇ ବଞ୍ଚିଯିବୁ ହେଲେ ଏ ଶୁଷ୍କ ମରୁଭୂମିରେ ପାଣି ପାଇବାର ଯେଉଁ ଟିକକ ଆଶା ଓ ଭରସା ଅଛି ତୁ ତାକୁ ସବୁଦିନ ପାଇଁ ଶେଷ କରି ଦେବୁ, ଆଉ ଯଦି ବି ତୁ ଏ ବୋତଲଟି ପାଣି ପିଇଯାଉ ଏତିକରେ କଣ ତୋ ଶୋଷ ମେଣ୍ଟିବ? କିଛି ସମୟ ପରେ ପୁଣି ଶୋଷ ହେବ ତୁ ପୁଣି ପାଣି ଆଉ କେଉଁଠୁ ପାଇବୁ ? ଆଉ ତତେ ବାକି ରାସ୍ତା ପାଇଁ ପାଣି ବି ଦରକାର ପଡିବ । ତେଣୁ ପାଣିକୁ ଯଦି ବୋତଲରେ ଲେଖାଯାଇ ଥିବା

ନର୍ଦ୍ଦେଶ ଅନୁସାରେ ଉପଯୋଗ କରିବୁ ହୁଏତ ତତେ ପାଣି ପିଇବାକୁ ସୁଯୋଗ ମିଳବ ଆଉ ବାକ ରାସ୍ତା ପାଇଁ ମଧ୍ୟ ପାଣିକୁ ମୁଣାରେ ଭରିକ ନେଇ ଯାଇ ପାରିବୁ ।"

ପଥିକଟି ବଡ ଦ୍ଵନ୍ଦରେ ପଡିଗଲ୍ । ଏପରି ନ୍ରିଶଙ୍କୁ ଅବସ୍ଥାରେ ପଡିବା ଅପେକ୍ଷା ମୃତ୍ୟୁ ଶ୍ରେୟସ୍କର ବୋଲି ସେ ଭ୍ଵବି ନେଲ୍ । ତଥାପି ଇଶ୍ଵରଙ୍କୁ ସ୍ମରଣ କରି ବୋତଲଟି ଯାକ ପାଣି ସେ ନଳକୂପରେ ଭର୍ତି କରିଦେଲ୍ ଓ ନଳକୂପର ହ୍ୟାଣ୍ଡଲକୁ ଧରି ପାଗଳଙ୍କ ଭଳ ତଳ ଉପର କରିବାକୁ ଲ୍ଗିଲ୍ । କଛି ସମୟ ପରେ ସେ ଯାହା ଦେଖିଲ୍ ତାକୁ ଦେଖି ତାର ଆଶ୍ଚର୍ଯ୍ୟ ର ସୀମା ରହିଲ୍ ନାହିଁ । ସେ ଦେଖିଲ୍ ଯେ ନଳକୂପରୁ ନୀରବଚ୍ଛିନ୍ନ ଭ୍ଵବେ ମିଠା ପାଣି ବାହାରୁଚ । ନଜେ ପେଟେ ପାଣି ପିଇଲ୍ । ପାଖରେ ରଖିଥିବା ମୁଣାରେ ପାଣି ଭର୍ତିକଲ୍ । ଇଶ୍ଵରଙ୍କୁ ଧନ୍ୟବାଦ ଜଣେଇଲ୍ ଏବଂ ଶେଷରେ ସେଇ ଖାଲି ବୋତଲଟିରେ ପାଣିଭର୍ତି କରି ସେଥିରେ ଲ୍ଗି ଥିବା କାଗଜରେ ଆଉ କଛି ପଦ ଯୋଗ କରି ଲେଖିଦେଲ୍ ଯେ:

"ପ୍ରଥମେ ଏ ପାଣିକୁ ନଳକୂପ ଭିତରେ ଭର୍ତିକର, ନଜ ଉପରେ ଏବଂ ଇଶ୍ଵରଙ୍କ ଉପରେ ବିଶ୍ଵାସ ରଖ ଓ ତା ପରେ କଛି ସମୟ ଚେଷ୍ଟାକର ଏ ନଳକୂପ ତୁମକୁ ନଶ୍ଚୟ ପାଣି ଦେବ" ।

ଅଧ୍ୟାପକ, ରୋଲ୍ୟାଣ୍ଡ ଫାର୍ମାସୀ କଲେଜ
ଖୋଡାସିଂଗି, ବ୍ରହ୍ମପୁର - ୧୦



# ଦାସ ବୁଢା



ଇଂ. ସାରଦା ପ୍ରସାଦ ପରିଡା

ଖାଇବା ପିଇବା ପହର, ଖୁବ ଜୋର ରେ ରାତି ୧୦ ଟା ହେବ କି କଣ । ଆକାଶରେ କଳାହାଣ୍ଡିଆ ମେଘ ଢାଙ୍କି ଥାଏ। ଯୋଗକୁ ଲାଇନ କଟିଯାଇଥାଏ କେତେବେଳୁ । ଅଦୂରରୁ ସୁଭୁଥାଏ ଝିଙ୍କାରି ଆଉ କୀଟ ପତଙ୍ଗ ମାନଙ୍କର ଅବିରତ ରାବ । ଭାଦ୍ରବ ମାସର ଅନ୍ଧାର କଟି ମିଟି ରାତି, କେମିତି ଗୋଟାଏ ଶ୍ମଶାନର ଭୟ କରୁଥାଏ ବନ ପାହାଡ ଘେରା ଢେଙ୍କାନାଳ ର ସଦରମହକୁମା ର ଉପକଣ୍ଠରେ ଥିବା ସେଇ ଛୋଟିଆ ଗାଁ ଟିରେ । ଲଣ୍ଠନ ଆଲୁଅ ର ମିଞ୍ଜି ମିଞ୍ଜି ଆଲୁଆରେ ମୁଁ ରାତି ଖାଇବା ସାରି ବିଛଣାକୁ ଯିବାକୁ ପ୍ରସ୍ତୁତ ହେଉଥାଏ ସେତେବେଳେକୁ । ହଠାତ ମୁଁ ରହୁଥିବା ବଖୁରିକିଆ ଭଡାଘର ର ପଛ ପାଚେରି ପାଖରୁ କଣ ଗୋଟାଏ କିଛି ଉଚ୍ଚତା ରୁ ପଡିବା ଅନୁଭବ କଲି । କିଛି ଅଘଟଣ ଆଶଙ୍କାରେ ଦଉଡି ଆସିଲା ବେଳକୁ, ମୁଁ ଯାହା ଦେଖିଲି, ତାହା ଥିଲା କେବଳ ମୋ ପାଇଁ ନୁହେଁ, ବରଂ ମାନବିକତା ପାଇଁ ଗୋଟିଏ ବିରାଟ ଉପହାସ ଆଉ ପ୍ରଶ୍ନବାଚୀ ? ମୋ ଘର ଝରକାରୁ ଛୁଟି ଆସିଥିବା ଝାପ୍ସା ଲଣ୍ଠନ ଆଲୁଆରେ ଦେଖିଲା ବେଳକୁ, ଦାଶବାବୁଙ୍କର ମା' ପାଚେରୀ କଡକୁ ଲାଗି ପଡିଥିବା ମାଙ୍କଡା ପଥର ର ଉପରେ ପ୍ରାଣଶୂନ୍ୟ ହୋଇ ପଡିରହିଛନ୍ତି। ମୋର କିଛି କହିବା ଆଗରୁ ହେମନ୍ତ ବାବୁ ( ଦାଶ ବାବୁ) ତାଙ୍କ ଦୁଇମହଲା ଘରର ବାଘମୁହାଁ( ପୋର୍ଟିଗୋ) ଉପରୁ ଡାକଛାଡିଲେ," ଆରେ ଆରେ, ମା ଛାତ ତଳକୁ ଡେଇଁ ପଡିଲା। କିଏ ଅଛ ଧାଇଁ ଆସ" । ତହୁଁ ମୁଁ ମୋ ଭଡା ଘରର ପଛ ପାଚେରୀ ଗେଟ ଡେଇଁ ଧାଇଁ ଗଲି ଦାସ ବାବୁଙ୍କ ମା ପାଖକୁ । ବୁଢୀ ଚେତାଶୁନ୍ୟ ହୋଇସାରିଥାଏ ସେତେବେଳକୁ । ମୋ ପଛେ ପଛେ ଧାଇଁ ଆସିଥିଲେ ଜଣେ ପରେ ଜଣେ । ବୁଢୀକୁ ଗେଟ ପାଖକୁ ଟେକିଆଣିଲା ବେଳକୁ ତା ଦେହର ଉଷ୍ମ ରକ୍ତ ଅନୁଭବ ହେଉଥିଲା ମୋ ହାତସାରା।

ତହୁଁ କିଏ ଜଣେ ରଡିଛାଡିଲା ଗେଟ ଚାବି ଆଣ ,

ଆଉ କଏ ପଛଆଡୁ କହୁଥାଏ ଗାଡ଼ି କେଉଠୁ ଆସିବ ? ଗାଡ଼ି ତ ସାନ ପାଖରେ ।

"ଦିଅ ଭଙ୍ଗି ଦିଅ, ଆଉ କାହାକୁ ଗୁହିଁଛ ଯେ", ପାଚେରୀ ଆରକଡେ ଛିଡା ହୋଇଥିବା ଲୋକେ ରଡିଛାଡିଲେ ସେତେବେଳକୁ ।

- - - - ନା ନା ରୁହ, ସାନ ଆସୁ, ମୋର ସେ ଧନ୍ଦା ରେ କଏ ପଶିବ, ଏମିତି ତ ମୋ ଉପରେ କେଶ ବାସ କରି ଜାଗା ବନ୍ଦୀ ଯାଇଛି, ମୁଁ ପୁଣି ତା ଜାଗାକୁ ଯିବି, ସେ ଯେଉଁଭଳ ଲୋକ ପୁଣି ଥାନାକୁ ଭିଡିବ । ତୁମେ ପାଚେରୀ ଉପର ପଟେ ମାକୁ ଟେକ ଆଣ, କଥାଟାକୁ କାଟି ଦାସ ବାବୁ ଉପରୁ ରଡି ଛାଡୁଥିଲେ ।

- - - ତହୁଁ ପଛ ଆଡୁ କେହି ଜଣେ ଭଲ ରକମର ଦି ଅକ୍ଷରି ଦେଇ ପଥର କଚଦେଲା ଗେଟ ତାଲା ଉପରେ। "ଶଳା ମଣିଷ ନା ରାକ୍ଷସ, ପଶୁ ଢେର ଗୁଣେ ଭଲ ତୁମଠୁ, ପୁଅ ଦେଖାଉଛ, ଛି ଛି। ଶଳାଙ୍କୁ ରାସ୍ତା ଅଧାରେ ଲଙ୍ଗଳା କରି ପିଟିବା ଦରକାର । ଛି ଛି ସଳାଙ୍କ ମୁହଁ ଗୁହିଁବା ପାପ।"

- - - - - କଏ ଗୋଟିଏ ଦାସ ବାବୁଙ୍କୁ ତାଙ୍କ ଗାଡି କାଢିବା ପାଇଁ କହିଲା । ମାତ୍ର ଯେମିତି ଜଣେ ଅଜଣା ଲୋକଟିଏ ପରି ବ୍ୟବହାର କରି ଦାସ ବାବୁ ତାଙ୍କ ମାଙ୍କୁ ତାଙ୍କ ଗାଡିରେ ନେବା ପାଇଁ ଅମଙ୍ଗ ହୋଇ ଆମ୍ବୁଲାନ୍ସ କୁ ଆଣିବା ପାଇଁ ଇଙ୍ଗିତ କରୁଥିଲେ।

- - - - - ଛି, କେମିତି ଲୋକଟା ଯେ, ବହେ ଲୋକ ରାଗ ତମ ତମ ହୋଇ ସେତେବେଳେକୁ ଯାଇସାରିଥିଲେ। କେହି କେହି ପଛଆଡୁ ବୁଢୀ କୁ ଦାସ ବାବୁ ଠେଲିଦେବା କଛି ଅସମ୍ଭବ ନୁହେଁ ବୋଲି କହି ତାଚ୍ଛଲ୍ୟ କରୁଥିଲେ ।

ସେତେବେଳକୁ ଆମ୍ବୁଲାନ୍ସ ଆସି ପହଞ୍ଚି ଯାଇଥିଲା ପାଖରେ, ମୋର ସ୍ୱଳ୍ପ ଅନୁଭବ ଭିତରେ ମୁଁ ଠଉରେଇ ନେଇ ଥିଲି ଯେ ବୁଢୀ ମରିଯାଇଥିବ ନଷ୍ଟୟ । ବୁଢୀ କୁ ସାଥି ହୋଇ ଆମ୍ବୁଲାନ୍ସ ଭିତରକୁ ଟେକ ନେଉ ନେଉ ଯେମିତି ଭଗବାନଙ୍କ ପାଖରେ ଗୋଟିଏ ଦୀର୍ଘ ଅଭିଯୋଗ ଫର୍ଦ୍ଦ ଦାଖଲ କରୁଥିଲି -

"ହେ ଭଗବାନ ଅନ୍ତତଃ ଆଜି ମୋ ପ୍ରାର୍ଥନା ଶୁଣିନେ, ଯେତେଶୀଘ୍ର ପାରୁ ଏ ବୁଢୀ ସହ ଦାସ ବୁଢା କୁ ବି ନେଇଯାଅ ତୋ ପାଖକୁ। ଏମିତି ଆଉ କଣ ଅଛିଜେ ବଞ୍ଚିବେ ସେମାନେ। କଣ ଖାଲି ତିଳ ତିଳ ହୋଇ ଭୋଗିବା ପାଇଁ।

କେତେଦିନ ସହିବେ ଆଉ ଏ ବୁଢା ବୁଢୀ । ସମସ୍ତଙ୍କର ତ ଗୋଟିଏ ସୀମା ଅଛି, ଏ ସାଗର, ମରୁଭୁମି, ସମସ୍ତଙ୍କର ତ ଗୋଟାଏ ପରିସୀମା ଅଛି । ମାତ୍ର ଏ ବୁଢା ବୁଢୀ ଙ୍କ ଦୁଃଖର କଣ ସେଶ ସୀମା ନାହିଁ। ନେ ଶେଷ କରିଦେ ସେମାନଙ୍କର ଜୀବନର ସୀମାକୁ । ସେଦିନ କେଜାଣି କେମିତି ଏତେ ନିଷ୍ଠୁର ହୋଇ କାହାର ମୃତ୍ୟୁ ପାର୍ଥନା କରୁଥିଲି ଭଗମାନଙ୍କ ପାଖରେ"।

ଆଖି ଆଗରେ ଗୋଟିଏ ଗୋଟିଏ ଘଟଣା ଚଳଚିତ୍ର ପରି ନାଚ ଯାଉଥାଏ। ଠିକ ମନେ ଅଛି ମୋର। ଆମ ପିଲାବେଳର କଥା। ଅଭାବି ତେଲ ଲୁଣ ର ସଂସାର ସେତେବେଳେ ଦାସ ବୁଢାର । ବୁଢା (ହେମନ୍ତ ବାବୁଙ୍କ ବାପା) ନିତି ସକାଳୁ ସକାଳୁ ଉଠି ନିତ୍ୟ କର୍ମ ସାରି କେନ୍ଦେରା ଧରି ବାହାରି ଯାଏ ଘରୁ । ଜାତିରେ ଯୋଗୀ, କୁଳ ବେଉଶା କୁ ତୁଳାଉ ତୁଳାଉ ଯାହା କଛି ମିଳେ ସେଇଥିରେ ଚ଼ଲିଯାଏ ପରିବାର । ବେଉଶା କହିଲେ ଆଉ କଣ କେନ୍ଦେରା ଧରି ଘରକୁ ଘର ବୁଲି ମାଗୁଣି କରିବା। କାହାର ହାତ କ ଜାତକ ଦେଖି ଦି ପଇସା ରୋଜଗାର କରିବା । ତେବେ ଅଭାବ ଅନାଟନ ଭିତରେ ଯେତେ ରହିଲେ ବି ବୁଢା କେବେ ପିଲାମାନଙ୍କ ପାଠ ପଢାରେ ଅବହେଳା କରିନି । ଯିଏ ଯାହା ଯୋଗ୍ୟତାରେ ଯେଉଁ ଯାଏ ପଢିଛି, ସେ ଯାଏ ତାକୁ ପଢେଇଛି। ଏ ଦାସ ବାବୁ (ହେମନ୍ତ ବାବୁ) ପିଲା ବେଳେ ଥିଲେ ଜଣେ ବିଚକ୍ଷଣ ମେଧାବୀ ଛାତ୍ର । ନିଜର ବିଚକ୍ଷଣ ଯୋଗ୍ୟତା ହେତୁ ଦାସ ବାବୁ ଡିପ୍ଲୋମା ପଢା ପରେ ଇଲେକ୍ଟ୍ରିକ ଡିପାର୍ଟମେଣ୍ଟ ରେ ଜଣେ କନିଷ୍ଠଯନ୍ତ୍ରୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ । ତା ପରେ ଚଢିଚ଼ଲିଥିଲେ ଗୋଟିଏ ପରେ ଗୋଟିଏ ସଫଳତା । ଦାସ ବାବୁଙ୍କ ସାନ ଭାଇ ସଶାଙ୍କ ମଧ୍ୟ ନିଜର ଗ୍ରାଜୁଏସନ ପରେ ବହୁଦେଶୀୟ ଶିଳ୍ପାନୁଷ୍ଠାନରେ ଭଲ ଚ଼ାକରିଟିଏ ପାଇ ଚ଼ଲିଯାଇଥିଲା ସୁଦୂର ଗୁଜୁରାଟରେ । ତା ପରେ ଦୁଇ ଭାଇଙ୍କର ନିଜ ନିଜ ପସନ୍ଦ ଅନୁସାରେ ବିବାହ ଆଉ ପରିବାର । ଯେଉଁଥିରେ ସାମାନ୍ୟ ତମ ଜାଗା ନଥିଲା ଦାସ ବୁଢା ଆଉ ବୁଢୀ ପାଇଁ । ଧୀରେ ଧୀରେ ସେମାନେ ପାଲଟି ଯାଇଥିଲେ ଅଲୋଡା ଦୁଇ ପୁଅଙ୍କ

ପାଖରେ । ବୁଢା ବୁଢୀ ନିଜ ନିଜ ଭାଗ୍ୟକୁ ଆଦରି ରହିଯାଇଥିଲେ ଏଠି । କେବଳ ମାସ ଶେଷକୁ ଦରମା ଭଳି ମିଳିଯାଉଥିଲା ଦୁଇପୁଅଙ୍କ ପାଖରୁ କିଛି କିଛି ପଇସା ନିଜ ନିଜ କର୍ତ୍ତବ୍ୟ ପ୍ରତିବଦଳରେ । କେବେ କେବେ ମୁଁ ଆକୁ ଯଥେଷ୍ଟ ଆଉ ଯଥାର୍ଥ କହି ବାହା ବା ନେବାର ମଧ୍ୟ ଶୁଣିଛି ଦାସ ବାବୁଙ୍କ ମୁହଁରୁ । ସମ୍ଭବତ ଏମାନଙ୍କୁ କେଉଁ ଏକ ଅଦରକାରୀ ନଥିପତ୍ର ଟିଏ ଭାବି ନେଇ ଥିଲେ । ଅବା ନିଜର ସଂଘର୍ଷ ମାୟା ଅତୀତର ସ୍ୱାକ୍ଷର କୁ ବର୍ତ୍ତମାନର ଗ୍ରହ ଚକ୍ୟରେ ଲୁଚେଇବାର ପ୍ରୟାସ । ତେବେ ଦାସବୁଢା ର କିଛି ନିଘାନଥାଏ । ମନରେ ପଛେ ଯାହା ଥାଉ ଲୋକ ଦେଖାଣିଆକୁ ବୁଢା ବୁଢୀ ଖୁସି ରହିବାର ଅଭିନୟ କରନ୍ତି । କହିବା ବାହୁଲ୍ୟ, ବୁଢୀକାଳେ ନିଜ କାମ ନିଜ କରିବାରେ ସୁଖ ପାଏ । ଏ କଥା ତ ଯେ କେହିବି ଅବିଶ୍ୱାସ କରିବ, ପରିଣତ ବୟସରେ ନିଜ ହାତରେ ନିଜ କାମ କରିବା ପାଇଁ ବୁଢା ବୁଢୀ ଦୁଇଜଣ ଅଲଗା ରହୁଛନ୍ତି ।

ଏଇ ଗଲା କେଇଦିନର କଥା ଦାସବୁଢା ଦେହ ଅତ୍ୟଧିକ ଖରାପ ଥାଏ । ବୁଢୀର ଦେଖାଶୁଣା କରିବାର ସାମର୍ଥ୍ୟ ର ବାହାରେ । ଯୋଗକୁ ବଡପୁଅର ବଦଳି ହୋଇଥାଏ ଏଠିକୁ । ଲୋକ ଲଜ୍ଜା ଭୟରେ ହେଉ ଅବା ବଡ ଭାଇ ପାଣିଆର ବହପରେ ବୁଢା ବୁଢୀଙ୍କୁ ଆଣି ପାଖରେ ରଖିଥାଏ । ଦେଖାଶୁଣା କରିବାକୁ ଜଣେ ଗ୍ରହଣୀ ଆସେ । କପଡା ଲତା ଧୋଇଦେଇ, ବୁଢା ର ଯାବତ୍ୟ କାମ ଦି ଓଳା କଲା ପରେ ଚାଲିଯାଏ । ବଡବୋହୁ କେବଳ ଖାଇବା ଗଣ୍ଡିଏ ଦେଇଯାଏ । ତା ପରେ ବି ଦିନ ଯାକ ଗର ଗର ହୁଏ । "ଛି ଏ କଣ ମନୀଷ ରହିବା ଜାଗା , ସାଥିରେ ରହିଲେ ଭଲ ଲୋକ ବି ବେମାର ହେଇଯିବ । ମୁଁ ଆଉ ସେବା କରିପାରିବିନି । ତମେ ଯଦି ରହିବ ରୁହ, ମୁଁ ଯାଉଛି ଭୁବନେଶ୍ୱରେ ଛୁଆ ମାନଙ୍କ ପାଖରେ । ଜୀବନରେ ସୁଖ ବୋଲି କଣ କିଛି ନାହିଁ । ମୁଁ ଆଉ ଏମାନଙ୍କ ସାଥିରେ ରହି ପେଶୀ ହୋଇ ପାରିବିନି । ତମକୁ ଯଦି ନିସ୍ପତି ନେବାରେ ଅଛି ଜଲଦି ନିଅ ।" ତହୁଁ ବୁଢା ବୁଢୀ ଦୁହିଙ୍କୁ କେଉଁ ଏକ ଅଦରକାରୀ ଜିନିଷ ପରି ଘରର ପଛପାଖ ପାଚେରୀକୁ ଲାଗି ଏକ ବଖୁରିଆ ଆଜବେଷ୍ଟ ଘରେ ଆଣି ରଖିଥିଲେ । ସମ୍ଭବତଃ ଯେଉଁଟା ଦାସ ବାବୁ ତାଙ୍କ ଘର କରିବା ସମୟରେ ମୂଲିଆ ଓ ଜିନିଷ ପତ୍ର ରଖିବା ପାଇଁ ବ୍ୟବହାର କରୁଥିଲେ । ଆଉ ଏବେ ଘରର ପୁରୁଣା ଭଙ୍ଗା ଜିନିଷ ପାଇଁ ।

ଭଗ୍ୟ ଯେମିତି ଦାଉ ସାଧୁଥିଲା ବୁଢା ବୁଢୀ ଦୁହିଙ୍କ ଉପରେ । ଦହି ପଛେ ପଛେ ଚୂଡା ପରି ବୁଢା ପରେ ପରେ ବୁଢୀ ବି ସଜ୍ୟଶାୟୀ । ଅବସ୍ଥା ବୁଢାଠୁ ବି ଆହୁରି ସାଂଘାତିକ । ତେଣୁ ଦୁହିଙ୍କ ଦେଖାଶୁଣା କରିବା ପାଇଁ ପ୍ରତି ମୁହୂର୍ତ୍ତରେ ଜଣେ କେହି ପାଖରେ ରହିବା ନହାତି ଆବଶ୍ୟକ। ବାର ଲୋକ ବାର କଥା କହୁଥାନ୍ତି, ଅନଚ୍ଛା ସତ୍ୱେ ବି ବାଧ୍ୟ ହୋଇ ବି ହେମନ୍ତ ବାବୁ ବୁଢା ବୁଢୀ ଦୁଇଜଣଙ୍କୁ ଉପର ମହଲା ନେଲେ । ତା ପରର ଘଟଣା ର ଅବଧାରଣ କରିବା ଅସମ୍ଭବ। ମାତ୍ର ଦିନ ଦି ଟା ଯାଇଛି କ ନାହିଁ ସେଦିନ ରାତିରେ ଖାଇବା ପିଇବା ସରିକ ବୁଢୀ ଛାତ ରୁ ପଡିଲା । କେହି କେହି ବୁଢୀକୁ କାଳେ ପୁଅ ବୋହୂ ତଳକୁ ଫିଙ୍ଗିଦେବା କୁହନ୍ତି ।

ପରିସ୍ଥିତି ଯେମିତି ରହି ରହି ନଷ୍ଠୁର ପ୍ରଶ୍ନ କରୁଥିଲେ ତା'ର ଆଉ ଆଖିରେ ସମାଜର ଆଧୁନକତା ଓ ସ୍ୱେଚ୍ଛାଗ୍ରର କୁ। କଏ ଦାୟୀ, ସମୟ, ସମ୍ପତି, ଚରିତ୍ର ନା ସ୍ୱେଚ୍ଛାଛାର ର ହୀନମାନ୍ୟତା ?

କଛି ଦୁଃଖ ଆଉ କଛି କ୍ରୋଧ ରେ ଜୁଡୁ ବୁଡୁ ହୋଇ ମୁଁ ପାଚେରୀ ପାଖକୁ ଲାଗି ଆସିଲି ନରୂପାୟହୋଇ ।

ଅଧ୍ୟାପକ, କୋଣାର୍କ ବିଜ୍ଞାନ ଓ କାରିଗରୀ ମହାବିଦ୍ୟାଳୟ, ଜଟଣୀ

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ। ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com

# କେମିତି ସମ୍ପର୍କ ଇଏ



ପ୍ରଶାନ୍ତ କୁମାର ନାଥ

ବୋହୂ କହୁଥିଲା ଶାଶୁକୁ ତାହାର
ପଡିଲା ମୋହରି କାନେ
କାହିଁକ କୁହଗୋ ଜଳେଇ ମାରୁଛ
ଆମକୁଗୋ ସବୁ ଦିନେ ।
ଦିନ ଯାକ କାମ କରି ତୁମ ପୁଅ
ରାତିକୁ ଆସନ୍ତି ଫେରି
ଶାନ୍ତିରେ ଟିକଏ ଶୋଇ ପାରନ୍ତିନ
ମାଆ ଥିଲେ ତୁମ ପରି ।
ଖେଏଁ ଖେଏଁ କରି କାଶୁଥାଅ ତୁମେ
କେମିତି ହୋଇବ ନଦ
ସେପରା ଅଟନ୍ତି ମଣିଷ ଗୋଟିଏ
ନୁହନ୍ତି ସିଏତ ଗଧ ।
ମାଆ ବୋଲି ସିଏ ପାରନ୍ତିନ କହି
କୁହନ୍ତି ପାଖରେ ମୋର
ପୁଅ ଖୁସି ଯଦି ଗୃହୁଁ ଅଛ ତୁମେ
ବୃଦ୍ଧାଶ୍ରମେ ଘର କର ।
ମାଆ ପାଇଁ କଣ ପୁଅର ମନରେ
ସତରେ ଏମିତି ଥିବ
ବୃଦ୍ଧାଶ୍ରମେ ସିଏ ମାଆକୁ ଛାଡିକ
ଶାନ୍ତିରେ ଶୋଇ ପାରିବ ।



ସୁନ୍ଦରପୁର, ଉତ୍ତରକୂଳହାଟ୍, ପ୍ରୀତିପୁର, ଯାଜପୁର

# ଆଇଜଲ, ମିଜୋରମ୍

( ମିଜୋଝିଅ ତୁ କାହା ସମ୍ପତ୍ତି? )

- ଧାରାବାହିକ ଭ୍ରମଣ କାହାଣୀ-

ପ୍ରିୟବ୍ରତ ପାତ୍ର

ଜୋଲୁଟୀଙ୍କ ଘରେ, ମିଜୋରମର କିଛି ସାମାଜିକ ଚଳଣି ଉପରେ ଆଲୋଚନା ଚାଲିଥିଲା। ସେଠାକାର ଚଳଣି ଅନୁଯାୟୀ ଘରର ସାନପୁଅ ଘରର ସମସ୍ତ ସମ୍ପତ୍ତିର ଉତ୍ତରାଧିକାରୀ ହୋଇଥାଏ। ମୁଖିଆର ବଡ ପୁଅ ମୁଖିଆ ହୁଏ, ପଦ ସମ୍ଭାଳେ, ଘରର ମର୍ଯ୍ୟାଦାର ଉତ୍ତରାଧିକାରୀ ହୋଇଥାଏ। ଏଠାରେ ସ୍ତ୍ରୀ ଲୋକଙ୍କର ସମ୍ପତ୍ତିରେ ଭାଗ ନାହିଁ। ପୁରୁଷଟିଏ ମରିଗଲେ ତା ସମ୍ପତ୍ତି ତା ଭାଇ ବା ପୁତୁରା ପାଏ ସିନା ସ୍ତ୍ରୀଙ୍କୁ କିଛି ମିଳେନା।

ଝିଅଟିଏ ଜନ୍ମହେଲେ ପରିବାର ବର୍ଗ ଅଧିକ ଖୁସି ହେଇଥାନ୍ତି। ଏକେ ତ ଝିଅ ବାପା ମା ପାଖରେ ରହି କାମଦାମରେ ସାହାଯ୍ୟ କରିବ, ଦ୍ୱିତୀୟରେ ବାହାଘର ବେଳେ କିଛି କନ୍ୟାସୁନା ମିଳଯିବ। ସେ ସମ୍ପତ୍ତିକୁ ତା ଭାଇ, ବାପା, ମା, ବଡ ଭଉଣୀ, ମାମୁଁ, ମାଉସୀ ଏପରିକି ପିଲାବେଳେ ପାଠ ପଢେଇଥିବା ଶିକ୍ଷକ ବି ନେଇ ଯାଆନ୍ତି। ବାହାଘର ବେଳେ ଯେଉଁ ସାମାନ୍ୟ ସମ୍ପତ୍ତି କନ୍ୟା ନିଜ ସହ ବାପଘରୁ ଆଣିଥାଏ ତାହାକୁ ଥୁଆମ୍ କୁହାଯାଏ। ଥୁଆମ୍ ଉପରେ କେବଳ ସ୍ତ୍ରୀଟିର ଅଧିକାର ଥାଏ, ଆଉ କାହାର ଅଧିକାରକୁ ବରଦାସ୍ତ କରାଯାଏନା। ଆଜିକାଲି ସମୟରେ ମଧ୍ୟ ସ୍ତ୍ରୀ ଲୋକଟିଏ ନିଜ ନାମରେ ବ୍ୟାଙ୍କ୍ ଆକାଉଣ୍ଟ ରଖିବା ଏକ ବ୍ୟତିକ୍ରମ ଘଟଣା। ଏକକ ବ୍ୟକ୍ତିତ୍ୱ ରୂପେ ମହିଳାଙ୍କୁ ପ୍ରଥମ ଶ୍ରେଣୀର ନାଗରିକ ଭାବେ ଭାରତ ସରକାର ଯେଉଁ ଅଧିକାର ଦେଇଛନ୍ତି । ସେଇଥିରୁ ମିଜୋ ସ୍ତ୍ରୀ ଲୋକମାନେ ଏବେ ବି ଦୂରରେ ରହିଛନ୍ତି। ଆଜିକାଲି ଗୋଟିଏ ଲିଖିତ ଇଚ୍ଛାପତ୍ର ମାଧମରେ ( WILL) ଜଣେ ପୁରୁଷ ବଞ୍ଚି ଥାଉଥାଉ ତାର ସ୍ତ୍ରୀକୁ ତା ସମ୍ପତ୍ତିର ଉତ୍ତରାଧିକାରୀ ରୂପେ ମନୋନୀତ କରିପାରେ। ଏହା ଭାରତୀୟ ଆଇନ ସହ ପାରମ୍ପାରିକ ମିଜୋ ପରମ୍ପରାର ଏକ ମଧୁର ମିଳନ, ଏକ ସୁନ୍ଦର ରାଜିନାମା।

ଏସବୁ ସତ୍ତ୍ୱେ ଭାରତର ଅନ୍ୟ ରାଜ୍ୟ ତୁଳନାରେ ମିଜୋ ସ୍ତ୍ରୀମାନେ ପ୍ରଚୁର ସ୍ୱାଧୀନତା ଓ ସମ୍ମାନ ଭୋଗ କରିଥାନ୍ତି। ଏଠାରେ ଲିଙ୍ଗଗତ ଉତ୍କଟ ବୈଷମ୍ୟ ବା ହୀନମନ୍ୟତା ନାହିଁ। ଘରଭିତରେ ନିଜ ବାପାମାଙ୍କ ସହ ରହୁଥିବାରୁ ଝିଅମାନେ ସ୍ୱଭାବତଃ ଶାନ୍ତିପ୍ରିୟ ଓ ପରିବାରକୈନ୍ଦ୍ରିକ। ପିଢିଗତ ଦୂରତା ଆଦୌ ନାହିଁ। ଯୌତୁକ ନାହିଁ, ତେଣୁ ତତ୍ ଜନିତ ଅତ୍ୟାଚାର ଓ ହିଂସା ନାହିଁ। ଶାଶୂ- ବୋହୂ କଳି ମଧ୍ୟ ନାହିଁ। କାରଣ ଶାଶୂ ଜଣକ ଯେଉଁ ଭରପୂର ସ୍ୱାଧୀନତା ନିଜେ ଭୋଗ କରିଥାଏ, ସେଇ କଥାଟି ତାର ବୋହୂ କଲେ ସେ ପ୍ରତିବାଦ

କରେନା । ହିତେଶ୍ୱର ସାଇକଆ ( ଏକଦା ଆସାମର ଗଭର୍ଣ୍ଣର, ପରେ ଆସାମର ମୁଖ୍ୟମନ୍ତ୍ରୀ) ଥରେ କହିଥିଲେ- "ଯଦି ମୋ ସାଥିରେ ଜଣେ ମହିଳା ଅଛନ୍ତି, ତେବେ କୌଣସି ଗ୍ରେର, ଡକାଏତ ବା ଗୁଣ୍ଡା ମୋ ପାଖକୁ ଆସିବେ ନାହିଁ ।" ଏହାର କାରଣ ହେଲା ସର୍ବସାଧାରଣଙ୍କ ଆଗରେ ମହିଳାମାନଙ୍କ ସମ୍ମାନ ଖୁବ୍ ଉଚ୍ଚରେ । ବିବାହ ପରେ ଛାଡପତ୍ରରେ ମଧ୍ୟ ମହିଳାଙ୍କୁ ପୂର୍ଣ୍ଣ ସ୍ୱାଧୀନତା । ଏପରିକି ଅବିବାହିତ ଅବସ୍ଥାରେ ସୁଦ୍ଧା ମା ହୋଇଯାଇଥିବା ଝିଅମାନଙ୍କୁ କୌଣସି ସାମାଜିକ ଶରବ୍ୟର ଶିକାର ହେବାକୁ ପଡେନାହିଁ ।

ଭାରତରେ ସବୁ ଝିଅ ଓ ସ୍ତ୍ରୀଲୋକ ବିବାହ ଉପରେ ଆଲୋଚନା କରିବାକୁ ଖୁବ୍ ଉପଭୋଗ କରନ୍ତି । ଜୋଲୁଟୀ ମଧ୍ୟ ସେ ବିଷୟରେ କହିଲାବେଳେ ଉତଫୁଲ୍ଲିତ ଦିଶୁଥିଲେ । ତାଙ୍କ ମତରେ କନ୍ୟାସୁନା ହେଉ ବା ଯୌତୁକ ପ୍ରଥା ହେଉ ଉଭୟ ପ୍ରଥା ଗୋଟିଏ ଝିଅକୁ ବନ୍ଧନରେ ପକାଇବା ପାଇଁ ଉଦ୍ଦିଷ୍ଟ । ଏହା ଗୋଟିଏ ଝିଅର ଅଧିକାରକୁ କ୍ଷୁର୍ଣ୍ଣକରି ଅନ୍ୟର ଦୟାର ପାତ୍ର ହେବାକୁ ବାଧ୍ୟ କରିଥାଏ ।ଯୌତୁକ ପ୍ରଥାକୁ ବିରୋଧ କରି ବାହାଘର ବେଳେ ସେ ଘରୁ କିଛି ବି ଆଣିନଥିଲେ । କେବଳ ଯୀଶୁଙ୍କ ବଡ ଫଟୋ ତଥା ନିଜର କଲେଜ ବେଳର ଫଟୋଟିକୁ ଛାଡି । ମିଜୋରାମରେ ଝିଅଟିଏ ବାହାହେଲେ କଣ ଆଣୁ ନ ଆଣୁ ସାଥିରେ "ପୁଆନଡମ୍" ନିଶ୍ଚୟ ଆଣିଥାଏ । ତାହା ହେଉଛି ଏପରି ଏକ ଧଳାରଙ୍ଗର ଆଚ୍ଛାଦନକାରୀ ହାତବୁଣା ଲୁଗା, ଯାହାକୁ ମିଜୋ ସମାଜରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଇଥାଏ । ବିବାହିତ ସ୍ତ୍ରୀଟି ଯେବେ ମରିଯାଏ, ସେଇ ଲୁଗାରେ ତାକୁ ଆଚ୍ଛାଦନ କରାଯାଇ କବର ଦିଆଯାଏ । ଜୋଲୁଟୀ ବାହାଘର ବେଳେ ସାଥିରେ "ପୁଆନଡମ୍" ଆଣି ନଥିଲେ । ସେଇ କଥାକୁ ନେଇ ଶାଶୁଘରେ ପାଟିତୁଣ୍ଡ ଓ ଅଶାନ୍ତି ଲାଗିରହିଲା । ତେଣୁ ବାଧ୍ୟ ହୋଇ ସେଇଟିକୁ ସେ ଘରୁ ଆଣିଲେ । ସେଇ ଲୁଗା ଖଣ୍ଡକ ଆମକୁ ଦେଖେଇ ଦିଆଯାଇଥିଲା । ବିବାହ ବେଳେ ପିନ୍ଧିଥିବା ପାରମ୍ପାରିକ ବିବାହ ପୋଷାକ "ପୁଆଏନଚ" କୁ ମଧ୍ୟ ଜୋଲୁଟୀ ଦେଖାଇଥିଲେ । ଦୁଇଟିଯାକ ଲୁଗା ଗୋଟିଏ ବଡ କପଡା ରଖା ପଲିଥିନ ବ୍ୟାଗରେ ଚଉତା ହୋଇ ରହିଥିଲା । ଆଶ୍ଚର୍ଯ୍ୟ, ଗୋଟିଏ ଲୁଗା ପିନ୍ଧି ଝିଅଟିଏ ଜୀବନକୁ ପ୍ରବେଶ କରେ, ଅନ୍ୟଟି ପିନ୍ଧି ଜୀବନରୁ ବିଦାୟ ନେଇଥାଏ । ନିଜ ଝିଅଟି ମଲାବେଳେ କୋଉ ଲୁଗା ପିନ୍ଧି କବର ଭିତରେ ଶୋଇବ ଏକଥା ମିଜୋ ବାପା ମା ଚିନ୍ତା କରିଥାନ୍ତି । ସେଇଟା ଆମମାନଙ୍କ ପାଇଁ ଅଜବ ଥିଲା, ବିଭତ୍ସ ଥିଲା । କିନ୍ତୁ ମିଜୋଙ୍କ ପରିବାରରେ ଥିଲା ଏକ ସାଧାରଣ କଥା ।

ମିଜୋରାମର ସୀମା ସେପଟେ, ମ୍ୟାନମାରରେ ରହିଛି ରିଃ ହ୍ରଦ । ମିଜୋଙ୍କ ଧର୍ମ ବିଶ୍ୱାସ କହେ, ପ୍ରତ୍ୟେକ ମୃତବ୍ୟକ୍ତିର ଆତ୍ମା, ମୃତ୍ୟୁପରେ ରିଃ ହ୍ରଦକୁ ଯାଇ ପ୍ରଦକ୍ଷିଣ କରିଥାଏ ଏବଂ ଏଥିପାଇଁ ତାକୁ ତିନିଦିନ ସମୟ ଲାଗିଥାଏ । ସେ ସମୟରେ ସେହି ଆତ୍ମାର ସାଥିରେ ଯିବାପାଇଁ ପଶୁବଳି ମାଧ୍ୟମରେ କିଛି ଦାନ ଉତ୍ସର୍ଗ କରାଯାଉଥିଲା । ଆଜିକାଲି ଖ୍ରୀଷ୍ଟ ଧର୍ମ

ଆଦରି ନେବାପରେ, ତିନଦିନ ବ୍ୟାପୀ ପ୍ରାର୍ଥନାକୁ ଅନ୍ତର୍ଭୁକ୍ତ କରି ସେଇ ପୁରୁଣା ପରମ୍ପରାର ସାମାନ୍ୟ ପରିବର୍ତ୍ତନ କରାଯାଇଛି । ଜୋଲୁଟୀ ମଜାରେ କହୁଥିଲେ - ମୋ ସ୍ୱାମୀଙ୍କୁ କହିଛି, ମୋର ବାହାଘର ଲୁଗାଟିକୁ ମୋତେ ଉତ୍ସର୍ଗ କରିଦେବ, ଯଦି ମୁଁ ମରିଯାଏ । ସ୍ୱାମୀ କୁଆଡେ ଥଟ୍ଟା କରି ଉତ୍ତରରେ କହୁଥିଲେ - ତା ସାଥିରେ ପୁଣି ଗୋଟିଏ ଡବଲ୍ ସିମ୍ ବାଲା ମୋବାଇଲ୍ ଟିଏ ବି ଦେଇଥିବି ଯେ ସେଥିରୁ ଗୋଟିଏ ନମ୍ବର ଖାସ୍ କରି ମୋ ପାଇଁ ରଖିଥିବୁ, ଅନ୍ୟଟିରେ ତୁ ତୋର ଅନ୍ୟାନ୍ୟ ଅନୁଷ୍ଠାନ ସାଥିରେ କଥାବାର୍ତ୍ତା କରୁଥିବୁ ।

ଆମେ ବସି କଥାବାର୍ତ୍ତା କରୁଛୁ, ହଠାତ୍ ଚାରିପାଞ୍ଚଜଣ ଲୋକ ପହଞ୍ଚିଗଲେ । ଜୋଲୁଟୀ ସେମାନଙ୍କ ସହ ସାମାନ୍ୟ କଥାବାର୍ତ୍ତା କରି ଆଉ କେତେବେଳେ ଆସିବାକୁ କହିଲେ । ସେମାନେ ଥିଲେ ମିଜୋ ଫ୍ରଣ୍ଟ ର କିଛି ଦଳୀୟ କର୍ମୀ । ସେମାନେ ସଭାସମିତିକୁ ନିମନ୍ତ୍ରଣ କରି ଜୋଲୁଟୀଙ୍କୁ ଏକ ବହୁମୂଲ୍ୟ ପ୍ରଚାରକ ରୂପେ ବ୍ୟବହାର କରିବାକୁ ଚାହିଁଥାନ୍ତି । ନିଜ ବାପାଙ୍କ ପଡିଆରୀକ୍ରମେ ଜୋଲୁଟୀଙ୍କ ରାଜନୀତିରେ ପ୍ରବେଶ ପଥ ସବୁବେଳେ ଉନ୍ମୁକ୍ତ ।

ସେଇ ଦଳଟି ଚାଲିଗଲା ପରେ ଚାରିଜଣ ମିଜୋ ତରୁଣୀ ପହଞ୍ଚିଗଲେ । ସନ୍ଧ୍ୟାବେଳେ ଥିବା କୌଣସି ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ସେମାନେ ବାଉଁଶନାଚ "ଚରା" ପ୍ରଦର୍ଶନ ପାଇଁ ପ୍ରସ୍ତୁତ ହେଉଥିଲେ । ତେବେ କିଛି ତ୍ରୁଟି ସଂଶୋଧନ ପାଇଁ ସେମାନେ ନୃତ୍ୟାଙ୍ଗନା ଜୋଲୁଟୀଙ୍କ ପାଖକୁ ଆସିଥିଲେ । ଆମ ଓଡିଶାରେ ଝିଅମାନେ ଖପରା- ଡିଆଁ ଖେଳପାଇଁ ଖଡିରେ ଗାର କାଟିଲା ପରି, ସେମାନେ ଚଟାଣରେ ଗାର କାଟିଦେଲେ ଏବଂ ବିଭିନ୍ନ ଘରରେ ପାଦରଖି ୱାନ୍, ଟୁ କରି ନାଚ ଅଭ୍ୟାସ କଲେ ।

ସଙ୍ଗୀତର ମୂର୍ଚ୍ଛନାରେ, କୁହାଯାଏ, ମିଜୋରାମର ନୀଳ ପର୍ବତସବୁ ଜୀବନ ହୋଇଉଠେ । ମିଜୋମାନେ ସ୍ୱାଭାବିକଭାବେ ସଙ୍ଗୀତ ଓ ନୃତ୍ୟପ୍ରିୟ । ଚରା ନୃତ୍ୟରେ ଝିଅମାନେ ବିଭିନ୍ନ ପକ୍ଷୀଙ୍କ ନୃତ୍ୟ ଓ ଚାଲିକୁ ଅନୁକରଣ କରୁଥିଲେ । କେବେ ଖୁସିରେ ଘୁମୁରୁଥିବା ପାରାଙ୍କ ପରି, କେବେ କଳାମେଘ ଦେଖି ନାଚୁଥିବା ମୟୁର ପରି, କେବେ ପୁଣି ମିଳନ ପାଇଁ ଛନଛନ ହେଉଥିବା ବଣକୁକୁଡାଙ୍କ ଭଳି । କେବେ ସେମାନଙ୍କ ସର୍ବାଙ୍ଗ ଝୁମି ଉଠୁଥିଲା ବର୍ଷା ପବନରେ ଦୋହଲୁଥିବା ବୃକ୍ଷପରି ବା ତା ଉପରେ ଲଟେଇ ପଡିଥିବା ଫୁଲଫୁଟା ଲତାମାନେ ଥରି ଉଠିଲା ଭଳି । ନୃତ୍ୟାଙ୍ଗନା ଜୋଲୁଟୀ ନୃତ୍ୟପାଇଁ ଅନେକ ଆଡୁ ନିମନ୍ତ୍ରଣ ପାଇଥାନ୍ତି, କିନ୍ତୁ ତାଙ୍କର ସମୟ କାହିଁ?

ଏ ସମୟରେ ଲ୍ୟାଣ୍ଡ ଲାଇନ୍ କୁ ଫୋନକଲ୍ ଆସିଲା । ପାସପୋର୍ଟ, ତେଲଆଭିଭ୍, କବୁତ୍ - ଆମ୍ବାସି ଭଳି କିଛି ଶବ୍ଦ ଛଡା ଅନ୍ୟକିଛି ଶବ୍ଦ ଆମର ବୁଝିବା ସାମର୍ଥ୍ୟର ବାହାରେ । ଇସ୍ରାଏଲ୍ ଯିବାପାଇଁ ଗୋଟିଏ ଦଶଜଣିଆ ଟିମ୍ ଜୋଲୁଟୀଙ୍କ ନେତୃତ୍ୱରେ ପ୍ରସ୍ତୁତ ହେଉଥିଲେ । ସେଥିପାଇଁ ଭିସା, ପାସପୋର୍ଟ, ଉଡାଜାହାଜ ଟିକଟଠୁ ଆରମ୍ଭ କରି ଇସ୍ରାଏଲରେ ସେମାନଙ୍କ

ରହିବା, ଖାଇବା ବ୍ୟବସ୍ଥା ଆଦି ବୁଝିବାକୁ ପଡୁଥିଲା । ଆମେରିକାର କୌଣସି ଏକ ସିନାଗଗ୍ ( ଇହୁଦୀଙ୍କ ପ୍ରାର୍ଥନା ମନ୍ଦିର) ଟ୍ରଷ୍ଟ ଏ ବାବଦରେ ସମସ୍ତ ଖର୍ଚ୍ଚକୁ ବହନ କରୁଥିଲା । ଜୋଲୁଟୀ କୁଆଡେ ଏହା ପୂର୍ବରୁ ଦୁଇଥର ଇସ୍ରାଏଲ ବୁଲି ଆସିଲେଣି । ସେଠାକାର ସମବାୟ ଶିଶୁ ଶିକ୍ଷା କେନ୍ଦ୍ର କବୁତ୍ ର ଅନୁକରଣରେ ମିଜୋରାମରେ ବି ସେଭଳି କିଛି କରାଯାଇ ପାରେକି? ଜୋଲୁଟୀଙ୍କ ଗବେଷଣା ତା ଉପରେ । ତାଙ୍କର ଆଉ ଏକ ସଦ୍ୟ ଆବିଷ୍କୃତ ପରିଚୟ ହେଲା - ସେ କାଳେ ପ୍ରାଚୀନ ଇହୁଦୀମାନଙ୍କ ବଂଶଧର ଥିଲେ । ମିଜୋରାମର ଲୁସାଇ ସଂପ୍ରଦାୟର ଲୋକେ ସେଇ ପ୍ରାଚୀନ ଇହୁଦୀଙ୍କ ବଂଶଧର ବୋଲି ପ୍ରଗ୍ଭର ହୋଇଯିବା ପରେ ଲୁସାଇମାନେ ନିଜକୁ ଉତଫୁଲ୍ଲିତ ମନେ କରୁଛନ୍ତି । କଥାଟି ଥିଲା ନିମ୍ନ ପ୍ରକାରେ.....

ଆଜକୁ ଦିହଜାର ବର୍ଷ ତଳେ, ଇସ୍ରାଏଲର ଗ୍ଭରିପଟେ ଥିବା ଅଣ ଇହୁଦୀଙ୍କ ଆକ୍ରମଣରେ ଇହୁଦୀମାନେ ଦେଶ ଛାଡି ଗ୍ଭଲିଗଲେ । ସେମାନେ ୨୦ଟି ଦଳରେ ବିଭକ୍ତ ହୋଇ ବିଭିନ୍ନ ଦିଗେ ନିଜ ଭାଗ୍ୟ ଅନ୍ୱେଷଣରେ ଗ୍ଭଲିଗଲେ । ଦୁଇ ହଜାର ବର୍ଷ ଭିତରେ ସେମାନେ କିଏ କୋଉଠି ଆଶ୍ରୟ ନେଇ ପୃଥିବୀ ସାରା ଖେଳେଇ ହୋଇ ପଡିଲେ । ବିଂଶ ଶତାବ୍ଦୀର ଆରମ୍ଭରେ ସେଇ ଉପଦଳଗୁଡିକୁ ଠାବ କରାଯାଇଥିଲା । କିଏ ଥିଲା କଙ୍ଗୋରେ, କିଏ ଥିଲା ଏସିଆରେ ତ କିଏ ଥିଲା ଦକ୍ଷିଣ ଆମେରିକାରେ । ୧୯ଟି ଦଳର ସଠିକ୍ ଅବସ୍ଥାନ ଜଣା ପଡିବା ପରେ ଢେର ବର୍ଷଯାଏ ୨୦ତମ୍ ଦଳଟି ଅଜ୍ଞାତ ହୋଇ ରହିଥିଲା । ଇସ୍ରାଏଲ ଦେଶ ଗଠନବେଳେ ସେଇ ଉପଦଳ ସବୁ ଦେଶକୁ ବାହୁଡି ଆସିଥିଲେ । ବିଂଶ ଶତାବ୍ଦୀର ଶେଷ ଭାଗରେ ସେମାନେ ସେଇ ଅଜ୍ଞାତ ନିରୁଦ୍ଦିଷ୍ଟ ଦଳଟିର ସନ୍ଧାନ ପାଇଥିଲେ । ରକ୍ତ ପରୀକ୍ଷା ଓ ଜେନେଟିକ୍ ଡିକୋଡିଂ ପରେ ସେମାନେ ନିଶ୍ଚିତ ହୋଇଗଲେ ଯେ ଏବର ଲୁସାଇମାନେ ହେଉଛନ୍ତି ସେଇ ନିରୁଦ୍ଦିଷ୍ଟ ୨୦ ତମ ଦଳ । ଏହି କ୍ରମରେ ଆଜିକାଲି ଅନେକ ଇସ୍ରାଏଲବାସୀ ଆଇଜଲ ବୁଲି ଆସୁଛନ୍ତି ଏବଂ ଏଠାକାର ଲୋକଙ୍କୁ ଇସ୍ରାଏଲ ବୁଲିଯିବାର ବ୍ୟବସ୍ଥା କରୁଛନ୍ତି ।

ଭାରତ ସରକାରେ ସେହି ଜେନେଟିକ୍ ଡିକୋଡିଂ ଦୂରକଥା, ଇସ୍ରାଏଲ୍ ସରକାରଙ୍କୁ ମଧ୍ୟ ସ୍ୱୀକାର କରନ୍ତି ନାହିଁ । ଲୁସାଇମାନେ, ଏବେ ନିଜକୁ ଭାରତୀୟ ବୋଲି କହିବା ଅପେକ୍ଷା ସେଇ ବିଖ୍ୟାତ ଇହୁଦୀଙ୍କ ବଂଶଧର ବୋଲି ପରିଚୟ ଦେବାରେ ଗୌରବ ଅନୁଭବ କରୁଛନ୍ତି । ଜୋଲୁଟୀଙ୍କ ପରିଚୟ ଏବେ ସୁଦୂର ଇସ୍ରାଏଲ୍ ପର୍ଯ୍ୟନ୍ତ ପରିବ୍ୟାପ୍ତ । ଆମେରିକାର ଇହୁଦୀଙ୍କ ତରଫରୁ ପ୍ରଚୁର ଅନୁଦାନ ଆସୁଛି । ତରୁଣ ପିଢିଙ୍କୁ ଇସ୍ରାଏଲମୁଖୀ କରାଇବାରେ ଜୋଲୁଟୀ ଏକ ପ୍ରଚଣ୍ଡ ନେତୃତ୍ୱ ନେବେ ବୋଲି ସେଠାକାର ଇହୁଦୀମାନେ ଭାବୁଛନ୍ତି ।

ମ୍ୟାନମାରରେ ସାମରିକ ଶାସନରେ ଅତିଷ୍ଠ ହୋଇ ଚୀନ୍- ବର୍ମିଜ୍ ଉପଜାତିର ଲକ୍ଷାଧିକ ଲୋକେ ବର୍ମା ଛାଡି ଆଇଜଲରେ ଆଶ୍ରୟ ନେଇଛନ୍ତି । ମ୍ୟାନମାରର ଏକ ପାର୍ବତ୍ୟାଞ୍ଚଳ ଛାଡି

ଆଇଜଲ୍ ଅଭିମୁଖେ ଆସିଯାଇଥିଲେ । ଅଙ୍ଗସାନ୍- ସୁକ ମୁକ୍ତ ହେବାପରେ ଏବେ ମ୍ୟାନମାରରେ କ୍ରମଶଃ ଗଣତନ୍ତ୍ର ଫେରି ଆସିବା ସମ୍ଭାବନା ଦିଶିଲାଣି । ସେଠାକାର ସରକାର ଅନୁରୋଧ କରୁଛନ୍ତି – ଆଇଜଲର ଚୀନ୍- ବର୍ମିଜ୍ ମାନେ ତଥା ଲୁସାଇମାନେ ନିଜ ମାତୃଭୂମିକୁ ଫେରିଆସନ୍ତୁ । ଫେରିଗଲେ ସେମାନଙ୍କୁ ଚାଷଜମି, ଭିତ୍ତିଭୂମି ତଥା ଚାକରୀ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି । ଏହି ଫେରିବା ପର୍ବର ନେତୃତ୍ୱ ନେବାପାଇଁ ଜୋଲୁଟୀଙ୍କ ଉପରେ ଚାପ ମଧ୍ୟ ପଡୁଛି ।

ଆମଭଳି ଅତିଥିଭବନର ସମସ୍ତ ଅନ୍ତେବାସୀଙ୍କ ନିକଟରେ ଜୋଲୁଟୀଙ୍କ ପରିଚୟ ଥିଲା ସେ ଜଣେ ସରକାରୀ ଚାକରୀଆ ଏବଂ ମିଜୋରାମ ସରକାରୀ କଳର ଏକ ନିଷ୍ଠାପର କର୍ମୀ ।

ନିକଟରେ ଥିବା ପ୍ରେସବାଇଟେରିଆନ୍ ଚର୍ଚ୍ଚରେ ଜୋଲିଟୀଙ୍କୁ ମିଳିଥିଲା ମର୍ଯ୍ୟାଦାବନ୍ତ ସମ୍ମାନ । ରବିବାର ଦିନ ସେ ବାଇବେଲ୍ ପଢୁଥିଲେ ଏବଂ ସମବେତ ଶ୍ରୋତାଙ୍କୁ ସରମନ୍ ଶୁଣାଉଥିଲେ ଓ ଉଦବୋଧନ ଦେଉଥିଲେ । ଗୀର୍ଜାର ସଦସ୍ୟମାନଙ୍କ ସଂଖ୍ୟା ବୃଦ୍ଧି କରିବା ସାଥେ ସାଥେ ଅଧିକରୁ ଅଧିକ ଲୋକଙ୍କୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରିବା ଭଳି ଗୁରୁତ୍ୱପୂର୍ଣ୍ଣ କାମ ମଧ୍ୟ ତାଙ୍କ ଉପରେ ଲଦି ଦିଆଯାଇଥିଲା । ନିଷ୍ଠାପର ସେବକ ହୋଇଥିବାରୁ ଚର୍ଚ୍ଚ ତରଫରୁ ତାଙ୍କୁ ମିଳିଥିଲା ଏକାଧିକ ମାନପତ୍ର । ସେଗୁଡିକ କାନ୍ଥର ଶୋଭା ବଢାଉଥିଲା ।

ଏତେସବୁ ପରିଚୟ ସତ୍ତ୍ୱେ ସିଏ ପୁଣି ଥିଲେ କାହାର ସ୍ତ୍ରୀ ଓ କାହାର ମା । ମୁଁ କ୍ରମଶଃ ଦ୍ୱନ୍ଦ୍ୱରେ ପଡିଯାଉଥିଲି । ଜୋଲୁଟୀ ଇସ୍ରାଏଲ ଚାଲିଯିବେ ନା ମ୍ୟାନମାର ଚାଲିଯିବେ, ସେ ଇହୁଦୀ ହେବେ ନା ଖ୍ରୀଷ୍ଟିଆନ୍ ହୋଇ ରହିବେ, ସେ ରାଜନୀତି କରିବେ ନା ନୃତ୍ୟାଙ୍ଗନା ହେବେ? ସେ ଆଧୁନିକା ହେବେ ନା ସ୍ୱାମୀଙ୍କ କହିବାନୁସାରେ ପାରମ୍ପାରିକତାକୁ ଜାବୁଡି ଧରି ସାଂସ୍କୃତିକ ପୁନଃଜାଗରଣରେ ସାମିଲ ହେବେ

"ଏତେସବୁ ଅଲଗା ପରିଚୟ ଭିତରେ ଆପଣ ଅଣନିଃଶ୍ୱାସୀ ହୋଇପଡୁ ନାହାନ୍ତି କି? " ଏହା ଥିଲା ମୋର ବିସ୍ମୟମିଶା ପ୍ରଶ୍ନ । ସମସ୍ତେ ଲାଗିଛନ୍ତି ନିଜ ପକ୍ଷଭୁକ୍ତ କରିବା ପାଇଁ, ସତେକି ଜୁଲୋଟୀ ହେଉଛନ୍ତି ହାତଛଡା ହେଉଥିବା ଗୋଟେ ସମ୍ପତ୍ତି । କଳେବଳେ ତାଙ୍କୁ ଅକ୍ତିଆର କର ।

ଜୁଲୋଟୀଙ୍କ ଦୀର୍ଘଶ୍ୱାସ ମିଶା ଉତ୍ତର ଥିଲା – "କେହି ଜଣେ ପଗ୍ଲୁନ, ମିଜୋ ଝିଅ ତୁ କଣ ଚାହୁଁଛୁ ଏଇଟା ଖାଲି ମୋର ନୁହେଁ, ସବୁ ଝିଅଙ୍କ ସବୁଠୁ ବଡ ଦୁଃଖ ।"

ଭାରତୀୟ ଜୀବନବୀମା ନିଗମ, କୋରାପୁଟ, ଓଡିଶା

# ନଶା



ସଚ୍ଚିଦା ନନ୍ଦ ବାରିକ

ଦୁନଆ ଟା ରଙ୍ଗୀନ ବିଶେ
ଫଗୁଣ ର ହୋଲି ପର୍ବ ରେ
ପିଲ୍ ଠୁ ବୁଢା ଗ୍ରାମ ରୁ ସହର
ନଶା ନ ଖାଇ ବି ଝୁମନ୍ତି ନଶାରେ ॥
ଏ ଫଗୁଣ ଟା ଆସେ ଶୀତ ଆଉ ଗରମ ମିଶା ସକାଳେ
ଭଳ କ ଭଳ ରଙ୍ଗକୁ ନେଇ
ଅନେକ ଯାଆନ୍ତି ଖୁସି ରେ ଉଚ୍ଛୁଳ
ସମସ୍ତେ ଫେରି ଯାଆନ୍ତି ଅତୀତ କୁ
ଘୁରି ବୁଲନ୍ତି ଦଳ ଦଳ ହୋଇ
ଗାଁ ଆଉ ସହର ର ଗଳକନ୍ଦି
କୌତୁକଆ ପୋଷାକ ନାଇ
ହାତରେ ଅବିର ଆଉ
ଯେତେ ଧୋଇଲେ ବି ଛାଡୁ ନଥିବା
କେମିକାଲ ରଙ୍ଗକୁ ନେଇ ॥
ଏଇ ଅବିର ର ରଙ୍ଗ
ଲ୍ଗେ ଫିକା ଫିକା ସାଥି ବିନା
ପିଇ ପିଇ ମାତାଲ୍ ହେଲ୍ ପରେ ବି
ଆଉ କେବେ କେବେ ଭ୍ରି ଗାଢ ବିଶେ ରଙ୍ଗ
ଅଚହ୍ନା ଅଚହ୍ନା ଲ୍ଗେ ଚହ୍ନା ମୁହଁ
ରଙ୍ଗ ଛଡେ ନାଇଁ ଢେର ଦିନ ଯାଏଁ
ସାବୁନ ପରେ ସାବୁନ ଘଷି ଘଷି
ସାରି ଦେଲ୍ ପରେ ବି ॥
ସମସ୍ତେ କୁହନ୍ତି ଏତେ ରଙ୍ଗ ଭଲ ନୁହଁ



ଦେହ ପାଇଁ କ୍ଷତିକାରକ
କଏ ଶୁଣୁଛି ଯେ !!
ବର୍ଷକ ରେ ଥରେ ଆସିଛି ମଉକା
ରାଗ ଦ୍ୱେଷ ଭୁଲି ଏତେ ଦିନ ପରେ
ଗୋଟିଏ ରଙ୍ଗ ରେ ରଙ୍ଗେଇ ହେବା କୁ
ଯଦି ଆମେ ଏତିକ ନ କରିବୁ
ପୁଣି ଅପେକ୍ଷା ଆର ବରଷକୁ ॥
ସମସ୍ତେ ଦିଶନ୍ତି ରଙ୍ଗ ବେରଙ୍ଗୀ
ରାସ୍ତା ଘାଟ ହୋଇ ଯାଇ ଚନ୍ଦ୍ର ବିଚନ୍ଦ୍ର
ସମସ୍ତେ ମସଗୁଲ ଏଠି
କଏ ସାଙ୍ଗ ମେଳରେ
କଏ ମଦ ନଶା ରେ
ଗାଁ ଠୁ ସହର
ରାସ୍ତା ଘାଟ ଆଉ ଗାଧୁଆ ତୁଠ
ସବୁ ରଙ୍ଗରେ ଗାଧାଏ
ମାହୋଲ ଟା ଲାଗେ
ସବୁ ଦିନ ଅପେକ୍ଷା ଅଲଗା ପ୍ରକାର ॥

ବାପୁଜୀ ନଗର, ଭୁବନେଶ୍ୱର

ଚଳତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ଟାକଛେଁ



ଫିରୋଜ କୁମାର ପଟେଲ

॥ ୧ ॥

ଶୀତୁଆ ସକାଲେ
ଦୁବ ଘାସ ଉପରେ ଓସଥି
ସୁନେଲୀପନ ଢାଲିକେ
ଅନ୍ଧରିଆ ଅଜ୍ଞାନ ଅନ୍ୟ
ହଁଖରି ଆପନ ଜାଲିକେ
ଟାକଛେଁ, ସେ ନୂଆଁ ସୁରଜ କେ ।

॥ ୨ ॥

ର୍ସାଲ ଡାଲଥି
ଫଗୁନେ ମାତାଲ କୁଇଲିର
କୁହୁତାନ ଶୁନକେ
ଅନ୍ଧାରଜାଉ ସଭ୍ଥି
ଧର୍ମ ର ଜୟଗାନ ଶୁନକେ
ଟାକଛେଁ, ସେ ନୂଆଁ ଦିନକେ ।

॥ ୩ ॥

ଛୁଆର କରମେ
ମେଛାମୁଡା ବାପର
ଅଭିମାନ ଦେଖି କେ
ମାଁ ଲ୍ଗି ପୋର
ବଲିଦାନ ଦେଖିକେ
ଟାକଛେଁ, ସେ ନୂଆଁ ସକାଲକେ ।

॥ ୪ ॥

ପହଁ ପହଁ ବେଲୁ
କେନ ଲନ୍ଦଫନ୍ଦିଆ ଲୁଟିଥିବା
ଦ୍ରୋପଦୀର ସତୀପନ କେ
କେନ କୃଷ୍ଣର କୋଟି ବସ୍ତ୍ର
ଢାପୁ ତାର ତନକେ
ଟାକଛେଁ, ସେ ନୂଆଁ ଚଲନ କେ ।

॥ ୫ ॥

ବାହି ନେଇ ଟିପି
ଲିମ ଡୁଡକା ଲତା
ଦେଖେଇ ଦେଉ ଦମ୍ କେ
ଫଲ ଧରି ମୟାଗଛ
ଝୁକଥାଉ ତଲକେ
ଟାକଛେଁ, ସେନ୍ତା ମୁନୁଷ ମନ କେ ।

॥ ୬ ॥

ହରଷେ ହରଷେ
ଢେଢା ବେଙ୍ଗଟା ଆବଡା ଖାବଡା
ସବୁ ବାଟ ଗୁଲିକେ
ଆଖିଁର ସବୁ ସପନ
ପୁର୍ କରିକେ
ଟାକଛେଁ, ମୁଇଁ ତମକେ ।

ଅବନକେଲା, ସୁନ୍ଦରଗଡ, ଓଡିଶା



# ବଞ୍ଚିବାକୁ ଦିଅ

ଶୁଭମ ନାୟକ

ଏତେ ଅଲୋଡା କ କନ୍ୟାଟିଏ ହେଲେ
ପୁଅର ମା କଏ ହେବ.....?
ସତେ ଅଲୋଡା କ କନ୍ୟାଟିଏ ହେଲେ
କୂଳ ବଧୁ କଏ ହେବ.....? ( ୧)

ଏତେ ହୀନ କ ସତେ ମୁଁ ତୁମ ପାଇଁ
ମା ପେଟୁ ଯେ ତଡି ଦିଅ
ପରେ ଥର ଟେ ଯେ ଚନ୍ତା କରିଅଛ
ଭାଇର ଭଉଣୀ କଏ ହେବ.....? ( ୨)

ମାତୃ ଗର୍ଭେ ତୁମେ କର ହତ୍ୟା
ଭ୍ରୂଣ ହତ୍ୟା ଦିଅ ଆକ୍ଷା
ମୋ ପାଇଁ କ ତୁମ ହୃଦୟ ନଷ୍ଠୁର
ମତେ କର ସାତ ପର.....( ୩)

ସମାଜରେ ତୁମେ ଭଦ୍ର ହୁଅ
ଉଦାର ପଣ ଦେଖାଅ
ଗଙ୍ଗା ଗୋଦାବରୀ ତୀର୍ଥ ଯାଅ
ଶରୀର କୁ ଧୋଇ ନଅ.....( ୪)

ଭାବ ଯଦି ଗଙ୍ଗା ଗୋଦାବରୀ
ତୁମ ଗ୍ରାମ ଶାଖା ନଦୀ
ଭ୍ରୂଣ ହତ୍ୟା ପାପ ଧୋଇ ଆସ
ଗଙ୍ଗାରେ କାହିଁକି ଭାଷ.....( ୫)

ସଂସାର ଯେ ଦେଖିବାକୁ ଦିଅ
ଶୁଣ ଅନୁରୋଧ ମୋର
ବଞ୍ଚିବାକୁ ଦିଅ ବଞ୍ଚିବାକୁ ଦିଅ
ମୋରେ ଆପଣାଇଁ ନଅ.....( ୬)

ତସଲ୍ଡିହି, ସୁନ୍ଦରଗଡ, ଓଡିଶା

# ମାର୍ଚ୍ଚ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୭/ ୦୩/ ୨୦୧୭ | ଫଗୁ ଦଶମୀ |
| ୦୮/ ୦୩/ ୨୦୧୭ | ଅପନାଶିନୀ ଏକାଦଶୀ, ଉପବାସ ଓ ବ୍ରତ |
| ୦୯/ ୦୩/ ୨୦୧୭ | ସାମାନ୍ୟ ଗୋବିନ୍ଦ ଦ୍ୱାଦଶୀ ସ୍ନାନ |
| ୧୧/ ୦୩/ ୨୦୧୭ | ବର୍‌ହ ଦୋଳ ଓ ର୍‌ଜାଗ୍ନି, ଶିବ ଚତୁର୍ଦ୍ଦଶୀ ଓ ଓଳକଣା ମେଲଣ |
| ୧୨/ ୦୩/ ୨୦୧୭ | ଦୋଳ ପୂର୍ଣ୍ଣିମା, ଶ୍ରୀ ଚୈତନ୍ୟ ଦେବଙ୍କ ଜନ୍ମୋତ୍ସବ ଓ ଚନ୍ଦ୍ରପୂଜା |
| ୧୩/ ୦୩/ ୨୦୧୭ | ହୋଲି ଉତ୍ସବ ଓ ମାସନ୍ତ |
| ୧୪/ ୦୩/ ୨୦୧୭ | ମୀନ ସଂକ୍ରାନ୍ତି, ତାର୍‌ତାରେଣୀ ଯାତ୍ରା |
| ୧୭/ ୦୩/ ୨୦୧୭ | ପଞ୍ଚୁଦୋଳ |
| ୨୪/ ୦୩/ ୨୦୧୭ | ପାପମୋଚନୀ ଏକଦଶୀ ଓ ଉପବାସ ବ୍ରତ |
| ୨୫/ ୦୩/ ୨୦୧୭ | ମହାବାରଣୀ ସ୍ନାନ |
| ୨୬/ ୦୩/ ୨୦୧୭ | ସୁହୀ ଚତୁର୍ଦ୍ଦଶୀ ଓ ବାରଣୀ ସ୍ନାନ |
| ୨୭/ ୦୩/ ୨୦୧୭ | ଚନ୍ଦ୍ରକ୍ଷୟ, ଜଶିପାଳନ, ଶରଣ ଶେଷ |
| ୨୮/ ୦୩/ ୨୦୧୭ | ମଧୁ ଅମାବାସ୍ୟା, ତେଲୁଗୁ ନୂତନ ବର୍ଷ ଓ ଗୋସହସ୍ରୀ ସ୍ନାନ |
| ୨୯/ ୦୩/ ୨୦୧୭ | ଦ୍ୱିତୀୟାର ଚନ୍ଦ୍ରଦର୍ଶନ, ପୂଜା ଓ ଉପବାସ |

# ଟିକିଏ ହସନ୍ତୁ

ମାଆ ( ଫୋନରେ) – ପୁଅ, ଯଲ୍ଦି ଘରକୁ ଆସ, ବୋହୂକୁ ବୋଧେ ପାର୍‌ଲେସିସ୍ ର ଆଟାକ୍ ପଡିଛି । ମୁହଁ ତେଢା, ବେକ ବଙ୍କା ଆଉ ଆଖି ଉପରକୁ ହୋଇଯାଇଛି ।

ପୁଅ – ଆରେ ମା, ତୁ ଚନ୍ତା କରନ । ଏଇଟା ପାର୍‌ଲେସିସ୍ ର ଆଟାକ ନୁହେଁ, ସେଲଫି ଆଟାକ୍!!!

ଡାକ୍ତର – ତୁମର ଓଠ କେମିତି ଜଳଗଲା?

ବ୍ୟକ୍ତି – ଆଜ୍ଞା, ପତ୍ନୀକୁ ରେଳ ଷ୍ଟେସନ୍ ରେ ଛାଡିବାକୁ ଜାଇଥିଲି ଆଉ ଖୁସିରେ ରେଳ ଇଞ୍ଜିନକୁ କସ୍ କରିଦେଲି ।

ସରଦାର- ଆରେ ପୁଅ, ଦୁଇଟା ବେଡ୍ କାହିଁକି ଲଗାଇଛୁ ।

ପୁଅ – ବାପା, ଗେଷ୍ଟ ଆସୁଛନ୍ତି, ମୋ ମାମୁଁ ଆଉ ବୋଉର ଭାଇ ।

ସରଦାର – ପୁର, ଆଉଗୋଟେ ବେଡ୍ ବି ଲଗାଇ ଦେ । ମୋର ଶଳା ବି ଆସୁଛି ।

ଏକ ପତ୍ନୀ ଘର ପାଖ ନଳାରେ ସଫା କରୁଥିବା ବ୍ୟକ୍ତିଙ୍କୁ ପଚ୍ଚରିଲେ – ଆରେ, ମୁଁ ତୁମକୁ କେଉଁଠି ଦେଖିଛି ।

ନଳା ସଫା କରୁଥିବା ବ୍ୟକ୍ତି – ଆଜ୍ଞା, ଆପଣ ଆଉ ମୁଁ ପର୍ ଫେସବୁକ୍ ରେ ଫ୍ରେଣ୍ଡ ଅଛେ!!!

ସରକାରୀ ଡାକ୍ତରଖାନାରେ –

ରୋଗୀ – ଓଃ, ଏମିତି ବେମାରି ରୁ ମରିଯିବା ହିଁ ଭଲ ।

ଡାକ୍ତର – ଆଜ୍ଞା ନଷ୍ଟୟ, ପୁର୍ ଚେଷ୍ଟା କରୁଛି ।

***

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦- ୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@ gmail. com



ମଉଳା ସୁରୁଜ, ଅସ୍ତମିତ ପ୍ରଭା
ଛାଇ ଲେଉଟାଣୀ ଖେଳ,
ଗୋଧୂଳୀ ଲଗନେ ସଂଜ ନଇଁ ଆସେ,
ଗୋଠ ବାହୁଡାର ବେଳ ।

( ବିଜେତା: ମୀନକ୍ଷୀ ପାଢୀ, ଥାନେ, ମହାରାଷ୍ଟ୍ର)

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ଯଦି କୌଣସି ପାଠକ/ ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା – vedantimagazine@gmail.com

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ମୁମ୍ବାଇ ଏବଂ ଲକ୍ଷ୍ନୌରୁ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ଯୋଗାଇ ଦିଆଯାଏ । ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: **vedantimagazine@gmail.com** । ଯଦି କୌଣସି କାରଣରୁ କୌଣସି ଲେଖକ/ ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**https://www.facebook.com/vedantiemagazine**

**http://vedantimagazine.wordpress.com**

**http://vedanti.wextarinteractive.com**

